# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୩/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, June 23/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅବସର ନେଲେ ରୁମେଲି**

ପୂର୍ବତନ ଭାରତୀୟ ଅଧିନାୟିକା ରୁମେଲି ଧର୍ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।

୧୪

୧୨

**ଅମ୍ବରଙ୍କ ମୁହଁ ସବୁଠୁ ସୁନ୍ଦର**

ବିଜ୍ଞାନ ଅନୁସାରେ ବିଶ୍ୱରେ ସବୁଠାରୁ ସୁନ୍ଦର ମୁହଁ ହଲିଉଡ୍ ଅଭିନେତ୍ରୀ ଅମ୍ବର ହର୍ଡଙ୍କର।



# ଇସ୍ତଫା ଦେବାକୁ ଉଦ୍ଧବ ପ୍ରସ୍ତୁତ

ଅଢ଼େଇ ବର୍ଷ ତଳେ ଶିବସେନା ଯେଉଁ ଭାଜପାକୁ ଛାଡ଼ିଦେଇ କଂଗ୍ରେସ ଏବଂ ଏନ୍‌ସିପି ସହ ଏମ୍‌ଭିଏ ଗଠନ ପୂର୍ବକ କ୍ଷମତାର ସ୍ୱାଦ ଚାଖିଥିଲା, ସେହି ଗୈରିକ ଦଳ 'ଅପରେଶନ କମଳ'ରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ସରକାରଙ୍କୁ ଧରାଶାୟୀ କରିବାକୁ ଅଣ୍ଟା ଭିଡ଼ିଛି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏବଂ ଗୁଜରାଟ ଭାଜପା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲଙ୍କୁ ଏହି ଅପରେଶନର ସୂତ୍ରଧର ବୋଲି କୁହାଯାଉଛି, ଯାହାର ତିଳେ ହେଲେ ସୁରାକ ପାଇପାରି ନ ଥିଲେ ଉଦ୍ଧବ। ନିଜ କ୍ୟାବିନେଟ ସହଯୋଗୀ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଉଦ୍ଧବ ଏବେ ଉଭୟ ଶିବସେନା ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଶିବସେନାରେ ସମ୍ଭାବ୍ୟ ବିଭାଜନ ଏବଂ ମହାରାଷ୍ଟ୍ରରେ କ୍ଷମତା ପରିବର୍ତ୍ତନ କେଉଁ ବାଟ ଆଗଉଛି ତାହା ଆଗାମୀ କିଛି ଘଣ୍ଟା କିମ୍ବା ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ସମ୍ପ୍ରତି କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟିକାରୀ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଉପରେ ଦେଶବାସୀଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଛି।

## ଶିବସେନାକୁ ଏନ୍‌ସିପି-କଂଗ୍ରେସ ମେଣ୍ଟରୁ ଓହରିବାକୁ ପଡ଼ିବ: ସିନ୍ଦେ

**ମୁମ୍ବାଇ,୨୨।୬**

ଶିବସେନାରେ ବିଦ୍ରୋହ ଦଳର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିଦ୍ରୋହୀ ନେତା ଏକନାଥ ସିନ୍ଦେ ୪୦ରୁ ଊର୍ଦ୍ଧ୍ୱ ବିଧାୟକଙ୍କ ସମର୍ଥନ ହାସଲ କରିଥିବା ଦାବି କରିବା ସହ ହିନ୍ଦୁତ୍ୱ ପ୍ରସଙ୍ଗରେ ସାଲିସ କରିବେ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିବା ପରେ ଉଦ୍ଧବ ଉଭୟ ଶିବସେନା ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ଏହା ପୂର୍ବରୁ ବିଦ୍ରୋହୀମାନଙ୍କୁ ତାଙ୍କ ସାମ୍ନାକୁ ଆସି ପ୍ରତ୍ୟକ୍ଷ ଆଲୋଚନା କରିବାକୁ ପଡ଼ିବ ବୋଲି ସେ ସର୍ତ୍ତ ରଖିଛନ୍ତି। ହେଲେ ଶିବସେନାକୁ ଦଳ ଓ ଦଳୀୟ କର୍ମୀଙ୍କୁ ରକ୍ଷା କରିବାକୁ ହେଲେ ଏନ୍‌ସିପି ଏବଂ କଂଗ୍ରେସ ସହ ଗଢ଼ିଥିବା ଅସ୍ୱାଭାବିକ ମେଣ୍ଟରୁ ତୁରନ୍ତ ଓହରିବାକୁ ପଡ଼ିବ ବୋଲି ବିଦ୍ରୋହୀ ନେତା ସିନ୍ଦେ ଉଦ୍ଧବଙ୍କ ବକ୍ତବ୍ୟ ପରେ ଗଣମାଧ୍ୟମକୁ କହିଛନ୍ତି।

ମହାରାଷ୍ଟ୍ରର ସହରାଞ୍ଚଳ ବିକାଶ ଏବଂ ପିଡବ୍ଲ୍ୟୁଡି ମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଙ୍ଗଳବାର ଭୋର ସମୟରେ ଗୁଜରାଟର ସୁରଟରେ ଥିବା ଲି ମେରିଡିଏନ୍ ହୋଟେଲରୁ ଆସାମର ଗୁଆହାଟୀକୁ ଯାଇ ସେଠାରେ ଡେରା ପକାଇଛନ୍ତି। ଏକ ଲାଇଭ୍ ୱେବ୍‌କାଷ୍ଟରେ ଉଦ୍ଧବ ସେମାନଙ୍କୁ ଖୋଲା ଚ୍ୟାଲେଞ୍ଜ କରି କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ମୋ ନିଜ ଶିବ ସୈନିକମାନେ ମୋତେ ମୁଖ୍ୟମନ୍ତ୍ରୀ ଭବେ ଦେଖିବାକୁ ଚାହୁଁ ନାହାନ୍ତି। କିନ୍ତୁ ସେମାନେ ସୁରଟ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯାଇ ଏପରି କାହିଁକି କହୁଛନ୍ତି। ସିନ୍ଦେ ଏଠାକୁ ଆସି ମୋ ସହ ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ। ମୁଁ ତୁରନ୍ତ ପଦ ତ୍ୟାଗ କରିବାକୁ ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ 'ବର୍ଷା' (ସରକାରୀ ବାସଭବନ) ଛାଡ଼ିଦେବି ଏବଂ 'ମାତୋଶ୍ରୀ' (ନିଜ ଘର)ରେ ରହିବି। କୌଣସି ଶିବ ସୈନିକ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କଲେ ମୁଁ ଖୁସି ହେବି ବୋଲି ଉଦ୍ଧବ ରୋକ୍‌ଠୋକ୍ ଶୁଣାଇଛନ୍ତି। ☞ପୃଷ୍ଠା-୪



ଉଦ୍ଧବ ଠାକ୍‌ରେ



# ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ପଟ୍ଟଚିତ୍ର ଉପହାର ଦେଲେ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭାଟିକାନ ସିଟିରେ ପୋପ୍ ଫ୍ରାନ୍‌ସିସଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ନବୀନ ପୋପଙ୍କ ସୁସ୍ଥ ଦୀର୍ଘଜୀବନ କାମନା କରିଛନ୍ତି। ସାକ୍ଷାତ୍ ବେଳେ ସେ ପୋପଙ୍କୁ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ତରଫରୁ ଉପହାର ଭାବେ ଦେଇଛନ୍ତି ପଟ୍ଟଚିତ୍ର 'ଟ୍ରି ଅଫ୍ ଲାଇଫ୍'। ଏହାର ବାର୍ତ୍ତା ରହିଛି- ଏକା ନୁହେଁ, ଆମେ ଏକାଠି। ପବିତ୍ର ବୃକ୍ଷ ସହ ଜୀବନ ବୃକ୍ଷର ସାମଞ୍ଜସ୍ୟ ରହିଛି। ସମସ୍ତଙ୍କ ସହ ସମସ୍ତଙ୍କର ସମ୍ପର୍କ ରହିଛି ଏହାର ପ୍ରତୀକ। ସଂସ୍କୃତ ଶବ୍ଦ ପଟ୍ଟରୁ ପଟ୍ଟଚିତ୍ର ଉଦ୍ଭବ ହୋଇଛି। ☞ପୃଷ୍ଠା-୪

# ସ୍କୁଲ ଆସିଥିବା ଦୁଇ ଛାତ୍ରୀଙ୍କୁ ଅପହରଣ

## ଉଭୟ ପରିବାର ପକ୍ଷରୁ ଅଭିଯୋଗ ପରେ ତଦନ୍ତ ଆରମ୍ଭ

**କୁଜଙ୍ଗ, ୨୨।୬ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଉଚ୍ଚ ବିଦ୍ୟାଳୟର ଦୁଇଜଣ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ଅପହରଣ କରାଯାଇଛି। ଏ ସଂକ୍ରାନ୍ତରେ ଉଭୟ ଛାତ୍ରୀଙ୍କ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେହି ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୪୨/୨୨)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଛାତ୍ରୀଦ୍ୱୟ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଘରୁ ବାହାରି ସ୍କୁଲକୁ ଯାଇଥିଲେ। ମାତ୍ର ସ୍କୁଲ ଛୁଟି ହେଲା ପରେ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପ୍ରଥମେ ପରିବାର ଲୋକେ ସ୍କୁଲକୁ ଯାଇ କେତେଜଣ ଶିକ୍ଷକଙ୍କୁ ଏ ସଂକ୍ରାନ୍ତରେ ପଚାରିଥିଲେ। ଉଭୟଙ୍କୁ କ୍ଲାସ୍ ଆରମ୍ଭ ପୂର୍ବରୁ ପଡ଼ିଆରେ ଥିବା ସେମାନେ ଦେଖିଥିଲେ, ଉଭୟ କ୍ଲାସ୍‌କୁ ଆସି ନ ଥିବା ଶିକ୍ଷକମାନେ କହିଥିଲେ। ଏହାପରେ ବି ରାତି ପର୍ଯ୍ୟନ୍ତ ପରିବାର ଲୋକେ ଛାତ୍ରୀଦ୍ୱୟଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଶେଷରେ ଝିଅଦ୍ୱୟଙ୍କୁ କେହି ଅପହରଣ କରି ନେଇ ଥାଇପାରନ୍ତି ଆଶଙ୍କା କରି ଉଭୟଙ୍କ ବାପା ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷେ ଉଭୟ ଛାତ୍ରୀ କଟକରୁ ଏକ ଅଟୋ ଚାଳକଙ୍କ ମୋବାଇଲରୁ ଅପରାହ୍ନ ୧ଟାରେ ନିଜର ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ☞ପୃଷ୍ଠା-୪

# ହାଇକୋର୍ଟରେ ସମସ୍ତ ମାମଲା ଖାରଜ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

**କଟକ ଅଫିସ,୨୨।୬**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଲାଗି ରହିଥିବା ସମସ୍ତ ବିବାଦର ଅନ୍ତ ଘଟିଛି । ଏହି ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାୟର ହୋଇଥିବା ସମସ୍ତ ମାମଲା ଉପରେ ବୁଧବାର ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଦାୟର ଜନସ୍ୱାର୍ଥ ମାମଲା ସହ ଅନ୍ୟ ସମସ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତୀୟ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିସାରିଛନ୍ତି। ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ଆବେଦନକୁ ଜନସ୍ୱାର୍ଥ ମାମଲା କୁହାଯାଇ ପାରିବନାହିଁ। ତେଣୁ ମୂଳ ☞ପୃଷ୍ଠା-୪



## ୩ ଇଣ୍ଡିଆନ୍ ରିଜର୍ଭ ବାଟାଲିଅନ୍ ପାଇଁ ୬୬୩ ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩ଟି ଇଣ୍ଡିଆନ୍ ରିଜର୍ଭ ବାଟାଲିଅନ (ଆଇ ଆର ବାଟାଲିଅନ) ପାଇଁ ୬୬୩ ପଦବୀକୁ ମଞ୍ଜୁର କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ରିଜର୍ଭ ବାଟାଲିଅନ ପାଇଁ ୨୨୧ ପଦବୀ ସୃଷ୍ଟି କରାଯାଇଛି। ଏହି ନୂତନ ପଦବୀଗୁଡ଼ିକ ହେଲା ଡେପୁଟି କମାଣ୍ଡାଣ୍ଟ-୧, ହାବିଲଦାର ମେଜର-୧୮, ହାବିଲଦାର-୨୩, କନ୍‌ଷ୍ଟେବଲ-୧୫୪, ଇନ୍ସପେକ୍ଟର (ଡବ୍ଲ୍ୟୁଟି)-୧, ସବ୍ ଇନ୍ସପେକ୍ଟର (ଡବ୍ଲ୍ୟୁଟି)-୨, ହାବିଲଦାର (ଡବ୍ଲ୍ୟୁଟି)-୪, କନ୍‌ଷ୍ଟେବଲ (ଡବ୍ଲ୍ୟୁଟି)-୧୩, ହେଡ୍ କ୍ଲର୍କ-୧, ମେଡିକାଲ ଅଫିସର-୧, ଫାର୍ମାସିଷ୍ଟ-୨ ଓ ଷ୍ଟାଫ୍ ନର୍ସ-୧ । ଏହିପରି ପ୍ରତ୍ୟେକ ବାଟାଲିଅନରେ ୨୨୧ ଜଣ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହେବେ। ଏଥିସହିତ ପ୍ରତ୍ୟେକ ବାଟାଲିଅନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଣବିକ ନିରସ୍ତ୍ରୀକରଣ ଚିନ୍ତା

# ଦ୍ରୌପଦୀଙ୍କୁ ସମର୍ଥନ ପାଇଁ ନବୀନଙ୍କ ଆହ୍ୱାନ

- ସବୁ ଦଳକୁ ନିବେଦନ କଲେ ମୁଖ୍ୟମନ୍ତ୍ରୀ
- ହାଇକମାଣ୍ଡ ନିଷ୍ପତ୍ତି ମାନିବେ କଂଗ୍ରେସ ବିଧାୟକ
- ମୁର୍ମୁଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା
- ୨୪ରେ ନାମାଙ୍କନ ଦାଖଲ କରିବେ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ସମର୍ଥନ ଘୋଷଣା କରିଛି। ଏଥିସହିତ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁଙ୍କୁ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ଜରିଆରେ ନିବେଦନ କରିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମୟୂରଭଞ୍ଜ ଝିଅ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ଓଡ଼ିଆଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ସେ ଟୁଇଟ୍ କରି ଲେଖିଥିଲେ, ଦେଶର ସର୍ବୋଚ୍ଚ ପଦବୀ ପାଇଁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ମୋର ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ମୋ ସହ ଆଲୋଚନା କରିବା ବେଳେ ବହୁତ ଖୁସି ହୋଇଥିଲି। ମୋର ବିଶ୍ୱାସ ମୁର୍ମୁ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସାରା ଦେଶରେ ନୂଆ ଉଦାହରଣ ସୃଷ୍ଟି କରିବେ। ମୁଖ୍ୟମନ୍ତ୍ରୀ ସମସ୍ତ ବିଧାୟକଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ ମଧ୍ୟ ରାଜ୍ୟ କଂଗ୍ରେସ ବିଧାୟକମାନେ ଦଳୀୟ ହାଇକମାଣ୍ଡଙ୍କ ଇସାରାରେ କାମ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ କଟକ ଓ ବାରବାଟୀ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ଦଳର ଆମେ ଜଣେ ଜଣେ ସଦସ୍ୟ। ଦଳୀୟ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ଆମେ ତାହାକୁ ମାନିବୁ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ ଦ୍ରୌପଦୀ ମୁର୍ମୁ ଏନ୍‌ଡିଏ ପ୍ରାର୍ଥୀ। ଆମ ଦଳର ନିଷ୍ପତ୍ତି ଯାହା ହେବ ଆମେ ତାକୁ ମାନିବୁ। ବିଧାୟକ ଦଳ ବୈଠକ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ☞ପୃଷ୍ଠା-୪



ଦ୍ରୌପଦୀ ମୁର୍ମୁ

# ଆଫଗାନିସ୍ତାନରେ ଭୂକମ୍ପ: ହଜାରେ ମୃତ

- ୧୫ ଶହ ଆହତ, ୧୮ ଶହ ଘର ନଷ୍ଟ
- ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲା ତାଲିବାନ୍

**କାବୁଲ, ୨୨।୬**

ଆଫଗାନିସ୍ତାନର ପାକ୍ତିକା ପ୍ରଦେଶରେ ବୁଧବାର ବଡ଼ ଧରଣର ଭୂମିକମ୍ପ ହୋଇଛି। ଏଥିରେ ହଜାରେରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ ଶହରୁ ଅଧିକ ଆହତ ହୋଇଛନ୍ତି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୯ ଥିଲା ବୋଲି ଜଣାପଡ଼ିଛି। ୨୦ ବର୍ଷରେ ଆଫଗାନିସ୍ତାନରେ ଏହା ସବୁଠାରୁ ଭୟଙ୍କର ଭୂକମ୍ପ। କେବଳ ଗ୍ୟାନ୍ ଜିଲାରେ ୧୮ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ଭଗ୍ନାବଶେଷ ତଳେ ଅନେକେ ଚାପିହୋଇ ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା ଆଫ୍‌ଗାନ୍ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦା କହିଛନ୍ତି। ଆଫଗାନିସ୍ତାନକୁ ତାଲିବାନ୍ ଗତ ବର୍ଷ ଅଗଷ୍ଟରେ ଦଖଲ କରିବା ପରେ ଆମେରିକା ସୈନ୍ୟଙ୍କ ସମେତ ଅନ୍ତର୍ଜାତୀୟ ସହାୟତା ଏଜେନ୍ସିଗୁଡ଼ିକ ଦେଶ ଛାଡ଼ି ଦେଇଥିବାରୁ ସେଠାରେ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇଛି। ତାଲିବାନ୍ ସୈନ୍ୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଜାରି ରଖିଥିବାବେଳେ ଗୋଟିଏ ପରେ ଗୋଟିଏ ମୃତଦେହ ମିଳୁଥିବା ପାକ୍ତିକାର ସୂଚନା ଓ ସଂସ୍କୃତି ବିଭାଗ ମୁଖ୍ୟ ମହମ୍ମଦ ଅମିନ୍ ହୁଜାଇଫା କହିଛନ୍ତି। ଆହତଙ୍କୁ ସେନା ହେଲିକପ୍ଟରରେ ଉଦ୍ଧାର କରାଯାଉଥିବା ଦେଖିବାକୁ ମିଳିଛି।

ପଡ଼ୋଶୀ ପାକିସ୍ତାନର ପାଣିପାଗ ବିଭାଗ ସୂଚନା ଅନୁସାରେ, ଆଫଗାନ୍‌ର ଦକ୍ଷିଣ ପଶ୍ଚିମ ସହର ଖୋଷ୍ଟଠାରୁ ପ୍ରାୟ ୫୦ କିଲୋମିଟର ଦୂର ପାକ୍ତିକା ପ୍ରଦେଶରେ ଭୂମିକମ୍ପର କେନ୍ଦ୍ରସ୍ଥଳ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ପାକିସ୍ତାନରେ ମଧ୍ୟ ଅନୁଭୂତ ହୋଇଛି। ପେଶାୱର, ଇସ୍‌ଲାମାବାଦ, ଲାହୋର ସମେତ ପଞ୍ଜାବ ଓ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ବିଭିନ୍ନ ସ୍ଥାନରେ ୬.୧ ତୀବ୍ରତାର ଭୂମିକମ୍ପ ହୋଇଛି। ତେବେ ଭୂକମ୍ପ ଯୋଗୁ ଆଫଗାନିସ୍ତାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଦୁର୍ବଳ ମାନର ଘରଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯାଇଛି। ଖୋଷ୍ଟ ସହରରେ ମଧ୍ୟ ଭୂକମ୍ପଜନିତ କ୍ଷୟକ୍ଷତି ଘଟିଛି। ହେଲିକପ୍ଟର ଓ ଅନ୍ୟ ଜରୁରୀ ଉପକରଣର ଅଭାବ ଯୋଗୁ ଲୋକଙ୍କୁ ଯଥେଷ୍ଟ ସହାୟତା ମିଳିପାରୁନାହିଁ। ସରକାର ନିଜ ଦକ୍ଷତା ଅନୁସାରେ କାମ କରୁଛି ବୋଲି ତାଲିବାନୀ ଅଧିକାରୀ ଅନାସ୍ ହକ୍କାନୀ କହିଛନ୍ତି। ଏଥିସହ ସେ ଅନ୍ତର୍ଜାତୀୟ ସମୁଦାୟ ଏବଂ ସହାୟତା ଏଜେନ୍ସିଗୁଡ଼ିକ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମହମ୍ମଦ ହାସନ୍ ଅଖୁନ୍ଦ କାବୁଲସ୍ଥିତ ରାଷ୍ଟ୍ରପତି ଭବନରେ ଜରୁରୀ ବୈଠକ ଡାକି ରିଲିଫ୍ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜାତିସଂଘ ଏବଂ ୟୁରୋପୀୟ ୟୁନିୟନ (ଇୟୁ) ଆଫଗାନିସ୍ତାନକୁ ସହାୟତା ପ୍ରଦାନ କରିଛନ୍ତି। ଇୟୁ ପ୍ରଭାବିତ ☞ପୃଷ୍ଠା-୪



ଖୋଷ୍ଟ ସହରରେ ଭୂକମ୍ପ ପରେ ଧ୍ୱଂସାବଶେଷ

## ବିଜୟ୍ ବାବୁଙ୍କୁ ଅଗ୍ରିମ ଜାମିନ

ମାଲାୟାଲମ ଫିଲ୍ମ ଅଭିନେତା ତଥା ପ୍ରଯୋଜକ ବିଜୟ୍ ବାବୁଙ୍କୁ କେରଳ ହାଇକୋର୍ଟ ବୁଧବାର ଅଗ୍ରିମ ଜାମିନ ପ୍ରଦାନ କରିଛନ୍ତି। ମାମଲା ସଂକ୍ରାନ୍ତରେ ଆସନ୍ତା ୨୭ରୁ ଜୁଲାଇ ୩ ପର୍ଯ୍ୟନ୍ତ ପଚରାଉଚରା ଜାରି ରହିବାକୁ ଥିବାବେଳେ ପୋଲିସ ଷ୍ଟେଶନରେ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜଣେ ମାଲାୟାଲମ ଅଭିନେତ୍ରୀ କୋଝିକୋଡେ ପୋଲିସ ଷ୍ଟେଶନରେ ବିଜୟଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ।



## ରିଆଙ୍କ ବିରୋଧରେ ଚାର୍ଜଶିଟ୍

**ମୁମ୍ବାଇ,୨୨।୬:** ବଲିଉଡ୍ ଷ୍ଟାର ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ସହ ଜଡ଼ିତ ଏକ ଡ୍ରଗ୍ସ ମାମଲାରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବୁଧବାର ଚାର୍ଜଶିଟ୍ ଦାଖଲ କରିଛି। ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଓ ତାଙ୍କ ଭାଇ ସୋୱିକ୍‌ଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ଅଦାଲତରେ ଏହା ଦାଖଲ କରାଯାଇଛି। ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଅତୁଲ ସରପାଣ୍ଡେ କହିଛନ୍ତି, ରିଆ ଓ ସୋୱିକ୍ ଡ୍ରଗ୍ସ ସେବନ କରୁଥିଲେ। ଏତିକି ନୁହେଁ, ଭଉଣୀଭାଇ ସୁଶାନ୍ତଙ୍କ ପାଇଁ ମଧ୍ୟ ଡ୍ରଗ୍ସ କିଣି ନିଜେ ଅର୍ଥ ପଇଠ କରୁଥିଲେ। ବୁଧବାର ସ୍ୱତନ୍ତ୍ର ବିଚାରପତି ଭିଜି ରଘୁବଂଶୀଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ ବେଳେ ଉଭୟେ ହାଜର ହୋଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୨ରେ ହେବ। ପ୍ରକାଶ ଯେ, ଏହି ମାମଲାରେ ରିଆଙ୍କୁ ୨୦୨୦ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ମାସେ ପରେ ବମ୍ବେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ।

**ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ କିଣୁଥିଲେ: ଏନ୍‌ସିବି**



ଇକ୍ୟୁଏଡରର ରାଷ୍ଟ୍ରପତି ଗୁଇଲେର୍ମୋ ଲାସୋଙ୍କ ସାମାଜିକ ଏବଂ ଆର୍ଥିକ ନୀତି ବିରୋଧରେ ଆଦିବାସୀ ବିକ୍ଷୋଭକାରୀମାନେ ରାଜଧାନୀ କୁଇଟୋ ଅଭିମୁଖେ ଯାଇଥିବା ରାସ୍ତା ଉପରେ ଜଳାପୋଡ଼ା କରିଛନ୍ତି। ଦେଶରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ପାଇଁ ରାଷ୍ଟ୍ରପତିଙ୍କୁ ଦାୟୀ କରି ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚାଲିଛି।

### ସଂକ୍ଷେପରେ

## ୟୁପିରେ ବୁଲ୍‌ଡୋଜର ଆକ୍ସନ ବେଆଇନ

**ସିଜେଆଇଙ୍କୁ ଚିଠି ଲେଖିଲେ ପୂର୍ବତନ ଅଧିକାରୀ**

**ନୂଆଦିଲ୍ଲୀ, ୨୨।୬:** ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ହିଂସାତ୍ମକ ପ୍ରଦର୍ଶନ ପରେ ଉତ୍ତରପ୍ରଦେଶ ସରକାର ବେଆଇନ ଭାବେ ବୁଲ୍‌ଡୋଜର ଚଲାଇ ବିକ୍ଷୋଭକାରୀଙ୍କ ଘର ଭାଙ୍ଗିଛନ୍ତି। ତେଣୁ ସୁପ୍ରିମକୋର୍ଟ ଏ ନେଇ ନିଜ ଆଡୁ ମାମଲାର ବିଚାର କରିବାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀମାନେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଚିଠି ଲେଖିଛନ୍ତି। କନ୍‌ଷ୍ଟିଚ୍ୟୁଶନାଲ କଣ୍ଡକ୍ଟ ଗ୍ରୁପ୍ (ସିସିଜି) ପକ୍ଷରୁ ସୋମବାର ସିଜେଆଇଙ୍କୁ ଏହି ଚିଠି ପଠାଯାଇଛି। ଏଥିରେ ଏଏସ୍ ଦୁଲାଟ୍, ୱାଜାହତ୍ ହବିବୁଲ୍ଲା, ଟି. କେ. ଏ. ନାୟାରଙ୍କ ସମେତ ୯୦ ଜଣ ବିଶିଷ୍ଟ ବ୍ୟକ୍ତି ଦସ୍ତଖତ କରିଛନ୍ତି। ଯଦି ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ ନ କରନ୍ତି ତେବେ ଦେଶରେ ସମ୍ବିଧାନର ଶାସନ ଭୁଶୁଡ଼ିପଡ଼ିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ କାନପୁର ଓ ପ୍ରୟାଗରାଜରେ ଭଙ୍ଗାଯାଇଥିବା ଘରଗୁଡ଼ିକ ବେଆଇନ ଭାବେ ନିର୍ମାଣ କରାଯାଇଥିଲା। ତେଣୁ ଆଇନ ଅନୁସାରେ ସେଗୁଡ଼ିକୁ ଉଚ୍ଛେଦ କରାଯାଇଛି। ପ୍ରଫେଟ ମହମ୍ମଦଙ୍କ ଉପରେ ମନ୍ତବ୍ୟକୁ କେନ୍ଦ୍ରକରି ହୋଇଥିବା ହିଂସାକାଣ୍ଡର ଅଭିଯୁକ୍ତଙ୍କ ସହ ଏହାର କୌଣସି ସମ୍ପର୍କ ନ ଥିବା ୟୁପି ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

## ୨୬ରୁ ୨୮ ପ୍ରଧାନମନ୍ତ୍ରୀଙ୍କ ଜର୍ମାନୀ, ୟୁଏଇ ଗସ୍ତ

**ନୂଆଦିଲ୍ଲୀ, ୨୨।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି-୭ ସମ୍ମିଳନୀ ପାଇଁ ଜୁନ୍ ୨୬ରେ ଜର୍ମାନୀ ଗସ୍ତ କରିବେ। ଜୁନ୍ ୨୮ରେ ପ୍ରଧାନମନ୍ତ୍ରୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯିବେ। ଜର୍ମାନୀରେ ଆୟୋଜିତ ହେବାକୁ ଥିବା ଜି-୭ ସମ୍ମିଳନୀରେ ମୋଦି ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ଗଣତନ୍ତ୍ର ଆଦି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି ପାଇଁ ଭାରତ ସମେତ ଆର୍ଜେଣ୍ଟିନା, ଇଣ୍ଡୋନେସିଆ, ସେନେଗାଲ, ଦକ୍ଷିଣ ଆଫ୍ରିକା ଆଦି ଗଣତାନ୍ତ୍ରିକ ଦେଶକୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଜି-୭ ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ମୋଦି ୟୁଏଇ ଗସ୍ତ କରି ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଶେଖ ଖଲିଫା ବିନ୍ ଜାୟେଦ୍ ଅଲ୍ ନହୟାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ୨୮ ତାରିଖରେ ହିଁ ମୋଦି ନୂଆଦିଲ୍ଲୀ ଅଭିମୁଖେ ବାହାରିବେ।

## ମୁଣ୍ଡବିହୀନ ୨ ମହିଳାଙ୍କୁ ଚିହ୍ନଟ କଲେ ଲକ୍ଷେ ପୁରସ୍କାର

**ଚେନ୍ନାଇ,୨୨।୬:** କର୍ନାଟକରେ ଦୁଇ ମହିଳାଙ୍କ ମୁଣ୍ଡବିହୀନ ଗଳିତ ମୃତଦେହ ମିଳିବା ଘଟଣାର ତଦନ୍ତ ମଣ୍ଡ୍ୟା ପୋଲିସ ଜାରି ରଖିଛି। ମୃତ ମହିଳାଙ୍କ ଚିହ୍ନଟ ପାଇଁ ବୁଧବାର ପୋଲିସ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଜୁନ୍ ୮ରେ ମଣ୍ଡ୍ୟାର କେ.ବେଟ୍ଟାନାହାଲ୍ଲି ଏବଂ ସିଡିଏସ୍ କେନାଲରୁ ଦୁଇ ଅଜଣା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ପୋଲିସକୁ ମିଳିଥିଲା। ମୁଣ୍ଡ ନ ଥିବା ଯୋଗୁ ମୃତକଙ୍କୁ ଚିହ୍ନଟ ସମ୍ଭବପର ହେଉନାହିଁ। ତେବେ ବାହାର ରାଜ୍ୟରେ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଆଣି କେନାଲରେ ଫିଙ୍ଗାଯାଇଥିବା ପୋଲିସ ସନ୍ଦେହ କରୁଛି।

# ୫୬ ବର୍ଷରେ ୪ ଥର ବିଦ୍ରୋହ



ବାଲାସାହେବ ଠାକ୍‌ରେ



ଛଗନ ଭୁଜବଳ



ନାରାୟଣ ରାଣେ



ରାଜ ଠାକ୍‌ରେ



ଏକନାଥ ସିନ୍ଦେ

**ମୁମ୍ବାଇ,୨୨।୬**

କ୍ୟାଡରଭିତ୍ତିକ ଦଳ, ନେତୃତ୍ୱ ପ୍ରତି ପ୍ରବଳ ଆନୁଗତ୍ୟ। ତଥାପି ଚାରି ଚାରି ଥର ବିଦ୍ରୋହକୁ ସାମ୍ନା କରିଛି ଶିବସେନା। ତହିଁରୁ ୩ ଥର ବିଦ୍ରୋହ କେବଳ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ଅମଳରେ ହୋଇଥିଲା। ବାଲ୍ ଠାକ୍‌ରେ କେବେ କ୍ଷମତାରେ ନ ଥିଲେ। କିନ୍ତୁ ଏବେ ତାଙ୍କ ପୁଅ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ସଦ୍ୟ ବିଦ୍ରୋହୀ ସାଜିଛନ୍ତି କ୍ୟାବିନେଟ୍ ମନ୍ତ୍ରୀ ଏକନାଥ ସିନ୍ଦେ। ଶିବସେନାର ୫୬ ବର୍ଷର ଇତିହାସରେ ଏପରି ବିଦ୍ରୋହ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ଶିବସେନା କ୍ଷମତାରେ ନ ଥିବାବେଳେ ୩ ଥର ବିଦ୍ରୋହ ହୋଇଥିବାବେଳେ ମଙ୍ଗଳବାର ବରିଷ୍ଠ ନେତା ଏକନାଥ ସିନ୍ଦେ ଶିବସେନାର ଅଧିକାଂଶ ବିଧାୟକଙ୍କୁ ଧରି ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କଠାରୁ ଅଲଗା ହୋଇଛନ୍ତି। ତାଙ୍କର ଏହି ବିଦ୍ରୋହ କ୍ଷମତାସୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପାଇଁ ସଙ୍କଟ ସୃଷ୍ଟି କରିଛି। ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ନିର୍ବାଚନର ଫଳାଫଳ ଆସିବା ପରେ ସୋମବାର ମଧ୍ୟରାତ୍ରିରେ ଆରମ୍ଭ ହୋଇଥିବା ସିନ୍ଦେଙ୍କ ବିଦ୍ରୋହ ଉଦ୍ଧବଙ୍କ ହାତରୁ କ୍ଷମତା ଛଡ଼ାଇନେବାର ସମ୍ଭାବନା ବହନ କରେ।

ମହାରାଷ୍ଟ୍ରର ଗ୍ରାମାଞ୍ଚଳରେ ଶିବସେନାର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିଥିବା ଓବିସି ଚେହେରା ଛଗନ ଭୁଜବଳ ୧୯୯୧ରେ ବିଦ୍ରୋହ କରି ଅଲଗା ବାଟରେ ଚାଲିବାକୁ ନିଷ୍ପତ୍ତି ନେଇଥିଲେ। ଯାହା କାମ କଲେ ବି ଶିବସେନା କୌଣସି ସଫଳତାର ଶ୍ରେୟ ତାଙ୍କୁ ଦେଇ ନ ଥିବା ଦର୍ଶାଇ ସେ ଦଳ ତ୍ୟାଗ କରିଥିଲେ। ରାଜ୍ୟର ବିଭିନ୍ନ ଭାଗରେ ଶିବସେନା ପ୍ରାର୍ଥୀମାନଙ୍କ ପାଇଁ ସେ ସଫଳତା ଆଣିଦେବା ସତ୍ତ୍ୱେ ବାଲ୍ ଠାକ୍‌ରେ ବିଧାନସଭାର ବିରୋଧୀ ଦଳ ନେତା ଭାବେ ମନୋହର ଜୋଷୀଙ୍କୁ ବାଛିଥିଲେ। ନାଗପୁରରେ ପରବର୍ତ୍ତୀ ଶୀତ ଅଧିବେଶନ ବେଳେ ଭୁଜବଳଙ୍କ ସହ ୧୮ ଶିବସେନା ବିଧାୟକ ଦଳ ଛାଡ଼ି ତତ୍କାଳୀନ ଶାସକ କଂଗ୍ରେସକୁ ସମର୍ଥନ ଘୋଷଣା କରିଥିଲେ। କିନ୍ତୁ ୧୨ ବିଦ୍ରୋହୀ ବିଧାୟକ ସେହି ଦିନ ଶିବସେନାକୁ ପୁଣି ଫେରିଯାଇଥିଲେ। ଭୁଜବଳ ଓ ଅନ୍ୟ ବିଦ୍ରୋହୀ ବିଧାୟକଙ୍କୁ ବାଚସ୍ପତି ଏକ ଭିନ୍ନ ଗୋଷ୍ଠୀ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ। ଫଳରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଅସନ୍ତୁଷ୍ଟଙ୍କ ପ୍ରତି ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରୁଥିବା ଶିବସେନା କର୍ମୀମାନେ ଭୁଜବଳଙ୍କ ମୁମ୍ବାଇ ଅଫିସରେ ଆକ୍ରମଣ କରିଥିଲେ।

ଭୁଜବଳ ୧୯୯୫ ବିଧାନସଭା ନିର୍ବାଚନ ବେଳେ ମୁମ୍ବାଇରୁ ଶିବସେନା ପ୍ରାର୍ଥୀ ବାଲା ନନ୍ଦଗାଓଁକରଙ୍କଠାରୁ ପରାଜିତ ହୋଇ ନାସିକ ଜିଲାକୁ ଚାଲିଯାଇଥିଲେ। ୧୯୯୯ରେ ଶରଦ ପାୱାର କଂଗ୍ରେସ ଛାଡ଼ି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଗଠନ କରିବା ପରେ ଏହି ପୁରୁଖା ନେତା ତହିଁରେ ଯୋଗଦେଇଥିଲେ। ୭୪ ବର୍ଷୀୟ ଭୁଜବଳ ଏବେ ଏମ୍‌ଭିଏ ସରକାରରେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ୨୦୦୫ରେ ଶିବସେନାକୁ ଆଉ ଏକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା, ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେ ଦଳ ଛାଡ଼ି କଂଗ୍ରେସର ହାତ ଧରିଥିଲେ। ସେ ପରବର୍ତ୍ତୀ ସମୟରେ କଂଗ୍ରେସ ତ୍ୟାଗ କରି ଭାଜପା ଟିକେଟରେ ରାଜ୍ୟ ସଭାକୁ ଯାଇଥିଲେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ତାଙ୍କୁ ମନ୍ତ୍ରୀ କରାଯାଇଛି।

ଶିବସେନାକୁ ପରବର୍ତ୍ତୀ ଝଟ୍‌କା ସେତେବେଳେ ଲାଗିଥିଲା ଯେତେବେଳେ ୨୦୦୬ରେ ଉଦ୍ଧବଙ୍କ ଦାଦା ପୁଅ ଭାଇ ରାଜ ଠାକ୍‌ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ଏକ ଦଳ ଗଠନ କଲେ। ସେହି ସମୟରେ ରାଜ ଠାକ୍‌ରେ କହିଥିଲେ, ତାଙ୍କ ଲଢ଼େଇ ଶିବସେନା ନେତୃତ୍ୱ ସହ ନୁହେଁ, ବରଂ ଅନ୍ୟ ଶୀର୍ଷ ନେତାଙ୍କୁ ଘେରି ରହିଥିବା ଅନ୍ୟ ନେତାମାନଙ୍କ ବିରୋଧରେ। ୨୦୦୯ ନିର୍ବାଚନରେ ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ମଧ୍ୟରୁ ଏମ୍‌ଏନ୍‌ଏସ୍ ୧୩ଟିରେ ସଫଳତା ହାସଲ କରିପାରିଥିଲା।

ବର୍ତ୍ତମାନ ଶିବସେନାକୁ ଆଉ ଏକ ବିଦ୍ରୋହ ଦେଖିବାକୁ ପଡ଼ିଛି, ୪ ଥର ବିଧାୟକ ହୋଇଥିବା ଠାଣେ ଜିଲାର ଲୋକପ୍ରିୟ ନେତା ଏକନାଥ ସିନ୍ଦେଙ୍କ ପଟୁ। ଧର୍ମବୀର ଆନନ୍ଦ ଦିଘେଙ୍କୁ ନିଜ ରାଜନୈତିକ ଗୁରୁ ତଥା ଆଦର୍ଶ ମାନୁଥିବା ସିନ୍ଦେଙ୍କ ସହ ଅଧିକ ବିଧାୟକ ଥିବାରୁ ତାଙ୍କ ବିଦ୍ରୋହ ଉଦ୍ଧବଙ୍କୁ କ୍ଷମତାଚ୍ୟୁତ କରିପାରେ। ସମୟକ୍ରମେ ଶିବସୈନିକଙ୍କ ଆଶା ଆକାଂକ୍ଷା ବଢ଼ିବାରେ ଲାଗିଛି। ସେଗୁଡ଼ିକୁ ପୂରଣ ନ କଲେ ଆଗକୁ ମଧ୍ୟ ଏଭଳି ବିଦ୍ରୋହ ଦେଖିବାକୁ ମିଳିପାରେ। ବିଧାନସଭାରେ ବର୍ତ୍ତମାନ ଶିବସେନାର ୫୫, ଏନ୍‌ସିପିର ୫୩ ଓ କଂଗ୍ରେସର ୪୪ ବିଧାୟକଙ୍କୁ ନେଇ ମହା ବିକାଶ ଅଘାଡ଼ି ସରକାର ଗଠନ ହୋଇଛି। ବିରୋଧୀ ଭାଜପା ୧୦୬ ଆସନ ଦଖଲ କରିଛି। ଦଳବଦଳ ଆଇନ ବଳରେ ଅଯୋଗ୍ୟ ଘୋଷଣାରୁ ବର୍ତ୍ତିବା ପାଇଁ ସିନ୍ଦେଙ୍କୁ ୩୭ ବିଧାୟକଙ୍କ ସମର୍ଥନ ଜରୁରୀ। କିନ୍ତୁ ଏହି ବିଦ୍ରୋହୀ ନେତା ତାଙ୍କ ସହ ୪୬ ବିଧାୟକ ଥିବା ଦାବି କରୁଛନ୍ତି।

## ଇସ୍ରାଏଲରେ ରାଜନୈତିକ ସଙ୍କଟ

**ପାର୍ଲାମେଣ୍ଟ ଭଙ୍ଗ ପ୍ରସ୍ତାବ ପାରିତ**

**ଜେରୁଜେଲମ, ୨୨।୬:** ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ନାଫଟାଲି ବେନେଟଙ୍କ ସରକାର ସଂଖ୍ୟାଲଘୁ ହେବା ପରେ ସେଠାରେ ପୁଣି ରାଜନୈତିକ ସଙ୍କଟ ଦେଖାଦେଇଛି। ବେନେଟଙ୍କ ମେଣ୍ଟ ସରକାର ଭାଙ୍ଗିବା ନିମନ୍ତେ ବୁଧବାର ଇସ୍ରାଏଲ ପାର୍ଲାମେଣ୍ଟ ନିସେଟ୍‌ରେ ଏକ ବିଲ୍ ପାରିତ ହୋଇଛି। ସଂସଦ ଭଙ୍ଗ ସପକ୍ଷରେ ନିସେଟ୍‌ର ୧୨୦ ସଦସ୍ୟଙ୍କ ମଧ୍ୟରୁ ୧୧୦ ଜଣ ଭୋଟ ଦେଇଛନ୍ତି। ଅନ୍ତିମ ପର୍ଯ୍ୟାୟ ଭୋଟ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ। ପାର୍ଲାମେଣ୍ଟରେ ପାସ୍ ହେବା ପରେ ଖୁବ୍‌ଶୀଘ୍ର ସେଠାରେ ନିର୍ବାଚନ ହେବ। ନେଫଟାଲି ସରକାର ଭାଙ୍ଗିବା ପରେ ମାତ୍ର ୩ ବର୍ଷରେ ଇସ୍ରାଏଲରେ ୫ମ ନିର୍ବାଚନ ହେବାକୁ ଯାଉଛି। ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ୟେର ଲ୍ୟାପିଡ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ଆସନ୍ତା ଅକ୍ଟୋବରରେ ଇସ୍ରାଏଲରେ ନିର୍ବାଚନ ହୋଇପାରେ।

୮ ଦଳକୁ ନେଇ ଗଠିତ ଐତିହାସିକ ମେଣ୍ଟ ଦ୍ୱାରା ନାଫଟାଲି ପୂର୍ବତନ ରାଷ୍ଟ୍ରପତି ବେଞ୍ଜାମିନ୍ ନେତ୍ୟାନାହୁଙ୍କୁ ପଦରୁ ହଟାଇ ୨୦୨୧ ଜୁନ୍‌ରେ ସରକାର ଗଢ଼ିଥିଲେ। ୱେଷ୍ଟ ବ୍ୟାଙ୍କ ବିବାଦ, ପାଲେଷ୍ଟାଇନ ପ୍ରସଙ୍ଗରେ ସରକାରଙ୍କ ନୀତିକୁ ବିରୋଧ କରି ୟାମିନା ପାର୍ଟି ଗତ ଏପ୍ରିଲରେ ମେଣ୍ଟରୁ ଓହରି ଯାଇଥିଲା। ଫଳରେ ନାଫଟାଲିଙ୍କ ସରକାର ସଂଖ୍ୟାଲଘୁ ପାଲଟିଥିଲା। ପ୍ରଧାନମନ୍ତ୍ରୀ ହେବାର ବର୍ଷକ ପରେ ନାଫଟାଲି ପାର୍ଲାମେଣ୍ଟ ଭାଙ୍ଗି ପୁନଃ ନିର୍ବାଚନ ନିମନ୍ତେ ଘୋଷଣା କରିଥିଲେ।



ନେଫଟାଲି ବେନେଟ ୟେର ଲ୍ୟାପିଡ୍

## ପାକ୍‌ର ପଞ୍ଜାବରେ ଲାଗୁ ହେବ ଏମରଜେନ୍ସି

**ବଢ଼ୁଛି ବଳାତ୍କାର ମାମଲା**

**ଇସ୍‌ଲାମାବାଦ୍,୨୨।୬**

ପାକିସ୍ତାନ ପଞ୍ଜାବ ପ୍ରଦେଶରେ ବଳାତ୍କାର ମାମଲା ବୃଦ୍ଧି ପାଇବା କାରଣରୁ ସ୍ଥାନୀୟ ପ୍ରଶାସନ ପ୍ରଦେଶରେ ଜରୁରିକାଳୀନ ସ୍ଥିତି ଲାଗୁ କରିବା ନେଇ ନିଷ୍ପତ୍ତି ନେଇଛି। ପଞ୍ଜାବ ସୂଚନା ବିଭାଗ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁସାରେ, ଗତ ୬ ମାସ ଭିତରେ ମୋଟ ୨,୪୩୯ ଜଣ ମହିଳା ବଳାତ୍କାରର ଶିକାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଲାହୋରରେ ମୋଟ ୪୦୦ ଜଣଙ୍କୁ ବଳାତ୍କାର କରାଯାଇଥିବାବେଳେ ୨,୩୦୦ ଜଣଙ୍କୁ ଅପହରଣ କରାଯାଇଛି। ପାକିସ୍ତାନରେ ପ୍ରତ୍ୟେକ ଦିନ ୧୧ ବଳାତ୍କାର ମାମଲା ସାମ୍ନାକୁ ଆସୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଗତ ୬ ବର୍ଷ ମଧ୍ୟରେ ମୋଟ ୨୨ ହଜାର ମାମଲା ଥାନାରେ ଦାଖଲ ହୋଇଥିବା ରାଷ୍ଟ୍ର ମାନବାଧିକାର କମିଶନର ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟରେ କୁହାଯାଇଛି। ଦୋଷୀମାନଙ୍କୁ ଦଣ୍ଡ ଦିଆଯାଉ ନ ଥିବା କାରଣରୁ ଦିନକୁ ଦିନ ବଳାତ୍କାର ମାମଲା କମିବା ବଦଳରେ ବଢ଼ିବାରେ ଲାଗିଛି।

## ୟୁକ୍ରେନ୍ ସାମ୍ବାଦିକ, ସୈନ୍ୟଙ୍କୁ ହତ୍ୟା

**କିଭ୍, ୨୨।୬**

ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ଖବର ସଂଗ୍ରହ କରୁଥିବା ଜଣେ ୟୁକ୍ରେନୀୟ ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଜଣେ ସୈନ୍ୟଙ୍କୁ ହତ୍ୟା କରାଯାଇଛି। ଏ ନେଇ ପ୍ରେସ୍ ଫ୍ରିଡମ୍ ଗ୍ରୁପ୍ 'ରିପୋର୍ଟର୍ସ ୱିଦ୍‌ଆଉଟ୍ ବର୍ଡର୍ସ' ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଫଟୋ ଜର୍ନାଲିଷ୍ଟ ମାକ୍ସ ଲେଭିନ୍ କିଭ୍‌ରେ ତାଙ୍କ ହଜିଯାଇଥିବା କ୍ୟାମେରା ଡ୍ରୋନ୍ ଖୋଜୁଥିବାବେଳେ ୟୁକ୍ରେନ୍ ସୈନ୍ୟ ଓଲେକ୍‌ସି ଜୋନିଶୋଭ୍ ତାଙ୍କୁ ସହାୟତା କରୁଥିଲେ। ହେଲେ ସେମାନଙ୍କ ଆଉ ପତ୍ତା ମିଳି ନ ଥିଲା। ପ୍ରେସ୍ ଫ୍ରିଡମ୍ ଗ୍ରୁପ୍ ପକ୍ଷରୁ ଯାଇଥିବା ତଦନ୍ତକାରୀ ଟିମ୍ ଏପ୍ରିଲ ୧ରେ ଉଭୟଙ୍କ ମୃତଦେହ ସେଠାରୁ ଠାବ କରିଥିଲେ। ସେମାନଙ୍କ ଉପରକୁ ରୁଷୀୟ ସୈନ୍ୟ ଗୁଳି ଚଳାଇଥିଲେ। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ସେମାନଙ୍କ କାର୍‌ରେ ୧୪ଟି ବୁଲେଟ୍ କଣା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ କିଛି ଖାଦ୍ୟ ସାମଗ୍ରୀ ଓ ଅଧାଜଳା ସିଗାରେଟ୍ ମଧ୍ୟ ମିଳିଛି। ରୁଷିଆ ସୈନ୍ୟମାନେ ସେଠାରେ ଏସବୁ ସାମଗ୍ରୀ ଛାଡ଼ିଥିବା ଉକ୍ତ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ସେଠାରୁ ଲେଭିନ୍ ଓ ଚେର୍ନିଶୋଭ୍‌ଙ୍କ ପରିଚୟ ପତ୍ର, ବୁଲେଟପ୍ରୁଫ୍ ପୋଷାକ, ହେଲମେଟ ଆଦି ମିଳିଛି। ଚେର୍ନିଶୋଭଙ୍କ ଅର୍ଦ୍ଧଦଗ୍ଧ ଶରୀର ନିକଟରୁ ଗ୍ୟାସୋଲିନ୍ କ୍ୟାନ୍ ମଧ୍ୟ ଜବତ ହୋଇଛି।



ମାକ୍ସ ଲେଭିନ୍

## ଖର୍କିଭ୍‌ରେ ରକେଟ ବର୍ଷା: ୨୦ ମୃତ

**ଖର୍କିଭ୍, ୨୨।୬**

ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭ ଏବଂ ଏହାର ଆଖପାଖ ଅଞ୍ଚଳରେ ରୁଷିଆ ଏକାଧିକ ରକେଟ୍ ମାଡ଼ କରିଛି। ଏଥିରେ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା କିଭ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ସୀମାଠାରୁ ମାତ୍ର ୮ କି.ମି. ଦୂରରେ ଥିବା ରୁଷିଆର ଏକ ତୈଳ ରିଫାଇନେରିରେ ନିଆଁ ଲାଗିଯାଇଛି। ମଙ୍ଗଳବାରଠାରୁ ରୁଷିଆ ଖର୍କିଭ ଉପରେ କ୍ରମାଗତ ରକେଟ ମାଡ଼ ଜାରି ରଖିଛି। ଫଳରେ ସ୍ୱାଭାବିକ ଜୀବନ ଆରମ୍ଭ ପାଇଁ ସେଠାକୁ ଫେରିଥିବା ୟୁକ୍ରେନ୍ ନାଗରିକଙ୍କ ପାଇଁ ପୁଣି ସମସ୍ୟା ବଢ଼ିଛି।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କଲମ୍ବିଆର ଏକ କୋଭିଡ୍-୧୯ ଟିକାକରଣ କେନ୍ଦ୍ର ପରିଦର୍ଶନ ବେଳେ ଜଣେ ଶିଶୁକୁ ଧରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୬୧,୨୭,୭୯୪ | ୬୩,୪୪,୨୧୯ | ୫୨,୧୯,୦୦,୨୦୧ |
| ଭାରତ | ୪,୩୩,୩୪,୬୫୭ | ୫,୨୪,୯୦୩ | ୪,୨୭,୨୫,୦୫୫ |
| ଓଡ଼ିଶା | ୧୨,୮୮,୯୯୫ | ୯୧୨୬(+୫୩) | ୧୨,୭୯,୫୩୫ |

ବୁଧବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ବଜ୍ରପାତରେ ୯ ମୃତ

**ଢେଙ୍କିକୋଟ/ବିଶୋଇ/ ପଦ୍ମପୁର/ ବନ୍ତଳା/ ଛେଣ୍ଡିପଦା/ କାଳିଆପାଣି, ୨୨।୬ (ଡି.ଏନ.ଏ.):** ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର ବଜ୍ରପାତ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ଢେଙ୍କିକୋଟ, ମୟୂରଭଞ୍ଜ ଜିଲା ବିଶୋଇ ଓ ଭଦ୍ରକ ଜିଲା ପଦ୍ମପୁର ଅଞ୍ଚଳରେ ବୁଧବାର ବଜ୍ରପାତ ଯୋଗୁ ୨ ମହିଳାଙ୍କ ସମେତ ୫ଜଣଙ୍କ ମୃତ୍ୟୁ ହୋଇଛି। ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ସାନ୍ତରାପୁର ପଞ୍ଚାୟତର ଟେଣ୍ଟେଇଟାଙ୍ଗର ସାହିରେ ବୁଧବାର ଅପରାହ୍ନରେ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ମୀନତି ମୁଣ୍ଡା (୩୨) ଓ ହୀରା ମୁଣ୍ଡା (୬୫)ଙ୍କ ମୃତ୍ୟୁ ହୋଇଥିଲା। ଦୁହେଁ ଗ୍ରାମ ନିକଟସ୍ଥ ବରଖନ୍ଧି ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ବବିତା ସିଂହ ଓ ୮ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଣଜିତ ନାୟକ ଦାବି କରିଛନ୍ତି।

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମଣଦା ଗ୍ରାମର ସୁଶାନ୍ତ ଗିରି (୪୭) ଏବଂ ଜଲେ ପିଙ୍ଗୁଆ (୬୪) ବଜ୍ରପାତରେ ଟଳି ପଡ଼ିଛନ୍ତି। ସୁଶାନ୍ତ ମଧ୍ୟାହ୍ନ ସମୟରେ ନଦୀରୁ ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଓ ଜଲେ ପିଙ୍ଗୁଆ ଚାଷ କାର୍ଯ୍ୟ ସାରି ବିଲରୁ ଫେରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଥିଲେ।

ସେହିପରି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ଦୋହରାସାହିର ଚାଷୀ ଦାନବୀର ମାଝିଙ୍କର ବଜ୍ରପାତରେ ବୁଧବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ ବିଲରୁ ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଅନୁଗୋଳ ଜିଲାର ବନ୍ତଳା ଓ ଛେଣ୍ଡିପଦା ଥାନା ଅଞ୍ଚଳରେ ବୁଧବାର ବର୍ଷା ବେଳେ ବଜ୍ରପାତ ଘଟି ୨ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ବନ୍ତଳା ଥାନା ଧୋକୁଟା ପଞ୍ଚାୟତ ଗୋପାଳପୁର ଗ୍ରାମର ଗନ୍ଧର୍ବ ବେହେରା(୫୭) ଓ ଛେଣ୍ଡିପଦା ଥାନା କୋଶଳା ଗ୍ରାମ ମେଡିକାଲ ଛକସାହିର ସଞ୍ଜୟ ବେହେରା(୩୮)। ଗନ୍ଧର୍ବ ଗୋରୁ ଚରାଇ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡ ସ୍କୁଲ ନିକଟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗନ୍ଧର୍ବଙ୍କ ପରିବାର ପକ୍ଷରୁ ଏ ନେଇ ବନ୍ତଳା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ସେହିପରି ଛେଣ୍ଡିପଦା ଥାନା କୋଶଳା ଗ୍ରାମର ସଞ୍ଜୟ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଜାରି ରଖିଛି। ଏ ନେଇ ଦୁଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଅନ୍ୟ ପକ୍ଷରେ ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ପଳାଶଖଳି ଏବଂ ବିରିଗଡ଼ା ଗ୍ରାମରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଅପରାହ୍ନ ୩ଟାରେ ସୁକିନ୍ଦା ଅଞ୍ଚଳରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ବିରିଗଡ଼ା ଗ୍ରାମର ଜଙ୍ଗା ମୁଣ୍ଡାଙ୍କ ୧୪ ବର୍ଷୀୟ ପୁଅ ଆକାଶ ମୁଣ୍ଡା ଛେଳି ଚରାଉଥିବାବେଳେ ତାଙ୍କୁ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁକିନ୍ଦା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବ୍ରଜପାତରେ ସୁକିନ୍ଦା ଥାନା ଅନ୍ତର୍ଗତ ପଳାଶଖଳିର ରଘୁନାଥ ସଏଙ୍କ ସ୍ତ୍ରୀ ଶାନ୍ତି ସଏଙ୍କ ମୃତ୍ୟୁ ହୋଇଛି। ସେ ବିଲକୁ ଯାଇ ଫେରୁଥିବା ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ନଂ.୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଭୟ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଗୁରୁବାର ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଉପଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ସିଂ ସୂଚନା ଦେଇଛନ୍ତି।

# ସ୍କୁଲ ପିଲା ପଢ଼ିବେ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ପାଠ



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଧିକାରୀ, ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ଓଡ଼ିଶାର ସ୍କୁଲ୍ ପିଲା ପଢ଼ିବେ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ପାଠ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟ (ଏବିଏଫ୍‌ଟି) ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଅଲିମ୍ପିକ୍ ଫାଉଣ୍ଡେଶନ ଫର୍ କଲଚର ଏଣ୍ଡ ହେରିଟେଜର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଗୋପବନ୍ଧୁ ଏକାଡେମୀଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଏବିଏଫ୍‌ଟିର ଫାଉଣ୍ଡର ଅଭିନବ ବିନ୍ଦ୍ରା, ଆଇଓସିର ସାଧନ କର୍ମୀ ଏଫ୍ ଜାମୋଲି ଏବଂ ଜେନିଆ କୁର୍ଗୋ ଯୋଭା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଓ ସହଯୋଗୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅଭିନବ ବିନ୍ଦ୍ରା ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ଅନୁପମ ସାହା ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଏହି ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଉଭୟ ତତ୍ତ୍ୱଭିତ୍ତିକ ତଥା ଅନେକଗୁଡ଼ିଏ ଆଲୋଚନାମୂଳକ ଅଧିବେଶନ ରହିଛି।

ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମ ଭୁବନେଶ୍ୱର ଓ ରାଉରକେଲାର ୯୦ଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହୋଇଛି। ଏଥିରେ ପାଖାପାଖି ୩୨ ହଜାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି ବିଭାଗ।

# କେନ୍ଦୁଝର ଜଙ୍ଗଲରେ ଅସୁସ୍ଥ ଦନ୍ତା

**କେନ୍ଦୁଝର, ୨୨।୬ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଭୂୟାଁ–ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଖୁଣ୍ଟାକଟା ଜଙ୍ଗଲରେ ଏକ ୨୫ ବର୍ଷ ବୟସ୍କ ଦନ୍ତା ହାତୀ କିଛି ଦିନ ହେଲା ଅସୁସ୍ଥ ହୋଇ ବୁଲୁଛି। ହାତୀଟି ୨ ଦିନ ତଳେ ଗୋଠରୁ ଅଲଗା ହୋଇ ଏକ ସ୍ଥାନରେ ଶୋଇଥିଲା। ବନ ବିଭାଗ କର୍ମଚାରୀ ତା ପାଖକୁ ଯିବାରୁ ସେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଜଙ୍ଗଲରେ ଧୀରେ ଧୀରେ ଚାଲୁଥିବାରୁ ଅସୁସ୍ଥ ଥିବା ଅନୁମାନ କରାଯାଉଛି। ଏହାର ଗତିବିଧି ଉପରେ ବନ ବିଭାଗ ନଜର ରଖିଥିବା ବେଳେ ଚିକିତ୍ସା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଜୁନ୍ ଶେଷ ସୁଦ୍ଧା ପ୍ରକାଶ ପାଇପାରେ ସିବିଏସ୍‌ଇ ଦଶମ ରେଜଲ୍ଟ

**ଭୁବନେଶ୍ୱର, ୨୨।୬ (ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ବିଭିନ୍ନ ଜାତୀୟ ଗଣମାଧ୍ୟମର ସୂଚନାନୁସାରେ, ଦଶମ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ ହୋଇଥିବାବେଳେ ଫଳ ପ୍ରକାଶ ପାଇଁ ପ୍ରସ୍ତୁତି ଚାଲିଛି। ଚଳିତ ମାସ ଶେଷ ସୁଦ୍ଧା ଦଶମ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ତେବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ ହୋଇ ନାହିଁ। ଯଦି ଠିକ୍ ସମୟରେ ଶେଷ ହୋଇଯାଏ, ତେବେ ଦଶମ ପରୀକ୍ଷା ଫଳ ଘୋଷଣାକୁ ସ୍ଥଗିତ ରଖାଯିବ। ଜୁଲାଇ ୧୫ ମଧ୍ୟରେ ଦଶମ ଓ ଦ୍ୱାଦଶ ଦୁଇଟି ଶ୍ରେଣୀର ପରୀକ୍ଷାଫଳ ଏକା ସମୟରେ ଘୋଷଣା କରାଯିବାର ସମ୍ଭାବନା ରହିଛି ବୋଲି ସିବିଏସ୍‌ଇ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ରେ ସିବିଏସ୍‌ଇ ଦୁଇଟି ଟର୍ମରେ ବୋର୍ଡ ପରୀକ୍ଷା କରିବ ବୋଲି ଘୋଷଣା କରିଥିଲା। ଟର୍ମ–୧ ଗତ ନଭେମ୍ବର ୩୦ରୁ ଡିସେମ୍ବର ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହିଭଳି ଟର୍ମ–୨ ଗତ ଏପ୍ରିଲ ୨୬ରେ ଆରମ୍ଭ ହୋଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ମେ' ୨୪ରେ ଓ ଦ୍ୱାଦଶ ପରୀକ୍ଷା ଜୁନ୍ ୧୫ରେ ଶେଷ ହୋଇଥିଲା। ସାରା ଦେଶରେ ପ୍ରାୟ ୩୫ଲକ୍ଷ ପିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେଇଥିଲେ। କରୋନା ପାଇଁ ଗତ ଦୁଇବର୍ଷ ପରୀକ୍ଷା ହୋଇ ନ ଥିବାବେଳେ ଏଥର ଦୁଇଟି ପର୍ଯ୍ୟାୟରେ ବୋର୍ଡ ପରୀକ୍ଷା ଅଫ୍‌ଲାଇନରେ ଅନୁଷ୍ଠିତ ହୋଇଥିଲା।










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଡ଼ିକେ ଘଡ଼ି ଅନ୍ତର**
**ମୁହଁ ଭାତ ପାଇଁ ଆୟୁଷ ନାହିଁ**
**ସମୟ କେତେ ମାତର ।**

କୁହାଯାଏ ନିଃଶ୍ୱାସକୁ ବିଶ୍ୱାସ ନାହିଁ। ଜୀବନ ଯେଉଁଠି ଅନିଶ୍ଚିତ ସେଠି ମଣିଷ ନିଜର ବୃଥା ଗର୍ବ, ଅହମିକା ନ ଦେଖାଇ ସତପଥରେ ଚାଲିବା ଲାଗି ପ୍ରଯତ୍ନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରେ ବରଡ଼ା ତାଟି**
**ଅଣ୍ଟାରେ ଚାବି କାଠି।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅଗଷ୍ଟ ୨୧ରେ ଏଏସ୍‌ଓ ଲିଖିତ ପରୀକ୍ଷା

କଟକ ଅଫିସ,୨୨।୬- ଆସନ୍ତା ଅଗଷ୍ଟ ୨୧ ତାରିଖରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩୦ଟି ଜିଲା ଓ ୩ଟି ସବ୍‌ଡିଭିଜନରେ ଏହି ପରୀକ୍ଷା ହେବ। ୩ଟି ସିଟିଂରେ ଚଳିତଥର ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ସିଟିଂରେ ଜେନେରାଲ ଆୱାରନେସ (ପେପର-୧) ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ସିଟିଂରେ ରିଜୋନିଂ ଏବଂ ମେଣ୍ଟାଲ ଆବିଲିଟି ଟେଷ୍ଟ, ଗଣିତ (ପେପର-୨) ପରୀକ୍ଷା ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ତୃତୀୟ ସିଟିଂରେ ଇଂଲିଶ ଓ ଓଡିଆ (ପେପର-୩) ପରୀକ୍ଷା ଅପରାହ୍ନ ୨.୩୦ରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ତେବେ ଭିନ୍ନକ୍ଷମମାନଙ୍କୁ ପ୍ରତି ସିଟିଂରେ ୩୦ ମିନିଟ ଅଧିକ ସମୟ ଦିଆଯିବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ, ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ପାଇଁ ରହିଥିବା ନିୟମାବଳୀ ଓପିଏସ୍‌ସି ୱେବ୍‌ସାଇଟ୍ (www.opsc.gov.in)ରେ ଉପଲବ୍ଧ ରହିଛି।

# ସ୍କୁଲର କେୟାରଟେକରଙ୍କୁ ଦସ୍ତଖତ ଶିଖାଇଥିଲେ




ଦ୍ରୌପଦୀ ମୁର୍ମୁଙ୍କୁ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଘୋଷଣା କରିବା ପରେ ସେ ପିଲାବେଳେ ପଢୁଥିବା ରାଜଧାନୀ ବାଳିକା ଉଚ୍ଚବିଦ୍ୟାଳୟରେ ବୁଧବାର ଖୁସିର ମାହୋଲ।

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଜୀବନ ସଂଘର୍ଷମୟ ଥିଲା। ୫ଦଶନ୍ଧି ତଳେ ରାଜ୍ୟର ଗମନାଗମନ କ୍ଷେତ୍ର ବିଶେଷ ନ ଥିବା ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରୁ ଆସି ଭୁବନେଶ୍ୱରରେ ବହୁ ପ୍ରତିକୂଳ ପରିସ୍ଥିତିରେ ଦ୍ରୌପଦୀ ମୁର୍ମୁ ପାଠ ପଢ଼ିଥିଲେ। ଦ୍ରୌପଦୀ ୧୯୭୪ରେ ଭୁବନେଶ୍ୱର ୟୁନିଟ-୨ସ୍ଥିତ ରାଜଧାନୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିଲେ। ସେ ସ୍କୁଲର ହଷ୍ଟେଲରେ ରହୁଥିଲେ। ଦ୍ରୌପଦୀ ପିଲାଟି ଦିନରୁ ସରଳ ସ୍ୱଭାବର ଥିଲେ। ଛାତ୍ରୀ ଜୀବନରେ ବି ଖୁବ୍ ଶାନ୍ତ ସ୍ୱଭାବର ଥିଲେ। ନିଜେ ପାଠ ପଢ଼ିବା ସହ ଅନ୍ୟପିଲାଙ୍କୁ ମଧ୍ୟ ପାଠ ପଢ଼ାଉଥିଲେ। ଏପରି କି ସ୍କୁଲର କେୟାରଟେକରଙ୍କୁ ଦସ୍ତଖତ ବି ଶିଖାଇଥିଲେ। ଏବେ ଦ୍ରୌପଦୀଙ୍କୁ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ କରାଯାଇଥିବାରୁ ସେ ପଢୁଥିବା ସ୍କୁଲର ପୁରୁଣା ଓ ନୂଆ ଛାତ୍ରୀମାନେ ବେଶ୍ ଗର୍ବିତ ଅନୁଭବ କରୁଛନ୍ତି। ଏହି ଖୁସିକୁ ଜାହିର କରିବା ପାଇଁ ବୁଧବାର ସ୍କୁଲ ପରିସରରେ ଛାତ୍ରୀ ଓ ଶିକ୍ଷକ ଏବଂ କର୍ମଚାରୀ ଏକତ୍ର ହୋଇଥିଲେ। ପରସ୍ପରକୁ ମିଠା ଖୁଆଇ ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ନେଇ ଉତ୍ସାହିତ ଦେଖାଯାଇଛନ୍ତି। ଏ ସମ୍ପର୍କରେ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର କହିଛନ୍ତି, ଏହି ଖୁସିର କୌଣସି ତୁଳନା ନାହିଁ। ତାକୁ ଭାଷାରେ ବ୍ୟକ୍ତ କରିହେବ ନାହିଁ। ଏହି ବିଦ୍ୟାଳୟର ମାଟି, କ୍ଲାସ୍ ରୁମ୍, ହଷ୍ଟେଲ ରୁମ୍ ଦ୍ରୌପଦୀଙ୍କୁ ନେଇ ଧନ୍ୟ ମନେ କରୁଛି। ତାଙ୍କୁ ଅନୁସରଣ କରି ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବା ପାଇଁ ପିଲାମାନଙ୍କୁ ଶିକ୍ଷୟିତ୍ରୀମାନେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ରାଜ୍ୟପାଳ ଥିବା ବେଳେ ୨୦୧୯ ନଭେମ୍ବର ୨୬ରେ ସ୍କୁଲର ଡାଇମଣ୍ଡ ଜୁବୁଲିରେ ପୂର୍ବତନ ଛାତ୍ରୀ ଦ୍ରୌପଦୀ ମୁର୍ମୁ ଅତିଥି ହୋଇ ଆସିଥିଲେ। ଏହି ଅବସରରେ ସ୍କୁଲ ପରିସର ପରିଦର୍ଶନ କରିବା ସହିତ ନିଜେ ରହୁଥିବା ହଷ୍ଟେଲ ରୁମ୍‌କୁ ଯାଇ ପୁରୁଣା ସ୍ମୃତି ସାଉଁଟିଥିଲେ।

ଦ୍ରୌପଦୀ ମାଟ୍ରିକ ପାସ୍ କରିବା ପରେ ରମାଦେବୀ ମହିଳା ମହାବିଦ୍ୟାଳୟରେ ଆଇଏ ଓ ବିଏ ପଢ଼ିଥିଲେ। ତେଣୁ ନିଜ ଅନୁଷ୍ଠାନର ପୁରୁଣା ଛାତ୍ରୀ ଦେଶର ପ୍ରଥମ ନାଗରିକ ହେବାକୁ ଯାଉଥିବାରୁ ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନେ ଏକାଠି ହୋଇ ଖୁସି ବ୍ୟକ୍ତ କରିଥିଲେ। ଭବିଷ୍ୟତରେ ତାଙ୍କ ପରି ଜଣେ ବଡ଼ ଲୋକ ହେବ ପାଇଁ ଛାତ୍ରୀମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଥିଲେ, ଆମ ଅନୁଷ୍ଠାନର ସେ ପୁରାତନ ଛାତ୍ରୀ ହେଇଥିବାରୁ ଆମେ ଖୁସି ଏବଂ ଗର୍ବିତ ଅନୁଭବ କରୁଛୁ। ଆମ ପିଲାମାନେ ତାଙ୍କୁ ଅନୁସରଣ କରନ୍ତୁ ବୋଲି କୁଳପତି ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଇସ୍ତଫା ଦେବାକୁ ...

ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଉଦ୍ଧବ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶିବସେନା ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ ଉପନୀତ ହୋଇଥିବା ସମୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ବୁଧବାର ସନ୍ଧ୍ୟାରେ ଉଦ୍ଧବଙ୍କୁ ଭେଟିଛନ୍ତି। ପାୱାରଙ୍କ ସହ ତାଙ୍କ ଝିଅ ତଥା ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ଜିତେନ୍ଦ୍ର ଅୱ୍ହଦ ମଧ୍ୟ ଉଦ୍ଧବଙ୍କୁ ସାକ୍ଷାତ କରିବା ପାଇଁ ଦକ୍ଷିଣ ମୁମ୍ବାଇସ୍ଥିତ 'ବର୍ଷା'କୁ ଯାଇଥିଲେ। ତେବେ ଉକ୍ତ ବୈଠକରେ କ'ଣ ଆଲୋଚନା ହୋଇଥିଲା ତାହା ଜଣାପଡ଼ି ନାହିଁ। କିନ୍ତୁ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ବିଦ୍ରୋହୀ ନେତା ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ପାୱାର ଉଦ୍ଧବଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ସିନ୍ଦେଙ୍କ ବିଦ୍ରୋହୀ ଗୋଷ୍ଠୀରେ ୪୬ ବିଧାୟକ ଥିବା ଦାବି କରାଯାଉଥିବାରୁ ଅଢ଼େଇ ବର୍ଷ ପୁରୁଣା ସରକାର ପତନର ଦ୍ୱାରଦେଶରେ ପହଞ୍ଚିଛି। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଶିବସେନାର ୫୫ ବିଧାୟକ ଥିବାରୁ ସେମାନଙ୍କ ମଧ୍ୟରୁ ୪୬ ଜଣ ସିନ୍ଦେଙ୍କ ନେତୃତ୍ୱକୁ ସମର୍ଥନ କରି ଦଳରୁ ଅଲଗା ହେଲେ ସେମାନଙ୍କ ବିରୋଧରେ ଦଳବଦଳ ଆଇନ ଲାଗୁ ହେବ ନାହିଁ। ତେଣୁ ସିନ୍ଦେଙ୍କୁ ଶିବସେନା ବିଧାୟକ ଦଳ ନେତା ପଦରୁ ହଟାଇବାର ଦିନକ ପରେ ଅସନ୍ତୁଷ୍ଟ ବିଦ୍ରୋହୀମାନେ ତାଙ୍କୁ ପୁଣି ଥରେ ନେତା ଚୟନ କରିଛନ୍ତି। ଇତିମଧ୍ୟରେ ସିନ୍ଦେ ୩୪ ବିଧାୟକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ନିକଟକୁ ପଠାଇଛନ୍ତି। କଂଗ୍ରେସ-ଏନ୍‌ସିପିର ଦୁର୍ନୀତି ଯୋଗୁ ସେମାନଙ୍କୁ ଲୋକଙ୍କ ପ୍ରଶ୍ନବାଣର ଶିକାର ଓ ଅପମାନିତ ହେବାକୁ ପଡୁଛି। ତେଣୁ ସେମାନେ ଏପରି ନିଷ୍ପତ୍ତି ନେଇଥିବା ଉକ୍ତ ସମର୍ଥନପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ସିନ୍ଦେଙ୍କୁ ଅନ୍ୟୂନ ୩୭ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଏପରି ହେଲେ ଯାଇ ସେ ଶିବସେନାରେ ବିଭାଜନ ଘଟାଇ ଦଳବଦଳ ନିରୋଧୀ ଆଇନରୁ ବର୍ତ୍ତିପାରିବେ। ଏହା ପୂର୍ବରୁ ଶିବସେନା ମୁଖ୍ୟ ସଚେତକ ସୁନୀଲ ପ୍ରଭୁ ଦଳୀୟ ମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ହ୍ୱିପ୍ ଜାରି କରିଥିଲେ। ବୁଧବାର ଅପରାହ୍ନ ୫ଟା ସୁଦ୍ଧା ମୁମ୍ବାଇରେ ହେବାକୁ ଥିବା ବିଧାୟକ ଦଳ ବୈଠକରେ ଉପସ୍ଥିତ ନ ରହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଏଥିରେ ତାଗିଦ କରିଥିଲେ।

### ହାଇକୋର୍ଟରେ ସମସ୍ତ ...

ମାମଲା ସହିତ ଅନ୍ୟ ସମସ୍ତ ବିଚାରାଧୀନ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଯେହେତୁ ପୂର୍ବରୁ ସୁପ୍ରିମକୋର୍ଟ ମାମଲାକୁ ରଦ୍ଦ କରିସାରିଛନ୍ତି, ତେଣୁ ଆଉ ଶୁଣାଣି କରିବାର ଆବଶ୍ୟକତା ନାହିଁ ବୋଲି ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାୟ ଶୁଣାଇଛନ୍ତି।

ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପକୁ ବିରୋଧକରି ପୁରୀ ବାସିନ୍ଦା ଦିଲୀପ ବରାଳ ପ୍ରଥମେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ପରେ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ମଧ୍ୟ ଏକାଧିକ ଆବେଦନ ହୋଇଥିଲା। ତେବେ ମାମଲାଗୁଡ଼ିକ ହାଇକୋର୍ଟରେ ବିଚାରାଧୀନ ଥିବା ଅବସ୍ଥାରେ ପରିକ୍ରମା ପ୍ରକଳ୍ପ ଅଧୀନ ନିର୍ମାଣକୁ ବିରୋଧ ଏବଂ ବେଆଇନ ନିର୍ମାଣ ବିରୋଧରେ ହାଇକୋର୍ଟ ଗତ ମେ ୯ତାରିଖରେ କୌଣସି ସ୍ଥଗିତାଦେଶ ନ ଦେବା ଘଟଣାରେ ୨୩ ତାରିଖରେ ଅର୍ଦ୍ଧେନ୍ଦୁ ଦାସ ଏବଂ ୨୭ ତାରିଖରେ ସୁମନ୍ତ ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ ଆବେଦନ କରିଥିଲେ। ଏହି ଆବେଦନର ଶୁଣାଣି ଜୁନ୍ ୨ତାରିଖରେ ସୁପ୍ରିମକୋର୍ଟ ବିଚାରପତି ବି.ଆର୍. ଗଭାଇ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ହୋଇଥିଲା। ଏହାର ପରଦିନ ଅର୍ଥାତ ଜୁନ୍ ୩ରେ ଉକ୍ତ ଖଣ୍ଡପୀଠ ଉଭୟ ଆବେଦନକୁ ଖାରଜ କରିବା ସହ ଆବେଦନକାରୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ସ୍କୁଲ ଆସିଥିବା ଦୁଇ ...

ଫୋନ କରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଶୋଇପଡିଥିବାରୁ ଫୋନ୍ ରିସିଭ୍ କରିପାରି ନ ଥିଲେ। ପରେ ମିସ୍ଡକଲ ଦେଖି କଲ୍ କରିବାରୁ କଟକର ଏକ ଅଟୋଚାଳକ ଧରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଅଟୋ ଚାଳକଙ୍କୁ ଉଭୟ ଝିଅଙ୍କ ସମ୍ପର୍କରେ ପଚାରିବାରୁ ସେମାନେ ଅଟୋରେ ଯିବା ଭିତରେ ମୋ ମୋବାଇଲରୁ ଫୋନ କରିଥିଲେ ବୋଲି ଅଟୋଚାଳକ କହିଥିଲେ। ଏହି ଖବରପାଇ ଝିଅଦ୍ୱୟଙ୍କ ପରିବାର ସଦସ୍ୟ କଟକ ରେଳ ଷ୍ଟେଶନରେ ପହଞ୍ଚି ସିସିଟିଭି ଯାଞ୍ଚ କରିବାରେ ଉଭୟ ଛାତ୍ରୀ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ଷ୍ଟେଶନ ନିକଟରେ ଥିଲେ। ପରେ ରାତିରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚି ସିସିଟିଭି ଯାଞ୍ଚ କରିବାରେ ରାତି ୯ଟା ୨୦ ମିନିଟ୍‌ରେ ସେମାନେ ସେଠାରେ ଥିବା ଜଣାପଡିଥିଲା। ପ୍ରକୃତରେ ଏହା ଅପହରଣ କି ଏହା ପଛରେ ଆଉ କିଛି କାରଣ ଅଛି ତାହା ତଦନ୍ତସାପେକ୍ଷ। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ନିଶାନ୍ତ ନାୟକଙ୍କୁ ପଚାରିବାରେ ସେ ଉକ୍ତ ଘଟଣା ସମ୍ପର୍କରେ କିଛି କହିପାରିବେ ନାହିଁ; ଯାହା କିଛି ଥାନା ଅଧିକାରୀ କହିବେ କହି ଏଡାଇ ଯାଇଥିଲେ। ଥାନା ଅଧିକାରୀ ସୁଜିତ କୁମାର ପ୍ରଧାନଙ୍କ ମୋବାଇଲ ନଂ.୯୪୩୭୦୬୯୦୧୭କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ କଲ୍ ଗ୍ରହଣ ନ କରି କାଟି ଦେଇଥିଲେ।

### ଆଫଗାନିସ୍ତାନରେ ଭୂକମ୍ପ...

ଲୋକଙ୍କୁ ଉଦ୍ଧାର ସହ ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉ ଥିବା ଆଫଗାନିସ୍ତାନ ପାଇଁ ଇୟୁର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଟୋମାସ୍ ନିକ୍‌ଲାସନ୍ କହିଛନ୍ତି। ୟୁନିସେଫ୍ ପକ୍ଷରୁ ପ୍ରାୟ ୧୨ ସ୍ୱାସ୍ଥ୍ୟ ଟିମ୍ ଗ୍ୟାନ୍ ଜିଲାରେ ଆହତଙ୍କ ଚିକିତ୍ସା କରୁଛନ୍ତି।

୫.୯ ତୀବ୍ରତାର ଭୂମିକମ୍ପରେ ବଡ଼ ଧରଣର କ୍ଷୟକ୍ଷତି ଘଟିବା ଅସାଧାରଣ ଘଟଣା ବୋଲି ଆମେରିକାର ଭୂକମ୍ପ ବିଜ୍ଞାନୀ ରୋବର୍ଟ ସ୍ୟାଣ୍ଡର୍ସ କହିଛନ୍ତି। ତେବେ ଭୌଗୋଳିକ ସ୍ଥିତି, ଜନସଂଖ୍ୟା, ଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ଦୁର୍ବଳ ମାନ, ଜନସଂଖ୍ୟା ଘନତ୍ୱ ଆଦି କାରଣ ସହ ଭୂକମ୍ପଜନିତ କ୍ଷୟକ୍ଷତି ଜଡ଼ିତ ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୫ରେ ଉତ୍ତରପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ୧୯୯୮ରେ ଭୂକମ୍ପ ଯୋଗୁ ଆଫଗାନିସ୍ତାନରେ ୪,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା।

### ୩ ଇଣ୍ଡିଆନ୍ ରିଜର୍ଭ ...

ବିଭିନ୍ନ ସହାୟକ କାର୍ଯ୍ୟ ପାଇଁ ୪୪ଟି ପଦବୀ ସୃଷ୍ଟି କରାଯାଇଛି, ଯାହାକି ଆଉଟସୋର୍ସିଂ ଜରିଆରେ ପୂରଣ କରାଯିବ। ୩ଟି ବାଟାଲିଅନ ପାଇଁ ୧୩୨ ଆଉଟସୋର୍ସିଂ ପଦବୀ ସୃଷ୍ଟି କରାଯାଇଛି।

### ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଲେ ...

ପଟ୍ଟ ଅର୍ଥାତ୍ କାନଭାସ ଓ ଚିତ୍ରର ଅର୍ଥ ଛବି। ପାରମ୍ପରିକ କପଡ଼ାରେ ହୋଇଥିବା କାରୁକାର୍ଯ୍ୟ ଭରା ପଟ୍ଟଚିତ୍ରର ଉଦ୍ଭବ ଓଡ଼ିଶାରେ ହିଁ ହୋଇଛି। ଉତ୍କଳୀୟ କଳାର ଏକ ଶ୍ରେଷ୍ଠ ପ୍ରତିଫଳନ ଏହି ପଟ୍ଟଚିତ୍ରରେ ପରିଦୃଷ୍ଟ ହୋଇଥାଏ। ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାର କରି ପଟ୍ଟଚିତ୍ର ପ୍ରସ୍ତୁତ କରାଯାଇଥାଏ। ପୋପ୍‌ଙ୍କ ସହ ସାକ୍ଷାତ୍ ବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଭାଟିକାନ ସିଟିରେ ପୋପ୍ ଫ୍ରାନ୍‌ସିସଙ୍କୁ ଭେଟିଛନ୍ତି ନବୀନ । ସାକ୍ଷାତ୍ ଆନନ୍ଦଦାୟକ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

### ଦ୍ରୌପଦୀଙ୍କୁ ସମର୍ଥନ ...

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଭାଜପା ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ କରିପାରିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଯଦି ଓଡ଼ିଶା ପ୍ରତି ଏତେ ଦରଦ ରହିଛି ତେବେ ବାହାର ଲୋକଙ୍କୁ ରାଜ୍ୟ ସଭା ପଠାଇଲେ କେମିତି। ଦ୍ରୌପଦୀ ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ପ୍ରାର୍ଥୀଭାବେ ନିଜର ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ଦ୍ରୌପଦୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ମିଳିଛି। ଏନ୍‌ଡିଏ ପକ୍ଷରୁ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରାଯିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଏଥିରେ ୧୦ରୁ ଅଧିକ ଏନ୍‌ଏସ୍‌ଜି ସହ ସିଆରପିଏଫ୍ କମାଣ୍ଡୋ ରହିଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ବୁଧବାର ସକାଳୁ ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର, ଶିବମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ପ୍ରଥମେ ସେ ପୂର୍ଣ୍ଣନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଓଳ୍ଲାଇଥିଲେ। ଏହା ପରେ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ। ମନ୍ଦିର ଦର୍ଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ ଦ୍ରୌପଦୀଙ୍କ ସହ ଏହି ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଥିଲା। କମାଣ୍ଡୋମାନେ କର୍ଡନ କରି ଦ୍ରୌପଦୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଯାଇଥିଲେ। ଏହି ସୁରକ୍ଷା ବ୍ୟବସ୍ଥା ୨୪ ଘଣ୍ଟିଆ ତାଙ୍କ ସହ ରହିବ। ରାଇରଙ୍ଗପୁରରୁ ଭୁବନେଶ୍ୱର ଓ ପରେ ଦିଲ୍ଲୀ ଯାଏ କମାଣ୍ଡୋମାନେ ତାଙ୍କୁ ସୁରକ୍ଷା ଯୋଗାଇବେ। ଜେଡ୍ ପ୍ଲସ୍ ସୁରକ୍ଷାରେ ୧୦ କମାଣ୍ଡୋଙ୍କୁ ମିଶାଇ ମୋଟ୍ ୧୫୦ ଜଣ ସୁରକ୍ଷାକର୍ମୀ ଥାଆନ୍ତି। ୫ଟି ବୁଲେଟ୍ ପ୍ରୁଫ୍ କାର୍ ବି ସୁରକ୍ଷାରେ ମୁତୟନ ହୋଇଥାଏ।। ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ରାହୁଲ ଗାନ୍ଧୀ, ବ୍ୟବସାୟୀ ମୁକେଶ ଅମ୍ବାନୀ ଭଳି ବ୍ୟକ୍ତି ବିଶେଷଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୈଷୟିକ ସୁଖ, ସମୃଦ୍ଧି ମଧ୍ୟରେ ଆନନ୍ଦ ଅନୁଭବ କରିବେ। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ଘରକୁ ସଜାଡ଼ିବାରେ ବହୁତ ସମୟ ନେଇପାରନ୍ତି। ଧାର କରଜ କରି ଆଜିର ଆବଶ୍ୟକତାକୁ ଚଳାଇ ନେବେ।

**ବୃଷ** ଆପଣଙ୍କ ସକାଶେ ଦିନଟି କେତେକ ଦିଗରୁ ଭଲ ରହିବ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ପରିସ୍ଥିତି ବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯାଇ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କୁ ମନକଥା କହି ପାରିବେ ନାହିଁ। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ଗୋଳମାଳିଆ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ନିଜ ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

**ସିଂହ** କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସମସ୍ୟା ସୁଧାରିବା ସକାଶେ ନିଜକୁ କିଛି କରିବାକୁ ପଡ଼ିବ।

**କନ୍ୟା** କର୍ମକ୍ଷେତ୍ରରେ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡ଼ିପାରେ। ଅପୂରଣୀୟ ଆଶା ଓ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ବକେୟା ଅର୍ଥ ଆଦାୟ କରିବାରେ ଆଜି ହିଁ ସକ୍ଷମ ହେବେ।

**ତୁଳା** ପରିସ୍ଥିତି ଅନୁକୂଳ ନ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ଏହିଭଳି କେତେକ କଥା ଆସିପାରେ, ଯାହାକି ପଣା ବୋଲି ପିଇ ପାରିବେ ନାହିଁ କିମ୍ବା ପାଣି ବୋଲି ଫିଙ୍ଗି ପାରୁ ନ ଥିବେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**ବିଛା** ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡ଼ିବାକୁ ଯାଇ ଅସ୍ଥିରତା ଲାଗିରହିବ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ। ଆନୁଷ୍ଠାନିକ ଛୋଟ ଛୋଟ କାମରେ ସମାଲୋଚିତ ହେବେ।

**ଧନୁ** କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁ ତେଣୁ ଗୁଡ଼ାଏ ଚିନ୍ତାକରି ବିବ୍ରତ ହୁଅନ୍ତୁ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ୍ୟ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଗଲେ ସମସ୍ୟା ଆସିପାରେ। ଆତ୍ମୀୟମାନେ ପୂର୍ଣ୍ଣ ସହଯୋଗ ପ୍ରଦାନ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆକସ୍ମିକଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମୀନ** ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବା ସକାଶେ ପଦକ୍ଷେପ ନେବେ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ମ ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।


## classifieds Everyday
0674-2580101, 2549302

**real estate**

**SALE**

କଟକରୁ 10K.M. ଦୂର ମଙ୍ଗୁଳି ପାଖ NHରୁ 1.5 K.M. ଦୂରରେ yellowzone plot sqft.-300/-ରେ ମିଳୁଛି। 9692213354.
D-73923

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421.
D-718

ପୁରୀ ବାଇପାସ୍ କେଶୁରା ପାଖ ମେହେରପଲ୍ଲୀ ମୌଜାରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354.
D-73924

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.**
D-770

ପୁରୀ ସାକ୍ଷୀଗୋପାଳ NHରୁ 2.5 K.M. ଦୂରରେ Black Top roadକୁ ଲାଗି sqft. 270/-ରେ commercial plot ମିଳୁଛି। 9692213354.
D-73922

**to-let**

2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695.
D-73618

**healthcare**

Newly open full body massage ladies and gents. 8327740003, 8093860513.
D-73921

**Relax, refresh your body, mind at Saikrupa Spa with best therapies. 8984068077.**
D-805

Mesmerizing, energetic body, mind qualitative relaxing massage experienced therapists. 9668374480.
D-73610

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473.
D-73825

Newly open SPA offer @799/-, positively health benefits, Kalpana. 7846814019.
D-73619

Newly open SPA positively health benefit with expert. Contact: 7749976301.
D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233.
D-73828

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ସୀମାନ୍ତରେ ପୋଲିସ ଗୁଳିରେ ମାଓବାଦୀ ମୃତ**

**ମାଲକାନଗିରି,(ଡି.ଏନ.ଏ.):** ମାଲକାନଗିର ଜିଲା ସୀମାନ୍ତ ଛତିଶଗଡର ବିଜାପୁର ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିନାହିଁ। ଖବରରୁ ଜଣାପଡିଛି, ବିଜାପୁର ଜିଲାର କୁଡନେର ଗ୍ରାମ ନିକଟରେ ବୁଧବାର ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଏହି ସମୟରେ ଭୈରମଗଡ ଏରିଆ କମିଟି ମାଓବାଦୀମାନେ କୁଡନେର ଗ୍ରାମ ନିକଟସ୍ଥ ଜଙ୍ଗଲରେ କ୍ୟାମ୍ପ କରିଥିବା ଖବର ମିଳିଥିଲା। ତୁରନ୍ତ ଜିଲା ପୋଲିସ ଏବଂ ଡିଆର୍‌ଜି ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରି ଦେଇଥିଲେ। ଜଙ୍ଗଲରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ଯବାନମାନେ ମଧ ଏହାର ପାଲଟା ଜବାବ ଦେଇଥିଲେ। ପରେ ଘଟଣାସ୍ଥଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା।

# ଗର୍ବ ଆଣିଲେ ଦ୍ରୌପଦୀ ମୁର୍ମୁ

**ବାରିପଦା ଅଫିସ/ରାଇରଙ୍ଗପୁର,୨୨।୬(ଡି.ଏନ.ଏ.):** ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ମୟୂରଭଞ୍ଜ ଜିଲାବାସୀ ଗର୍ବ ଓ ଆନନ୍ଦରେ ଫାଟି ପଡୁଛନ୍ତି। ଜିଲାର କୋଣ ଅନୁକୋଣରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଜଣେ ଓଡ଼ିଆ ଝିଅଙ୍କୁ ରାଷ୍ଟ୍ରପତି ଭାବେ ଦେଖିବା ପାଇଁ ସମସ୍ତେ ଉତ୍ସୁକତାର ସହ ଚାହିଁ ରହିଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ତାଙ୍କର ବିଜୟ ପାଇଁ ଶୁଭେଚ୍ଛୁ ଓ ସମର୍ଥକମାନେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି।

## ବାସଭବନରେ ଜମିଲା ଭିଡ଼

ଓଡ଼ିଶାର ସର୍ବବୃହତ୍ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁରସ୍ଥିତ ବାସଭବନରେ ଭିଡ଼ ଜମିଥିଲା। ମଙ୍ଗଳବାର ରାତିରୁ ବୁଧବାର ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଶୁଭେଚ୍ଛୁମାନେ ତାଙ୍କ ଘରକୁ ଆସି ଅଭିନନ୍ଦନ ଓ ସ୍ୱାଗତ ଜଣାଇଥିଲେ। ଓଡିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡର ଅନେକ ଶୁଭେଚ୍ଛୁ, ବନ୍ଧୁ ପରିଜନ, ସାଙ୍ଗସାଥୀ ଓ ଆତ୍ମୀୟମାନେ ଜଣକ ପରେ ଜଣେ ସାକ୍ଷାତ କରି ଶୁଭକାମନା ଜଣାଇଥିଲେ।



## ମିଠାକଥାରେ ନିଜର କରନ୍ତି

ସାହିପଡ଼ିଶା ଲୋକଙ୍କ ସହ ମିଳାମିଶା କରିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଗର୍ବ ଅହଙ୍କାର ଛାଡ଼ି ଜଣେ ସାଧାରଣ ମହିଳା ଭାବେ ନିଜକୁ ପରିଚୟ ଦେଇଥାନ୍ତି। ମିଠାକଥାରେ ସମସ୍ତଙ୍କୁ ନିଜର କରିଥାନ୍ତି।

## ମିଳିଲା ଜେଡ୍ ପ୍ଲସ୍ ସୁରକ୍ଷା



ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ଦ୍ରୌପଦୀ ମୁର୍ମୁଙ୍କୁ ଜେଡ୍ ପ୍ଲସ ସୁରକ୍ଷା ଯୋଗାଇ ଦିଆଯାଇଛି। ସୁରକ୍ଷା ଦାୟିତ୍ୱରେ ୧୦ଜଣ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ସମେତ ୧୫୦ ଅଧିକାରୀ ରହିଛନ୍ତି। ଏହା ସହିତ ୫ଟି ବୁଲେଟ ପ୍ରୁଫ୍ କାର୍ ଦିଆଯାଇଥିବା ବେଳେ ତାଙ୍କୁ ୨୪ଘଣ୍ଟିଆ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ତାଙ୍କ ବାସଭବନଠାରୁ ଆରମ୍ଭ କରି ଭୁବନେଶ୍ୱର ଓ ଦିଲ୍ଲୀ ଗସ୍ତ ପର୍ଯ୍ୟନ୍ତ ଏହି ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

## ଶାକାହାରୀ ଦ୍ରୌପଦୀ

ଶାକାହାରୀ ଭାବେ ନିଜର ଖାଦ୍ୟପେୟ ପ୍ରତି ସେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଦୁଇଓଳି ରୁଟି ସହିତ ମଧ୍ୟାହ୍ନଭୋଜନରେ ଅଳ୍ପ ଭାତ ସହ ଡାଲମା, ଶାଗଭଜା ତାଙ୍କର ଅତି ପ୍ରିୟ ଖାଦ୍ୟ। ରାତିରେ ଶୋଇବା ପୂର୍ବରୁ କ୍ଷୀର ପିଇବାକୁ ପସନ୍ଦ କରିଥାନ୍ତି। ସ୍ୱଦେଶୀ ଖାଦ୍ୟ ପ୍ରତି ଆଗ୍ରହ ରହିଥିବା ବେଳେ ସ୍ୱଳ୍ପାହାରରେ ତାଙ୍କ ଦିନ କଟିଥାଏ।

## ଗୋସେବାରେ ରୁଚି

ଅବସର ସମୟରେ ଦ୍ରୌପଦୀ ମୁର୍ମୁ ଘରେ ଥିବା ଗୋରୁଙ୍କ ସେବା ଯତ୍ନ କରିଥାନ୍ତି। ସେମାନଙ୍କ ଖାଇବା ପିଇବା ବୁଝିବା ସହ ଉତ୍ତମ ପରିବେଶରେ ରଖିବାରେ ଗୁରୁତ୍ୱ ଦେଇଥାନ୍ତି।

## ମନ୍ଦିରରେ ଝାଡୁ ମାରିଲେ



ବୁଧବାର ସକାଳୁ ଦ୍ରୌପଦୀ ମୁର୍ମୁ ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ଝାଡୁ ଧରି ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ କରିଥିଲେ। ସ୍ଥାନୀୟ ଶିବ ମନ୍ଦିର, ହନୁମାନ ମନ୍ଦିର ଓ ଜଗନ୍ନାଥ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଆଦିବାସୀମାନଙ୍କ ପୂଜାସ୍ଥଳ ଜାହିରାକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଅଞ୍ଚଳର ମହିଳା ଓ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ କିଛି ସମୟ ଅତିବାହିତ କରିଥିଲେ।

# ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା

**ଅଭିନେତ୍ରୀ ରଶ୍ମିରେଖାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

- କାରଣକୁ ନେଇ ପୋଲିସର ଖୋଳତାଡ଼
- ଦୁଇ ପୁରୁଷ ବନ୍ଧୁଙ୍କ ଜେରାରୁ ମିଳିପାରେ ମୃତ୍ୟୁ ପଛର ରହସ୍ୟ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ରହସ୍ୟଜନକ ମୃତ୍ୟୁ ଉପରୁ ୫ଦିନ ପରେ କିଛିଟା ପରଦା ଉଠିଛି। ବ୍ୟବଚ୍ଛେଦ ରିପୋର୍ଟରୁ ରଶ୍ମିରେଖା ଆତ୍ମହତ୍ୟା କରିଥିବା କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଝୁଲନ୍ତା ଅବସ୍ଥାରେ ହିଁ ରଶ୍ମିରେଖାଙ୍କର ଜୀବନ ଯାଇଛି। ତାଙ୍କ ଶରୀରରେ ବାହ୍ୟ ଓ ଆଭ୍ୟନ୍ତରୀଣ କ୍ଷତ ନାହିଁ। ମୃତଦେହ ବ୍ୟବଚ୍ଛେଦ ହେବାର ୨୪ରୁ ୩୬ ଘଣ୍ଟା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ରଶ୍ମିରେଖା ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବାବେଳେ ଏହା ପଛର କାରଣ କ'ଣ ଜାଣିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି। ତାଙ୍କ ଜୀବନରେ ଘଟିଥିବା କିଛି ଘଟଣା ସମ୍ପର୍କରେ କେତେକ ତଥ୍ୟ ପୋଲିସର ହସ୍ତଗତ ହୋଇଛି, ଯେଉଁଥିପାଇଁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏଣିକି ତଦନ୍ତର ଫୋକସ୍ ତାହା ଉପରେ ରହିବ ବୋଲି ଜଣାପଡିଛି। ରଶ୍ମିରେଖା ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ୨ ମାସ ହେବ ନୟାପଲ୍ଲୀ ଅଞ୍ଚଳରେ ରହୁଥିଲେ। ଏହା ଭିତରେ ଦ୍ୱିତୀୟ ପୁରୁଷ ବନ୍ଧୁ ରାଜାଙ୍କ ସହ ସମ୍ପର୍କକୁ ନେଇ ଏକ ଅଡ଼ିଓ ଭାଇରାଲ ହେଉଛି। ସେଥିରେ ରଶ୍ମିରେଖାଙ୍କ ସହ ସନ୍ତୋଷ ଫୋନ୍‌ରେ କଥା ହେବାବେଳେ ରାଜାଙ୍କ ସମ୍ପର୍କ କଥା ଉଠୁଛି। ଏପଟେ ରାଜାଙ୍କ ସହ ସମ୍ପର୍କକୁ ନେଇ ସନ୍ତୋଷ ସନ୍ଦେହ କରୁଥିଲେ ବୋଲି ରଶ୍ମିରେଖାଙ୍କ ମା' ରଞ୍ଜିତା କହିଛନ୍ତି। ତେଣୁ ଆତ୍ମହତ୍ୟାର କାରଣ ସମ୍ପର୍କରେ ସ୍ପଷ୍ଟ ହେବା ଲାଗି ପୋଲିସ ରଶ୍ମିରେଖାଙ୍କ ୨ ପୁରୁଷ ବନ୍ଧୁଙ୍କୁ ଜେରା କରିବାକୁ ଥାନାକୁ ଡ଼କାଇଛି। ଜେରାପରେ ଆଉ କିଛି ଅଛପା କଥା ସାମ୍ନାକୁ ଆସିବ ବୋଲି କମିଶନରେଟ ପୋଲିସ ଆଶା ରଖିଛି।

ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ସେ ୨ ମାସ ହେବ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବେଲୁନ ଆଣିବାକୁ ଯାଇ ଗାଡ଼ିଆରେ ବୁଡ଼ିଗଲେ ଶିଶୁ

**ଭୁବନ, ୨୨।୬(ଡି.ଏନ୍.ଏ.):** ଖେଳୁଥିବାବେଳେ ହାତରୁ ଖସିଯାଇ ଗାଡ଼ିଆରେ ପଡ଼ିଗଲା ବେଲୁନ୍। ଏହାକୁ ଧରିବାକୁ ପଛରେ ଗୋଡ଼ାଇଥିବା ଜଣେ ୩ବର୍ଷର ଶିଶୁ ଉକ୍ତ ଗାଡ଼ିଆରେ ପଶିଗଲେ। ଫଳରେ କ୍ଷଣିକ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ଜୀବନ। ଢେଙ୍କାନାଳ ଜିଲା ଭୁବନ ଥାନା ଦୟଣାବିଲ ପଞ୍ଚାୟତ ମଠ ନୂଆଗାଁ କେନାଲ ତଳଗାଡ଼ିଆରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା, ଯାହା ସମଗ୍ର ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତକ ହେଲେ କୁଲୁ ସାହୁଙ୍କ ସାନପୁଅ ଶୁଭଙ୍କର। ପରିବାର ଲୋକଙ୍କ କହିବା କଥା, ଶୁଭଙ୍କର ଏକ ବେଲୁନ୍ ଧରି ଘର ବାହାରେ ଖେଳୁଥିଲେ। ବେଲୁନ୍‌ଟି ହାତରୁ ଖସିଯାଇ ନିକଟରେ ଥିବା କେନାଲ ଗାଡ଼ିଆରେ ପଶିଯାଇଥିଲା। ବେଲୁନ୍‌ଟିକୁ ଧରିବାକୁ ଯାଇ ଶୁଭଙ୍କର ପାଣି ଭିତରକୁ ଖସିପଡ଼ିଥିଲେ। ଖୋଜାଖୋଜି କରିବା ପରେ ଶୁଭଙ୍କରଙ୍କୁ ପରିବାର ଲୋକେ ଠାବ କରିଥିଲେ। ତାଙ୍କୁ ତୁରନ୍ତ ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପୂର୍ବତନ ମୁଖ୍ୟ କିରାଣିଙ୍କୁ ବାନ୍ଧିଲା ଭିଜିଲାନ୍ସ

**ଯାଜପୁର ତହସିଲର ୪ କୋଟି ୯୫ ଲକ୍ଷ ଟଙ୍କା ଦୁର୍ନୀତି ମାମଲା**

**ଯାଜପୁର ଟାଉନ/ବିଞ୍ଝାରପୁର, ୨୨।୬(ଡି.ଏନ.ଏ.)**

ଯାଜପୁର ତହସିଲରେ ୪ କୋଟି ୯୫ ଲକ୍ଷ ଟଙ୍କା ଦୁର୍ନୀତି ଘଟଣାରେ ଯାଜପୁର ଭିଜିଲାନ୍ସ ଦ୍ୱାରା ପୂର୍ବତନ ମୁଖ୍ୟକିରାଣି ଅଜୟ କୁମାର ସାହୁ ବୁଧବାର ବନ୍ଧା ହୋଇଛନ୍ତି। ସାହୁ ଏବେ ବିଞ୍ଝାରପୁର ତହସିଲରେ ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ସେ ତହସିଲରେ କାର୍ଯ୍ୟ କରୁଥିଲାବେଳେ ଭିଜିଲାନ୍ସ ଅଧିକାରୀ ପହଞ୍ଚି ତାଙ୍କୁ ଗାଡ଼ିରେ ନେଇ ଯାଇଥିଲେ। ପୂର୍ବରୁ ସେ ପାଖାପାଖି ୧୦ ବର୍ଷ ଯାଜପୁର ତହସିଲରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରୁଥିଲେ। ତେବେ ଅର୍ଥହଡ଼ପରେ ସାହୁଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି।



ଅଜୟ କୁମାର ସାହୁ

ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ନାଜିର ରଜତ କୁମାର ରାଉତରାୟଙ୍କୁ ଗତ ୭ ତାରିଖରେ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ରଜତ ୬ବର୍ଷ ହେଲା ଫେରାର ଥିଲେ। ସେ ମୋବାଇଲ ନମ୍ବର ବଦଳାଇବା ସହ ନାମ ପରିବର୍ତ୍ତନ କରି ରଜତ ମହାପାତ୍ର ନାମରେ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ କଟକ ସିଡିଏରେ ଆତ୍ମଗୋପନ କରିଥିଲେ। ଭିଜିଲାନ୍ସ ଟିମ୍ ବାରମ୍ବାର ଉଦ୍ୟମ କରି ମଧ ରଜତଙ୍କ ପତ୍ତା ପାଉ ନ ଥିଲା। ଫଳରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଭୋର ସମୟରେ ରଜତ ରହୁଥିବା ଭଡ଼ାଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାତ୍ର ଅନ୍ଧାର ସୁଯୋଗରେ ସେ ଖସିଯିବାକୁ ବସିଥିବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୬ରୁ ୨୦୧୬ ମଧ୍ୟରେ ଯାଜପୁର ତହସିଲରେ ବିଭିନ୍ନ ବିଭାଗରୁ ଆଦାୟ ହୋଇଥିବା ରାଜସ୍ୱରୁ ଉପରୋକ୍ତ ଟଙ୍କା ହଡ଼ପ ହୋଇଥିଲା। ଏହି ମାମଲାରେ ଯାଜପୁର ତହସିଲର ୩ଜଣ ପୂର୍ବତନ ତହସିଲଦାର ଲକ୍ଷ୍ମୀକାନ୍ତ ମିଶ୍ର, ଗୌରହରି ବେହେରା, ମମତା ବାରିକ ଏବଂ ଅନ୍ୟମାନେ ସମ୍ପୃକ୍ତ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏନେଇ ଭିଜିଲାନ୍ସରେ ନଂ.୭/୨୧ରେ ମାମଲା ଚାଲୁ ରହିଛି।

କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ସଭାପତି ନିର୍ବାଚନରେ ପଞ୍ଚମଥର ପାଇଁ ବରିଷ୍ଠ କୃଷକ ନେତା, ରାଜନେତା ତଥା ସମବାୟବିତ୍
**ପ୍ରମୋଦ ସାହୁ**
ବିଜୟୀ ହୋଇଥିବାରୁ ଶୁଭେଚ୍ଛା ଜଣାଉଛି ।



**ଅମରେଶ ମେକାପ, ଇଚ୍ଛାପୁର, କେନ୍ଦ୍ରାପଡ଼ା**

# ଜଳିଗଲା ମାଛ ବୋଝେଇ ଟ୍ରକ୍

**ଖଲ୍ଲିକୋଟ,୨୨।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ହରିଡ଼ାମୂଳ ବ୍ରିଜ ନିକଟରେ ବୁଧବାର ସକାଳେ ଆନ୍ଧ୍ରରୁ କଲିକତା ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ ଟ୍ରକ୍ (ନଂ. ଏପି ୩୭ ୱାଇ ୩୦୬୯) ବ୍ରିଜରୁ ଖସି ଜଳିଯାଇଛି। ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଗାଡ଼ିରୁ ଡେଇଁ ପଡ଼ିଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଆନ୍ଧ୍ରରୁ କଲିକତା ଯାଉଥିବା ଟ୍ରକ୍‌ଟି ବ୍ରେକ୍‌ଫେଲ ହୋଇଯିବାରୁ ବ୍ରିଜ ତଳକୁ ଖସି ଯାଇଥିଲା। ଫଳରେ କୌଣସି କାରଣରୁ ସେଥିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଏନ୍‌ଏଚ୍‌ରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ମୃତ୍ୟୁଞ୍ଜୟ ତ୍ରିପାଠୀ ଏବଂ ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଘଟଣା ସ୍ଥଳରେ ପୋଲିସ ମୁତୟନ ଅଛନ୍ତି। ପରବର୍ତ୍ତୀ ସମୟରେ ବଳକା ମାଛକୁ ଅନ୍ୟ ଗାଡ଼ିରେ ବାହାରକୁ ପଠାଯାଇଥିଲା।



ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ କର୍ମଚାରୀ।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

# ଆଣବିକ ନିରସ୍ତ୍ରୀକରଣ ଚିନ୍ତା



ଆଲେକ୍‌ଜାଣ୍ଡର ସ୍କାଲେନବର୍ଗ
ଫେଡେରାଲ ମିନିଷ୍ଟର, ୟୁରୋପିଆନ ଆଣ୍ଡ୍ ଇଣ୍ଟରନ୍ୟାଶନାଲ ଆଫେୟାର୍ସ (ଅଷ୍ଟ୍ରିଆ)



ଫିଲ ଟ୍ୱିଫୋର୍ଡ
ମିନିଷ୍ଟର, ଡିସ୍‌ଆର୍ମାମେଣ୍ଟ ଆଣ୍ଡ୍ ଆର୍ମସ୍ କଣ୍ଟ୍ରୋଲ (ନ୍ୟୁଜିଲାଣ୍ଡ)

ଅଷ୍ଟ୍ରିଆ ଏବଂ ନ୍ୟୁଜିଲାଣ୍ଡ ଭୌଗୋଳିକ ଦୃଷ୍ଟିକୋଣରୁ ଭିନ୍ନ ହୋଇ ପାରନ୍ତି, ହେଲେ ସିଦ୍ଧାନ୍ତ ଓ ଭାଗୀଦାରି ମୂଲ୍ୟବୋଧ କ୍ଷେତ୍ରରେ ଆମ ମଧ୍ୟରେ ସମ୍ପର୍କ ରହିଛି। ଆଣବିକ ଅସ୍ତ୍ରଶସ୍ତ୍ରକୁ ଦୀର୍ଘଦିନଧରି ବିରୋଧ କରିବା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଆବଶ୍ୟକ ପ୍ରକ୍ରିୟାର ଅଭାବ ସମ୍ପର୍କରେ ଆମ ଉଭୟଙ୍କ ଯେଉଁ ବିଚାର ରହିଛି ତା'ର ଏବେ ପ୍ରାସଙ୍ଗିକତା ରହିଛି। ଶୀତଳ ଯୁଦ୍ଧ ଶେଷ ହେବା ପରେ ବିଶ୍ୱରୁ ଆଣବିକ ଅସ୍ତ୍ର ଭୟ ସମ୍ପୂର୍ଣ୍ଣ ଦୂର ହୋଇ ନାହିଁ। ତେବେ ୧୯୯୦ ଦଶକର ପ୍ରାରମ୍ଭରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବା ପ୍ରକ୍ରିୟାରେ ତୀବ୍ର ହ୍ରାସ ଘଟିବା ଦ୍ୱାରା କିଛି ଭୟ କମିଥିଲା। କିନ୍ତୁ ଯେଉଁ ଧାରାରେ ଗଚ୍ଛିତ ପ୍ରକ୍ରିୟାରେ ହ୍ରାସ ହେଉଥିଲା ତାହା ବନ୍ଦ ହୋଇଗଲା। ଏହା ମଧ୍ୟରେ ତିନି ଦଶନ୍ଧି ବିତିଗଲାଣି। ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ନିକଟରେ ପ୍ରାୟ ୧୩,୦୦୦ ଆଣବିକ ବୋମା ରହିଛି। ଏହି ଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରିବା ବଦଳରେ ଆଣବିକ ଅସ୍ତ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରିବାରେ ଲିପ୍ତ ରହୁଛନ୍ତି। ଫଳରେ ଆଣବିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ହେଉଛି। ଏହାର ଭୁଲ୍ ମୂଲ୍ୟାୟନ କରାଯିବା ଯୋଗୁ ଦୁର୍ଘଟଣା ମଧ୍ୟ ବଢୁଛି। ଏପରି କି ଆଣବିକ ଅସ୍ତ୍ରଶସ୍ତ୍ରସବୁ ବ୍ୟବହାର କଲେ ଏହାର ପ୍ରଳୟଙ୍କରୀ ପରିଣାମଗୁଡ଼ିକ କ'ଣ ହେବ ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ଥାଇ ମଧ୍ୟ ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦେଉନାହୁଁ। ତେବେ ଆଣବିକ ଭୟାବହତାକୁ ନେଇ ଏବେ ପୁଣି ଉଙ୍କି ମାରିଥିବା ଏକ ସକାରାତ୍ମକ ମନୋଭାବ ଦେଖିବାକୁ ପାଇଛୁ। ସାମ୍ପ୍ରତିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଚଳିତ ବର୍ଷ ଜାନୁୟାରୀ ପ୍ରାରମ୍ଭରେ ୫ଟି ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ଆଗକୁ ଆସିଥିଲେ। ୧୯୮୫ରେ ଜାତିସଂଘ ସୁରକ୍ଷା ପରିଷଦରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ଏବଂ ରୁଷିଆର ପୂର୍ବତନ ରାଷ୍ଟ୍ରପତି ମିଖାଇଲ ଗୋର୍ବୋଚୋଭଙ୍କ ବକ୍ତବ୍ୟ -'ଏକ ଆଣବିକ ଯୁଦ୍ଧରେ ବିଜୟ ହାସଲ ହୋଇପାରିବ ନାହିଁ ଏବଂ ଏହି ଯୁଦ୍ଧ କେବେ ବି ହେବା ଉଚିତ ନୁହେଁ'କୁ ସେମାନେ ପନର୍ବାର ସ୍ୱୀକାର କରିଥିଲେ। ଏହା ସତ୍ତ୍ୱେ ତା'ପର ମାସରେ, ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସରକାର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆଣବିକ ଅସ୍ତ୍ର ପ୍ରୟୋଗ କରିବାକୁ ଧମକ ଦେଇଥିଲା। ରୁଷିଆର ଏଭଳି ଧମକ ଦ୍ୱାରା ଆଣବିକ ନିବାରଣ ବା ନିରସ୍ତ୍ରୀକରଣର ମହତ୍ତ୍ୱକୁ ନେଇ ବିଶ୍ୱ ସ୍ତରରେ ଏକ ନୂଆ ବିତର୍କ ଆରମ୍ଭ ହୋଇଯାଇଛି। ଆଣବିକ ଅସ୍ତ୍ରଶସ୍ତ୍ର ଶୂନ୍ୟ ବିଶ୍ୱ ହାସଲ କରିବାର ଏକ ସମ୍ମିଳିତ ଲକ୍ଷ୍ୟ ରଖିଥିବା ଏବଂ ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶଗୁଡ଼ିକ ମଧ୍ୟରେ ମତଭେଦ ଖୋଲାଖୋଲି ଭାବେ ପ୍ରକାଶ ପାଇଛି। ଏହି ମତଭେଦ ମଧ୍ୟ ଆଣବିକ ଅପ୍ରସାର ଚୁକ୍ତି (ଏନ୍‌ପିଟି)ରେ ସ୍ପଷ୍ଟ ହୋଇଛି। ଆଣବିକ ଅସ୍ତ୍ରଶସ୍ତ୍ରର ଭୟାବହତାକୁ ରୋକିବା ଲାଗି ଆଣବିକ ଅସ୍ତ୍ର ସମ୍ପନ୍ନ ଚାଇନା, ଫ୍ରାନ୍ସ, ରୁଷିଆ, ଇଂଲଣ୍ଡ , ଆମେରିକା ଏବଂ ଆଣବିକ ଅସ୍ତ୍ର ଶୂନ୍ୟ ଅଷ୍ଟ୍ରିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶଗୁଡ଼ିକୁ ନେଇ ଏନ୍‌ପିଟି ୫୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଆରମ୍ଭ କରାଯାଇଥିଲା।

ଏନ୍‌ପିଟି ଚୁକ୍ତିଭୁକ୍ତ ଦେଶଗୁଡ଼ିକ ସ୍ୱୀକାର କରିଥିଲେ ଯେ, ଏହି ଚୁକ୍ତି ଅସ୍ତ୍ରଶସ୍ତ୍ର ପ୍ରସାରକୁ ରୋକିବାର ଏକ ପ୍ରଭାବୀ ମାଧ୍ୟମ। କିନ୍ତୁ ନିକଟ ଦଶନ୍ଧିଗୁଡ଼ିକରେ ଆଣବିକ ଅସ୍ତ୍ରଜନିତ ବିପଦ ବୃଦ୍ଧି ପାଇଛି ଏବଂ ନିରସ୍ତ୍ରୀକରଣ ଚୁକ୍ତିରେ ଅଗ୍ରଗତି ବନ୍ଦ ହୋଇଯାଇଛି। ବିନାଶର ଦ୍ୱାରା ଦେଶକୁ ଆଣିଥିବା 'କ୍ୟୁବାନ୍ ମିଶାଇଲ କ୍ରାଇସିସ୍'ର ୬୦ ବର୍ଷ ପରେ ଆମେ ପୁନର୍ବାର ଆଣବିକ ପ୍ରସାର ଜନିତ ବିପଦକୁ ସାମ୍ନା କରିବା ଦେଖିପାରୁଛୁ। ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରିଆ ଆକାର ଭଳି ଦେଶଗୁଡ଼ିକ ଅନ୍ୟମାନଙ୍କୁ ଆମ ଇଚ୍ଛାକୁ ମାନିବା ପାଇଁ ଚାପ ପ୍ରୟୋଗ କରିପାରିବେ ନାହିଁ। କିନ୍ତୁ ଯେତେବେଳେ ଢାଞ୍ଚାଗତ ପରିବର୍ତ୍ତନ ବିଷୟ ବିଶେଷକରି ସମାନ ବିଚାରଧାରାର ଭାଗୀଦାରିଙ୍କ ସହ ଏକାଠି କାମ କରିବା କଥା ଉଠେ ସେତେବେଳେ ଆମେ କେବେ ବି ଶକ୍ତିହୀନ ମନେକରୁନାହୁଁ। ଜୁଲାଇ ୨୦୧୭ରେ, ଆଣବିକ ନିରସ୍ତ୍ରୀକରଣ ଉପରେ ଏକ ନୂଆ ଚୁକ୍ତି ( ଟିପିଏନ୍‌ଡବ୍ଲ୍ୟୁ) କରାଯିବାବେଳେ ୧୨୦ରୁ ଊର୍ଦ୍ଧ୍ୱ ଦେଶ ମଧ୍ୟରେ ଆମେ ରହିଥିଲୁ। ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ନେଇ ଆମ ପ୍ରତିରୋଧକୁ ଏହି ନୂଆ ଚୁକ୍ତି ନିଶ୍ଚିତ କରିଛି। ଏନ୍‌ପିଟିର ଅନୁରୂପ , ଆଣବିକ ନିରସ୍ତ୍ରୀକରଣ ପ୍ରତି ଆମ ପ୍ରତିବଦ୍ଧତାର ଏହା ଏକ ବ୍ୟବହାରିକ ଅଭିବ୍ୟକ୍ତି। ଆଣବିକ କ୍ଷେତ୍ରରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରୁଥିବା ଅଥରିଟିମାନଙ୍କୁ ସମସ୍ୟା ସମାଧାନ କରିବା ଲାଗି ନୂଆ ଚୁକ୍ତି କହିଛି। ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିଆଯାଉଥିବା ଏକ ପଦକ୍ଷେପ, ଯାହା ସେହି ଦେଶ ଓ ଅନ୍ୟ ଦେଶର ଲୋକମାନଙ୍କ ଉପରେ ଏବଂ ଏବେ ମାନବତା ଉପରେ ଯେଉଁ ବିପଦ ସୃଷ୍ଟି କରୁଛି , ତାହାର ସ୍ଥାୟିତ୍ୱ ସମ୍ପର୍କରେ ସେମାନେ ବିଚାର କରିବା ଦରକାର। ସୁରକ୍ଷା ପାଇଁ ଆଣବିକ ନିରସ୍ତ୍ରୀକରଣକୁ ଏକ ଉପଯୁକ୍ତ ଆଧାର ଭାବେ ଗ୍ରହଣ କରୁ ନ ଥିବା ଅଧିକାଂଶ ଦେଶ ସମ୍ମୁଖରେ ଏହି ଚୁକ୍ତି ମଧ୍ୟ ତା' ବିଚାରକୁ ପ୍ରକାଶ କରିଛି। ତେବେ ଅସ୍ତ୍ରଶସ୍ତ୍ର ଆମକୁ ସୁରକ୍ଷା ଦେବ ବୋଲି ଯେଉଁ ବିଶ୍ୱାସ ଅଛି ତାହା ଏକ ମୌଳିକ ତ୍ରୁଟି ବୋଲି ଆମର ହୃଦ୍‌ବୋଧ ହୋଇଛି। ବାସ୍ତବରେ, ସେସବୁ ଆମ ସମସ୍ତଙ୍କ ତଥା ଆଗାମୀ ପିଢ଼ି ଉପରେ ବଡ଼ ବିପଦ ସୃଷ୍ଟି କରୁଛି। ଟିପିଏନ୍‌ଡବ୍ଲ୍ୟୁ ସାର୍ବଜନୀନ ବିତର୍କ ପ୍ରତି ଧ୍ୟାନଦେବା ସହ ଆଣବିକ ଅସ୍ତ୍ରଶସ୍ତ୍ର ପ୍ରୟୋଗ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକ , ବିଶେଷକରି ପ୍ରଶାନ୍ତମହାସାଗରୀୟ ଦ୍ୱୀପ ଦେଶ ସମୂହକୁ ସଂସାଧନ ପହଞ୍ଚାଇବାର ମଧ୍ୟ ଏକ ମାଧ୍ୟମ। ଏବେ ପ୍ରକାଶ ପାଉଥିବା ଆଣବିକ ଅସ୍ତ୍ରଜନିତ ବିପଦ ଏବଂ ମାନବୀୟ ପରିଣାମ ଉପରେ ନଜର ରଖିବାକୁ ଟିପିଏନ୍‌ଡବ୍ଲ୍ୟୁର କ୍ଷମତା ରହିଛି। ଟିପିଏନ୍‌ଡବ୍ଲ୍ୟୁର ପ୍ରଥମ ବୈଠକ ଅଷ୍ଟ୍ରିଆର ଭିଏନାରେ ଏବେ ଚାଲିଛି। ଏହା ଜୁନ୍ ୨୩ ଯାଏ ଅନୁଷ୍ଠିତ ହେବ। ଟିପିଏନ୍‌ଡବ୍ଲ୍ୟୁରେ ଥିବା ଦେଶଗୁଡ଼ିକ ଏଥିରେ ଭାଗ ନେଇଚନ୍ତି। ଆଣବିକ ନିରସ୍ତ୍ରୀକରଣ ପାଇଁ ବହୁତ କିଛି କରିବାକୁ ବାକି ରହିଛି ବୋଲି ଆମେ ଜାଣିଛେ। ଏଣୁ ଏହି ବୈଠକ ଏକ ବଡ଼ ସଫଳତା ବୋଲି ସ୍ୱୀକାର କରିବା ଉଚିତ।




ତେବେ ବହୁ ଆଣବିକ ସମ୍ପନ୍ନ ଏବଂ ଅନ୍ୟ ଆଣବିକ ଅସ୍ତ୍ର ଶୂନ୍ୟ ଦେଶ ଏହି ବୈଠକରେ ଭାଗ ନେଇଛନ୍ତି। ସେମାନଙ୍କୁ ଆମେ ସ୍ୱାଗତ କରୁଛୁ। ଏପରି କି ସୁରକ୍ଷା ପାଇଁ ଆଣବିକ ଅସ୍ତ୍ରଗୁଡ଼ିକର ଯୁକ୍ତିଯୁକ୍ତତା ଉପରେ ଆମମାନଙ୍କ ମଧ୍ୟରେ ଥିବା ଦୃଷ୍ଟିକୋଣ ଭିନ୍ନ ରହୁଥିଲେ ମଧ୍ୟ ଆଣବିକ ଅସ୍ତ୍ରର ଆହ୍ୱାନ, ବିପଦ ଏବଂ ପରିଣାମଗୁଡ଼ିକ ବିଷୟରେ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ମିଳିତ ଆଲୋଚନାର ମହତ୍ତ୍ୱ ରହିଛି। ବିଗତ ଦଶନ୍ଧିଗୁଡ଼ିକରେ ଆଣବିକ ବିପଦ ଯାହା ଥିଲା ଏବେ ତା'ଠାରୁ ଅଧିକ ରହିଥିବାରୁ ଏହି ଆଲୋଚନାର ଆବଶ୍ୟକତା ଅଧିକ। ଟିପିଏନ୍‌ଡବ୍ଲ୍ୟୁ ଦ୍ୱାରା ସବୁ କିଛି ହଠାତ୍ ଠିକ୍ ହୋଇଯିବ ଏହା ଭାବିବା ଭୁଲ୍। ହେଲେ ଏହା ଆଣବିକ ନିରସ୍ତ୍ରୀକରଣ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚାପ ପକାଇବ ଏବଂ ଏଥିପାଇଁ ପଦକ୍ଷେପ ନେବା ଲାଗି ବିଶ୍ୱକୁ ପୁଣି ପ୍ରେରିତ କରିବ। ମାନବତା ପ୍ରତି ଦେଖାଯାଉଥିବା ମୌଳିକ ବିପଦକୁ ଦେଖିଲେ ଆଣବିକ ନିରସ୍ତ୍ରୀକରଣର ଏବକାର ସ୍ଥିତିରେ ଆମେ ସନ୍ତୁଷ୍ଟ ହୋଇପାରିବା ନାହିଁ। ନିରସ୍ତ୍ରୀକରଣ ପାଇଁ ସବୁ ପ୍ରକାର ଉଦ୍ୟମ ଅଷ୍ଟ୍ରିଆ ଓ ନ୍ୟୁଜିଲାଣ୍ଡ ଜାରି ରଖିବେ। ମାନବତାର ସ୍ୱାର୍ଥରେ ଆମେ ସମାନ ବିଚାରଧାରାର ଦେଶ ଓ ସିଭିଲ ସୋସାଇଟିଗୁଡ଼ିକ ସହ ନିରନ୍ତର କାମ କରିବୁ। ଆମମାନଙ୍କ ମୁଣ୍ଡ ଉପରେ ଝୁଲୁଥିବା ଆଣବିକ ଡେମୋକ୍ଲିସ୍ ଖଣ୍ଡା ହଟାଇ ଦେବା ଲାଗି ଏହି କାର୍ଯ୍ୟ ଜାରି ରଖିବୁ।

## ଏଇ ଭାରତରେ

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ଏକ ପରିବେଶ ଉପଯୋଗୀ ଗାଁ ପ୍ରତିଷ୍ଠା କରି କଶ୍ମୀରର ଫୟାଜ ଅହମ୍ମଦ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କଶ୍ମୀରର ଗଣ୍ଡରବାଲ୍ ଜିଲାରେ ସେ ଏହି ଇକୋ ଭିଲେଜ କରି ଇକୋ ଟୁରିଜମ୍ ସହ କଶ୍ମୀରର କଳା ସ୍ଥାପତ୍ୟକୁ ଉତ୍ସାହିତ କରୁଛନ୍ତି। ଏହି ଭିଲେଜ୍‌ର ନାମ ରଖାଯାଇଛି ସାଗ୍। ଭିଲେଜ୍‌ରେ ଘର ତିଆରି ହୋଇଛି ମାଟିରେ। ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ଏହା ଏକ ବର୍ଜ୍ୟଶୂନ୍ୟ ଗାଁ ଭାବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହା କଶ୍ମୀରର ପ୍ରଥମ ତଥା ପରିବେଶ ପରିସଂସ୍ଥା ଉପଯୋଗୀ ଗାଁ ଭାବେ ମାନ୍ୟତା ବି ପାଇଛି। ଦେଢ଼ ଏକରରୁ ଊର୍ଦ୍ଧ୍ୱ ଜମିରେ ମାଟିଘର ନିର୍ମାଣ କରାଯାଇଛି। ଏହି ଗାଁରେ ଏଜୁକେଶନାଲ କ୍ୟାମ୍ପର ସୁଯୋଗ ମଧ୍ୟ ଛାତ୍ରୀଛାତ୍ରମାନେ ପାଉଛନ୍ତି। ବିଭିନ୍ନ କର୍ମଶାଳା ଓ ପ୍ରଶିକ୍ଷଣର ସୁବିଧା ମଧ୍ୟ ରହିଛି। ଏହା ପୂର୍ବରୁ ଫୟାଜ ଦିଲ୍ଲୀସ୍ଥିତ ୟୁନାଇଟେଡ ଷ୍ଟେଟ୍‌ସ-ଇଣ୍ଡିଆ ଏଜୁକେଶନ ଫାଉଣ୍ଡେଶନରେ ଚାକିରି କରିଥିଲେ। ୨୦୦୯ରେ ଚାକିରି ଛାଡ଼ି ସେ କଶ୍ମୀର ଫେରି ଇକୋ ଭିଲେଜ ନିର୍ମାଣ ଆରମ୍ଭ କରିଥିଲେ। ସେ ତାଙ୍କ ବନ୍ଧୁ ଓ ପରିବାର ଲୋକମାନଙ୍କଠାରୁ ୬୦ ଲକ୍ଷ ଟଙ୍କା ସଂଗ୍ରହ କରି ଏହି ଗାଁ ନିର୍ମାଣରେ ବ୍ୟୟ କରିଛନ୍ତି। ଉକ୍ତ ଗାଁରେ ପର୍ଯ୍ୟଟକମାନେ ରହିବାର ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ରେସିଡେନ୍‌ସିଆଲ କ୍ୟାମ୍ପସ୍ ପାଇଁ ଛାତ୍ରମାନେ ରହିବାର ବନ୍ଦୋବସ୍ତ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୯୭

- ଆଫଗାନିସ୍ତାନର ତାଲିବାନ ସରକାର ପକ୍ଷରୁ ଦେଶର କ୍ରୀଡ଼ାବିତ୍‌ଙ୍କ ପାଇଁ କଠୋର ଇସ୍‌ଲାମୀୟ ଆଇନ ଲାଗୁ।
- ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମା କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ସରକାରୀ ବାସଭବନ ପାଳି ବ୍ୟବସ୍ଥାରେ ଯୋଗାଇଦେବା ନେଇ ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ବିଶିଷ୍ଟ କମ୍ୟୁନିଷ୍ଟ ନେତା, ସାହିତ୍ୟିକ ଏସ୍. ଶର୍ମାଙ୍କ ୮୧ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 5 | | |
| | | 4 | 7 | | | | | |
| | 1 | | 4 | | | 7 | 6 | |
| 5 | | | 8 | | | | 7 | |
| | | | | | | 1 | 8 | |
| 1 | | | | | 5 | 6 | | 9 |
| | 9 | | | | | 4 | 1 | |
| | | 7 | | | 8 | | | |
| | | | 3 | 4 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 3 | 5 | 8 | 7 | 1 | 9 |
| 9 | 5 | 1 | 4 | 2 | 7 | 3 | 6 | 8 |
| 8 | 3 | 7 | 6 | 9 | 1 | 4 | 2 | 5 |
| 3 | 9 | 5 | 2 | 1 | 6 | 8 | 7 | 4 |
| 4 | 2 | 6 | 7 | 8 | 3 | 5 | 9 | 1 |
| 7 | 1 | 8 | 5 | 4 | 9 | 2 | 3 | 6 |
| 1 | 8 | 2 | 9 | 7 | 4 | 6 | 5 | 3 |
| 6 | 7 | 9 | 8 | 3 | 5 | 1 | 4 | 2 |
| 5 | 4 | 3 | 1 | 6 | 2 | 9 | 8 | 7 |

ଗତକାଲିର ଉତ୍ତର

# ବିଡ଼ମ୍ବିତ ଶୈଶବ



ବୈକୁଣ୍ଠନାଥ ମିଶ୍ର

ଶିଶୁମାନେ ପୃଥିବୀ ରୂପକ ଉଦ୍ୟାନର ଶୋଭାବର୍ଦ୍ଧନକାରୀ ପୁଷ୍ପକଳିକା ସଦୃଶ। ଏହି କଳିକାଗୁଡ଼ିକ ଦିନେ ପ୍ରସ୍ଫୁଟିତ ହୋଇ ସ୍ୱକୀୟ ସୁବାସ ଓ ସୌନ୍ଦର୍ଯ୍ୟରେ ଦିଗଦିଗନ୍ତକୁ ଆମୋଦିତ କରିବେ। କିନ୍ତୁ ଆଜିର ମଣିଷ ସ୍ୱାର୍ଥପରତାରେ ଅନ୍ଧହୋଇ ଓ ନିଜର କୁତ୍ସିତ ବାସନା ତୃପ୍ତି ପାଇଁ ଏଇ ଟିକି ତାରାମାନଙ୍କୁ କେବଳ ଅବହେଳିତ କରିନାହିଁ, ବରଂ ସେମାନଙ୍କ ଉପରକୁ ଟାଣି ଆଣିଛି ଅଭିଶପ୍ତ ବାଦଲ। ଆଜିର ଶିଶୁ ଯେ ଆସନ୍ତା କାଲିର ଜଣେଜଣେ ଭରସାଯୋଗ୍ୟ ଉତ୍ତମ ବ୍ୟକ୍ତିତ୍ୱର ରୂପାନ୍ତରଣ, ତାହା ସ୍ୱାର୍ଥାନ୍ଧ ମଣିଷ କାହୁଁ ଆକଳନ କରିବ ? ସେଦିନ ସେ ଦାରିଦ୍ର୍ୟ ନିପୀଡିତ ଅବହେଳିତ ବାପଛେଉଣ୍ଡ ବାଳକର ଅଦ୍ଭୁତ ସ୍ମରଣଶକ୍ତି ଓ ପ୍ରଖର ଧୀଶକ୍ତି ଆଗରେ ବନ୍ଧାପଡିଗଲେ ଗ୍ରାମ ଚାଟଶାଳୀର ମାଟିବଂଶ ଅବଧାନେ। ପାଠ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚରାଯାଉଥିବା ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେଇ ପାରିଥିଲା ଅଦୂରରେ ବସିଥିବା ଶ୍ରୀ ଅକ୍ଷର ବିବର୍ଜିତ ବାଳକ ପ୍ରାଣକୃଷ୍ଣ। ଗୁରୁଜୀ ପିଲାଟିର ଧୀଶକ୍ତି ଓ ବିଚକ୍ଷଣତାରେ ମୁଗ୍ଧ ହୋଇ ତା' ମା'ଠାରୁ ହାତପତାଇ ମାଗି ଆଣିଲେ ଅଭାବୀ ଶିଶୁ ପ୍ରାଣକୃଷ୍ଣଙ୍କୁ ଓ ସ୍ୱତଃ ବାଳକର ଖାଦ୍ୟ, ପୋଷାକ, ପାଠ୍ୟ ସାମଗ୍ରୀ ସହ ପିଲାର ପାଠପଢ଼ାର ସମସ୍ତ ଦାୟିତ୍ୱ ନେଲେ ବାଲିକୁଦା ମଧ୍ୟଇଂରାଜୀ ବିଦ୍ୟାଳୟରୁ କୃତିତ୍ୱର ସହ ମାଇନର ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ। ତା'ପରେ ମେଧାବୃତ୍ତି ଅର୍ଜନ ସହ ରେଭେନ୍ସାରୁ ଉଚ୍ଚଶିକ୍ଷା ଲାଭ ଓ ପରବର୍ତ୍ତୀ କାଳରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଭାବେ ଉଦ୍‌ଭାସିତ ହେବା ମୂଳରେ ନିହିତ ରହିଛି ଗୁରୁଜୀଙ୍କ ନିଃସ୍ୱାର୍ଥପର ଓ ମଣିଷ ଗଢିବାର ଐକାନ୍ତିକ ଉଦ୍ୟମ। ସେଦିନ ଗୁରୁଜୀ ପ୍ରାଣକୃଷ୍ଣଙ୍କୁ ବଦାନ୍ୟତାର ହାତ ବଢ଼ାଇ ନ ଥିଲେ ପ୍ରାଣକୃଷ୍ଣ ଜଣେ ସାଧାରଣ ତୁଚ୍ଛ'ପାଣୁଆ' ଭାବେ ସମୟସ୍ରୋତରେ କେଉଁଆଡେ ହଜିଯାଇଥା'ନ୍ତା। ଏଇ ପରିପ୍ରେକ୍ଷୀରେ ଶ୍ରୀମା'ଙ୍କ ଉକ୍ତି ପ୍ରଣୀଧାନ ଯୋଗ୍ୟ। ସେ କହନ୍ତି - 'ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଆମର କର୍ତ୍ତବ୍ୟ ହେଲା ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା।'

ଭାରତବର୍ଷରେ ବାସହରା ହୋଇ ବିଭିନ୍ନ ସହର ଉପକଣ୍ଠରେ ରାଜରାସ୍ତା ପାର୍ଶ୍ୱରେ ଅନେକ ଶିଶୁ ଦିବାରାତ୍ର ଜୀବନ ଅତିବାହିତ କରୁଛନ୍ତି। ଏହି ବର୍ଷ ଫେବୃୟାରୀରେ ଜାତୀୟ ଶିଶୁସୁରକ୍ଷା ଅଧିକାର ଆୟୋଗ ପ୍ରଦତ୍ତ ତଥ୍ୟ ଅନୁସାରେ ଗତ ତିନି/ଚାରିବର୍ଷ ମଧ୍ୟରେ ନିଖୋଜ ଥିବା ପ୍ରାୟ ଦୁଇଲକ୍ଷ ଶିଶୁଙ୍କୁ ପୋଲିସ ଉଦ୍ଧାର କରିଛି। ଆୟୋଗ ସୂତ୍ରରୁ ଉପଲବ୍ଧ ତଥ୍ୟ ଏହା ମଧ୍ୟ ସୂଚିତ କରେ ଯେ, ଭାରତର ବିଭିନ୍ନ ରାଜ୍ୟରେ ସଡ଼କ ପାର୍ଶ୍ୱରେ ଜୀବନ ବିତାଉଥିବା ଶିଶୁଙ୍କ ସଂଖ୍ୟା ୧୭,୯୧୪। ଉକ୍ତ ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ରରେ ସର୍ବାଧିକ ୪୯୫୨ ଓ ଦିଲ୍ଲୀରେ ସର୍ବନିମ୍ନ ୧୬୫୩ ଶିଶୁ ସଡ଼କ ପାର୍ଶ୍ୱକୁ ନିଜ ବାସସ୍ଥାନ ରୂପେ ଆଦରି ନେଇଛନ୍ତି। ସମୁଦାୟ ବାସହରା ୧୭୯୧୪ ଶିଶୁଙ୍କ ମଧ୍ୟରେ ଅଛନ୍ତି ୧୦୩୫୯ ବାଳକ ଓ ୭୫୬୫ ବାଳିକା; ଯେଉଁମାନଙ୍କର ବୟସ ୮ରୁ ୧୩ ବର୍ଷ ମଧ୍ୟରେ। ଏମାନଙ୍କ ମଧ୍ୟରୁ ୮୦ ଭାଗ ଶିଶୁ ମାତାପିତାଙ୍କ ସହ ବସ୍ତିରେ ରାତ୍ରିଯାପନ କରନ୍ତି ଓ ଦିନରେ ମା'ବାପା ମୂଲମଜୁରିକୁ ଯିବାବେଳେ ଏମାନଙ୍କୁ ଫୁଟ୍‌ପାଥିରେ ଛାଡିଦିଅନ୍ତି। ଅବଶିଷ୍ଟ ୨୦ଭାଗ ଶିଶୁ ବାସ୍ତୁହରା



ହୋଇ ଦିବାରାତ୍ର ଫୁଟ୍‌ପାଥିକୁ ଆଶ୍ରୟକରି ଚଳନ୍ତି। ଆୟୋଗସୂତ୍ରରୁ ଏହା ମଧ୍ୟ ଜଣାଯାଏ, ଯେ ଭାରତର ୧୭ ଜିଲାରେ ଥିବା ୫୧ଟି ପ୍ରମୁଖ ଧାର୍ମିକ ପୀଠରେ ବାସହରା ଶିଶୁ ଅଧିକ ସଂଖ୍ୟାରେ ଦୃଶ୍ୟ ହୁଅନ୍ତି। ଅପରପକ୍ଷେ ବିଭିନ୍ନ ଉଦ୍ଦେଶ୍ୟ ରଖି ଶିଶୁ ଅପହରଣ ଆଜିର ଦୁନିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଓଡ଼ିଶାରେ ମଧ୍ୟ ନିଖୋଜ ଶିଶୁଙ୍କ ସଂଖ୍ୟା ବୃଦ୍ଧିପାଇ ଚାଲିଛି; ଯଦିଓ ରାଜ୍ୟ ଶିଶୁସୁରକ୍ଷା ଆୟୋଗ ପକ୍ଷରୁ ଶିଶୁ ଓ ମହିଳାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଦାବି କରାଯାଉଛି। ୨୦୨୦-୨୧ ମହାମାରୀ ସମୟରେ କେବଳ ରାଜଧାନୀ ଭୁବନେଶ୍ୱରରେ ୪୦୩ ଶିଶୁ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଥିଲା ; କିନ୍ତୁ ବେସରକାରୀ ହିସାବ ଏହାଠାରୁ ବହୁ ଅଧିକ। ଅପରେସନ 'ମୁସ୍କାନ', 'ସ୍ମାଇଲ' ଓ 'ପରୀ' ଭଳି ଲୋକପ୍ରିୟ ଯୋଜନା ମାଧ୍ୟମରେ ୨୭୯ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଉଦ୍‌ବେଗର କଥା ହେଲା ଅପହୃତା ନାବାଳିକାଙ୍କ ମଧ୍ୟରୁ ୯୦ ପ୍ରତିଶତ କେବଳ ପ୍ରେମ ବ୍ୟାପାରକୁ ନେଇ ଘର ଛାଡିଛନ୍ତି। ଆଉକିଛି ନାବାଳିକାଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଇ ଘରୋଇ ଚାକରାଣୀ କିମ୍ବା ଇଟାଭାଟି ଶ୍ରମିକ ଭାବେ ନିୟୋଜିତ କରାଯାଇ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ନାବାଳକମାନଙ୍କୁ ତାଲିମଦେଇ ଭିକ୍ଷାବୃତ୍ତି ଏବଂ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସାରା ରାଜ୍ୟରେ ନିଖୋଜ ଶିଶୁ ସମସ୍ୟା ଅତ୍ୟନ୍ତ ଗମ୍ଭୀର। ଗ୍ରାମାଞ୍ଚଳର ନାବାଳିକାମାନଙ୍କୁ ନାନା ପ୍ରଲୋଭନ ଦେଖାଇ ଏବଂ ପ୍ରେମଜାଲ ବିଛାଇ ଶିକାର କରାଯାଉଛି। ମାତାପିତାଙ୍କର ସରଳ ବିଶ୍ୱାସର ସୁଯୋଗ ନେଇ ଏମାନେ ହଜିଯାଉଛନ୍ତି କେଉଁ ଅଜଣା ଇଲାକାରେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ରାଜ୍ୟରେ ଶିଶୁ ଅପହରଣ ରୋକିବା ପାଇଁ ପୋଲିସ ସହ ପ୍ରାୟତଃ ଯୋଗାଯୋଗ କରାଯାଉଛି। ପୋଲିସ ମଧ୍ୟ ତ୍ୱରିତ ପଦକ୍ଷେପ ନେଇ କିଛି ଶିଶୁଙ୍କୁ ଉଦ୍ଧାର କରୁଛି। କିନ୍ତୁ ଅବସ୍ଥାରେ ସେଭଳି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଉନାହିଁ।

ପିଲାମାନେ ଭଲମନ୍ଦ ବୁଝି ନ ପାରି ଯେଉଁ ଭୁଲ୍ କରିବସୁଛନ୍ତି ସେଥିରେ ପିଲାମାନେ କେବଳ ନୁହନ୍ତି, ତାଙ୍କ ପରିବାର ଆତ୍ମୀୟ ସ୍ୱଜନ ଏବଂ ସର୍ବୋପରି ସମାଜ ଘୋର କ୍ଷତାକ୍ତ ହେଉଛି। ପ୍ରତିକାର ସ୍ୱରୂପ ଏତିକି କୁହାଯାଇପାରେ ଯେ ମାତାପିତା ଓ ଅଭିଭାବକ ପିଲାମାନଙ୍କ ସହ ମିଶନ୍ତୁ ଓ ସଂସାରର ଛଦ୍ମବେଶୀ ଚରିତ୍ରମାନଙ୍କ ସମ୍ବନ୍ଧରେ ଅବଗତ କରାନ୍ତୁ। ପିଲାଙ୍କ ଅଗୋଚରରେ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟକଳାପକୁ ଧ୍ୟାନ ରଖାଯାଉ। ସମାଜର ମଧ୍ୟ ଏକ ଦାୟିତ୍ୱ ରହିଛି। ଯେତେଦିନ ପର୍ଯ୍ୟନ୍ତ ଅମେ ପରପିଲାର ଦୁଃଖକୁ ନିଜର ବୋଲି ନ ମଣିଛୁ ଓ ତତ୍କାଳ ପଦକ୍ଷେପ ନ ନେଇଛୁ ସେତେଦିନ ପର୍ଯ୍ୟନ୍ତ ଶିଶୁ ତଥା ନାବାଳିକା ଅପହରଣ ଥମିବ ନାହିଁ। ପ୍ରତ୍ୟେକ ଅନାଥ ଓ ଅବହେଳିତ ଶିଶୁ ପ୍ରତି ସୌହାର୍ଦ୍ଦ୍ୟର ହସ୍ତ ପ୍ରସାରଣ କରି ମାନବୋଚିତ ଆଚରଣ ପ୍ରଦର୍ଶନ କରାଗଲେ ଓ ସାମୂହିକ ସ୍ରୋତରେ ସାମିଲ କରାଗଲେ ଅବଶ୍ୟ ସୁଫଳ ମିଳିବ। ସେହିମାନଙ୍କ ଭିତରୁ ଦିନେ କେହି ମହାମାନବର ରୂପ ନେଇ ଉଦ୍ଭାସିତ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରେନା। ଦିନେ ରାମେଶ୍ୱରମ୍ ସହରରେ ଖବରକାଗଜ ବିକୁଥିବା ପିଲା ଯଦି ଶ୍ରେଷ୍ଠ ଅନ୍ତରୀକ୍ଷ ବୈଜ୍ଞାନିକ ଓ ପରିଶେଷରେ ଭାରତର ରାଷ୍ଟ୍ରପତି ଆସନ ଅଳଙ୍କୃତ କରି ମାନବିକ ମୂଲ୍ୟବୋଧର ଶ୍ରେଷ୍ଠ ନିଦର୍ଶନ ହୋଇପାରେ ତେବେ ଅନ୍ୟଶିଶୁମାନେ କାହିଁକି ହେବେନାହିଁ ? ତେଣୁ ଶିଶୁ ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ ହେଉ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ-୯୯୩୭୪୫୦୫୪୦

# ମାନବବାଦ ଶ୍ରେଷ୍ଠ ଧର୍ମ



ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ

ଭାଜପାର ପୂର୍ବତନ ଜାତୀୟ ପ୍ରବକ୍ତା ନୂପୁର ଶର୍ମାଙ୍କ ବିବାଦୀୟ ବୟାନକୁ ନେଇ ଏବେ ଦେଶ ତଥା ଦେଶ ବାହାରେ ଅଶାନ୍ତିର ଝଡ଼ ସୃଷ୍ଟି ହୋଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ଏହାକୁ ତୀବ୍ର ବିରୋଧ କରିବା ସହ ହିଂସା ଭିଆଇଛନ୍ତି। କିନ୍ତୁ କୌଣସି ଧର୍ମ ହିଂସାକୁ ପ୍ରଶ୍ରୟ ଦିଏ ନାହିଁ। ଯଃ ଧାରୟତି ଇତି ସଃ ଧର୍ମ। ଅର୍ଥାତ୍ ଯିଏ ଧରାକୁ ରକ୍ଷାକରେ ତାହା ହେଉଛି ଧର୍ମ। ତେଣିକି ସେ ହିନ୍ଦୁ ହେଉ କି ମୁସଲମାନ କି ଖ୍ରୀଷ୍ଟିଆନ। ଏକ ସ୍ୱାଧୀନ ରାଷ୍ଟ୍ରରେ ସମସ୍ତଙ୍କୁ ବାକ୍ ସ୍ୱାଧୀନତା ମିଳିଛି। ତେଣୁ କିଏ କାହା ଧର୍ମକୁ ନେଇ କ'ଣ ମନ୍ତବ୍ୟ ଦେଲା ତାହାକୁ ନେଇ ଧନ ଜୀବନ ହାନି ଘଟାଇବା ସବୁଠୁ ବଡ଼ ଅପରାଧ। ଅପରପକ୍ଷେ ଯେଉଁମାନେ ଧର୍ମକୁ ନେଇ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିବାକୁ ଚାହାନ୍ତି ସେମାନେ ଚର୍ଚ୍ଚାରେ ରହିବା ଲାଗି ଏପରି ମନ୍ତବ୍ୟ ଦିଅନ୍ତି। ଯେଉଁମାନେ ଏହା ବୁଝି ନ ପାରି ସେମାନଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦେଇ ହିଂସାକାଣ୍ଡ ସୃଷ୍ଟି କରନ୍ତି ସେମାନେ ସବୁଠୁ ବଡ଼ ମୂର୍ଖ ବୋଲାନ୍ତି। ଧର୍ମକୁ ନେଇ ବିବାଦୀୟ ମନ୍ତବ୍ୟ ଓ ଏହାକୁ ନେଇ ହିଂସାକାଣ୍ଡ ଆମ ଦେଶରେ ନୂଆ କଥା ନୁହେଁ। ଯେତେବେଳେ ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ସମ୍ବିଧାନ ସ୍ୱୀକୃତ ସେତେବେଳେ ସବୁ ଧର୍ମକୁ ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ। କ୍ଷୁଦ୍ର ମାନସିକତା ରଖୁଥିବା ନେତାମାନେ ଏପରି ଟିପ୍ପଣୀ ଦେଇ ହିଂସାକୁ ଉସୁକାଇବାକୁ ଚେଷ୍ଟା କରନ୍ତି ଓ ସେଥିରୁ ଫାଇଦା ନେବାକୁ ଚାହାନ୍ତି। ଯେଉଁ ଦେଶ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବିଶ୍ୱକୁ ପ୍ରଦାନ କରୁଛି ସେଠି ଏହି କ୍ଷୁଦ୍ର ମାନସିକତାସମ୍ପନ୍ନ ଲୋକମାନଙ୍କର ଟିପ୍ପଣୀ ମୂଲ୍ୟହୀନ। ଭାରତ ସର୍ବଦା ମାନବବାଦର ବାର୍ତ୍ତା ପ୍ରଚାର କରିଆସିଛି। ସୁଦୂର ଶିକାଗୋରେ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଯେଉଁ ଓଜସ୍ୱୀ ଭାଷଣ ରଖିଥିଲେ ତାହା ଦିନେ ସାରା ବିଶ୍ୱକୁ ସ୍ତମ୍ଭୀଭୂତ କରିଦେଇଥିଲା। ସବୁ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଏକତ୍ରକରି ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସା ବଳରେ ଯେଉଁ ସ୍ୱାଧୀନତା ଆଣି ପାରିଲେ ତାହା ଇତିହାସରେ ବିରଳ। ଏମିତି ଏକ ଦେଶରେ ଜନ୍ମ ନେଇ ଆମେ ନିଜକୁ କାହିଁକି ଧର୍ମର ସଂକୀର୍ଣ୍ଣ ଗଣ୍ଡିରେ ଆବଦ୍ଧ କରି ରଖିବା। ପ୍ରେମ ଓ ମାନବବାଦର ରଜ୍ଜୁରେ ପରସ୍ପରକୁ ବାନ୍ଧି ରଖି ସାରା ବିଶ୍ୱ ପାଇଁ କାହିଁକି ଉଦାହରଣ ନ ପାଲଟିବା। ହଁ , ଆମ ଭିତରେ ସେହି ସଂହତି ସହୃଦୟତା ରହିଛି, କିନ୍ତୁ ତାହା ସୁପ୍ତ ଅବସ୍ଥାରେ। ଏହାର ଏକ ସଦ୍ୟ ଉଦାହରଣ ଦେଉଛି। ଛତିଶଗଡ଼ର ଜାଞ୍ଜଗିର ଚାମ୍ପା ଜିଲା ପିରହ୍ରିଡ ଗ୍ରାମରେ ୮୦ ଫୁଟ ଗଭୀର ଏକ ବୋର୍‌ୱେଲ୍ ଗାତରେ ରାହୁଲ ସାହୁ ନାମକ ୧୦ବର୍ଷର ଶିଶୁ ଖସିପଡ଼ିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କଲା। ସେହି ଶିଶୁ ପାଇଁ ତା'ର ମା'ବାପା ଦିନରାତି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ତ ସ୍ୱାଭାବିକ। କିନ୍ତୁ ଦେଖିବାକୁ ମିଳିଥିଲା ରାହୁଲଙ୍କ ଉଦ୍ଧାର ପାଇଁ ସାରା ଦେଶବାସୀ ଧର୍ମ, ଜାତି, ସମ୍ପ୍ରଦାୟ ଭୁଲି ନିଜ ନିଜ ଇଷ୍ଟଙ୍କ ପାଖରେ ତାଙ୍କ ଜୀବନ ରକ୍ଷା ଲାଗି ପ୍ରାର୍ଥନା କରିଥିଲେ। ସମସ୍ତଙ୍କ ପ୍ରାର୍ଥନା ଫଳବତୀ ହେଲା ଓ ରାହୁଲ ଉଦ୍ଧାର ପାଇଲେ। ଏହା କ'ଣ କମ୍ ବଡ଼ କଥା। ଏଇଠୁ ଭାରତୀୟଙ୍କ ସହୃଦୟତା ଆକଳନ କରିହୁଏ। ରାହୁଲ ଆଜି କେବଳ ତାଙ୍କ ମା'ବାପାଙ୍କର ନୁହନ୍ତି, ସାରା ଦେଶବାସୀଙ୍କ ସନ୍ତାନ ପାଲଟିଯାଇଛନ୍ତି। ପ୍ରତି ଭାରତୀୟଙ୍କ ହୃଦୟରେ ଯେ ଈଶ୍ୱର ବାସ କରନ୍ତି (ସେ ଜଗନ୍ନାଥଙ୍କ ରୂପରେ ହୁଅନ୍ତୁ କି ଆଲ୍ଲା ରୂପରେ କିମ୍ବା ଯିଶୁ ରୂପରେ) ଏହା ତା'ର ପ୍ରମାଣ।

ଆମେ ସମସ୍ତେ ଜାଣିରଖିବା ଉଚିତ ଯେ, ପ୍ରଥମେ ଆମେ ଜଣେ ଜଣେ ମଣିଷ ; ପରେ ଯାଇ ଧର୍ମ, ଯାହାକୁ ଆମେ ହିଁ ତିଆରି କରିଛୁ। ଧର୍ମ ତିଆରି ହେଲା ମଣିଷପଣିଆ କଥା ଶିଖେଇବାକୁ, ଠିକ୍ ବାଟ ଦେଖାଇବାକୁ। ବିଭିନ୍ନ ଧର୍ମର ସ୍ରଷ୍ଟାମାନେ ଈଶ୍ୱରଙ୍କୁ ଭିନ୍ନ ଭିନ୍ନ ରୂପରେ ବର୍ଣ୍ଣନା କରିଥିଲେ ମଧ୍ୟ ସ୍ରଷ୍ଟା ଯେ ଏକ ତାହା ମଧ୍ୟ ସୂଚିତ କରିଛନ୍ତି। ସବୁ ଧର୍ମର ଉଦ୍ଦେଶ୍ୟ ସତ୍ୟ, ଅହିଂସା ଓ ଶାନ୍ତିରେ ଧରିତ୍ରୀ ମାତା କୋଳରେ ସହବସ୍ଥାନ କରିବା। ଧର୍ମର ମୂଳ ଉଦ୍ଦେଶ୍ୟ ନ ବୁଝି ଆମେ ସମସ୍ତେ ଯଦି ଧର୍ମ ନାମରେ ହିଂସା, ରକ୍ତପାତ ସୃଷ୍ଟି କରିବେ ତେବେ ଏ ସୁନ୍ଦର ପୃଥିବୀ ଧ୍ୱଂସହେବାକୁ ନିମିଷକେ ବି ସମୟ ଲାଗିବ ନାହିଁ। ଧର୍ମ ନୁହେଁ, ସବୁରି ଉପରେ ମାନବବାଦ- ଏହା ଯଦି ଆମେ ବୁଝିଯିବା ତେବେ ଧର୍ମକୁ ନେଇ ତିକ୍ତତା ସୃଷ୍ଟି କରିବାକୁ ଚାହୁଁଥିବା ଲୋକମାନେ ବି ଆପେ ଆପେ ଚୁପ୍ ହୋଇଯିବେ।

ମୋ:୯୯୩୮୧୯୭୭୨୯

## ଚିରନ୍ତନୀ

କାଟିଦେବି ବେଳ ଦୂରୁ ଚାହିଁ ରହି
ସେ ରୂପ ସୁଷମା ମୁଁ ଚିର ବିରହୀ
ଜୀବନ-ମରୁରେ ମରଣ ବିରହ
ଶତ ଶୋକ ପରିହରି
ଚମ୍ପକ-ହାସ ହସିଯାଅ ତୁମେ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଜବ ସିଦ୍ଧାନ୍ତ

ମହାଶୟ,

ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତକୁ ସମସ୍ତ ଭାରତୀୟ ସମ୍ମାନର ସହିତ ଗ୍ରହଣ କରନ୍ତି। ଆମେ ମଧ୍ୟ। ମାତ୍ର ଗଣିକା ବୃତ୍ତିକୁ ସ୍ୱୀକୃତି ଏକ ଅଜବ ସିଦ୍ଧାନ୍ତ। ଭାରତର ମହାନ୍ ସଂସ୍କୃତି, ପରମ୍ପରା ରହିଛି। ନାରୀକୁ ମା'ର ସମ୍ମାନ ଦିଆଯାଏ। ନାରୀ ପ୍ରଥମେ ଜନନୀ, ଦ୍ୱିତୀୟରେ ଜାୟା, ତୃତୀୟରେ ଭଗିନୀ। ପାଶ୍ଚାତ୍ୟ ସଭ୍ୟତାଠାରୁ ଆମ ପ୍ରାଚ୍ୟ ସଭ୍ୟତା ସମ୍ପୂର୍ଣ୍ଣ ଅଲଗା ଏବଂ ଉନ୍ନତ। ଗଣିକା ବୃତ୍ତିକୁ ସ୍ୱୀକୃତି ଦେବା ଦ୍ୱାରା ସମାଜ ଆମର ନଷ୍ଟଭ୍ରଷ୍ଟ ହୋଇଯିବ। ଗଣିକା ବୃତ୍ତିକୁ ଫଣ୍ଡାମେଣ୍ଟାଲ ରାଇଟ୍ ବୋଲି ଧରିନେବା ଆଦୌ ଠିକ୍ ନୁହେଁ। କିନ୍ତୁ ନ୍ୟାୟାଳୟ ଅନ୍ୟ ଏକ ଦିଗ ପ୍ରତି ନଜର ଦେଲେ ନାହିଁ। ଯୁବକମାନେ ପଥଭ୍ରଷ୍ଟ ହେବେ। ଏହାର ଆଉ ଏକ କୁଫଳ ମିଳିବ। ମୋଟ ଉପରେ ଆମ ଭବିଷ୍ୟତ ପିଢ଼ି ଯୁବତୀ ଯୁବକମାନେ ବିପଥଗାମୀ ହେବେ। ଏହାଦ୍ୱାରା ପାରିବାରିକ ଜୀବନ ଓ ସାମାଜିକ ଜୀବନ ଅଶାନ୍ତ ହେବ।

-ବିନୋଦ ଚନ୍ଦ୍ର ସାମଲ, ବଂଧଟିଆ, ଧାମନଗର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜଜ୍, ଦୌରା ଜଜ୍‌ଙ୍କ ବଦଳି

ଯାଜପୁର ଅଫିସ,୨୨।୬: ଏକସଙ୍ଗେ ବଦଳିଲେ ଯାଜପୁର ଜିଲା ଓ ଦୌରା ଜଜଙ୍କ ସମେତ ବହୁ ଜଜ୍ ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ। ଯାଜପୁର ଜିଲା ଓ ଦୌରା ଜଜ ଶ୍ରୀକାନ୍ତ ମିଶ୍ରଙ୍କୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ଭାବେ ବଦଳି କରାଯାଇ ଥିବା ବେଳେ ତାଙ୍କ ସ୍ଥାନରେ ଦାମୋଦର ରଥଙ୍କୁ ନିଯୁକ୍ତି ମିଳିଛି। ସେହିପରି ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ଭାବେ ହୃଷୀକେଶ ସାହୁ ନିଯୁକ୍ତି ପାଇଥିବା ବେଳେ ନରୋତ୍ତମ ସେଠୀଙ୍କୁ ଯାଜପୁର ଜିଲା ସିଭିଲ କୋର୍ଟ ସମୂହର ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦିଆଯାଇଛି। ଯାଜପୁର ରୋଡ଼ କୋର୍ଟର ଅତିରିକ୍ତ ଜିଲା ଜଜ ଭାବେ ହୃଷିକେଶ ଆଚାର୍ଯ୍ୟ ଏବଂ ଯାଜପୁର ରୋଡ଼ କୋର୍ଟର ଜେଏମ୍ଏଫ୍‌ସି ଭାବେ ସ୍ମିତଶ୍ରୀ ବୀଣାପାଣି ମିଶ୍ରଙ୍କୁ ନୂତନ ନିଯୁକ୍ତି ମିଳିଛି। ଯାଜପୁର ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ଭାବେ କୁମାରୀ ଜ୍ୟୋତିର୍ମୟୀ ଦାସ ନିଯୁକ୍ତି ପାଇଥିବା ବେଳେ ଯାଜପୁରର ବରିଷ୍ଠ ସିଭିଲ ଜଜ ଭାବେ ପ୍ରସନ୍ନ କୁମାର ବେହେରା, କୁମାରୀ ମନସ୍ୱିନୀ ରଥ ଯାଜପୁରର ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଏବଂ ଯାଜପୁରର କୁମାର ସ୍ୱନ୍ଦନଙ୍କୁ ସିଭିଲ ଜଜ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷେ ଚଣ୍ଡିଖୋଲ କୋର୍ଟର କନିଷ୍ଠ ସିଭିଲ ଜଜ ତଥା ଜେଏମ୍ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟିଙ୍କୁ ଦଶପଲ୍ଲା ଜେଏମ୍ଏଫ୍‌ସି ଭାବେ ବଦଳି କରାଯାଇ ତାଙ୍କ ସ୍ଥାନରେ କୁମାରୀ ପରବିନ୍ ମଣ୍ଡଳଙ୍କୁ ନିଯୁକ୍ତି ଦିଆଯାଇଛି। ଦ୍ୱିତୀୟ ଜେଏମ୍ଏଫ୍‌ସି କୁମାରୀ ତସଲିମା ଦାସଙ୍କୁ କେନ୍ଦ୍ରାପଡ଼ା ଜେଏମ୍ଏଫ୍‌ସି ଭାବେ ବଦଳି କରାଯାଇ ଥିବା ସ୍ଥଳେ ତାଙ୍କ ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ମିଳିନି। ଏସଂକ୍ରାନ୍ତରେ ବୁଧବାର ହାଇକୋର୍ଟଙ୍କ ଆଦେଶ ମତେ ରେଜିଷ୍ଟ୍ରାର(ପ୍ରଶାସନ) ୩ଟି ବଦଳି ବିଜ୍ଞାପ୍ତି ଜାରି କରିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

**ପାଣିକୋଇଲି,୨୨।୬(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ କେଉଟ ନଗୁଆଁ ଗ୍ରାମରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୧୩୭/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ମୁତବାକ, ତାଙ୍କ ଝିଅଙ୍କୁ ଯାଜପୁର ସଦର ଥାନା ଅନ୍ତର୍ଗତ ମଲପଡ଼ା ଗ୍ରାମର ସୁକୁଟା ଯେନା ଓରଫ୍ ସାନ୍ତନୁ କେଉଁଆଡେ ଅପହରଣ କରି ନେଇଛନ୍ତି।

### ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ

ରସୁଲପୁର,୨୨।୬(ଡି.ଏନ.ଏ.): କୁଆଖିଆ ଥାନା ବଡ଼କଇଞ୍ଚି ପଞ୍ଚାୟତ ଗୋପୀନାଥପୁର ଗାଁରେ ବୁଧବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବିନୋଦ ସାହୁ(୭୦)। ସକାଳେ ପୋଟଳ ତୋଳିବା ପାଇଁ ବିନୋଦ କ୍ଷେତକୁ ଯାଉଥିଲେ। ତେବେ ମଙ୍ଗଳବାର ରାତିରେ ଘଟିଥିବା କାଳବୈଶାଖୀରେ ଗୋପୀନାଥପୁର ପାଟରେ ୧୧କେଭିର ଏକ ତାର ଝୁଲି ପଡ଼ିଥିଲା। ଏହାକୁ ବିନୋଦ ଦେଖି ନ ପାରି ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କ ପୁଅ ଏହା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ବାପାଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଛିଡି ପଡିଥିବା ତାରକୁ ବିଭାଗର କର୍ମଚାରୀ ସଜାଡିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଘଟଣା ସମ୍ପର୍କରେ ମୃତ ବୃଦ୍ଧଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଉତ୍ତେଜନା ଦେଖି ବିଦ୍ୟୁତ କର୍ମଚାରୀ ମାମଲା ସମାଧାନ ପାଇଁ ମୃତକଙ୍କ ପରିବାରକୁ କ୍ଷୟକ୍ଷତି ବାବଦକୁ ୪୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପରେ ଉତ୍ତେଜନା ହ୍ରାସ ପାଇଥିଲା। ଉକ୍ତ ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦଳମତରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ସେବାକର

## ୬ଷ୍ଠ ଜିଲା ପରିଷଦର ପ୍ରଥମ ବୈଠକ




ବୈଠକରେ ଯୋଗ ଦେଇଥିବା ଏମ୍‌ପି, ମନ୍ତ୍ରୀ, ବିଧାୟିକାବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

**ଯାଜପୁର ଟାଉନ,୨୨।୬(ଡି.ଏନ.ଏ.)**

ନିର୍ବାଚନ ସମୟରେ ହେଉ କି ନିଜ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସମୟରେ ଦଳୀୟ ରାଜନୀତି କରିବା ମନାନାହିଁ। କିନ୍ତୁ ଥରେ ଜନପ୍ରତିନିଧି ମାନ୍ୟତା ପାଇବା ପରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଆପଣଙ୍କର ବୋଲି ଧରିନେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କୁ ତାଙ୍କ ପରିବାର କହିଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏହି ନୀତି ଆଦର୍ଶକୁ ସମସ୍ତ ନିର୍ବାଚିତ ପ୍ରତିନିଧି ଅନୁକରଣ କରି ଦଳମତରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ବୁଧବାର ଯାଜପୁରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୬ଷ୍ଠ ଜିଲା ପରିଷଦର ପ୍ରଥମ ସାଧାରଣ ପରିଷଦ ବୈଠକରେ ଅତିଥି ଭାବେ ଯୋଗଦେଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ସଭ୍ୟମାନଙ୍କୁ ଆହ୍ୱାନ କରିଛନ୍ତି। ମନ୍ତ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ନିର୍ବାଚିତ ପ୍ରତିନିଧି ତୃଣମୂଳସ୍ତରକୁ ଯାଇ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଟିକିନିଖି ବୁଝି ୫ ବର୍ଷ ଯାକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବାର୍ତ୍ତା, ଯୋଜନା ଏବଂ ପରାମର୍ଶଗୁଡ଼ିକୁ ଲୋକଙ୍କୁ ଅବଗତ କରାଇବାକୁ କହିଥିଲେ। ନବନିର୍ବାଚିତ ରାଜ୍ୟ ସଭା ଏମ୍‌ପି ସୁଲତା ଦେଓଙ୍କୁ ସ୍ୱତନ୍ତ୍ର ଭାବେ ବୈଠକରେ ସ୍ୱାଗତ କରାଯାଇଥିବା ବେଳେ ସେ ମଧ ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟରୁ ପ୍ରଥମେ ସରପଞ୍ଚ ପରେ ଭଳି ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସଭାଜନ ପୂର୍ବକ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛି ବୋଲି କହିଥିଲେ।

ବିଧାୟକ ଅଶୋକ ବଳ, ବିଧାୟିକା ସୁନନ୍ଦା ଦାସ ସେମାନଙ୍କ ବକ୍ତବ୍ୟରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବୈଠକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଜନପ୍ରତିନିଧିଙ୍କ ପ୍ରତ୍ୟେକ ପ୍ରସ୍ତାବ ଓ ପରାମର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀ ଆନ୍ତରିକତାର ସହ ସହଯୋଗ କରିବାକୁ କହିଥିଲେ। ଉଭୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ହିଁ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସମସ୍ତ ଅତିଥି ଭାଷଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବୈଠକର ଅତିକମ୍‌ରେ ୧୫ ଦିନ ପୂର୍ବରୁ ପ୍ରତ୍ୟେକ ସଦସ୍ୟ, ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କଠାରୁ ସେମାନଙ୍କ ଅଞ୍ଚଳରେ ଥିବା ସମସ୍ୟା ଓ ବିଭିନ୍ନ ପ୍ରସ୍ତାବଗୁଡ଼ିକର ତାଲିକା ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ଆବଶ୍ୟକ। ଏସବୁ ପ୍ରଶାସନର ହସ୍ତଗତ ହେବା ପରେ ତତକ୍ଷଣାତ୍ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସେନେଇ ଅଗ୍ରିମ ଭାବେ ସୂଚନା ଦେଲେ ବୈଠକରେ ଆଲୋଚନା ବେଳେ ତାହା ସହଜ ଓ ସରଳ ହୋଇପାରିବ ବୋଲି ମନ୍ତ୍ରୀ ଘଡ଼ାଇ କହିଥିଲେ। ଏ ପ୍ରସ୍ତାବକୁ ଉପସ୍ଥିତ ମନ୍ତ୍ରୀ ମଲ୍ଲିକ, ବିଧାୟକ ଦାସ ଓ ଅନ୍ୟ ନେତୃବୃନ୍ଦ ଏବଂ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସମର୍ଥନ କରିଥିଲେ।

ବୈଠକରେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳ ରାଠୋର ସଭା ସଞ୍ଚାଳନ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ ପ୍ରାକ୍ ସୂଚନା ଦେବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ବରୀ ଅଧ୍ୟକ୍ଷ ଅଶୋକ ଗେଡ଼ି, ଦଶରଥପୁର ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ସଦର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ନନ୍ଦକିଶୋର ସାମଲ, ଅରବିନ୍ଦ ସାମଲ, ଦିଲୀପ ମହାନ୍ତି, ଅଶୋକ ସାମଲ, ସନ୍ତୋଷ ସାମଲ, ଜେମା ଚାଖି, ନୀନାରାଣୀ ସାମଲ, ମାମିନା ମଲ୍ଲିକ, ଶିଶିର ମହାନ୍ତି, ରଶ୍ମିତା ଦଳାଇ, ମନସ୍ୱିନୀ ଦାସ, ଭାରତୀ ବିଶ୍ୱାଳ, ପାର୍ଥସାରଥି ମହାପାତ୍ର, ବିନୋଦ ମାଝି, ସୁମିତ୍ରା ଯାଦବ, ପ୍ରଣତୀ ଲେଙ୍କା, ଖଗେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ହେଉଥିବା ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କ ନିର୍ବାଚନ ମଣ୍ଡଳୀ ଓ ବ୍ଲକର ସମସ୍ୟା ସଂପର୍କରେ ସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିରଞ୍ଚି ନାରାୟଣ ବାରିକ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଆରଡବ୍ଲୁଏସ୍ଏସ୍‌ର ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ ଘଡ଼େଇ ଓ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଶେଷରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଧନ୍ୟବାଦ ଦେଇଥିଲେ।

### ରାଜ୍ୟ ସ୍ତରୀୟ କରାଟେ: ଭରତଙ୍କୁ ସ୍ୱର୍ଣ୍ଣ

**ବରୀ, ୨୨।୬ (ଡି.ଏନ.ଏ)**

କେବଳ ଶିକ୍ଷା ନୁହେଁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିବାକୁ ଯେଉଁମାନଙ୍କର ପେଶା ଅପେକ୍ଷା ନିଶା ଅଧିକ ରହିଥାଏ ସେମାନେ ହିଁ ଲକ୍ଷସ୍ଥଳରେ ପହଁଚିପାରିଥାନ୍ତି। ଏଭଳି ଏକ ନଜିର ଦେଖିବାକୁ ମିଳିଛି ବରୀ ବ୍ଲକ୍ ଇଶାଣପୁର ପଂଚାୟତ ଅଧିନସ୍ଥ ରଘୁନାଥପୁର ଗ୍ରାମର ଭରତ ଚନ୍ଦ୍ର ଜେନାଙ୍କ କ୍ଷେତ୍ରରେ। ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଚର୍ଚ୍ଚାକୁ ଆସିଚାଲେ। ଚଳିତମାସରେ



ଆନ୍ଧ୍ରପ୍ରଦେଶର କାଜୁଓାକାଠାରେ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିବା ପରେ ବରୀ ଅଂଚଳର ବିଭିନ୍ନ କ୍ରୀଡା ଅନୁଷ୍ଠାନ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ କ୍ରୀଡା କ୍ଷେତ୍ରରେ କୃତିତ୍ୱଲାଭ କରି ସ୍ୱର୍ଣ୍ଣପଦକ ହାସଲ କରି ବରୀ ଅଂଚଳ ପାଇଁ ସେ ଗର୍ବ ଓ ଗୌରବ ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ମତ ରଖିଛନ୍ତି।

# ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା



ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଯାଜପୁର ଅଫିସ,୨୨।୬**

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରମିଳା ମଲ୍ଲିକଙ୍କୁ ବିଂଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତର ଛତ୍ରପଡା ଡାକବଙ୍ଗଳା ପଡିଆରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୁଧବାର ଦଶରଥପୁର ବ୍ଲକ ଅଧୀନ ୧୫ ପଞ୍ଚାୟତ ତରଫରୁ ଆୟୋଜିତ ଏହି ସଭାରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରଦୀପ ମହାନ୍ତି ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ମଲ୍ଲିକ ଏହି ସଭାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣଟକେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଅତିଥି ଭାବେ ଯୋଗଦେଇ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ପରେ ଦଶରଥପୁର ଅତିରିକ୍ତ ତହସିଲଦାର ଠାକୁରଦାସ ନାୟକ, ଆମ୍ବ ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା, ଥାଲକୁଡି ସରପଞ୍ଚ ଗୀତାଞ୍ଜଳୀ ସେଠୀ, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, କମାରଡିହ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଅସନପୁର ସରପଞ୍ଚ କାଞ୍ଚନବାଳା ମଲ୍ଲିକଙ୍କ ସମେତ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଧ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଅନ୍ୟତମ ଅତିଥି ଭାବେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ବିଂଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ବିଂଝାରପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଜିଲାପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ମାମିନା ମଲ୍ଲିକ, ମନସ୍ୱନୀ ଦାସ, ନିନାରାଣୀ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ଅସନପୁର ପଞ୍ଚାୟତର ଯୁବନେତା ପ୍ରଭାତ କୁମାର ଦାସ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ମାନପତ୍ର ପାଠ କରିଥିଲେ।

# ପାଣିକୋଇଲିରେ ଦ୍ରୌପଦୀଙ୍କୁ ସ୍ୱାଗତ




ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବାକୁ ଭାଜପା ନେତା ଓ ସାଧାରଣ ଜନତା ଅପେକ୍ଷା କରିଛନ୍ତି।

**ପାଣିକୋଇଲି,୨୨।୬(ଡି.ଏନ.ଏ.)**

ରାଷ୍ଟ୍ରପତି ପଦବୀ ଲାଗି ଏନ୍‌ଡିଏରୁ ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁ ବୁଧବାର ଭୁବନେଶ୍ୱର ଗସ୍ତରେ ଯାଉଥିବାବେଳେ ପାଣିକୋଇଲିଠାରେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କୋରେଇ ଭାଜପା ନେତା ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ରାଜ୍ୟ ଯୁବ ସମ୍ପାଦକ ବିକ୍ରମ ବିଶ୍ୱାଳ, କରୁଣାକର ମାଝି, ପ୍ରକାଶ ଧଳ, ପ୍ରମୋଦ ସାହୁ, ପ୍ରମୋଦ ନାୟକ, ଇତିଶ୍ରୀ ଜେନା, ଦୀପ୍ତିମୟୀ କୁଅଁର, ଅଚ୍ୟୁତାନନ୍ଦ ଦାସ, ସୁରଜ ଲାଲ ସାମଲ, ବିଷ୍ଣୁ ରଥ, ରବୀନ୍ଦ୍ର ବେହେରା, ଶଶି ଭୂଷଣ ସେନାପତି, କୁନି ହାଁସଦାଙ୍କ ସମେତ ଶତାଧିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ରହି ଦ୍ରୌପଦୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)
[ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ମୃତକଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ✓ ନିରଞ୍ଜନ ସାମଲ,** ପିତା: ଶ୍ରୀ ପରି ସାମଲ, ମୃତକ ଋଣଗ୍ରହୀତା ✓ ନିରଞ୍ଜନ ସାମଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: **୧) ଶ୍ରୀମତୀ ଛବିଲତା ସାମଲ,** ସ୍ୱାମୀ: ✓ ନିରଞ୍ଜନ ସାମଲ, **୨) ମିସ୍ ସୁଶ୍ରୀ ସଙ୍ଗୀତା ବେହେରା,** ପିତା: ✓ ଶ୍ରୀ ନିରଞ୍ଜନ ସାମଲ, **୩) ମିସ୍ ଝୁନିରାଣୀ ବେହେରା,** ପିତା: ✓ ଶ୍ରୀ ନିରଞ୍ଜନ ସାମଲ, **୪) ଶ୍ରୀ ଭାଗ୍ୟଧର ସାମଲ,** ପିତା: ✓ ଶ୍ରୀ ନିରଞ୍ଜନ ସାମଲ, **୫) ଶ୍ରୀ କେଦାରନାଥ ସାମଲ,** ପିତା: ✓ ଶ୍ରୀ ନିରଞ୍ଜନ ସାମଲ, **୬) ଶ୍ରୀ ଲକ୍ଷ୍ମୀଧର ସାମଲ,** ପିତା: ✓ ଶ୍ରୀ ନିରଞ୍ଜନ ସାମଲ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା.: ରଙ୍ଗିଆଗଡ଼, ପୋ.: ଝିମାଣୀ, ଭାୟା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ସମ୍ପତ୍ତିର ମାଲିକ: ✓ ନିରଞ୍ଜନ ସାମଲ | ✓ ନିରଞ୍ଜନ ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଙ୍ଗିଆଗଡ଼, ମ୍ୟୁଟେସନ୍ ଖାତା ନଂ.: ୯୭, ମ୍ୟୁଟେସନ୍ ପ୍ଲଟ୍ ନଂ.: ୭୩୩, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ଅନୁରୂପ କନ୍‌ସୋଲିଡେସନ୍ ଖାତା ନଂ.: ୯୭, ନନ୍ କନ୍‌ସୋଲିଡେସନ୍ ପ୍ଲଟ୍ ନଂ.: ୭୩୩, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ଥାନା: ପାରାଦୀପ, ଥାନା ନଂ. ୨୪ ଏବଂ ତହସିଲ: କୁଜଙ୍ଗ, ତହସିଲ ନଂ. ୧୨୭, ଏସ୍ଆରଓ: କୁଜଙ୍ଗ, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର | ୧୩.୦୧.୨୦୨୨ | ୨୧.୦୬.୨୦୨୨ | ୧୧.୦୧.୨୦୨୨ ସୁଦ୍ଧା ଟ.୩୨,୫୯,୦୧୮/- + ୧୨.୦୧.୨୦୨୨ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୨.୦୬.୨୦୨୨
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
ଆସିକା ଶାଖା: ପ୍ଲଟ ନଂ.୨୭୬, କଳିଙ୍ଗ ରୋଡ, ଆସିକା, ଜିଲ୍ଲା: ଗଞ୍ଜାମ
ଫୋନ୍ : ୦୬୮୨୨-୨୭୨୪୭୪, ଇ-ମେଲ:iob2218@iob.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେଶୀ ଆକ୍ଟ) ଅନ୍ତର୍ଗତ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩(୧) ଅନୁଯାୟୀ ଡିମାଣ୍ଡ ନୋଟିସ୍**

**୧)** ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଅନୁସାରେ ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ରୁଲ୍ ୩ ଅନୁଯାୟୀ କ୍ଷମତାପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା (ଏହାପରେ କଥିତ ଋଣଗ୍ରହୀତା ଭାବେ ବର୍ଣ୍ଣିତ)ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ଉକ୍ତ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ନୋଟିସ୍ ଦର୍ଶିତ ବକେୟା ରାଶି ପୈଠ କରିବାକୁ କୁହାଯାଇଥିଲା। **୨)** କଥିତ ଡିମାଣ୍ଡ ନୋଟିସ୍ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇନପାରି /ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ସ୍ୱିକୃତ ନହୋଇ ଫେରସ୍ତ ଆସିଛି। ସୁତରାଂ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରିଛନ୍ତି। କଥିତ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଶେଷ ଜ୍ଞାତ ଠିକଣାରେ ଥିବା ଆବାସର ଉକ୍ତ ନୋଟିସ୍ ଗୁଡିକ ସଂଲଗ୍ନ କରାଇଛନ୍ତି। ଉକ୍ତ ନୋଟିସ୍‌ର କପି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ। ତେଣୁ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେଗୁଡିକ ବ୍ୟାଙ୍କର କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। **୩)** ଉପରୋକ୍ତ କାରଣ ଯୋଗୁ ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ଋଣକାଗଜାତ୍ ଏବଂ ଅନ୍ୟାନ୍ୟ କାଗଜାତ୍ ଅନୁସାରେ ସେମାନଙ୍କର ବକେୟା ରାଶି ଯାହା ନିମ୍ନ ସାରଣୀରେ ଦର୍ଶିତ ତାହା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରନ୍ତୁ। ସମ୍ପୃକ୍ତ ପକ୍ଷ ତାଙ୍କର ବକେୟା ପରିଶୋଧ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ତାଙ୍କର ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରଖିଛନ୍ତି ଯାହାକି ତାଙ୍କ ନାମ ବିପକ୍ଷରେ ନିମ୍ନ ସାରଣୀରେ ଦର୍ଶାଯାଇଛି।

| ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | (କ)ଋଣ/ମଞ୍ଜୁରି ଋଣ (ଖ)ଏନ୍‌ପିଏ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ* | ଡିମାଣ୍ଡ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ରଘୁନାଥ ମୋଟର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ସୁଶାନ୍ତ କୁମାର ନାହାକ,** ଠିକଣା: କଳଷଣ୍ଡପୁର, ଆସିକା-ବ୍ରହ୍ମପୁର ମେନ୍ ରୋଡ, ଆସ୍କା, ଗଞ୍ଜାମ- ୭୬୧୧୧୧, **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶାନ୍ତ କୁମାର ନାହାକ,** ପିତା: ଶ୍ରୀ ଭବାନୀ ନାହାକ, ଠିକଣା: ସା-ଘଟକୁରି, ପୋ.- ଖରିଆ, ଜିଲ୍ଲା- ଗଞ୍ଜାମ, ପିନ୍- ୭୬୧୧୧୧। | (କ)ଟ.୩୪,୦୦,୦୦୦/- (ଖ)୩୦.୦୫.୨୦୨୨ | ୩୦.୦୫.୨୦୨୨ ସୁଦ୍ଧା ଟ.୩୪,୩୫,୨୨୦/- | ୦୬.୦୬.୨୦୨୨ | **୧. ଶ୍ରୀ ସୁଶାନ୍ତ କୁମାର ନାହାକଙ୍କ** ନାମରେ ଥିବା ଗୃହ ନିର୍ମାଣ ଭୂମି ଯାହାର ମୌଜା: ଖରିଆ, ଥାନା/ତହସିଲି/ଏସ୍ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ- ୭୬୧୧୧୧, ଓଡିଶା, ନୂତନ ଖାତା ନଂ.୭୦୨/୧୨୦, ପ୍ଲଟ ଏବଂ ଚକ ନଂ. ୫୦୮୯, ୫୦୭୪/୬୯୯୦, ୫୦୭୫/୬୯୯୧, ୫୦୮୮, ଯଥାକ୍ରମେ ଏରିଆ: ଏ୦.୧୫୮ ଡିସିମିଲି, ଏ୦.୦୨୫ ଡିସିମିଲି, ଏ୦.୧୯୫ ଡିସିମିଲି, ଏ୦.୧୬୮ ଡିସିମିଲି, ସମୁଦାୟ ଏରିଆ: ଏ୦.୫୪୬ ଡିସମିଲି (୨୩୭୮୩.୭୬ ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସହଦେବ ଜେନା, ବାସୁଦେବ ଜେନା ଏବଂ ହାଡୁବନ୍ଧୁ ସ୍ୱାଇଁଙ୍କ ଜମି, ପୂର୍ବ- ଶ୍ରୀ ଗୋବିନ୍ଦ ବିଶ୍ୱାଳ ଏବଂ ବାହାଦୁର ବିଶ୍ୱାଳଙ୍କ ଜମି, ପଶ୍ଚିମ- ନିଜ ଜମି ଏବଂ ରାମନାଥ ବିଶ୍ୱାଳଙ୍କ ଜମି। |

**୨. ଶ୍ରୀ ସୁଶାନ୍ତ କୁମାର ନାହାକଙ୍କ** ନାମରେ ଥିବା ଗୃହ ନିର୍ମାଣ ଭୂମି ଯାହାର ମୌଜା: ଖରିଆ, ଥାନା/ତହସିଲି/ଏସ୍ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ- ୭୬୧୧୧୧, ଓଡିଶା, ନୂତନ ଖାତା ନଂ.୭୦୨/୧୫୫, ପ୍ଲଟ ଏବଂ ଚକ ନଂ. ୫୦୮୬/୭୦୦୨ ଏବଂ ୫୦୮୭, ଯଥାକ୍ରମେ ଏରିଆ: ଏ୦.୧୨୩ ଡିସିମିଲି ଏବଂ ଏ୦.୧୮୦ ଡିସିମିଲି, ସମୁଦାୟ ଏରିଆ: ଏ୦.୩୦୩ ଡିସମିଲି (୧୩୧୯୮.୬୮ ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ଜମି, ଦକ୍ଷିଣ- ହାଡିବନ୍ଧୁ ସ୍ୱାଇଁ ଏବଂ ମୋଚିଆ ଜେନାଙ୍କ ଜମି, ପୂର୍ବ- ମୋଚିଆ ଜେନା ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ- ନିଜ ଜମି ଏବଂ ଚୌଧୁରୀ ଜେନା ଏବଂ ଅନ୍ୟମାନଙ୍କ ଜମି।

***ଉପର ଦର୍ଶିତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସହମତି କ୍ରମେ ବୃଦ୍ଧିହାରରେ ପରବର୍ତ୍ତି ସେବାବଦ ଅର୍ଜିତ ସୁଧ, ଖର୍ଚ୍ଚ, ଦେୟ / ଚକ୍ରବୃଦ୍ଧି ସୁଧ ସହିତ ପ୍ରଦାନ କରାଯିବ।**
**(୪)** ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ଦେୟ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦାୟ, ଦାୟିତ୍ୱ ଏବଂ ଫଳାଫଳରେ ସମ୍ପନ୍ନ କରାଯିବ ଓ ସେଥିପାଇଁ ସେମାନେ ଦାୟୀ ରହିବେ। **(୫)** ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। **(୬)** ବ୍ୟାଙ୍କ ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି ଏବଂ ଏହାପରେ ଯଦି କୌଣସି ବ୍ୟକ୍ତି ଏହି ଆଇନ କିମ୍ବା ନିୟମର ଉଲଙ୍ଘନ କରନ୍ତି ତେବେ ଏହି ଆକ୍ଟର ଧାରା ୨୯ ଅନୁଯାୟୀ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ନିମନ୍ତେ ଯୋଗ୍ୟ ହେବେ।

ତାରିଖ-୨୨.୦୬.୨୦୨୨, ସ୍ଥାନ-ଆସିକା
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



**ODISHA PUBLIC SERVICE COMMISSION**
**CUTTACK**
**NOTICE**
No.5573/PSC Dt.22.06.2022
(DR-IV) (2PH-01-2022-23)

No. D-74: It is for information of all concerned that **written examination** for recruitment to the post of **Assistant Section Officer,** pursuant to Advt. No. 26 of 2021-22 will be conducted at different Educational Institutions of 30 districts and 03 Sub-Divisions of the State as per the following programme.

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 a.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 21.08.2022 (Sunday) | Paper - I General Awareness | Paper - II (a) Test of Reasoning & Mental ability (b) Mathematics | Paper - III Language (a) English (b) Odia |

The Roll Nos. of the provisionally admitted candidates, **venue of examination centre, Admission Certificate and Instruction to Candidates** to be downloaded by the candidate will be available in the website of the Commission at **(www.opsc.gov.in)** later on.
The eligible candidates are advised to visit the website of the Commission regularly for update.

**OIPR-12002/11/0090/2223** **Sd./- Secretary**



**ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ନୋଟିସ ନଂ. ୧୯୭୪ ତା:୨୦।୦୬।୨୦୨୨

No. C-606: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡ଼ିକ ଲଟେରି ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି ଅମାନତ ରାଶିକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Subarnapur Municipalityଙ୍କ ନାମରେ ଜମାଦେବେ। ତା୩୦।୦୬।୨୦୨୨ ଅପରାହ୍ନ ୫.୦୦ଘ. ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ପତ୍ର ଓ ଡ୍ରାଫ୍ଟ Regd. Post/ Courier/Speed Post କିମ୍ବା ବ୍ୟକ୍ତିଗତଭାବେ କାର୍ଯ୍ୟାଳୟରେ ଦାଖଲ କରିବେ। ତା୦୪।୦୭।୨୦୨୨ ଦିବା ୧୧.୦୦ଘ. ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଲଟେରି କରାଯିବ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ଓ ସର୍ତ୍ତାବଳୀ ନିମ୍ନରେ ଦିଆଗଲା। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବେ ସେମାନେ ସୋନପୁର ପୌର ପରିଷଦରୁ ଟ.୨୦୦/- ଦାଖଲ କରି ନିର୍ଦ୍ଧାରିତ ଦରଖାସ୍ତରେ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ କାର୍ଯ୍ୟାଳୟରେ ଦାଖଲ କରିବେ।

| କ୍ର.ନଂ. | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କମ୍ପ୍ଲେକ୍ସ (ପି.ଡି. ବାସଗୃହ ପାର୍ଶ୍ୱ), ସୋନପୁର | ୧୪' × ୧୦' (୨୮ ଗୋଟି) କ୍ର.ନଂ. ୫ରୁ ୩୨ | ୩,୯୫,୦୦୦/- | ୧,୦୦,୦୦୦/- | ୨୫୦୦/- |

**ସର୍ତ୍ତାବଳୀ:**
୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଲଟେରିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।
୩. ଲଟେରିରେ ଯେଉଁମାନେ ସଫଳ ହେବେ ସେମାନେ ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମାକରି ଚୁକ୍ତିନାମା ସ୍ୱାକ୍ଷର କରିବେ। ଧାର୍ଯ୍ୟ ମୂଲ୍ୟ ସମୟସୀମା ମଧ୍ୟରେ ଜମା ନ କରିବା କ୍ଷେତ୍ରରେ ତାଙ୍କର ଚୟନକୁ ଖାରଜ କରାଯିବ ଏବଂ ପ୍ରତୀକ୍ଷା ସୂଚୀରୁ ପରବର୍ତ୍ତୀ ବ୍ୟକ୍ତିଙ୍କୁ ଚୟନ କରାଯିବ। ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଜମା ପାଇଁ କୌଣସି ସମୟସୀମା ବୃଦ୍ଧି ଆବେଦନକୁ ଗ୍ରହଣ କରାଯିବ ନାହିଁ।
୪. ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଲଟେରିରେ ଅଂଶଗ୍ରହଣ କରିପାରିବେ। ଗୋଟିଏ ପରିବାରର ଏକାଧିକ ଆବେଦନ ଆସିଥିଲେ କିମ୍ବା ସମାନ ବ୍ୟକ୍ତି ଏକାଧିକ ଆବେଦନ କରିଥିଲେ କେବଳ ଗୋଟିଏ ମାତ୍ର ଆବେଦନକୁ ଗ୍ରହଣ କରାଯିବ ଏବଂ ଅନ୍ୟ ସମସ୍ତ ଆବେଦନକୁ ବାତିଲ କରାଯିବ।
୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡ଼ାରେ ଲଗାଇପାରିବେ ନାହିଁ। ହସ୍ତାନ୍ତର କିମ୍ବା ଭଡ଼ା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମା ଟଙ୍କା ବାଜ୍ୟାପ୍ତି କରାଯିବ।
୭. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ପୌର ପରିଷଦ ଅଧୀନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ।
୮. କାର୍ଯ୍ୟନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଲଟେରି ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୯. ଲଟେରି ସଂକ୍ରାନ୍ତୀୟ ବିଷଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।
୧୦. ପ୍ରଥମ ମହଲାରେ ଥିବା ଷ୍ଟଲଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହସ୍ତାନ୍ତର କରାଯିବ। ପ୍ରଥମ ମହଲାରେ ଥିବା ଷ୍ଟଲଗୁଡ଼ିକର କ୍ରମିକ ନମ୍ବର ଦକ୍ଷିଣ ଦିଗରୁ ଆରମ୍ଭ ହେବ।
୧୧. ଆବେଦନକାରୀ ଯଦି କୌଣସି ଭୁଲ ବା ମିଥ୍ୟା ତଥ୍ୟ ଦେଇଥିବାର ଜଣାପଡ଼େ ତେବେ ତାଙ୍କ ଆବଣ୍ଟନକୁ ବାତିଲ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ
OIPR-13098/11/0011/2223

## ସଂକ୍ଷେପରେ

### ଦ୍ରୁତ ବାଇକ୍ ଚାଳନାରେ ରୋକ୍ ପାଇଁ ଦାବି

**ପଟ୍ଟାମୁଣ୍ଡାଇ,୨୨।୬(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖ ଅଞ୍ଚଳରେ ଯୁବକମାନଙ୍କ ଦ୍ରୁତ ବାଇକ୍ ଚାଳନା ସାଧାରଣ ଲୋକଙ୍କ ପାଇଁ କାଳ ହେବାକୁ ବସିଛି। ଯୁବକମାନେ ସହରର ବିଭିନ୍ନ ଜନଗହଳି ସ୍ଥାନରେ ଜୋରରେ ବାଇକ୍ ଚଳାଉଛନ୍ତି। ଫଳରେ କଲେଜ, ସ୍କୁଲ ଭଳି ଗହଳି ଅଞ୍ଚଳରେ ଏମାନଙ୍କ ଦ୍ରୁତ ବାଇକ୍ ଚାଳନା ଦେଖି ଲୋକମାନେ ପ୍ରମାଦ ଗଣୁଛନ୍ତି। ପଟ୍ଟାମୁଣ୍ଡାଇ-ରାଜନଗର ଡଲରୋଡ, ଡାକବଙ୍ଗଳା ଛକ ପାଖରୁ ବକ୍ତାରପୁର ମଧରେ ପଟ୍ଟାମୁଣ୍ଡାଇ କଲେଜ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏମ୍.ଏନ୍. ହାଇସ୍କୁଲ, ପଟ୍ଟାମୁଣ୍ଡାଇ ମହିଳା କଲେଜ, ପୋଖରିଆପଡା ୟୁପି ସ୍କୁଲ ଓ ବକ୍ତାରପୁର ହାଇସ୍କୁଲ ରହିଛି। ସ୍କୁଲ ଓ କଲେଜ ଛୁଟି ସମୟରେ ଏହି ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ଯିବା ପାଇଁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ରାସ୍ତାରେ ଏହି ବେପରୁଆ ବାଇକ୍ ଚାଳକମାନେ ଏତେ ଦ୍ରୁତଗତିରେ ଚଲେଇ ଯାଉଛନ୍ତି ଯେ କେତେବେଳେ ଯେ ଦୁର୍ଘଟଣା ଘଟିବ କହି ହେବ ନାହିଁ। ସ୍କୁଲ ଓ କଲେଜ ଛୁଟି ସମୟରେ ଯଦି ଏହି ରାସ୍ତାରେ ପୋଲିସ୍ ପାଟ୍ରୋଲିଂ କରନ୍ତା ତେବେ ଏହି ଅମାନିଆ ଯୁବକମାନେ ସାବାଡ୍ ହୋଇପାରନ୍ତେ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମାର୍କେଟ୍ ରାସ୍ତାରେ ବାଇକ୍ ଚାଳକମାନେ ଏତେ ଜୋର୍‌ରେ ବାଇକ୍ ନେଇ ଯାଉଛନ୍ତି ଯେ ସାଧାରଣ ଲୋକ ଭୟଭୀତ ହୋଇପଡୁଛନ୍ତି। ଜନଗହଳିପୂର୍ଣ୍ଣ ମାର୍କେଟ ଅଞ୍ଚଳରେ ବି ପୋଲିସର ପହରା ନ ଥିବାରୁ ଅନାୟସରେ ଏହି ଚାଳକମାନେ ବାଇକ୍ ତୀବ୍ର ବେଗରେ ଚଳାଉଛନ୍ତି। ଏଣୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ପାଟୋଲିଂକୁ କଡାକଡି କରାଗଲେ ଏମାନଙ୍କୁ ସାବାଡ କରାଯାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବନ୍ତ,୨୨।୬(ଡି.ଏନ.ଏ.):** ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ପଖିଆଗୋଡ଼ି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଆପଦା ଫାଣ୍ଡି ଅଧୀନ କୁଣ୍ଡଳା ଗାଁର ହରେକୃଷ୍ଣ ବାରିକ। ସୋମବାର ରାତିରେ ହରେକୃଷ୍ଣ ଗାଁର ଅନ୍ୟ ଜଣେ ଯୁବକଙ୍କ ସହ ବାଇକ୍‌ରେ ଭଦ୍ରକରୁ ଘରକୁ ଫେରୁଥିଲେ। ଏକ କୁକୁର ରାସ୍ତା ଉପରକୁ ଦୌଡ଼ି ଆସିବାରୁ ବାଇକ୍ ଚାଳକ୍ ଭାରସାମ୍ୟ ହରାଇବାରୁ ୨ଜଣ ଛିଟିକି ପଡ଼ିଥିଲେ। ପଛରେ ବସିଥିବା ହରେକୃଷ୍ଣ ଗୁରୁତର ହେବାରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗଜା ମରୁଡ଼ି ଆଶଙ୍କା, ବିହନ ଚିନ୍ତାରେ ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୨୨।୬**

- ୧୨ ହଜାରରୁ ଆସିଛି ୫ ହଜାର କୁଇଣ୍ଟାଲ ବିହନ
- କେନାଲରେ ପାଣି ଛାଡ଼ିବାକୁ ଦାବି

ଓଡ଼ିଶାକୁ ଗତ ୪ ଦିନ ପୂର୍ବରୁ ମୌସୁମୀ ପ୍ରବାହ ଆରମ୍ଭ ହୋଇଥିବା ପାଣିପାଗ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲାର ଖରିଫ ଚାଷ ପାଇଁ ଆଶାନୁରୂପକ ବର୍ଷା ହୋଇନାହିଁ। ଆଗାମୀ ଦିନରେ ଲଗାତର ଭାବେ ବର୍ଷା ନ ହେଲେ ଖରିଫ ଚାଷ ପ୍ରଭାବିତ ହେବ। ଏହାଛଡା ଜିଲା କୃଷି ବିଭାଗ ପକ୍ଷରୁ ଉତ୍ପାଦନକ୍ଷମ ଓ ପାଣି ସହଣୀ କିସମର ଧାନ ବିହନ ଯୋଗାଣ ହୋଇପାରୁନାହିଁ। ଜିଲା ପାଇଁ ୧୨ ହଜାର କୁଇଣ୍ଟାଲ ବିହନ ଆବଶ୍ୟକତା ଥିବା ବେଳେ ମାତ୍ର ୫ ହଜାର କୁଇଣ୍ଟାଲ ବିଭିନ୍ନ ସୋସାଇଟି ମାଧ୍ୟମରେ ବିକ୍ରୟ ହେଉଛି। ବିହନ ସମସ୍ୟା ସହିତ ଗଜା ମରୁଡ଼ିରୁ ଚାଷଙ୍କୁ ବଞ୍ଚାଇବା ପାଇଁ କେନାଲରେ ଏବେଠାରୁ ପାଣି ଛାଡ଼ିବାକୁ ଚାଷୀମାନେ ଦାବି କରିଛନ୍ତି।

କୃଷକନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକର ୧ ଲକ୍ଷ ୫୨ ହଜାର ହେକ୍ଟର କ୍ଷେତରେ ଖରିଫ ଚାଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ପାରମ୍ପରିକ ବିହନ ବାଦ୍ ପ୍ରାୟ ୧୨ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ। ମାତ୍ର ଜିଲାକୁ ୫ ହଜାର କୁଇଣ୍ଟାଲ ବିହନ ଯୋଗାଣ ହୋଇଛି। ଅଧିକ ଅମଳକ୍ଷମ କନକ ପ୍ଲସ, ୧୦୭୫, ଧଳା ସ୍ୱର୍ଣ୍ଣ, ଶାରଳା, ସାଧନା ଖୁସିଆନି ଆଦି ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ସେହିପରି ଅକ୍ଷୟତୃତୀୟାଠାରୁ କ୍ଷେତରେ ହଳ ଆରମ୍ଭ କରି ଚାଷୀ ରଜ ପୂର୍ବରୁ ପାଟ ବା ତଳିଆ ଅଞ୍ଚଳ କ୍ଷେତରେ ପାରମ୍ପରିକ ଧାନ ବିହନ ବୁଣିଥିଲେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚାଷୀ କ୍ଷେତରେ ଧାନ ବୁଣିଥିଲେ ମଧ ପ୍ରବଳ ଖରା ଯୋଗୁ ଏହି ବିହନ ଗଜା ହେବା ସମ୍ଭାବନା କମିଛି। କୃଷକ ନେତା ବିଜୟ କୁମାର ପରିଡା କହିଛନ୍ତି, ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ଘନୀଭୂତ ହେବାରେ ଲାଗିଛି। ଗତ ମେ ମାସ ଶେଷ ସପ୍ତାହରେ ଖରିଫ ଚାଷ ପାଇଁ କେତେଜଣ ଚାଷୀ କ୍ଷେତକୁ ପାଣି ବୋହି ଧାନ ତଳି ପକାଇଥିଲେ। ଅଦ୍ୟାବଧି ବର୍ଷା ନ ଥିବାରୁ ତଳି ଜମି ଫାଟି ଗଲାଣି। ନଦୀ ଓ କେନାଲ ବନ୍ଧ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟ କହୁଛି। ଏସବୁର ମରାମତି ପାଇଁ ଜଳସମ୍ପଦ ବିଭାଗ ଆଗଭର ହେଉନାହିଁ। ବିହନ ଓ ସାର ସମସ୍ୟା ଜିଲାରେ ଲାଗି ରହିଛି। କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି, ଉପର ଓ ତଳୁଆ ଅଞ୍ଚଳର ପ୍ରାୟ ୧୫ ଏକର ଜମିରେ ଖରିଫ ଚାଷ ପ୍ରତିବର୍ଷ କରେ। ଚଳିତ ବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା କେନାଲ ମରାମତି କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ଏହାକୁ ଆଳ କରି କେନାଲକୁ ପାଣି ଛଡା ଯାଇନାହିଁ। ସେହିପରି ମୌସୁମୀ ବର୍ଷାକୁ ପୂର୍ବାନୁମାନ କରି ଚାଷୀ ପାଟ ଜମିରେ ରଜ ପୂର୍ବରୁ ବିହନ ବୁଣାବୁଣି ସାରିଛନ୍ତି। ବର୍ଷା ଓ କେନାଲ ପାଣି ଅଭାବରୁ ଏହା ନିଶ୍ଚିତ ଭାବେ ଗଜା ମରୁଡି ହେବ। ସେହିପରି ଧାନ ରୁଆ ପାଇଁ ଏବେ ତଳି ସମସ୍ୟା ଦେଖାଦେଇଛି। ବିହନ ଯୋଗାଣ ସମ୍ପର୍କରେ କେନ୍ଦ୍ରାପଡ଼ା ଫାର୍ମର୍ସ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି, ଜିଲା କୃଷି ବିଭାଗ ପକ୍ଷରୁ ପାକ୍ସ ଓ ରିଟେଲ ପଏଣ୍ଟକୁ ଚାଷୀଙ୍କ ଖରିଫ ବିହନ ଯୋଗାଣ ହୋଇଛି ବୋଲି କୁହାଯାଉଛି। ମାତ୍ର ଅଳ୍ପ କେତୋଟି କିସମ ବିହନ ବ୍ୟତୀତ ଅଧିକ ଅମଳକ୍ଷମ ବିହନ ଯୋଗାଣ ହୋଇନାହିଁ। ଫଳରେ ଚାଷୀ ବିହନ ପାଇଁ ବିକ୍ରୟ କେନ୍ଦ୍ରରୁ ବାରମ୍ବାର ଯାଇ ଫେରୁଛନ୍ତି। କୃଷି ବିଭାଗ ନିର୍ଦ୍ଦେଶକ ଶିବ ପ୍ରସାଦ ମଲ୍ଲିକଙ୍କୁ ପଚାରିବାରେ ବର୍ଷା ସ୍ୱାଭାବିକ ପ୍ରକ୍ରିୟାରେ ହେଉଛି। ଚାଷ ପାଇଁ ଏହା ବାଧକ ହେବ ନାହିଁ। ବିହନ ଯୋଗାଣକୁ ତ୍ୱରାନ୍ୱିତ ପାଇଁ ବିଭିନ୍ନ ପ୍ରକ୍ରିୟାକରଣ କେନ୍ଦ୍ର ଓ ବିହନ ନିଗମ ସହିତ ଯୋଗାଯୋଗ ଚାଲିଛି ବୋଲି ସେ କହିଛନ୍ତି।


ଡେରାବିଶ ବ୍ଲକ ଚାଷଖଣ୍ଡ ଗାଁରେ ଥିବା ଧାନ ତଳି କ୍ଷେତରେ ପାଣି ଅଭାବରୁ ଫାଟି ଗଲାଣି।

### ୩ ଗୋରୁ ବୋଝେଇ ଟ୍ରକ୍ ଜବତ, ୬ ଅଟକ

**ରୂପସା/ଜଳେଶ୍ୱର, ୨୨।୬(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ବୁଧବାର ପୋଲିସ ୩ଟି ଗୋରୁ ବୋଝେଇ ଟ୍ରକ୍ ଜବତ କରିବା ସହ ସେଥିରୁ ମୁମୂର୍ଷୁ ଅବସ୍ଥାରେ ୨ଶହ ଗୋରୁ ଉଦ୍ଧାର କରିଛି। ପୂର୍ବାହ୍ନରେ ୩ ଟ୍ରକ (ନଂ. ଓଆର୍୦୪ଏଚ୍-୭୯୮୯, ଓଡ଼ି୦୪ଏନ୍-୫୨୮୬ ଓ ଓଡ଼ି୩୪ଏନ୍-୩୬୦୫) ଯୋଗେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ରାଜଘାଟ ସୁବର୍ଣ୍ଣରେଖା ବ୍ରିଜ ନିକଟରେ ଥିବା ନାକା ପଏଣ୍ଟରେ ଚେକିଂ କରୁଥିବା ପୋଲିସ ଗୋଟିଏ ଟ୍ରକ୍‌କୁ ଅଟକାଇଥିଲା। ଖବରପାଇ ଅନ୍ୟ ଡ୍ରାଇଭର ଅନ୍ୟ ୨ଟି ଟ୍ରକ୍ ବସ୍ତା ଥାନା ସନ୍ତୋଷପୁର ନିକଟରେ ଥିବା ଏକ କ୍ରଶର ଭିତରକୁ ନେଇଯାଇଥିଲେ। ନାକା ପଏଣ୍ଟରେ ଥିବା ପୋଲିସ ସେଠାରେ ପହଞ୍ଚି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ଆଇଆଇସି ସୁବ୍ରତ ବେହେରା ପ୍ରମୁଖ ସଦଳବଳେ ଚଢ଼ାଉ କରି ଟ୍ରକ ସବୁକୁ ଜବତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୬ଜଣଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ରାଷ୍ଟ୍ରପତି ପଦବୀ ପାଇଁ ଦ୍ରୌପଦୀଙ୍କ ନାମ ଘୋଷଣା ପରେ ନାଚିଲେ ଆଦିବାସୀ

**ମହାକାଳପଡ଼ା,୨୨।୬ (ଡି.ଏନ୍.ଏ.)**

ଓଡ଼ିଶାର ଝିଅ ତଥା ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଏନ୍‌ଡିଏ ସରକାର ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା କରିବା ପରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପେଟଛେଲା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମହିଳା ଓ ପୁରୁଷଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସେମାନେ ବିଭିନ୍ନ ଗଣମାଧ୍ୟମରୁ ଏହି ଖବର ଜାଣିବାପରେ ପାରମ୍ପରିକ ବାଦ୍ୟ ବଜାଇ ସଙ୍ଗୀତର ତାଳେ ତାଳେ ନାଚି ଥିଲେ । ଆମ ଜନଜାତି ସମ୍ପ୍ରଦାୟର ଜଣେ ମହିଳା ଦେଶର ସର୍ବୋଚ୍ଚ ପଦବୀ ପାଇଁ ମନୋନୀତ ହୋଇଥିବାରୁ ଆମେ ଗର୍ବିତ । ଆମ ସମ୍ପ୍ରଦାୟର ବିକାଶ ପ୍ରତି ପ୍ରାଥମିକତା ସେ ଦେବେ ବୋଲି ଆମର ବିଶ୍ୱାସ ରହିଛି । ସମାଜର ମୁଖ୍ୟସ୍ରୋତରେ ଜନଜାତି ସମ୍ପ୍ରଦାୟର ଲୋକଙ୍କୁ ସେ ପ୍ରାଧାନ୍ୟ ଦେବା ସହ ଆମ ଅଞ୍ଚଳର ବିକାଶ ହେବ ବୋଲି ଜନଜାତି ମୁଖିଆମାନେ କହିଛନ୍ତି । ସେମାନେ ଦ୍ରୌପଦୀଙ୍କ ପାଇଁ ଶୁଭ ମନାସୀ ନିଜ ଇଷ୍ଟ ଦେବତା ବାରଙ୍ଗମୁରୁଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଦ୍ରୌପଦୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଆଦିବାସୀ, ଶବର, ସାନ୍ତାଳ, ଭୂମିଜ ଆଦି ସମ୍ପ୍ରଦାୟର ଦୁଃଖ ଶୁଣିବେ ବୋଲି ଗ୍ରାମର ଝଡୁ ଭକ୍ତା,ପଇଡ଼ ଭକ୍ତା, ରୂପାଲି ଭକ୍ତା, ହରି ଆହାଡ଼ି, ରାମ ପାତ୍ର, ସୁଦନ ଭକ୍ତା, ସପନ ଭକ୍ତା, ସହଚରୀ ଆହାଡି, ଲକ୍ଷ୍ମୀଧର ଆହାଡି, ତପୁ ନାହାକ, ସବିତା ଭକ୍ତା ପ୍ରମୁଖ କହିଛନ୍ତି ।


ରାଷ୍ଟ୍ରପତି ପଦବୀ ପାଇଁ ଦ୍ରୌପଦୀଙ୍କ ନାମ ଘୋଷଣା ପରେ ଆଦିବାସୀ ମହିଳାପୁରୁଷମାନେ ନୃତ୍ୟ କରୁଛନ୍ତି।

**ଇଷ୍ଟ ଦେବତା ନିକଟରେ ଶୁଭ ମନାସିଲେ**

# ପ୍ରଫୁଲ୍ଲ ଦାସ ସମବାୟ ସମିତି ସଭାପତି ନିର୍ବାଚିତ

**ମାର୍ଶାଘାଇ,୨୨।୬ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ବିଜୁ କୃଷକ ଜନତା ଦଳ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଦକ୍ଷିଣୀ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମିତିର ସମସ୍ତ ୧୫ଜଣ ନିର୍ଦ୍ଦେଶକ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିଛନ୍ତି। ନିର୍ବାଚନ ଅଧିକାରୀ ବିଶ୍ୱଜିତ ବାରିକ ଓ ଅମୁଲ୍ୟ ରତ୍ନ ନାୟକ ନିର୍ବାଚନ ପରିଚାଳନା କରିଥିଲେ। ଏ ସମ୍ପର୍କରେ ଦାସ କହିଛନ୍ତି, କୃଷି ଓ କୃଷକର ଉନ୍ନତି ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ଆଖୁଆ ଦକ୍ଷିଣୀ ସରପଞ୍ଚ ତପନ ନାୟକ, ସମିତି ସଭ୍ୟ ରମେଶ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ରସେନ ସେଠୀ, ପୂର୍ବତନ ସରପଞ୍ଚ ପ୍ରତାପ ଦାସ, ଶୁକଦେବ ବିଶ୍ୱାଳ, ଶୈଳେନ୍ଦ୍ର ସାମଲ, ଅନ୍ନଦା ସାମଲ, ରଞ୍ଜିତ ମହାପାତ୍ର, ଚୌଧୁରୀ ଆଲୋକ ନାୟକଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।


ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଦାସଙ୍କ ସହ ଅନ୍ୟମାନେ।

# ସରକାରୀ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ

**ଆଳି,୨୨।୬ (ଡି.ଏନ.ଏ.)**

ସରକାରୀ ବିଦ୍ୟାଳୟର ଉନ୍ନତିକରଣ ପାଇଁ ସରକାର ତାଙ୍କର ପ୍ରୟାସ ଜାରି ରଖିଛନ୍ତି । କେତେକ ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବିଶେଷକରି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ଜମିପଟ୍ଟା ବଣ୍ଟନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ଆଳି ବ୍ଲକ ଅଞ୍ଚଳରେ ଜମି ପଟ୍ଟା ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଆଳି ବ୍ଲକ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଏହା ସରକାରଙ୍କ ଏକ ସଫଳ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ବ୍ଲକ ପ୍ରଶାସନ ବିଦ୍ୟାଳୟର ସମସ୍ତ ଉନ୍ନୟନ କାର୍ଯ୍ୟ କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଳି ତହସିଲଦାର ତପନ କୁମାର ସେନାପତି, ବିଡ଼ିଓ ଦିବେନ୍ଦୁ ଦାସ, ସାହିତ୍ୟିକ ବନମାଳୀ ସେନାପତି ଓ ପ୍ରମୋଦ ମଲ୍ଲିକ ଯୋଗଦେଇ ୫୭ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ସହକାରୀ ଶିକ୍ଷକଙ୍କୁ ପଟ୍ଟା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଳି ବିଆରସିସି ତଥା ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ ଓ ଉଦକର ସାମଲ ପରିଚାଳନା କରିଥିଲେ ।


ଜଣେ ଶିକ୍ଷକଙ୍କୁ ସ୍କୁଲ ପାଇଁ ଜମି ପଟ୍ଟା ପ୍ରଦାନ କରାଯାଉଛି ।

# କେନ୍ଦ୍ରାପଡ଼ା ଋଣ ସମବାୟ ସମିତି ନିର୍ବାଚନ

**କେନ୍ଦ୍ରାପଡ଼ା ଅଫିସ, ୨୨।୬**

**ପ୍ରମୋଦ ସାହୁ ହେଲେ ସଭାପତି**

କେନ୍ଦ୍ରାପଡ଼ା ଋଣ ସମବାୟ ସମିତିର ସଭାପତି ଭାବେ ୫ମ ଥର ପାଇଁ ବରିଷ୍ଠ ସମବାୟବିତ୍ ତଥା କୃଷକ ନେତା ପ୍ରମୋଦ କୁମାର ସାହୁ ବୁଧବାର ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସଭାପତି ସାହୁ କହିଛନ୍ତି, ସମବାୟ କ୍ଷେତ୍ରରେ ଏହି ସମିତି ଏକ ବିପ୍ଳବ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲା ସମେତ କଟକ, ଜଗତ୍‌ସିଂହପୁର ଓ ଯାଜପୁର ଜିଲାରେ ସମିତିର କାର୍ଯ୍ୟ ପରିସର ବଢ଼ିଛି। ୧,୩୩,୬୧୧ ସଦସ୍ୟଙ୍କୁ ନେଇ ଗଠିତ ଏହି ସମିତିର କାର୍ଯ୍ୟ ପରିସରକୁ ଖୋର୍ଦ୍ଧା ଜିଲାକୁ ଓ ଆଗକୁ ବଢ଼ାଯିବ। ଏଥିସହ ସଦସ୍ୟଙ୍କ ସହଭାଗିତାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ନବ ନିର୍ବାଚିତ ନିର୍ଦ୍ଦେଶକ ଅକ୍ଷୟ ଦାଶ, ଦିଲୀପ ପାତ୍ର, ସୁଶାନ୍ତ ମହାରଣା, ଦିଲୀପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ, କୈଳାସ ବେହେରା, ବଲ୍ଲଭ ନନ୍ଦୀ, ଅମିତାଭ ସାହୁ, ଅନସୂୟା ସାମଲ, ପ୍ରଭାତୀ ଲେଙ୍କା, ସେକ୍ ରିଆଜିତ, ଗୀତାଞ୍ଜଳି ସାହୁ, ସାବନା ପରଭିନ ଓ ଜିତେନ୍ଦ୍ର ଖୁଣ୍ଟିଆଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ଜେନେରାଲ ମ୍ୟାନେଜର ମନୋଜ ସାହୁ, ମୁଖ୍ୟ ଶାଖା ମ୍ୟାନେଜର ରମେଶ ସେଠୀଙ୍କ ସମେତ ବିଭିନ୍ନ ଶାଖାର କର୍ମଚାରୀ ଓ ଏଜେଣ୍ଟ ସାମିଲ ହୋଇଥିଲେ।


କେନ୍ଦ୍ରାପଡ଼ା ଋଣ ସମବାୟ ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସହ ନବ ନିର୍ବାଚିତ ନିର୍ଦ୍ଦେଶକମାନେ।

# ୭ ଅଭିଯୋଗର ସମାଧାନ କଲେ ମହିଳା ଆୟୋଗ

**କେନ୍ଦ୍ରାପଡ଼ା ଅଫିସ, ୨୨।୬**

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ରାଜ୍ୟ ମହିଳା ଆୟୋଗଙ୍କ ଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଆୟୋଗ ମିନତି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଜୀକୃତ ମୋଟ ୫୬ ଅଭିଯୋଗରୁ ୭ଟିରେ ସମାଧାନ ହୋଇଛି। ଶିବିର ପାଇଁ ୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୩୫ଟିରେ ପକ୍ଷମାନେ ଆସିଥିଲେ। ୯ଟି ଅଭିଯୋଗର ଦୁଇପକ୍ଷ ଆସିଥିବା ବେଳେ ୨୨ଟିରେ ଅଭିଯୋଗକାରୀ ଓ ୪ଟି ପ୍ରତିପକ୍ଷ ଆସିଥିଲେ। ୭ଟି ଆପୋସ ଫଇସଲା ହୋଇଥିଲା। ୩ଟି ଅଭିଯୋଗକୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ୨ଟି ଅଭିଯୋଗର ଶୁଣାଣି କରାଯାଇ ଜିଲା ସୁରକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଏଥିସହ ଗୋଟିଏ ଅଭିଯୋଗର ଶୁଣାଣି ଆଇନ ସେବା ପ୍ରାଧିକରଣ ମାଧ୍ୟମରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ୨ଟି ଅଭିଯୋଗକୁ ଖାରଜ କରାଯାଇଥିବା ବେଳେ ୨୦ ଅଭିଯୋଗର ଆଉ ଥରେ ଶୁଣାଣି ହେବ ବୋଲି ନୋଟିସ କରିବାକୁ ମହିଳା ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଏଡିଏମ୍ ପୀତାମ୍ବର ସାମଲ, ଉପଜିଲାପାଳ ନିରଞ୍ଜନ ବେହେରା, ଆୟୋଗ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଆରତି ସିଂହ, ଜିଲା ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ଡିଏସ୍‌ଡବ୍ଲ୍ୟୁଓ ଶଙ୍କର ଜେନା ପ୍ରମୁଖ ସାମିଲ ହୋଇଥିଲେ।



ଶିବିରରେ ରାଜ୍ୟ ମହିଳା ଆୟୋଗ ମିନତି ବେହେରାଙ୍କ ସହ ଅନ୍ୟମାନେ।

# ଗୋସମ୍ପଦର ବିକାଶ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ପଟ୍ଟାମୁଣ୍ଡାଇ, ୨୨।୬(ସ୍ୱ.ପ୍ର.)**

ପ୍ରାଣୀ ସମ୍ପଦର ସୁରକ୍ଷା, ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରାଣୀ, ଗୋ-ସମ୍ପଦର ସୁରକ୍ଷା ଓ ବିକାଶ ପାଇଁ ଠୋସ ପଦକ୍ଷେପ ନିଆଯାଉ ନ ଥିବା କୁହାଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିସ୍ତୃତ ଚାରଣ ଭୂମି ଥିବାରୁ ଏହା ପ୍ରାଣୀ ଓ ଗୋପାଳନ ପାଇଁ ସହାୟକ ହୋଇପାରିବ। ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରାଣୀ ଓ ଗୋ-ସମ୍ପଦର ବିକାଶ ପାଇଁ ଯୋଜନା ପ୍ରଣୟନ କଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଗୋପାଳନ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ଏଥିରେ ସନ୍ଦେହ ନାହିଁ। ଏ ଅଞ୍ଚଳର ଲୋକମାନେ କୃଷି ଓ ଗୃହପାଳିତ ପଶୁ ପାଳନ ଉପରେ ମୁଖ୍ୟତଃ ନିର୍ଭରଶୀଳ। ପରନ୍ତୁ ଗୋଧନର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରାଣୀ ସମ୍ପଦର ବିକାଶ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତ ଦିଆଯାଇଛି। ୨୦୧୨ ଓ ୨୦୧୯ରେ ହୋଇଥିବା ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ଗୋଧନଙ୍କ ସଂଖ୍ୟା ଅହେତୁକ ଭାବେ ହ୍ରାସ ପାଇଛି। ପଟ୍ଟାମୁଣ୍ଡାଇ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଗୋଧନ ହ୍ରାସ ହେବା ଏକ ଚିନ୍ତାର କାରଣ ହୋଇଛି। ଅଞ୍ଚଳରେ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଗୋଶାଳାଗୁଡିକର ବିକାଶ ପାଇଁ ବିଭାଗ ପକ୍ଷରୁ କୌଣସି ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ହାତଗଣତି କିଛି ଗୋଶାଳା ଛାଡି ଦେଲେ ବହୁ ବନ୍ଦ ହେବାରେ ଲାଗିଛି। ଏଥିସହ ଚାରଣ ଭୂମି ଜବରଦଖଲ ହେବାରେ ଲାଗିଛି। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବିଭାଗୀୟ ଉଦାସୀନତା ମଧ ଗୋପାଳନ ଉପରେ ପ୍ରଭାବ ପକାଇବା ଅନ୍ୟ ଏକ କାରଣ ହୋଇଛି। ଯୁବଗୋଷ୍ଠୀକୁ ଅତ୍ୟାଧୁନିକ ଉପାୟରେ ଗୋପାଳନ କରିବାରେ ସୁଯୋଗ ସୃଷ୍ଟି କରି ସ୍ୱାବଲମ୍ବୀ ହେବାକୁ ବିଭାଗ ପକ୍ଷରୁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ। ପ୍ରାଣୀ ଚିକିତ୍ସାଳୟଗୁଡିକର ଭିତ୍ତିଭୂମି ମଧ ଅତ୍ୟନ୍ତ ଦୁର୍ବଳ। ସେଥିପାଇଁ ପ୍ରାଣୀ ଓ ଗୋପାଳନ କ୍ଷେତ୍ରକୁ ନୂତନ ଉଦ୍ୟୋଗୀଙ୍କ ପ୍ରବେଶ ନିରୁତ୍ସାହଜନକ ରହୁଛି। ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡିକରେ ବହୁ ପଦବୀ ଖାଲି ପଡିଛି। ଅନେକ ସ୍ଥାନରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ସରକାରୀ ଅର୍ଥ ବ୍ୟୟରେ ସୁଦୃଶ୍ୟ କୋଠାମାନ ନିର୍ମାଣ ହୋଇଥିଲେ ମଧ ଚିକିତ୍ସକ ଓ କର୍ମଚାରୀ ଅଭାବରୁ ସେଗୁଡିକ ଖୋଲି ନ ପାରି ଲଟାବୁଦା ମାଡି ଗଲାଣି। କୋଠାଗୁଡିକରୁ କବାଟ, ଝରକା ଆଦି ଦୁର୍ବୃତ୍ତମାନେ ଖୋଲି ନେଇଛନ୍ତି। ଏଭଳି ଏକ ଦୃଶ୍ୟ ଖଡିଅଣ୍ଟା ପ୍ରାଣୀ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଅଠରବାଟିଆ ପ୍ରାଣୀ ଚିକିତ୍ସାଳୟର ଚିହ୍ନବର୍ଣ୍ଣ ନାହିଁ। ପ୍ରାଣୀ ଚିକିତ୍ସାଳୟଗୁଡିକର ଭିତ୍ତିଭୂମିଗୁଡିକ ସଜାଡିବା ସହ ଡାକ୍ତର, କର୍ମଚାରୀ ନିଯୁକ୍ତ କରାଗଲେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଏହା ସହାୟକ ହୋଇପାରିବ। ଏଥିସହ ବେଆଇନ ଗୋରୁ ଚାଲାଣ ଏ ଅଞ୍ଚଳରେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ଏହା ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ରହିଛି। ଗୋସମ୍ପଦର ବିକାଶ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

## ସଂକ୍ଷେପରେ

### ବଜ୍ରପାତରେ ୩ ଆହତ

ବିରିଡି,୨୨।୬(ଡି.ଏନ.ଏ.) : ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ପଞ୍ଚାୟତର ଦଣ୍ଡାସାହି ଭୋଇସାହି ନିକଟରେ ବୁଧବାର ଦିବା ଘ୧ ୩୦ମିନିଟ ସମୟରେ ବଜ୍ରପାତ ଘଟି ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ଜଗତ୍‌ସିଂହପୁର ଡାକ୍ତରଖାନାକୁ ନିଆଯାଇଛି। ଗୀତାଞ୍ଜଳି ଭୋଇ(୩୬) ତାଙ୍କ ଝିଅ ସୃତି ଭୋଇ(୧୭) ଓ ପଡୋଶୀ ଝିଲି ଭୋଇ (୩୫) ଏମାନେ ଗୀତାଞ୍ଜଳିଙ୍କ ଘରେ ବସିଥିବା ବେଳେ ବଜ୍ରପାତ ଘଟିଥିଲା। ଫଳରେ ସେମାନେ ଆହତ ହୋଇଥିଲେ।

### ଜଳିଗଲା ତେଲ ବୋଝେଇ ଟ୍ରକ୍

ଧାମନଗର, ୨୨।୬ (ଡି.ଏନ.ଏ)-ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ବାରିକପୁର ବଜାର ଛକଠାରେ ମଙ୍ଗଳବାର ରାତିରେ ଏକ ତେଲ ବୋଝେଇ ଟ୍ରକ୍ ଜଳିଯାଇଛି। ସୂଚନା ଅନୁଯାୟୀ, ଟ୍ରକ୍‌ଟି କଟକ ପଟୁ ଭଦ୍ରକ ଅଭିମୁଖେ ଆସୁଥିଲା। ଜାତୀୟ ରାଜପଥରେ ଟ୍ରକ୍‌ଟି ଦୀର୍ଘ ସମୟ ଧରି ଜଳୁଥିବା ବେଳେ ଭୟରେ କେହି ଲୋକ ପାଖକୁ ଯାଇ ନ ଥିଲେ। ଖବରପାଇ ଭଦ୍ରକ, ଧାମନଗର ଓ ଭଣ୍ଡାରିପୋଖରୀରୁ ଦମକଳ କର୍ମଚାରୀ ପହଞ୍ଚିଥିଲେ। ହେଲେ ପାଣି ସାହାଯ୍ୟରେ ନିଆଁକୁ ଆୟତ୍ତ କରି ନ ପାରିବାରୁ ଫୋମ୍ ଦ୍ୱାରା ଲିଭାଇଥିଲେ। ଟ୍ରକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଶର୍ଟ୍ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ଗୋରେଖନାଥଙ୍କ ହୁଣ୍ଡି ଭାଙ୍ଗି ୧୦ ଲକ୍ଷ ଲୁଟ୍

- ଢିଲା ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବୃତ୍ତଙ୍କ ଟାର୍ଗେଟ୍
- ମହିଳାଙ୍କ ଯୋଗୁ ବର୍ତ୍ତିଗଲା ଅନ୍ୟ ହୁଣ୍ଡି
- ୧୦ ମାସ ହେଲା ଖୋଲାଯାଇ ନ ଥିଲା

ରଘୁନାଥପୁର,୨୨।୬(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥଙ୍କ ପୀଠରେ ଥିବା ହୁଣ୍ଡି (ଦାନବାକ୍ସ) ଉପରେ ପଡିଛି ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଦୁର୍ବୃତ୍ତମାନେ ମଙ୍ଗଳବାର ମଧ୍ୟରାତ୍ରରେ ପ୍ରଭୁଙ୍କ ସମ୍ମୁଖରେ ଥିବା ୨ ନଂ. ହୁଣ୍ଡି ଭାଙ୍ଗିଥିଲେ। ସେଥିରେ ଥିବା ୧୦ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ତିର୍ତ୍ତୋଲ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଆଇଆଇସି ଯୁଗଳ କିଶୋର ଦାସ, ଏସ୍ଆଇ ଦୁଃଖୀଶ୍ୟାମ ସେଠୀ ଓ ଦିନେଶ କୁମାର ପଚ୍ଛା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଥିଲା। ଏ ନେଇ ଥାନାରେ ନଂ. ୪୦୧/୨୨ରେ ମାମଲା ରୁଜୁ ହୋଇଛି। ଏହାଛଡା ସେଠାରେ ଲଗାଯାଇଥିବା ସିସିଟିଭିକୁ ପୋଲିସ ଯାଞ୍ଚ କରିଛି। ରାତି ସାଢେ ୧୨ଟା ସୁଦ୍ଧା ଦୁର୍ବୃତ୍ତମାନେ ଚୋରି କରୁଥିବା ସିସିଟିଭିରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଏଥିରେ ୩ ଜଣ ଦୁର୍ବୃତ୍ତ ଦାନବାକ୍ସ ତାଲାକୁ ତାଡି ଟଙ୍କା ବସ୍ତାରେ ପୂରାଇ ନେଉଥିବା ଦେଖାଯାଇଛି। ପୀଠକୁ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ଓ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରାତ୍ର ଜଗୁଆଳି ନିଯୁକ୍ତି ପାଇଛନ୍ତି। ହେଲେ ସମସ୍ତ ସୁରକ୍ଷା ବଳୟକୁ ଭେଦକରି ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଛନ୍ତି। ଅନୁସରଣରେ ପ୍ରଭୁଙ୍କ ମନ୍ଦିର ପଛ ପାର୍ଶ୍ୱରେ ଅଧିଆ ପଡିଥିବା ଜଣେ ଯୁବକଙ୍କ ମା' କଟକ ଜିଲା ନେମାଳ ଝାଡେଶ୍ୱରପୁର ଅଞ୍ଚଳର ସତ୍ୟଭାମା ବାରିକ ଦୁର୍ବୃତ୍ତମାନେ ଚୋରି କରି ନେଉଥିବା ଦେଖି ପାଟି କରିଥିଲେ। ଧରାପଡିଯିବା ଭୟରେ ଦୁର୍ବୃତ୍ତମାନେ ୩ଟି ବସ୍ତାରେ ଟଙ୍କା ଭରି ନେଇ ପଳାଇ ଯାଇଥିଲେ। ଏହାର ୨୦ ମିନିଟ୍ ପରେ ଜଗୁଆଳ ସଞ୍ଜୟ କୁମାର ବିଶ୍ୱାଳ ସେଠାରେ ପହଞ୍ଚି ବିଭିନ୍ନ ଆଡେ ଖୋଜାଖୋଜି କରିଥିଲେ ସୁଦ୍ଧା ଦୁର୍ବୃତ୍ତମାନଙ୍କ ସନ୍ଧାନ ପାଇ ନ ଥିଲେ।


ଭଙ୍ଗାଯାଇଥିବା ହୁଣ୍ଡି।


ସିସିଟିଭିରେ ଦୁର୍ବୃତ୍ତ ବସ୍ତାରେ ଟଙ୍କା ପୂରାଇ ନେଉଥିବାର ଦୃଶ୍ୟ।

ଅନ୍ୟପକ୍ଷରେ ୨୦୨୧ ଅଗଷ୍ଟରେ ହୁଣ୍ଡି ଖୋଲାଯାଇ ୩୦ ଲକ୍ଷ ଟଙ୍କା ଆୟ ହୋଇଥିଲା। ଏହା ପରଠାରୁ ଦୀର୍ଘ ୧୦ ମାସ ମଧ୍ୟରେ ଅଗ୍ନିଉତ୍ସବ, ନୂଆବର୍ଷ, ୮ଦିନ ବ୍ୟାପୀ ଯଜ୍ଞ ଉତ୍ସବ, ପଣା ସଂକ୍ରାନ୍ତି ଓ ରଜ ସଂକ୍ରାନ୍ତି ଭଳି ବହୁ ପର୍ବପର୍ବାଣିରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ପ୍ରଭୁଙ୍କ ହୁଣ୍ଡିରେ ଅର୍ଥ ପକାଇଛନ୍ତି। ଏହାକୁ ଖୋଲାଯାଇ ପ୍ରଭୁଙ୍କ ନାମରେ ଥିବା ଆକାଉଣ୍ଟରେ କାହିଁକି ଟଙ୍କା ରଖାଗଲା ନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପୀଠରେ ପ୍ରଥମଥର ପାଇଁ ଏତେ ପରିମାଣରେ ଟଙ୍କା ଚୋରି ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି। ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଧରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳିକା ମୃତ

ବାଲିକୁଦା,୨୨।୬(ସ୍ୱ.ପ୍ର.)

ବାଲିକୁଦା ଥାନା ଅନ୍ତର୍ଗତ ତିତିରା ପଞ୍ଚାୟତ ରାମତୋଳ ଗାଁରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୁଧବାର ସନ୍ଧ୍ୟା ୬ଟାରେ ଉତ୍ତମ ଓଝାଙ୍କ ଝିଅ ପ୍ରିୟଙ୍କା (୧୨)ଙ୍କର ମୃତ୍ୟୁ ଘଟିଛି। ନାବାଳିକା ଜଣକ ଛାତ ଉପରକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଛାତ ଉପରେ ଯାଇଥିବା ବିଦ୍ୟୁତ୍ ତାର ତାଙ୍କ ଡାହାଣ ହାତରେ ଲାଗି ଯାଇଥିଲା। ସେ ଘଟଣା ସ୍ଥଳରେ ଟଳି ପଡିଥିଲେ। ଫଳରେ ତାଙ୍କ ଡାହାଣ ହାତ ପାପୁଲି ଓ ଡାହାଣ ପାଦ ପୋଡି ଯାଇଥିଲା। ସେ ବିଦ୍ୟୁତ୍ ଆଘାତ ପାଇ ଚିତ୍କାର କରିବା ପରେ ଝିଅର ପାଟି ଶୁଣି ପରିବାର ଲୋକେ ଛାତ ଉପରକୁ ଧାଇଁ ଯାଇଥିଲେ। ସେଠାରେ ଝିଅ ତଳେ ପଡ଼ି ଛଟପଟ ହେଉଥିବା ଦେଖି ତତ୍‌କ୍ଷଣାତ୍ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହ (ନଂ.୭/୨୨)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## କୁଖ୍ୟାତ ଅପରାଧୀ ପାପା ପଣ୍ଡା ଗିରଫ

ବାଲେଶ୍ୱର ଅଫିସ, ୨୨।୬: ରାଜ୍ୟରେ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ କୁଖ୍ୟାତ ଅପରାଧୀ ଚିନ୍ମୟ ପଣ୍ଡା ଓରଫ୍ ପାପାଙ୍କୁ ବୁଧବାର ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଗିରଫ କରିଛି। ଧମକଚମକ



ଦେଇ ଦାଦାବଟି ମାଗିବା ଓ ଫୋନ୍‌ରେ ହତ୍ୟା ଧମକ ଦେବା ଅଭିଯୋଗରେ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୨୦୩/୨୨ ଓ ୨୦୪/୨୨) ରୁଜୁ କରି ପୋଲିସ ଗିରଫ କରିଛି। ପାପା ବାଲେଶ୍ୱର ଜିଲାର ସହଦେବଖୁଣ୍ଟା ଥାନା, ଶିଳ୍ପାଞ୍ଚଳ ଥାନା, ଟାଉନ୍ ଥାନା, ସଦର ଥାନା ସମେତ ଦୀଘା ପର୍ଯ୍ୟନ୍ତ ବିଭିନ୍ନ ଅପରାଧରେ ୩୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ବ୍ୟବସାୟୀ, ବିଲଡ଼ର, ଠିକାଦାର, ସରକାରୀ ଅଧିକାରୀ, ନେତାମାନଙ୍କୁ ଧମକଚମକ ଦେଇ ବଟି ଆଦାୟ କରିବା ମୁଖ୍ୟ ଅପରାଧ। ଆବଶ୍ୟକ ସ୍ଥଳେ ବହୁ ଜଘନ୍ୟ ଅପରାଧ ଘଟାଇଥାଏ। ପୂର୍ବରୁ ବହୁବାର ଜେଲ୍ ଯିବା ପରେ ମଧ କିଛିଦିନ ପୂର୍ବରୁ ଜେଲରୁ ଆସି ପୁଣି ତାର ଗ୍ୟାଙ୍ଗ ଚଳାଇବାରେ ସକ୍ଷମ ହୋଇଥିଲା। କିଛିଦିନ ପୂର୍ବରୁ ସହରରେ ଲାଗିରହିଥିବା ହତ୍ୟା, ରାହାଜାନି, ଲୁଟ୍, ଚୋରି, ଛିନ୍‌ତାଇ ଭଳି ଅପରାଧ ବଢ଼ିବା ପରେ ପୋଲିସ ସକ୍ରିୟ ହୋଇ ଅପରାଧୀଙ୍କୁ ଧରପଗଡ଼ କାର୍ଯ୍ୟ ଆରମ୍ଭ କରିଥିଲା।

# କାମରେ ଲାଗୁନି ଟ୍ରାଫିକ୍ ଟାୱାର

ପାରାଦୀପ, ୨୨।୬(ସ୍ୱ.ପ୍ର.)

ପାରାଦୀପର ସବୁଠାରୁ ଚଳଚଞ୍ଚଳ ରାସ୍ତା ହେଲା ଅଠରବାଙ୍କିରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ ରାଜପଥ। ଉକ୍ତ ରାସ୍ତାରେ ପ୍ରତିଦିନ ୧୨ ହଜାରରୁ ଅଧିକ ଭାରିଯାନ ଓ ଅନ୍ୟ ସାଧାରଣ ଯାନ ଚଳାଚଳ କରିଥାଏ। ପାରାଦୀପ ବନ୍ଦର ସହରକୁ ପ୍ରବେଶ ପ୍ରସ୍ଥାନ ପାଇଁ ଏହି ଏକମାତ୍ର ରାସ୍ତା ହୋଇଥିବାରୁ ସବୁ ବେଳେ ଚଳଚଞ୍ଚଳ ରହିଥାଏ। ଏହି ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। କାରଣ ଭାରିଯାନ ଚଳାଚଳ ଓ ରାସ୍ତା ଉପରେ ପାର୍କିଂ ଯୋଗୁ ଏପରି ଘଟୁଛି। ଏହି ଟ୍ରାଫିକ ସମସ୍ୟା ସମାଧାନ କରିବାକୁ ଅନେକ ସମୟରେ କଟକଣା, ପୋଲିସ ମୁତୟନ, ଗାଡି ପାର୍କିଂ ପାଇଁ ଜରିମାନା ଆଦାୟ, ଭଲ୍ୟୁଣ୍ଟର ଟ୍ରାଫିକ ସେବା ଆଦି କରାଯାଇଛି। ଏହା ବ୍ୟତିରେକ ଦୋଛକିଠାରେ ରହିଛି ସୁଉଚ୍ଚ ଟ୍ରାଫିକ ଟାୱାର। ଉକ୍ତ ଟାୱାର କିଛିବର୍ଷ ହେଲା ବନ୍ଦ ରହିଛି। ଟାୱାର ଚତୁଃପାର୍ଶ୍ୱରେ ବଣୁଆ ଘାସ ହୋଇଗଲାଣି। ଉକ୍ତ ଟାୱାର ପାଖରେ ରହି ପୋଲିସ ଯେଉଁଭଳି ଟ୍ରାଫିକ ପରିଚାଳନା କରିବା କଥା ତାହା ଆଉ ଦେଖିବାକୁ ମିଳୁନାହିଁ। ଅପରପକ୍ଷେ ଟାୱାର ପାଖରେ ଥିବା ଜାତୀୟ ରାଜପଥର କିଛି ଅଂଶକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲ କରି ସାରିଲେଣି। ଉକ୍ତ ଟାୱାରକୁ ନିର୍ମାଣ କରିଥିଲା ପାରାଦୀପ ପୌରପାଳିକା। ୨୦୦୫ ଜାନୁୟାରୀ ୩୧ରେ ଏହା ଉଦ୍‌ଘାଟନ ହୋଇଥିଲା। ଏହାପରଠାରୁ ପୋଲିସ ହାତରେ ରହିଥିଲା। ୨୦୦୯ ପର୍ଯ୍ୟନ୍ତ ପାରାଦୀପ ଥାନା ଅଧୀନରେ ଏବଂ ୨୦୦୯ ପରଠାରୁ ଲକ୍ ଥାନା ଅଧୀନରେ ରହିଛି। ସେଠାରେ ଲକ୍ ଥାନା ପୋଲିସ ବେଳେବେଳେ ଭାରିଯାନଗୁଡିକୁ ଧାର୍ଯ୍ୟ ଲାଇନରେ ଯିବାକୁ ପରାମର୍ଶ ଦେଇଥାଏ। କିନ୍ତୁ ଏହା କେବଳ ରାତିରେ ହୋଇଥାଏ। ଦୋଛକି ପାଖରୁ ୩ ଲେନ୍ ରାସ୍ତା ଅଠରବାଙ୍କି ପର୍ଯ୍ୟନ୍ତ ରହିଛି। ତାଳଦଣ୍ଡା କେନାଲ ପାର୍ଶ୍ୱ ରାସ୍ତାରେ କେବଳ ଭାରିଯାନ ଧାଡିରେ ବନ୍ଦର ଭିତରକୁ ଯିବା ବ୍ୟବସ୍ଥା ରହିଛି। ସେଠାରେ ପୋଲିସ ଧାଡି ଭାଙ୍ଗୁଥିବା ଗାଡି ପାଇଁ ଭିନ୍ନ ଭିନ୍ନ ପଦକ୍ଷେପ ନେଇଥାନ୍ତି ବୋଲି ଅଭିଯୋଗ ହୁଏ। କିନ୍ତୁ ଟ୍ରାଫିକ ଟାୱାର ବ୍ୟବହାର ଏବେ ହେଉନାହିଁ ବୋଲି ଜଣାପଡିଛି। ଏ ସମ୍ପର୍କରେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ସେଠୀଙ୍କୁ ପଚାରିବାରେ ଟାୱାର ସମ୍ପର୍କରେ ସବିଶେଷ ସୂଚନା ଆମ ପାଖରେ ନ ଥିଲା। ଏହାକୁ ନବୀକରଣ କରାଯାଇ ବ୍ୟବହାର କରାଯିବ।


ଦୋଛକିଠାରେ ଥିବା ଟ୍ରାଫିକ ଟାୱାର।

### ଦୋଛକି ନାମ ପଛର କାହାଣୀ

ପାରାଦୀପ ବନ୍ଦର ସହରକୁ ଦୁଇଟି ରାସ୍ତା ସଂଯୋଗ ରହିଛି। ଗୋଟିଏ ରାଜ୍ୟ ରାଜପଥ ୧୨ ଓ ଅନ୍ୟଟି ୫୩ ନଂ. ଜାତୀୟ ରାଜପଥ। ଏହି ଜାତୀୟ ରାଜପଥ ପୂର୍ବରୁ ୫ ନଂ. (କ)ଥିଲା। ରାଜ୍ୟ ରାଜପଥ ଦୋଛକିଠାରୁ କଟକ ପର୍ଯ୍ୟନ୍ତ ରହିଛି। ଜାତୀୟ ରାଜପଥ ଦୋଛକିଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରହିଛି। ଦୁଇଟି ଯାକ ରାସ୍ତାର ମିଳନ ସ୍ଥଳକୁ ଦୋଛକି କୁହାଯାଏ। ଦୋଛକିଠାରୁ ଅଠରବାଙ୍କି ପର୍ଯ୍ୟନ୍ତ ୩ ଥାକିଆ ରାସ୍ତା ରହିଛି।

## ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

ଯୋଡ଼ା/ଝୁମ୍ପୁରା,୨୨।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ବସନ୍ତପୁର ପେଣ୍ଡେଇ ସାହିରେ ସ୍ତ୍ରୀକୁ ହତ୍ୟା କରିଥିବା ନେଇ ସ୍ୱାମୀଙ୍କ ନାମରେ ଅଭିଯୋଗ ହୋଇଛି। ଅଭିଯୋଗ କୁ ଆଧାର କରି ପୋଲିସ ଅଭିଯୁକ୍ତ ସ୍ୱାମୀ ସୁଶାନ୍ତ ପେଣ୍ଡେଇଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ଆଇଆଇସି ମନୋରଞ୍ଜନ ବିଶି କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ସୁଶାନ୍ତଙ୍କ ସହ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ପେଣ୍ଡେଇ(୨୫) ଙ୍କର ଝଗଡ଼ା ହୋଇଥିଲା। ବୁଧବାର ସକାଳେ ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିପାରି ପୋଲିସକୁ ଖବର ଦେଇଥିଲେ। ତେବେ ମୃତା ଲକ୍ଷ୍ମୀଙ୍କ ଭାଇ ଲକ୍ଷ୍ମୀଧର ପେଣ୍ଡେଇ ତାଙ୍କ ଭିଣୋଇ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପ୍ରାଥମିକ ତଦନ୍ତରୁ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ଜଣା ପଡ଼ିବ ବୋଲି ଆଇଆଇସି ବିଶି କହିଛନ୍ତି। ଏ ନେଇ ବାମେବାରୀ ଥାନାରେ ଏକ ହତ୍ୟା ମାମଲା (ନଂ.୧୧୦/୨୨) ରୁଜୁ ହୋଇଛି।

## ଜଗତ୍‌ସିଂହପୁରରେ ଏସ୍‌ଇଏମ୍‌ଙ୍କ ବିକ୍ଷୋଭ


ବିକ୍ଷୋଭରେ ସାମିଲ ହୋଇଥିବା ଏସ୍‌ଇଏମ୍‌ମାନେ।

ଜଗତ୍‌ସିଂହପୁର ଅଫିସ, ୨୨।୬

ରାଜ୍ୟର ପାଖାପାଖି ୧୩,୫୦୦ ଏସ୍‌ଇଏମ୍ (ସେଲ୍ଫ ଏମ୍ପ୍ଲଏଡ୍ ମେକାନିକ୍ସ) ବିଶେଷକରି ରାଜ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଧୀନରେ କାମ କରୁଛନ୍ତି। ସେମାନେ ଗ୍ରାମ ପଞ୍ଚାୟତସ୍ତରରେ ନଳକୂପ ଓ ପମ୍ପ ହାଉସର ମରାମତି ଆଦି କାମରେ ନିୟୋଜିତ ଅଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକ ପାରିଶ୍ରମିକ ମିଳୁନାହିଁ। ଅତିକମ୍‌ରେ ମାସିକ ୧୦ ହଜାର ଟଙ୍କା ପାରିଶ୍ରମିକ ସମେତ ବକେୟା ଅନରାରିଅମ୍ ପ୍ରଦାନ, ନିୟମିତ କର୍ମଚାରୀଙ୍କ ମାନ୍ୟତା, ବଳକା ଆଳରେ କୌଣସି ଏସ୍‌ଇଏମ୍‌ଙ୍କୁ ଛଟେଇ ନ କରିବା, ଦୁର୍ଘଟଣାରେ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ଅନ୍ୟୁନ ୨୦ ଲକ୍ଷ ଟଙ୍କାର ବୀମା ସହାୟତା ଓ ବସୁଧା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ବୁଧବାର ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ (ଓଆର୍‌ଏମ୍‌ଏସ୍‌କେଏସ୍) ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ଏସ୍‌ଇଏମ୍‌ମାନେ ଏହି ଦାବି କରିଛନ୍ତି। ବିକ୍ଷୋଭରେ ଓଆର୍‌ଏମ୍‌ଏସ୍‌କେଏସ୍ ରାଜ୍ୟ ସଭାପତି ପ୍ରଦୀପ୍ତ ରାମ, ଜଗତ୍‌ସିଂହପୁର ଜିଲା ସଭାପତି ଦୋଳଗୋବିନ୍ଦ ଦାସ, ସମ୍ପାଦକ ପ୍ରଦୀପ୍ତ ପରିଡା, ବରିଷ୍ଠ ସଙ୍ଗଠକ ଅକ୍ଷୟ କୁମାର ଡାକୁଆ, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଏରସମା ବ୍ଲକ ସମ୍ପାଦକ ଦିଲୀପ ସେଠୀ, ଜଗତ୍‌ସିଂହପୁର ସମ୍ପାଦକ ପ୍ରମୋଦ ସ୍ୱାଇଁ, କୁଜଙ୍ଗ ବ୍ଲକ ସହସମ୍ପାଦକ ଦିଲୀପ ମଲିକ, ବିରିଡି ବ୍ଲକ ସଭାପତି ଅରବିନ୍ଦ ମହାନ୍ତି, ସମ୍ପାଦକ ରଞ୍ଜନ କୁମାର ଭୋଇ, ବିଶ୍ୱଜିତ୍ ମହାନ୍ତି, ସୁଶାନ୍ତ ଦାସ, ପୀତବାସ ଦାସ, ଲୋକନାଥ ସ୍ୱାଇଁ ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିକ୍ଷୋଭ ପୂର୍ବରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

### ସର୍ବନିମ୍ନ ମାସିକ ପାରିଶ୍ରମିକ ୧୦ ହଜାର ହେଉ

## ଏରସମା ମୁଖ୍ୟ ଡାକଘର ସମ୍ମୁଖରେ କଂଗ୍ରେସର ଗଣଧାରଣା

ଏରସମା,୨୨।୬(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ମୁଖ୍ୟ ଡାକଘର ସମ୍ମୁଖରେ ମଙ୍ଗଳବାର ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ନଳୀନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଲିକୁଦାର ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଲେ, ଭାରତୀୟ ଜାତୀୟ କଂଗ୍ରେସର ରାଷ୍ଟ୍ରୀୟ ନେତା ରାହୁଲ ଗାନ୍ଧୀଙ୍କ ଉପରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଅନ୍ୟାୟ ଭାବେ ଇଡି ପକ୍ଷରୁ ଜେରା ଓ ଦିଲ୍ଲୀ କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟ ଭିତରେ ପୋଲିସର ଲାଠି ଚାଳନା କରିବା ଅତ୍ୟନ୍ତ ଅନୈତିକ କାର୍ଯ୍ୟ। ସାଧାରଣ ଜନତା କେନ୍ଦ୍ର ସରକାରଙ୍କୁ ଉଚିତ ସମୟରେ ଜବାବ ଦେବେ। ପିସିସି ସଦସ୍ୟ ତଥା ପଲିକଣ୍ଟାର ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ ଉପସ୍ଥିତ ହୋଇ କେନ୍ଦ୍ର ସରକାର ଆଶାତୀତ ଦରଦାମ ବୃଦ୍ଧି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି ବୋଲି ସେ କହିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଏଦା ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ରବୀନ୍ଦ୍ର ମୁଦୁଲି, ସ୍ମୃତି ରଞ୍ଜନ ମନ୍ତ୍ରୀ, ସୁଧାକର ଖଟୁଆ ପ୍ରମୁଖ ଧାରଣାରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିଥିଲେ।


ଏରସମା ବ୍ଲକ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଗଣଧାରଣା।

# ଗୋଦାମ ଗୃହ, ଖୁଚୁରା ବିକ୍ରୟ କେନ୍ଦ୍ରର ସମୀକ୍ଷା


ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ।


ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

- ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟିର ଜଗତ୍‌ସିଂହପୁର ଜିଲା ଗସ୍ତ
- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ, ଅତିରିକ୍ତ ଖାଦ୍ୟ ସୁରକ୍ଷା ଯୋଜନାର ସମୀକ୍ଷା
- ଚଳିତବର୍ଷ ୪୦୦ ଏମ୍‌ଟି ସାର ଯୋଗାଣ ସମ୍ଭବ

ଜଗତ୍‌ସିଂହପୁର ଅଫିସ, ୨୨।୬

ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି-୬ର ସବ୍ କମିଟି-୩ ବୁଧବାର ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। କମିଟି ଅଧ୍ୟକ୍ଷ ତଥା ବିଧାୟକ ଅରବିନ୍ଦ ଢ଼ାଲି ଓ ସଦସ୍ୟ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ପ୍ରଥମେ ସାଁପୁର ଖୁଚୁରା ବିକ୍ରୟ କେନ୍ଦ୍ର, ବଡ଼ବାଗ ତନ୍ତୁବାୟ ସହଯୋଗ ସମିତି, ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତି ଏବଂ ବସନ୍ତପୁରଠାରେ ଥିବା ଚାଉଳ ଗୋଦାମ ଗୃହ ପରିଦର୍ଶନ କରିଥିଲେ। ସେମାନଙ୍କ ସହ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ରହି ଜିଲାରେ ପ୍ରାଥମିକ କୃଷି ସମବାୟ ସମିତି, ବୁଣାକାର ତନ୍ତୁବାୟ ସହଯୋଗ ସମିତି, ଖାଦ୍ୟ ଓ ଯୋଗାଣ ବିଭାଗର ଖୁଚୁରା ବିକ୍ରୟ କେନ୍ଦ୍ର ଓ ଚାଉଳ ଗୋଦାମର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବିଭିନ୍ନ ଯୋଜନା ଓ ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ କମିଟି ପକ୍ଷରୁ ସମୀକ୍ଷା କରାଯାଇଥିଲା। ଏଥିରେ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ସୁଜାତା ମିଶ୍ର କହିଥିଲେ, ବସନ୍ତପୁର, ତରଡ଼ାପଡ଼ା ଓ ଯୋଗଧାରୀରେ ଚାଉଳ ଗୋଦାମ ରହିଛି। ଜିଲାରେ ୪୪୭ ବେସରକାରୀ, ୧୩୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୬ଟି ପଞ୍ଚାୟତ ଓ ୩ଟି ସମବାୟ ସମିତି ଦ୍ୱାରା ପରିଚାଳିତ। ଏହିପରି ମୋଟ ୫୮୮ଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ରାଶନ ଦିଆଯାଉଛି। ଜିଲାରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା, ଅନ୍ନପୂର୍ଣ୍ଣା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ଉପରେ ୨,୩୯,୨୯୬ଟି କାର୍ଡ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଓ ଅତିରିକ୍ତ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ପରିବାର ସଦସ୍ୟ ପିଛା ୫ କିଲୋଗ୍ରାମ ହିସାବରେ ଜୁଲାଇ ମାସ ପର୍ଯ୍ୟନ୍ତ ମାଗଣା ଚାଉଳ ଯୋଗାଇ ଦିଆଯାଉଛି। ଏହାବାଦ୍ ୩ଟି ଅନୁସୂଚିତ ଜନଜାତି ଓ ଜାତି ବିଦ୍ୟାଳୟ ଅନ୍ତେବାସୀଙ୍କୁ ଚାଉଳ ଯୋଗାଣ ହେଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ରାଶନ କାର୍ଡ ମାଧ୍ୟମରେ କିରୋସିନ ଯୋଗାଇ ମଧ ଯୋଗାଯାଉଛି। ୨୦୨୧-୨୨ ଆର୍ଥିକ ବର୍ଷ ୧୦୪ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଜିଲାର ୨୭,୭୯୦ ଚାଷୀଙ୍କଠାରୁ ୧୦,୧୭,୪୩୮.୪୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସିଏସ୍‌ଓ ମିଶ୍ର କହିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ବିଭାଗର ଜିଲା ପ୍ରବନ୍ଧକ ରୁଦ୍ର ପ୍ରସାଦ ଦାସ ଜିଲାରେ ୧୮୨ଟି ସମବାୟ ଅନୁଷ୍ଠାନ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ଗତବର୍ଷ ଜିଲାରେ ୨୮୫୨ ମେଟ୍ରିକ ଟନ୍ ସାର ଉପଯୋଗ ହୋଇଥିଲା। କିନ୍ତୁ ଚଳିତବର୍ଷ ଏ ପର୍ଯ୍ୟନ୍ତ ମାତ୍ର ୪୦୦ ମେଟ୍ରିକ ଟନ୍ ସାର ଯୋଗାଣ ସମ୍ଭବ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷ ୮୨ଟି ସମବାୟ ସମିତି ମାଧ୍ୟମରେ ୧୩୬୧ କୁଇଣ୍ଟାଲ ବିହନ ବିକ୍ରି କରାଯାଇଛି। ୩୦୦ ମେଟ୍ରିକ ଟନ୍ ମୁଗ ବିକ୍ରୟ ହୋଇଛି। ବୈଠକରେ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଯୋଗଦେଇ କହିଥିଲେ, ଜିଲାରେ ୫୦୦୦ରୁ ଅଧିକ କାରିଗର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮୩୫ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଅନେକ କାରିଗରଙ୍କୁ ଶିଳ୍ପୋନ୍ନତି ଯୋଜନାରେ ହିତାଧିକାରୀଙ୍କୁ ଋଣ ସହ ଗୃହ ନିର୍ମାଣ ପାଇଁ ୧,୨୦,୦୦୦ ଟଙ୍କା ହିସାବରେ ଦିଆଯାଉଛି। ନାଉଗାଁରେ ହାଣ୍ଡିକ୍ରାଫ୍ଟ ସ୍କୁଲରେ ବେତ ଓ ବାଉଁଶ ତିଆରି ସାମଗ୍ରୀ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ବୟନ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ କହିଥିଲେ, ଜିଲାରେ ୧୨ଟି ପ୍ରାଥମିକ ବୁଣାକାର ସମବାୟ ସମିତି ରହିଛି। ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ବୀମା କରାଯାଉଛି। ବୈଠକରେ ଯୋଗାଣ ନିଗମ ସାଧାରଣ ପରିଚାଳକ ମମତା ନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଜିରୋମ ରେକର୍‌କେଟାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ।



ମୁମ୍ବାଇର ଯଶବନ୍ତ ରାଓ ଚଭନ ସେଣ୍ଟରଠାରେ ବୁଧବାର କଂଗ୍ରେସ ନେତା କମଲ ନାଥଙ୍କ ସହ ବୈଠକ ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର, ଏମ୍‌ପି ସୁପ୍ରିୟା ସୁଲେ, ମହାରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ପାଟିଲ ବାହାରକୁ ଆସୁଛନ୍ତି।

# ମୋତେ ଜବରଦସ୍ତ ଇଞ୍ଜେକ୍ସନ ଦେଲେ



ଶିବସେନା ବିଧାୟକ ନୀତିନ ଦେଶମୁଖ

**ନାଗପୁର,୨୨।୬:** ଶିବସେନା ବିଧାୟକ ନୀତିନ ଦେଶମୁଖଙ୍କୁ ମଙ୍ଗଳବାର ଗୁଜରାଟର ସୁରଟସ୍ଥିତ ଏକ ହସ୍ପିଟାଲରେ ଜବରଦସ୍ତ ଭର୍ତ୍ତି କରି ଇଞ୍ଜେକ୍ସନ ଦିଆଯାଇଥିଲା। ୨୦-୨୫ ଜଣ ବ୍ୟକ୍ତି ସେଠାରେ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ଭର୍ତ୍ତି କରିବା ପରେ ପୋଲିସ ମୁତୟନ କରାଯାଇଥିଲା। ସେ କୌଣସି ମତେ ସେଠାରୁ ସୁରକ୍ଷିତ ଭାବେ ଫେରିଆସିଛନ୍ତି ବୋଲି ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ସହ ଉଭାନ ହୋଇଯାଇଥିବା ନୀତିନ ନାଗପୁର ଏୟାରପୋର୍ଟରେ ଗଣମାଧ୍ୟମକୁ କହିଛନ୍ତି। ଅକୋଲା ବିଧାୟକ ନୀତିନ ବୁଧବାର ମହାରାଷ୍ଟ୍ରକୁ ଫେରିବା ପରେ କହିଛନ୍ତି, ଉଦ୍ଧବଙ୍କ ପ୍ରତି ତାଙ୍କ ଆନୁଗତ୍ୟ ରହିଛି। ଏହା ପୂର୍ବରୁ ନୀତିନ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଏତଲା ଦେଇଥିଲେ।

# ହାଜର ପାଇଁ ଇଡିକୁ ସମୟ ମାଗିଲେ ସୋନିଆ

**ନୂଆଦିଲ୍ଲୀ, ୨୨।୬:** ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଚିଠି ଲେଖିଛନ୍ତି। କରୋନା ଯୋଗୁ ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବାରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେ ଇଡିରେ ହାଜର ହେବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେ କିଛି ସପ୍ତାହ ସମୟ ମାଗିଛନ୍ତି। ଆସନ୍ତା ୨୩ରେ ଇଡି କାର୍ଯ୍ୟାଳୟରେ ହାଜର ହେବା ନିମନ୍ତେ ସୋନିଆଙ୍କୁ ସମନ କରାଯାଇଥିଲା। ଡାକ୍ତର ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ଉପଦେଶ ଦେଇଥିବା କଂଗ୍ରେସ ସାଧାରଣ ସଚିବ ଜୟରାମ ରମେଶ ଟୁଇଟ କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୋନିଆ ସୋମବାର ଡିସ୍‌ଚାର୍ଜ ହୋଇଥିଲେ।

# ଓଡ଼ିଆଙ୍କୁ ପ୍ରଧାନମନ୍ତ୍ରୀଙ୍କ ସର୍ବଶ୍ରେଷ୍ଠ ଉପହାର: ଭାଜପା

## ଦ୍ରୌପଦୀ ମୁର୍ମୁଙ୍କୁ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ କରିବା ପ୍ରସଙ୍ଗ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ଓଡ଼ିଆଙ୍କୁ ସମ୍ମାନିତ କରିବାକୁ ଯାଇ ମଙ୍ଗଳବାର ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି ଆମ ସମସ୍ତଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଛି। ଭାଜପା ନେତୃତ୍ୱରେ ଏନ୍‌ଡିଏ ପକ୍ଷରୁ ସର୍ବସମ୍ମତିକ୍ରମେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ସମ୍ବିଧାନର ସର୍ବୋଚ୍ଚ ପଦବୀ ସକାଶେ ଜଣେ ଜନଜାତି ବର୍ଗର ମହିଳାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଓଡ଼ିଶାରୁ ମନୋନୟନ କରାଯାଇଛି। ଅମୃତ କାଳଖଣ୍ଡରେ ଓଡ଼ିଆ ଜାତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ସର୍ବଶ୍ରେଷ୍ଠ ପୁରସ୍କାର ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଜୀବନ ସଂଗ୍ରାମରେ ବହୁ ଝଡ଼ଝଞ୍ଜାକୁ ପ୍ରତିହିତ କରି ଦ୍ରୌପଦୀ ଜୀବନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଷ୍ଠା ଓ ଧୈର୍ଯ୍ୟ ବଳରେ କାଉନସିଲରରୁ ରାଜନୈତିକ ଜୀବନ ଆରମ୍ଭ କରି ରାଷ୍ଟ୍ରପତି ହେବାକୁ ଯାଉଥିବା ଦ୍ରୌପଦୀଙ୍କ ଜୀବନ ଏବଂ କାର୍ଯ୍ୟଶୈଳୀ ଆମ ସମସ୍ତଙ୍କୁ ପ୍ରଭାବିତ କରିଛି। ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ 'ଅନ୍ତ୍ୟୋଦୟ'କୁ ମୂଳମନ୍ତ୍ର ଭାବେ ଆଧାରକରି ସମାଜର ଅନ୍ତିମ ଧାଡ଼ିରେ ବାସ କରୁଥିବା ଲୋକମାନଙ୍କ ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ସେହିପରି ଦେଶ ବିକାଶର ଦୌଡ଼ରେ ପଛରେ ରହିଯାଇଥିବା ପୂର୍ବ ଭାରତର ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଆସୁଛନ୍ତି। ଆଜି ଏହା ବାସ୍ତବରେ ରୂପାନ୍ତରିତ ହେବା ସହ ପୂର୍ବ ଭାରତର ପୂର୍ବୋଦୟ ଓଡ଼ିଶାରୁ ହୋଇଛି ଏବଂ ବିକାଶ ମଧ୍ୟ ଅନ୍ତିମ ଧାଡ଼ିରେ ଯାଇ ପହଞ୍ଚିଛି। ଗୋଟିଏ ସାଧାରଣ ପରିବାରରେ ଜନ୍ମିତ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଜଣେ ମହିଳାଙ୍କୁ ସର୍ବୋଚ୍ଚ ସମ୍ବିଧାନିକ ପଦବୀ ପାଇଁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସମଗ୍ର ରାଜ୍ୟବାସୀଙ୍କ ତରଫରୁ ସମୀର ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଅଗ୍ନିପଥ ଯୋଜନାକୁ ଯୁବ କଂଗ୍ରେସର ବିରୋଧ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ଭାରତର ୩ ସୈନ୍ୟବାହିନୀର ବୀରତ୍ୱ, ସଂସ୍କାର, ଗରିମା ଓ ପରମ୍ପରା ଅତି ଉଚ୍ଚକୋଟିର। ବହୁ ଘାତପ୍ରତିଘାତ ମଧ୍ୟରେ ଭାରତୀୟ ସେନା ଦେଶର ସୁରକ୍ଷା ପାଇଁ ସବୁବେଳେ ନିଜ ଜୀବନକୁ ବାଜି ଲଗାଇ ଦେଶ ପ୍ରତି ଥିବା ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନ କରିଆସିଛନ୍ତି। ମାତ୍ର ମୋଦି ସରକାର ଏହି ସୈନିକମାନଙ୍କ ଗରିମା ଓ ପରମ୍ପରାକୁ କ୍ଷୁଣ୍ଣ କରିବାକୁ ଉଦ୍ୟମ କରୁଥିବା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଜୟଦେବ ବିହାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।




ଭୁବନେଶ୍ୱର ଜୟଦେବ ବିହାରଠାରେ ଅଗ୍ନିପଥ ଯୋଜନାକୁ ବିରୋଧ କରି ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବକର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରୋକୋ କରିଛନ୍ତି। ଏହି ସମୟରେ ପୋଲିସ ସହ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଯୁବ କଂଗ୍ରେସ ସଭାପତି ଲେଙ୍କାଙ୍କ ସମେତ ବିକ୍ଷୋଭକାରୀଙ୍କୁ ଅଟକ ରଖି ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡିଛି।

ଏହି ଅବସରରେ ସ୍ମୃତିରଞ୍ଜନ କହିଛନ୍ତି, ଅଗ୍ନିପଥ ଯୋଜନାରେ ସେନାରେ ଠିକା ନିଯୁକ୍ତି ଦେଇ ଦେଶର ସୁରକ୍ଷା ଓ ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତେଣୁ ଏହି ଲକ୍ଷ୍ୟହୀନ ଯୋଜନା ପ୍ରତ୍ୟାହାର କରିବା ଦରକାର। ଦେଶର ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ୩ ସୈନ୍ୟବାହିନୀରେ ଅଢେଇ ଲକ୍ଷରୁ ଅଧିକ ପଦବୀ ଖାଲିପଡ଼ିଥିବା ବେଳେ ମୋଦି ସରକାର ୨ ବର୍ଷ ହେଲା ସେନାରେ ନିଯୁକ୍ତି ବନ୍ଦ କରିଦେଇଛନ୍ତି। ଏଥିଯୋଗୁ ଯୁବବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଛି। ଏପରିକି ହରିୟାଣା ଓ ପଞ୍ଜାବ ଭଳି ରାଜ୍ୟରେ ବହୁ ଯୁବକ ନିଯୁକ୍ତି ନ ପାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ସ୍ଥିତିରେ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ନ କରି ସେନାରେ ଠିକା ନିଯୁକ୍ତି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଗଞ୍ଜାମର ପୂର୍ବତନ ବିଧାୟକଙ୍କ ଦଳ ବଦଳ

## ନୂଆ ସଂଗଠନରେ ଅଣନିଃଶ୍ୱାସୀ

**ବ୍ରହ୍ମପୁର ଅଫିସ,୨୨।୬**

ଗଞ୍ଜାମ ଜିଲା ରାଜନୀତିରେ ଗତ ଦୁଇ ଦଶନ୍ଧିରେ ଅନେକ ପୂର୍ବତନ ବିଧାୟକ ଦଳ ବଦଳ କରିଛନ୍ତି। ଯେଉଁମାନେ କଂଗ୍ରେସ, ଭାଜପା ଓ କମ୍ୟୁନିଷ୍ଟ ପାର୍ଟିରୁ ଇସ୍ତଫା ଦେଇଛନ୍ତି ସେମାନେ ବିଜେଡିକୁ ଡେଇଁଛନ୍ତି। ବିଜେଡି ଛାଡ଼ିଥିବା ପୂର୍ବତନ ବିଧାୟକ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତେ ନୂଆ ସଂଗଠନରେ କୋଣଠେସା ହୋଇଛନ୍ତି ଏବଂ ଦଳ ବଦଳ ପାଇଁ ଅନୁତାପ କରିଛନ୍ତି। ଯେଉଁ ଆଶାରେ ଯାଇଥିଲେ ସେଥିରେ ବିଫଳ ହୋଇଛନ୍ତି। କେତେକ ପୁଣି ପୁରୁଣା ସଂଗଠନକୁ ଫେରିବା ନିମନ୍ତେ ପ୍ରୟାସ ଚଳାଇଛନ୍ତି ଓ ଡକରାକୁ ଅପେକ୍ଷା କରିଛନ୍ତି।

ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ ୧୯୮୫ ଓ ୧୯୯୫ ନିର୍ବାଚନରେ ଦୁଇଥର କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ ମଧ୍ୟ ସେ ମର୍ଯ୍ୟାଦାଜନକ ଭୋଟ ପାଇଥିଲେ। ୨୦୦୯ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇ ପୂର୍ବ ପ୍ରତିଦ୍ୱନ୍ଦ୍ୱୀ ନବୀନଙ୍କ ନିର୍ବାଚନୀ ପ୍ରଚାରରେ ନିୟୋଜିତ ହୋଇଥିଲେ। ଅତୀତରେ ସେହି ନିର୍ବାଚନ ମଣ୍ଡଳୀରୁ ଜନପ୍ରିୟ ରାଜନେତା ସ୍ୱର୍ଗତ ବୃନ୍ଦାବନ ନାୟକ ଲଗାତର ଭାବେ ୮ ଥର ବିଭିନ୍ନ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ଉଦୟ ବୃନ୍ଦାବନଙ୍କ ପୁଅ ଭାବେ ହିଞ୍ଜିଳିରେ ପ୍ରଭାବ ଥିବା ସତ୍ତ୍ୱେ ସେ ଆଉ ନିର୍ବାଚନ ମଇଦାନକୁ ଆସୁନାହାନ୍ତି। ବିଜୁ-ବୃନ୍ଦାବନ ନାଁରେ ଏକ ସେବା ସଂଗଠନ କରିଛନ୍ତି। ଆସିକା ଲୋକ ସଭା କ୍ଷେତ୍ରରୁ ବିଜେଡି ଟିକେଟ ପାଇବା ପାଇଁ ସେ ଆଶା ରଖିଛନ୍ତି। ଅପରପକ୍ଷରେ ହିଞ୍ଜିଳିରୁ ଲଗାତର ଜିତି ନବୀନ ୫ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ସେହିପରି ରାଜ୍ୟରେ ମେଣ୍ଟ ରାଜନୀତି ବେଳେ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପଣ୍ଡା ବିଧାୟକ ହୋଇ ବିଧାନସଭା ଉପବାଚସ୍ପତି ପଦ ପାଇଥିଲେ। ଏହା ପୂର୍ବରୁ ୧୯୮୫ ନିର୍ବାଚନରେ ଅଶୋକ ଚୌଧୁରୀ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ୨୦୦୯ ନିର୍ବାଚନରେ ସିପିଆଇରୁ ବିଧାୟକ ହୋଇଥିଲେ ଆଦିକନ୍ଦ ସେଠୀ। ଏହି ୩ ପୂର୍ବତନ ବିଧାୟକ ପର୍ଯ୍ୟାୟକ୍ରମେ ପୂର୍ବ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ପୁନର୍ବାର ନିର୍ବାଚନ ଲଢ଼ିବାର ସୁଯୋଗ ପାଉନାହାନ୍ତି। ସେମାନେ ନୂଆ ଦଳରେ ଗୁରୁତ୍ୱ ହରାଇଥିବା ସମର୍ଥକମାନେ ଆଲୋଚନା କରୁଛନ୍ତି। ୧୯୮୫ ନିର୍ବାଚନରେ ବ୍ରହ୍ମପୁରରୁ କଂଗ୍ରେସ ବିଧାୟକ ହୋଇଥିଲେ ଶିବ ଶଙ୍କର ସାହାଣୀ। ସେ ମଧ୍ୟ ୨୦୧୪ ନିର୍ବାଚନ ପୂର୍ବରୁ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ଛତ୍ରପୁର ପୂର୍ବତନ ବିଧାୟକମାନଙ୍କ ଭଳି ସେ ମଧ୍ୟ କୋଣଠେସା ହୋଇ ରହିଛନ୍ତି। ୨୦୦୦ ନିର୍ବାଚନରେ ଜଗନ୍ନାଥପ୍ରସାଦ ଆସନରୁ କଂଗ୍ରେସରୁ ବିଧାୟକ ହୋଇଥିବା ସୀମାଞ୍ଚଳ ବେହେରା ମଧ୍ୟ ବିଜେଡିରେ ସାମିଲ ହୋଇ ସମଦଶା ଭୋଗୁଛନ୍ତି।

କୋଦଳାରୁ ୨୦୦୪ ଏବଂ ପୋଲସରା ନିର୍ବାଚନ ମଣ୍ଡଳୀରୁ ୨୦୦୯ ନିର୍ବାଚନରେ ବିଜେଡିରୁ ବିଧାୟକ ହୋଇଥିବା ନିରଞ୍ଜନ ପ୍ରଧାନ ପରବର୍ତ୍ତୀ ୨୦୧୪ରେ ଟିକେଟ ପାଇ ନ ଥିଲେ। ସେ ଏବେ ଭାଜପାରେ ଅଛନ୍ତି। ୨୦୧୯ ନିର୍ବାଚନରେ ତାଙ୍କୁ ଭାଜପା ପୋଲସରାରୁ ପ୍ରାର୍ଥୀ କଲା ନାହିଁ। ଆସିକାର ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ନିର୍ବାଚନରେ ବିଜେଡିରୁ ୩ଥର ନିର୍ବାଚିତ ହୋଇଥିଲେ। ୨୦୧୯ରେ ତାଙ୍କୁ ଟିକେଟ ନ ମିଳିବାରୁ ଦଳ ଛାଡ଼ି ଭାଜପାରେ ଯୋଗ ଦେଲେ। ସେଥିରୁ ଟିକେଟ ପାଇ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀଙ୍କ ଦ୍ୱାରା ପରାସ୍ତ ହେଲେ।

ସୂଚନାଯୋଗ୍ୟ, ଜିଲାର ବରିଷ୍ଠ ରାଜନେତା ରାମକୃଷ୍ଣ ପଟ୍ଟନାୟକ ୧୯୭୧ରୁ ୨୦୦୦ ମଧ୍ୟରେ ହୋଇଥିବା ନିର୍ବାଚନରେ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରୁ ୬ ଥର କୋଦଳା ବିଧାନସଭା କ୍ଷେତ୍ରରୁ ବିଧାୟକ ହୋଇଥିଲେ। ଶେଷରେ ୨୦୦୨ରେ ଦଳ ବଦଳ କରିବାରୁ ଆଉ ଜିତିପାରି ନ ଥିଲେ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଧାନସଭାକୁ ଯାଇପାରିଲେ ନାହିଁ।

**ODISHA BUILDING AND OTHER CONSTRUCTION WORKERS' WELFARE BOARD**
(OFFICE OF THE LABOUR COMMISSIONER, ODISHA, BHUBANESWAR)
**CORRIGENDUM NOTICE**

No. K-05: Corrigendum has been issued in respect of Board's advertisement No. 642 Dtd. 04.06.2022 for hiring the services for internal Audit and Accounts. The last date for submission of RFP is extended up to 29th June 2022 by 3 P.M. To View and download details of the corrigendum please visit Web sites: **nirmanshramik.odisha.gov.in / labourdirectorate.odisha.gov.in / labour.odisha.gov.in**.

**Sd./- Labour Commissioner, Odisha -cum- Member Secretary, OB&OCWW Board**
**OIPR-17007/11/0003/2223**

**INVITATION FOR BIDS**
**OFFICE OF THE DISTRICT JUDGE, JHARSUGUDA**
**No. 2763** **Dated: 20.06.2022**
**RFP Identification No. 02 (RFP) of 2022-23 Dated: 20.06.2022**

No. W-29: Sealed proposals/quotations are invited from the intending bidders for "Selection of agency to provide Comprehensive Facility Management Services (CFMS) for New District Court Complex, Jharsuguda, Old District Court Complex, Jharsuguda & Court Complex of Nayadhikari-cum-J.M.F.C., Lakhanpur" vide RFP Identification No. 02 (RPF) of 2022-2023 dated 20.06.2022.
The last date and time for submission of Bid is by 05.00 P.M. of 02.07.2022. For more details please visit the website: **https://districts.ecourts.gov.in/india/odisha/jharsuguda/tender**
**Contact:** Manmeet Singh Arora, Court Manager
Civil Courts, Jharsuguda, Mob. No. 9861383750
**Sd./- District Judge, Jharsuguda**
**OIPR-18018/11/0004/2223**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, E-mail: sgmel_uihep@ohpcltd.com**
OHPC
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VanivIharChhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526,2542826, Fax:2542102,
E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com. CIN: U40101OR1995SGC003963

**NOTICE INVITING TENDER No.UIHEP-08/2022-23 DATED:21.06.2022**
**No.CAD-871:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the registered agencies /registered firm/ registered contractor having valid license and fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper (Non-refund-able) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Operation and maintenance of Fuse Call Section on job contract basis at Sector-I, II and III of Power House Colony of UIHEP, Mukhiguda for a period of one (01) year | 4,720/- (inclusive of GST) | In Lieu of EMD, Bid security declaration form to be submitted | From 27.06.2022 to 08.07.2022 upto 12:00 Hrs. | 08.07.2022 (upto 13.00 Hrs.) | 08.07.2022 at 16:30 Hrs. |

For details of the tender documents, terms and conditions please visit our website **www.ohpcltd.com.**
**Sd./-Unit Head, UIHEP, Mukhiguda**
OIPR-04008/11/0008/2223

**GOVERNEMNT OF ODISHA** **No.A-342:**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER**
**LOWER SUKTEL IRRIGATION PROJECT, BALANGIR**
**AT- LALTIKRA, DIST:- BALANGIR**
**PIN-767002. email-Id- ccelsp@gmail.com**
**Government of Odisha "e" PROCUREMENT NOTICE**
**Bid Identification No. 05/2022-23 of CCE, LSP, Balangir**

| | | |
|---|---|---|
| i | Name of work | CONSTRUCTION OF SUB-BASE FORMATION FOR MAIN ROAD AND BRANCH ROAD INCLUDING CROSS DRAINAGE WORKS (BOX CULVERTS) IN RR COLONY OF LSIP, BALANGIR AT HARDATAL. |
| ii | Estimated Cost | Rs.1,13,73,193.00 |
| iii | Period of completion | 6(Six) Calendar Months |
| iv | Date & Time of availability of bid document in the portal | 24.06.2022 at 10.30 AM |
| V | Last date/time for receipt of bid in the portal | 11.07.2022 up to 5.30PM |
| vi | Name & Address of the Officer Inviting Bid | Chief Construction Engineer, Lower Suktel Irrigation Project, Balangir, At-Laltikra.Dist- Balangir, PIN-767002 |

Further details can be seen from the e-Procurement Portal http://tendersodisha.gov.in. Any corrigendum / addendum/ cancellation will be displayed in the Govt. Website only.
**Sd./-Chief Construction Engineer, Lower Suktel Project, Balangir**
**OIPR-32333/11/0010/2223**

**ZILLA SWASTHYA SAMITI, KANDHAMAL**
**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, KANDHAMAL, ODISHA - 762001**
**Advt. No. 7413/NHM/22** **Dt.: 20.06.2022**
**TENDER CALL NOTICE**

No. E-240: Sealed tenders are invited from the interested eligible bidders for hiring of vehicles under MHT (RBSK) & MHU under CDM & PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD. Tender paper cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before 5.00 P.M. of 11.07.2022 through Regd. Post/ Speed Post/Courier and the same will be opened on 12.07.2022 at 11.00 A.M. The undersigned reserves the right to reject any or all the tender(s) without assigning any reason thereof.
**Sd./- CDM & PHO cum District Mission Director, Kandhamal**
**OIPR-10175/11/0006/2223**

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION**
**At/P.O.: Athmallik, Dist.: Angul - 759125**
**E-mail: dfoathmallikt@gmail.com**
**Tel.: 06763-254236, Mob.: +91-9437004236**
**TENDER CALL NOTICE**
**Office Order No. 174** **Date: 18.06.2022**

No. MM-69: Sealed tenders are invited from intending manufacturers/ authorized distributers/suppliers, Government agencies for supply of Tree Guard (Gabions)
Material should be supplied as per prescribed specification of the above items for utilization in plantation programme under Project Proponent 2022-23 of Athmallik Forest Division. The quantity of Tree Guard (Bamboo Gabions) of Size (6' × 4') for 5000 Nos. The EMD amount of Rs.10,000/- (Rupees ten thousand) only should be submitted in shape of Bank Draft in favour of the Divisional Forest Officer, Athmallik Forest Division, Athmallik along with tender. The sealed tender is to be submitted for the above products with all required documents. Last date of receipt of tender is 29.06.2022 at 01.00 P.M. and date of opening of tender is on Dt.29.06.2022 at 05.00 P.M. The purchase Commiittee (will be noticed in due course of time, before opening of bids) reserves the right to accept or reject the tender without assigning any reason thereof.
**Samples of Product may be Submitted** in the O/o. the Divisional Forest Officer, Athmallik Forest Division, Athmallik on the day of opening of Tender. After satisfaction of the sample, committee may open the Technical Bid and Financial Bid. Successful bidder has to submit his sample to DFO Office. This sample will be cross checked with the product submitted. If there is mismatch with quality the bid will be liable to be rejected.
(i) The tender papers will be opened in presence of the tenderer or the authorized representatives on Dt.29.06.2022 at 05.00 P.M. in the Office of the Divisional Forest Officer, Athmallik Forest Division.
(ii) Sample will be verified and demonstrated by the supplier on Dt.29.06.2022 at 04.00 P.M. before the purchase Committee.
(iii) Tender document may be downloaded from website at **www.odishaforest.in**.
**OIPR-08066/11/0003/2223**

**GOVERNMENT OF ODISHA, PR & DW DEPARTMENT**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
**E-mail - eerwss_mal@nic.in, eerwssmlkg@gmail.com**
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWSS_MKG_ONLINE_01/ 2022-23** **DATED: - 20.06.2022**

**No.O-504:** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up on turnkey basis (i.e. with design and execution).

| | | | | | |
|---|---|---|---|---|---|
| 1 | Name of the Work | : | Execution of 03 (Three) Nos. clubbed RPWS schemes & 01 No. single village PWS in different villages under Malkangiri District including 05 (Five) years Operation & Maintenance cost. | | |
| 2 | No. of Works | : | 04 Nos. | | |
| 3 | Estimated Cost | : | Rs.26.14 Lakhs to Rs.391.46 Lakhs | | |
| 4 | Tender Paper Cost | : | Rs.6,000/- to Rs.10,000/- | | |
| 5 | Class of Contractor | : | Estimated cost upto Rs.20.00 Lakh to 40.00 Lakh | Estimated Cost Rs.40.00 Lakh to 3.00 Crore | Estimated Cost Rs.3.00 Crore to 6.00 Crore |
| | | | "C" & "B" Class | "B" & "A" Class | "A" & Special Class |
| 6 | Period of Completion | : | 11 (Eleven) Calendar Months | | |

**7. Critical dates :**

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Date of Opening of Technical Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ONLINE_01 of 2022-23 | 29.06.2022 at 09.00 A.M. | 13.07.2022 upto 05.00 P.M. | 11.07.2022 | 15.07.2022 at 11.00 A.M. |

❖ Further details can be seen in the bidding documents, which is available in the e-procurement portal **https://www.tendersorissa.gov.in.** ❖ Subsequent corrigendum if required shall be appeared in the website only.
❖ **The Authority reserves the right to reject any or all tenders without assigning any reason thereof.**
**Sd./- Executive Engineer, RWS&S Division, Malkangiri**
**OIPR-25044/11/0001/2223**

**Govt. of Odisha** **No.A-344:**
**DEPARTMENT OF WATER RESOURCES**
**OFFICE OFTHE SUPERINTENDING ENGINEER, LOWER SUKTEL CANAL DIVISION NO-I, BALANGIR**
**AUCTION SALE NOTICF NO. 02/2022-23**
**Dated. 21.06.2022**
**( FOR DISPOSAL OF UNSERVICEABLE SPECIAL T & P MATERIAL)**

1. No. of Work :- 01 (One)
2. Type of Work :- Sale of old and unserviceable Diesel Jeep -ORK- 9082 MAHINDRA & MAHINDRA Ltd. (Right hand Drive)
3. Value of Work :- Upset Price Rs.20,000/-
4. Date & Time of availability of Bid documents :- 10 AM of 29.06.2022 to 5.00 P.M of 28.07.2022 at Office of the Superintending Engineer, Lower Suktel Canal Division No-I, Balangir.
5. Date & Place of opening of Bid :- 29.07.2022 (11.30 A.M.) at Office of the Superintending Engineer, Lower Suktel Canal Division No.I,Balangir
6. Cost of Bid Document :- Rs.400/-
7. EMD amount for which "Bid Security Declaration" to be enclosed :- Rs.1000/-
8. Location of materials for Auction :- Lying at Store of Lower Suktel Project, Balangir
9. Name of the Officer inviting Bids :- Superintending Engineer, Lower Suktel Canal Division No-I, Balangir.

Further details of Auction Tender Notice can be obtained from the website of Department of Water Resources , Odisha (www.dowrodisha.gov.in) and in the office of the Superintending Engineer Lower Suktel Canal Division No-I, Balangir during office hours.
**Sd./- Superintending Engineer, Lower Suktel Canal Division No-I, Balangir**
**OIPR-32060/11/0002/2223**

See Career Appointment on every Wednesday & Saturday

## ୭୦୦ ଅଙ୍କ ଖସିଲା ପୁଞ୍ଜିବଜାର

**ମୁମ୍ବାଇ:** ଚଳିତ ସପ୍ତାହର ପ୍ରଥମ ୨ଦିନ ବୃଦ୍ଧି ଜାରି ରହିବା ପରେ ୩ୟ କାରବାର ଦିବସ ଅର୍ଥାତ୍ ବୁଧବାର ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୭୧୦ (୧.୩୫%) ଏବଂ ନିଫ୍ଟିରେ ୨୨୬ (୧.୪୪%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୧,୮୨୩ ଏବଂ ନିଫ୍ଟି ୧୫,୪୧୩ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୧୨୭୮ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୦୨୫ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାରର ଟପ୍ ଗେନର୍ସ ତାଲିକାରେ ବିପିସିଏଲ୍, ଆର୍‌ବିଏଲ୍ ବ୍ୟାଙ୍କ, ମହାନଗର ଗ୍ୟାସ୍, ଇଣ୍ଟରଗ୍ଲୋବ୍ ଆଭିଏସନ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ହିଣ୍ଡାଲ୍‌କୋ, ୟୁପିଏଲ୍, ୱିପ୍ରୋ, ରିଲାଏନ୍ସ ଇଣ୍ଡିଆ ରହିଛନ୍ତି।

## ସଂକ୍ଷେପରେ

### ‘୭.୫% ବଢ଼ିପାରେ ଭାରତୀୟ ଅର୍ଥ ବ୍ୟବସ୍ଥା’

**ନୂଆଦିଲ୍ଲୀ,୨୨।୬:** ଚଳିତ ବର୍ଷ ଭାରତୀୟ ଅର୍ଥବ୍ୟବସ୍ଥାରେ ୭.୫% ହାରରେ ଅଭିବୃଦ୍ଧି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଏହାଦ୍ୱାରା ଭାରତ ଏକ ଦ୍ରୁତ ଅଭିବୃଦ୍ଧି କରୁଥିବା ଅର୍ଥବ୍ୟବସ୍ଥାରେ ପରିଗଣିତ ହୋଇପାରିବ ବୋଲି ସେ କହିଛନ୍ତି। ବ୍ରିକ୍ସ ବିଜ୍‌ନେସ୍ ଫୋରମ୍‌ରେ ସମ୍ବୋଧନ କରି ମୋଦି କହିଛନ୍ତି, ଭାରତୀୟ ଡିଜିଟାଲ୍ ଅର୍ଥବ୍ୟବସ୍ଥାର ମୂଲ୍ୟ ୨୦୨୫ ସୁଦ୍ଧା ୧ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଯିବ। ନୂଆ ଭାରତର ସମସ୍ତ ସେକ୍ଟରରେ ପରିବର୍ତ୍ତନ ଘଟୁଛି। ଆର୍ଥିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଉଦ୍ୟୋଗିକ ଆଧାର ବିକାଶ । ସମସ୍ତ କ୍ଷେତ୍ରରେ ଆବିଷ୍କାରକୁ ଗୁରୁତ୍ୱ ଦିଆଯାଉଥିବା ମୋଦି କହିଛନ୍ତି। ବ୍ରିକ୍ସ ବିଜ୍‌ନେସ ଫୋରମ୍ ବିଶ୍ୱର ୫ଟି ଦ୍ରୁତ ବିକାଶଶୀଳ ଦେଶ ଯଥା- ବ୍ରାଜିଲ୍,ଚାଇନା, ରୁଷିଆ, ଭାରତ, ଦକ୍ଷିଣ ଆଫ୍ରିକାକୁ ଏକାଠି କରିଥାଏ।

### ଅଶୋଧିତ ତୈଳରେ ୫ ଡଲାର ହ୍ରାସ

**ନୂଆଦିଲ୍ଲୀ, ୨୨।୬:** ବୁଧବାର ଅଶୋଧିତ ତୈଳ ଦର ପ୍ରାୟ ୫ ଡଲାର ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଫୁଏଲ୍ ଉପରେ ଟିକସ ହ୍ରାସ କରିବା ପରେ ଏହି ହ୍ରାସ ଦେଖାଦେଇଛି। ଏହାଦ୍ୱାରା ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ୪.୬୫ ଡଲାର ଅର୍ଥାତ୍ ୪.୧% ହ୍ରାସ ଘଟି ବ୍ୟାରେଲ ପିଛା ୧୧୦ ଡଲାର ହୋଇଥିବା ବେଳେ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ଫ୍ୟୁଚର୍ସରେ ୫.୦୮ ଡଲାର ଅର୍ଥାତ୍ ୪.୬% ହ୍ରାସ ଘଟି ବ୍ୟାରେଲ ପିଛା ୧୦୪.୪୪ ଡଲାରରେ ପହଞ୍ଚିଛି। ଏହାପରେ ବାଇଡେନ୍ ଗ୍ୟାସୋଲିନ୍ ଉପରେ ଟ୍ୟାକ୍ସ ହ୍ରାସ ପାଇଁ ପ୍ରସ୍ତାବ ଦେଇପାରନ୍ତି। ତେବେ ଆମେରିକାର ୨ ପ୍ରମୁଖ ରାଜନୈତିକ ଦଳ ଟ୍ୟାକ୍ସ ହ୍ରାସ କରିବା ଯୋଜନାକୁ ସମର୍ଥନ କରିନାହାନ୍ତି। ଚଳିତ ସପ୍ତାହରେ ୭ ଅଗ୍ରଣୀ ଅଏଲ୍ କମ୍ପାନୀର ସିଇଓ ଆମେରିକା ସରକାରଙ୍କ ସହ ଉତ୍ପାଦନ ବଢ଼ାଇବା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ଯୋଜନା ବିଗାଡୁଛି ରାଜ୍ୟର ଆର୍ଥିକ ସ୍ଥିତି

ନୂଆଦିଲ୍ଲୀ, ୨୨।୬




■ଗରିବ ରାଜ୍ୟ ତାଲିକାରେ ବିହାର, ପଞ୍ଜାବ, କେରଳ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନ
■ଅର୍ଥ ସବ୍‌ସିଡି, ମାଗଣା ବିଜୁଳି ଏବଂ ପାଣି ଭଳି ସୁବିଧା, ପୁରୁଣା ପେନ୍‌ସନ ଯୋଜନା ଭଳି ପଦକ୍ଷେପ ଆର୍ଥିକ ସ୍ଥିତିକୁ ଖରାପ କରୁଛି
■ଆର୍‌ବିଆଇ ରିପୋର୍ଟ କାର୍ଡ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଭାରତର ଗରିବ ରାଜ୍ୟ ସମ୍ପର୍କରେ ଏକ ତଥ୍ୟ ପ୍ରକାଶ କରାଯାଇଛି। ଆର୍‌ବିଆଇ ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟ ଅନୁସାରେ ୫ ସର୍ବାଧିକ ଗରିବ ରାଜ୍ୟ ତାଲିକାରେ ବିହାର, ପଞ୍ଜାବ, କେରଳ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନ ସାମିଲ ଅଛନ୍ତି। ଚାଲୁ ରହିଥିବା ଶ୍ରୀଲଙ୍କା ସଙ୍କଟ ପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଭାରତର ସମସ୍ତ ରାଜ୍ୟର ଆର୍ଥିକ ଅବସ୍ଥାର ବିସ୍ତୃତ ଆକଳନ କରାଯାଇଛି। ଆର୍‌ବିଆଇ ଅନୁସାରେ, କୋଭିଡ୍ ମହାମାରୀ କାରଣରୁ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଅନେକ ମାତ୍ରାରେ ଖରାପ ହୋଇଛି। ଏହାଛଡ଼ା ଅର୍ଥ ସବ୍‌ସିଡି, ମାଗଣାରେ ବିଜୁଳି ଏବଂ ପାଣି ଭଳି ସୁବିଧା ଦିଆଯିବା, ପୁରୁଣା ପେନ୍‌ସନ ଯୋଜନା ଲାଗୁ କରାଯିବା ଭଳି ପଦକ୍ଷେପଗୁଡ଼ିକ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଦେଇଛି। ରିଜର୍ଭ ବ୍ୟାଙ୍କ ଅନୁସାରେ, ୨୦୧୧-୧୨ଠାରୁ ୨୦୧୯-୨୦ ମଧ୍ୟରେ ରାଜ୍ୟଗୁଡ଼ିକର ମୋଟ୍ ଆର୍ଥିକ ନିଅଣ୍ଟ ଏବଂ ଜିଡିପି ଅନୁପାତ ୨.୫% ରହିଛି। ଏହି ଅନୁପାତକୁ ୩% ପର୍ଯ୍ୟନ୍ତ ବୃଦ୍ଧି ପାଇଁ ରାଜ୍ୟଗୁଡ଼ିକୁ ପ୍ରୟାସ କରିବାକୁ ପଡ଼ିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ଓଡ଼ିଶା ଭଳି ରାଜ୍ୟଗୁଡ଼ିକର ଉତ୍ତମ ପ୍ରଦର୍ଶନ କାରଣରୁ ଆଗାମୀ ଦିନରେ ମୋଟ୍ ଆର୍ଥିକ ନିଅଣ୍ଟ ଏବଂ ଜିଡିପି ଅନୁପାତରେ ସୁଧାର ଆସିପାରେ। ଏହାଛଡ଼ା ଆର୍ଥିକ ବର୍ଷ ୨୦୨୬-୨୭ରେ ଋଣ ଏବଂ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତ ମାମଲାରେ ପଞ୍ଜାବର ସବୁଠାରୁ ଖରାପ ସ୍ଥିତି ହୋଇପାରେ। ପଞ୍ଜାବର ଏହି ଅନୁପାତ ୪୫% ପାରହେବା ସମ୍ଭାବନା ରହିଥିବା ବେଳେ ରାଜସ୍ଥାନ, କେରଳ ଏବଂ ପଶ୍ଚିମବଙ୍ଗ ପାଇଁ ଏହି ଅନୁପାତ ୩୫%ରୁ ଉର୍ଦ୍ଧ୍ୱ ହୋଇପାରେ। ଆର୍‌ବିଆଇ ତଥ୍ୟ ଅନୁସାରେ ସର୍ବାଧିକ ଋଣଭାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ, ରାଜସ୍ଥାନ, କେରଳ, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ହରିୟାଣର ନାମ ସାମିଲ ରହିଛି। ମାଗଣା ବିଦ୍ୟୁତ୍, ମାଗଣା ଜଳ, ମାଗଣା ପରିବହନ, ଚାଷୀଙ୍କୁ ଋଣଛାଡ଼ ଭଳି ବିଭିନ୍ନ ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ପ୍ରାଇଭେଟ୍ ଇନ୍‌ଭେଷ୍ଟମେଣ୍ଟର ଫାଇଦାକୁ ଶେଷ କରି ଦେଉଥିବା ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

# ବଜାର ଶୀର୍ଷରେ ଫାୟାର୍-ବୋଲ୍ଟ ସ୍ମାର୍ଟୱାଚ୍




ଭୁବନେଶ୍ୱର,୨୨।୬

ଇଣ୍ଟରନ୍ୟାଶନାଲ ଡାଟା କର୍ପୋରେଶନ (ଆଇଡିସି)ର ରିପୋର୍ଟ ଅନୁସାରେ ୱେରେବୁଲ୍ ୱାଚ୍ ମାର୍କେଟ୍‌ରେ ଫାୟାର-ବୋଲ୍ଟ ଶୀର୍ଷ ସ୍ଥାନ ଗ୍ରହଣ କରିଛି। ଏପରିକି କମ୍ପାନୀ କେବଳ ୧୫ମାସ ମଧ୍ୟରେ ବଜାର ଲିଡର ହୋଇପାରିଛି। କମ୍ପାନୀ ଉକ୍ତ ସଫଳତାକୁ ପାଳନ କରିବା ପାଇଁ ବୁଧବାର ସ୍ଥାନୀୟ ଶହୀଦନଗରର ଏକ ହୋଟେଲରେ କମ୍ପାନୀର ପ୍ରମୁଖ ରିଟେଲ ପାର୍ଟନରଙ୍କ ସହ ଏକ ମିଟ୍ ଆଣ୍ଡ ଗ୍ରିଟ୍ ଅଧିବେଶନର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫାୟାର-ବୋଲ୍ଟର ପ୍ରଡକ୍ଟ ମ୍ୟାନେଜର ଅମିତ ଶ୍ରୀବାସ୍ତବ, ଫାୟାର ବୋଲ୍ଟର ଆର୍‌ଏସ୍‌ଏମ୍ କୁନାଲ ବୋଷ, ସାଭେକ୍ସ ଟେକ୍ନୋଲୋଜିସ୍‌ର ଜିଏମ୍ ସୁଜିତ ଦାସ,ଜୟ ସାଦାନିଙ୍କ ସମେତ ବହୁ ବିଶିଷ୍ଟ ବ୍ୟବସାୟୀ ଓ ଅଂଶଧନକାରୀ ପ୍ରମୁଖ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ଅଛି। ବିଶେଷକରି ଏହି ଶିଳ୍ପ ଏକ ସ୍ଥିର ଗତିରେ ଆଗକୁ ବଢିବା ସତ୍ତ୍ୱେ ଫାୟାର-ବୋଲ୍ଟ ତ୍ରୈମାସ ଆଧାରରେ ୪୭.୫% ଅଭିବୃଦ୍ଧି ହାସଲ କରିଛି। ସେହିପରି ଉକ୍ତ ଶିଳ୍ପର ୬୨୮,୭୮୯ ତୁଳନାରେ ମୋଟ ୯୧୬,୭୬୫ ୟୁନିଟ୍ ବିକ୍ରି ଏବଂ ସମଗ୍ର ଶିଳ୍ପରେ ହାରାହାରି ୨୫% ହ୍ରାସ ମଧ୍ୟ ହୋଇଛି। ଫାୟାର-ବୋଲ୍ଟ ହେଉଛି ଏକମାତ୍ର ବ୍ରାଣ୍ଡ ଯାହା ଆକ୍ରମଣାତ୍ମକ ଭାବେ ଅଫ୍‌ଲାଇନ୍ ବଜାର ଉପରେ ଗୁରୁତ୍ୱ ଦେଇଥିଲା। ଏହି ବ୍ରାଣ୍ଡ ଅନ୍‌ଲାଇନ ଓ ଅଫ୍‌ଲାଇନ୍ ମାର୍କେଟିଂକୁ ଏକ ୫୦-୫୦% ଅନୁପାତରେ ବିଭାଜନ କରିଛି ଯାହା କମ୍ପାନୀକୁ ପ୍ରତିମାସରେ ୫ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି କରିବାରେ ସାହାଯ୍ୟ କରୁଛି।

# ସ୍କୋଡା ଅକ୍ଟେଭିଆର ରେକର୍ଡ ପରିମାଣ ବିକ୍ରି

ନୂଆଦିଲ୍ଲୀ,୨୨।୬



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ର ଅକ୍ଟେଭିଆ ୧ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରିର ନମ୍ବର ଅତିକ୍ରମ କରିଛି। ଏପରିକି କମ୍ପାନୀର ଉକ୍ତ ମଡେଲ ୧୦୧,୧୧୧ ନମ୍ବର ଗାଡ଼ି ବିକ୍ରି କରିଛି। ସେହିଭଳି ରେକର୍ଡ ପରିମାଣର ଗାଡ଼ିର ଗ୍ରାହକଙ୍କୁ ଚାବି ପ୍ରଦାନ କରାଯିବା ବେଳେ ଏହାର ମାସିକ ଏବଂ ତ୍ରୈମାସିକ ବିକ୍ରୟ ରେକର୍ଡ ମଧ୍ୟ ଭଙ୍ଗ କରିଛି। ଏହା ସହିତ ସ୍କୋଡା ଅକ୍ଟେଭିଆ ମଧ୍ୟ ପାର୍ଟସ ଏବଂ କମ୍ପୋନେଣ୍ଟସ ରୁଟ୍ ମାଧ୍ୟମରେ ଭାରତର ସର୍ବବୃହତ୍ ବିକ୍ରୟ କାର୍ ହେବାର ରେକର୍ଡ ସୃଷ୍ଟି କରିଛି। ସେହିପରି ସ୍କୋଡା ଅକ୍ଟେଭିଆ ବର୍ତ୍ତମାନ ଭାରତରେ କ୍ରମାଗତ ବିକ୍ରିରେ ଦୀର୍ଘତମ ଚାଲୁଥିବା ଶୀର୍ଷସ୍ଥାନ ବଜାୟ ରଖିବାର ଗୌରବ ରଖିଛି । ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜେକ ହୋସିଲ କହିଛନ୍ତି, ଭାରତରେ ପ୍ରବେଶ କରିବା ଦିନଠାରୁ ସ୍କୋଡା ଅଟୋ ସହ ଅକ୍ଟେଭିଆ ସମକକ୍ଷ ହୋଇଛି। ଏହାର ଡିଜାଇନ, ପ୍ରଯୁକ୍ତିବିଦ୍ୟା, ଆରାମ, ବହୁମୁଖିତା ଏବଂ ଡ୍ରାଇଭିଂ ଗତିଶୀଳତାର ଏକ ମୂଲ୍ୟବାନ୍ ବିଳାସପୂର୍ଣ୍ଣ ପ୍ୟାକେଜ ସହ ଏହା ଭାରତୀୟ ଗ୍ରାହକଙ୍କୁ ପରିଚିତ କରାଇଛି। ୨୦୦୧ରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଏକ ନିଜସ୍ୱ ସେଗମେଣ୍ଟ ସୃଷ୍ଟି କରିଛି।

## ହ୍ରାସ ପାଉଛି ଭାରତୀୟ ମୁଦ୍ରା ମୂଲ୍ୟ

ନୂଆଦିଲ୍ଲୀ, ୨୨।୬

ବିଦେଶୀ ନିବେଶକମାନେ ଲଗାତର ଭାବରେ ପାଣ୍ଠି ଉଠାଣ କରିବା ଏବଂ ଘରୋଇ ପୁଞ୍ଜିବଜାରରେ ହ୍ରାସ ପରେ ବୁଧବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ୨୭ ପଇସା ହ୍ରାସ ଘଟିଛି। ଫଳରେ ଭାରତୀୟ ମୁଦ୍ରା ୭୮.୪୦ର ସର୍ବନିମ୍ନ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ନିବେଶକଙ୍କ କହିବା ଅନୁସାରେ, ଡଲାର ଉତ୍ତମ ସ୍ତରରେ ଥିବାରୁ ଏହାର ପ୍ରଭାବ ଭାରତୀୟ ମୁଦ୍ରା ଉପରେ ପଡ଼ିଛି। ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ, ଭାରତୀୟ ମୁଦ୍ରାକୁ ଭାରି ହ୍ରାସ ହେବାରୁ ରକ୍ଷା କରିଥିଲା।

# ଏଚ୍‌ସିସିବିର ୨୫ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୨୨।୬

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ୍ (ଏଚ୍‌ସିସିବି) ର ୨୫ବର୍ଷ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି । ଏହି ଅବସରରେ ଏମ୍‌ପି (ରାଜ୍ୟ ସଭା) ଡ. ଅମର ପଟ୍ଟନାୟକ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଚ୍‌ସିସିବି ଚେୟାରମ୍ୟାନ ଓ ସିଇଓ ନିରଜ ଗର୍ଗଙ୍କ ଅଧ୍ୟକ୍ଷତାରେ ସଭା ଆରମ୍ଭ ହୋଇଥିଲା। ସଭାର ମୁଖ୍ୟ ଆକର୍ଷଣ ବରିଷ୍ଠ ଅଭିନେତା,ଲେଖକ, କବି ଏବଂ ଚିନ୍ତାନାୟକ ଆଶୁତୋଷ ରାଣା, ଏଚ୍‌ସିସିବିର ୨୫ବର୍ଷ ପୂର୍ତ୍ତି ଉତ୍ସବ ଓ କମ୍ପାନୀ ଦୀର୍ଘ ଯାତ୍ରା ସମ୍ପର୍କରେ ତାଙ୍କର ଅନନ୍ୟ ବର୍ଣ୍ଣନା ଶୈଳୀରେ ବିସ୍ତୃତଭାବେ ସଭାରେ ଉପସ୍ଥିତ ସବୁ ବର୍ଗର ଲୋକଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ସେହିଭଳି ନିରଜ ଗର୍ଗ କହିଥିଲେ, ଗତ ୨୫ବର୍ଷ ମଧ୍ୟରେ ଭାରତର ବ୍ୟାପକ ପରିବର୍ତ୍ତନ ହୋଇଛି। ଏସବୁ ପରିବର୍ତ୍ତନ ମଧ୍ୟରେ ଆମେ କେବଳ ସଫଳତାର ସହ ଆଗକୁ ବଢ଼ି ନାହୁଁ, ତାହା ସହିତ ଏଭଳି ଏକ ପରିବ୍ୟବସ୍ଥାକୁ ମଧ୍ୟ ସମର୍ଥନ ଜଣାଉଛୁ ଯାହା ସମ୍ପ୍ରତି ମଜଭୁତ, ଦୀର୍ଘସ୍ଥାୟୀ ଏବଂ ସ୍ୱାବଲମ୍ବୀ ହୋଇପାରିଛି। କମ୍ପାନୀ ୨୫ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଓଡ଼ିଶାରେ ଏକାଧିକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଘୋଷଣା କରିଛି।

## ଫୁରସତ୍

# ଅମ୍ବରଙ୍କ ମୁହଁ ସବୁଠୁ ସୁନ୍ଦର

ୱାଶିଂଟନ



ବିଜ୍ଞାନ ଅନୁସାରେ ହଲିଉଡ୍ ଅଭିନେତ୍ରୀ ଅମ୍ବର ହର୍ଡଙ୍କ ମୁହଁ ବିଶ୍ୱର ସବୁଠୁ ସୁନ୍ଦର ହୋଇଥିବାବେଳେ ଇଂଲିଶ ଅଭିନେତା ରୋବର୍ଟ ପାଟିନ୍‌ସନ୍ ଦୁନିଆର ସବୁଠାରୁ ଆକର୍ଷଣୀୟ ବ୍ୟକ୍ତି ହୋଇଛନ୍ତି। ବିଗତ କିଛି ଦିନ ଧରି ଅମ୍ବର ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚାକୁ ଆସିଥିଲେ। ମୁହଁର କଳାତ୍ମକ କୃତି ଯେମିତି ଦୈର୍ଘ୍ୟ, ପ୍ରସ୍ଥ ଆଦି ମାପ କରାଯିବା ପରେ ଅମ୍ବରଙ୍କ ନାମ ଏହି ତାଲିକାରେ ସ୍ଥାନିତ ହୋଇଛି। ଏହି ନାମ ସବୁ ଗୋଲ୍ଡେନ୍ ରେସିଓ ଅଫ୍ ବ୍ୟୁଟି ଫି (ଏକ ପାରମ୍ପରିକ ଗ୍ରୀକ୍ ଗଣନା ପଦ୍ଧତି)ରେ ବିଚାର କରାଯାଇଛି। ଏହି ଗାଣିତିକ ରେସିଓ ଅନୁସାରେ ଅମ୍ବରଙ୍କ ମୁହଁର ରେସିଓ ୧:୬୧୮ ରହିଛି। ବିଶ୍ୱରେ ଜନ୍‌ସନ୍‌ଙ୍କର ସବୁଠାରୁ ଉତ୍ତମ ଆଖି, ମଡେଲ୍ ତଥା ଆକ୍ଟ୍ରେସ୍ ଇମିଲି ରତଜକୋସ୍କିଙ୍କର ଓଠ ସବୁଠାରୁ ସୁନ୍ଦର ହୋଇଥିବାବେଳେ କିମ୍ କାରଦାସିଆନ୍‌ଙ୍କ ଆଇବ୍ରୋ ସବୁଠୁ ଆକର୍ଷଣୀୟ ହୋଇଥିବା ଜଣାପଡ଼ିଛି। ସେହିପରି ହଲିଉଡ୍ ଅଭିନେତା ରୋବର୍ଟ ପାଟିନ୍‌ଶନ୍ ଲଗାତର ଦୁଇ ବର୍ଷ ହେଲା ଏହି ଟାଇଟଲ ବଜାୟ ରଖିଛନ୍ତି ବୋଲି ‘ଲାଡ୍‌ବାଇବେଲ୍’ରେ ରିପୋର୍ଟ ପ୍ରକାଶ ପାଇଛି। ଆକର୍ଷଣୀୟ ତାଲିକାରେ ରିଆନ୍ ଗୋସ୍‌ଲିଙ୍ଗ, ଆଇଡ୍ରିସ୍ ଏଲ୍‌ବା, ବ୍ରାଡ୍ ପିଟ୍, ହେନ୍‌ରି କେଭିଲଙ୍କ ଭଳି ଅଭିନେତା ଥିଲେ ମଧ୍ୟ କେହି ରୋବର୍ଟଙ୍କୁ ଟପି ପାରିନାହାନ୍ତି।

# ଆଠଜଣଙ୍କ ଭିତରୁ ଜଣେ ମାନସିକ ବିକାରଗ୍ରସ୍ତ

## ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ



**ଜେନେଭା:** ବିଶ୍ୱରେ ପ୍ରତି ୮ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମାନସିକ ବିକାରଗ୍ରସ୍ତ ହୋଇଥିବା ୱାର୍ଲ୍ଡହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ମହାମାରୀ କରୋନା ସଂକ୍ରମଣ ପୂର୍ବରୁ ଅର୍ଥାତ୍ ୨୦୧୯ରେ ଏହି ସଂଖ୍ୟା ୧୦ କୋଟି ଥିଲା, ଯେଉଁଥିରେ ୧୪ ପ୍ରତିଶତ ଯୁବପିଢ଼ି ରହିଛନ୍ତି। ରିପୋର୍ଟ ଅନୁସାରେ କରୋନା କାରଣରୁ ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ସଂଖ୍ୟା ବିଶ୍ୱରେ ବୃଦ୍ଧି ପାଇଛି। ଦିନକୁ ଦିନ ଅବସାଦ ଏବଂ ଚିନ୍ତା ଲୋକଙ୍କ କ୍ଷେତ୍ରରେ ବୃଦ୍ଧି ପାଇଛି। ଆଜିର ଦିନରେ ଏହି ମାମଲା ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇଛି।

ତେବେ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ପ୍ରତ୍ୟେକ ଦେଶ ହେଲ୍‌ଥ କେୟାର ବଜେଟର ୨ ପ୍ରତିଶତ ଖର୍ଚ୍ଚ କରୁଥିବାବେଳେ ଚିକିତ୍ସା ଅଭାବରୁ ଅନେକ ଲୋକଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଅଳ୍ପ କେତେଜଣ ଲୋକ ଚିକିତ୍ସା ପାଇଁ ସମର୍ଥ ଅଟନ୍ତି। ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ତେବେ ରୋଗରୁ ସୁସ୍ଥ ହେବା ପାଇଁ ଅର୍ଥ ବ୍ୟୟ କରିବା, ଉତ୍ତମ ଭବିଷ୍ୟତ ପାଇଁ ଟଙ୍କା ଲଗାଣ କରିବା ସହିତ ସମାନ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଅଧାନୋମ ଘେବ୍ରେୟେସସ୍ କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ୨୦ ଦେଶରେ ଆତ୍ମହତ୍ୟା ମାମଲା ବଢ଼ିଛି। ବିଶ୍ୱରେ ପ୍ରତ୍ୟେକ ଦିନ ୨୦ ଜଣ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେଉଥିବା ରିପୋର୍ଟରେ କୁହାଯାଇଛି। ସେହିପରି ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଏକାଧିକ ମାନସିକ ରୋଗୀଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ବିଶେଷକରି ଯୁବପିଢ଼ିଙ୍କ ମୃତ୍ୟୁ ପାଇଁ ଆତ୍ମହତ୍ୟା ଏକ ପ୍ରମୁଖ କାରଣ ପାଲଟିଛି।

# କ୍ରୀଡ଼ା ସୃଷ୍ଟି କରେ ନୂଆ ସମ୍ପର୍କ

## ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ



ପୃଥିବୀରେ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଜୁନ୍ ୨୩ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳନ କରାଯାଇଥାଏ। ଅଲିମ୍ପିକ ଗେମ୍ସ ହେଉଛି ଏକ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ। ପ୍ରତି ଚାରି ବର୍ଷରେ ଗ୍ରୀଷ୍ମ ଏବଂ ଶୀତକାଳୀନ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରତିଯୋଗିତାରେ ପୃଥିବୀର ବିଭିନ୍ନ ଦେଶର ହଜାର ହଜାର ଆଥଲେଟ ଅଂଶଗ୍ରହଣ କରିଥାନ୍ତି। ଲୋକଙ୍କ ଜୀବନରେ ଖେଳ ଏବଂ ଖେଳର ମହତ୍ୱକୁ ଚିହ୍ନିତ କରିବା ଏବଂ ବୟସ, ଲିଙ୍ଗ, ବର୍ଣ୍ଣ କିମ୍ବା ଧର୍ମ ନିର୍ବିଶେଷରେ ସମଗ୍ର ପୃଥିବୀର ଲୋକଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ପ୍ରୋତ୍ସାହିତ କରିବା ଅନ୍ତର୍ଜାତୀୟ ଅଲିମ୍ପିକ ଦିବସର ମୁଖ୍ୟ ଲକ୍ଷ୍ୟ। ପ୍ୟାରିସର ସୋରବୋନେ ଠାରେ ୨୩ ଜୁନ ୧୮୯୪ ରେ ଆଧୁନିକ ଅଲିମ୍ପିକ ଗେମ୍ସର ଜନ୍ମକୁ ସ୍ମରଣ କରିବା ପାଇଁ ୧୯୪୮ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ଆରମ୍ଭ କରାଯାଇଥିଲା। କ୍ରୀଡ଼ା ମାଧ୍ୟମରେ କିଭଳି ବସୁଧୈବ କୁଟୁମ୍ବକମ୍ ଉଦ୍ଦେଶ୍ୟ ପୂରଣ କରାଯିବ ତାହା ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ।

# ମାଲିକାଣୀଙ୍କୁ ଖାଇଦେଲେ ବିରାଡ଼ି

ମସ୍କୋ

ରୁଷିଆ ବାଟାୟସ୍କର ରେଷ୍ଟୋଭରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କ ପାଳିତ ବିରାଡ଼ିମାନେ ତାଙ୍କୁ ଖାଇଦେଇଥିବା ଖବର ସାମ୍ନାକୁ ଆସିଛି। ମହିଳା ଜଣଙ୍କ ବିରାଡ଼ି ପାଳକ। ଏକାଧିକ ଦିନଧରି ମହିଳାଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ତାଙ୍କର ଜଣେ କର୍ମଚାରୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ମହିଳାଙ୍କ ଘରେ ପହଞ୍ଚି ଦେଖିଲାବେଳକୁ ଘରେ ୨୦ଟି ବିରାଡି ବୁଲୁଛନ୍ତି। ତେବେ କିଛି ସ୍ଥାନରେ ବିରାଡ଼ିମାନେ ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ଧରି ଖାଉଥିବାର ଦେଖିବାକୁ ମିଳିଥିଲା। ତେବେ ମହିଳା ଜଣଙ୍କ ମୃତ୍ୟୁ ହେବା ପରେ ତାଙ୍କ ପାଳିତ ବିରାଡ଼ି ତାଙ୍କୁ ଖାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ପଶୁ ବିଶେଷଜ୍ଞଙ୍କ ମତରେ ମାଲିକାଣୀଙ୍କ ମୃତ୍ୟୁପରେ ବିରାଡ଼ିମାନେ କିଛି ଖାଇବାକୁ ପାଇ ନ ଥିଲେ। ଫଳରେ ତାଙ୍କ ଆଖପାଖରେ ଯାହା ମିଳିଥିଲା ସେମାନେ ତାହାକୁ ଖାଇଥିବା ବିଶେଷଜ୍ଞ କହିଛନ୍ତି। ତେବେ ଏଭଳି ୨୦୧୩ରେ ଆମେରିକାରେ ଘଟିଥିଲା।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସଦ୍ୟୋଜାତ ମହାନ୍ତି
ସ୍ଥାନ:ବରଗଡ଼ ବ୍ରିଟ୍ କଲୋନୀ (ଇ.ବି.-୫୫୧), ଭୁବନେଶ୍ୱର
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ହସହସ ମୁହଁ ଆମର ଚିର ସ୍ମରଣୀୟ ହୋଇରହିବ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୮୦୭

୭ମ ଶ୍ରାଦ୍ଧବାର୍ଷିକୀ



୰ଉଗ୍ରେସନ ବାରିକ
ହାଟମଉତାପୁର, ମଉତାପୁର, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪
ଏହା ମଧ୍ୟରେ ସାତବର୍ଷ ବିତିଗଲାଣି, ଆପଣ ସବୁଦିନ ମନେପଡୁଛନ୍ତି । ଯେଉଁଠି ଅଛନ୍ତି, ଭଲରେ ଥାଆନ୍ତୁ, ଠାକୁରଙ୍କ ପାଖରେ ଏତିକି କାମନା ।
ଶୋକସନ୍ତପ୍ତ - କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ ।
ଧ-୮୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ
ଗଡ଼ଅଣ୍ଡିଆ, ନିମାପଡ଼ା
ତିରୋଧାନ: ୧୩।୦୬।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ପ୍ରତାପଚନ୍ଦ୍ର ପଟ୍ଟନାୟକ, କିରଣ ପଟ୍ଟନାୟକ, ସୋମେନ ପଟ୍ଟନାୟକ ଓ ପରିବାରବର୍ଗ ।
ଧ-୮୦୪



# କ'ଣ କରୁଛନ୍ତି ପରିଣିତୀ

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ଗଛ ଲଗାଇବା ପାଇଁ ସମୟ ଦେଉଛନ୍ତି। ସେ କିଏ ଜାଣନ୍ତି ? ପରିଣିତୀ ଚୋପ୍ରା। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ପ୍ଲାଣ୍ଟେଶନରେ ମନୋନିବେଶ କରିଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ଏବେ ପରିବେଶ ସୁରକ୍ଷା ପାଇଁ ଆମେ ଗଛ ଲଗାଇବା ନିହାତି ଜରୁରୀ ହୋଇପଡିଛି। ତେଣୁ ପ୍ରତିଦିନ ମୁଁ ମୋ ସାଙ୍ଗଙ୍କ ସହ ମିଶି ବୁଲି ବୁଲି ଗଛ ଲଗାଉଛି। କେବଳ ସେତିକି ନୁହେଁ, ସେହି ଗଛଗୁଡିକର ଯତ୍ନ କିପରି ନିଆଯିବ ସେ ନେଇ ମଧ୍ୟ ଯୋଜନା ହୋଇଛି। ଏହା ସହ ମୋ ଘର ସାମନାରେ ମୁଁ ଗାର୍ଡେନ କରିଛି। ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' ଅନ୍ୟପକ୍ଷରେ ଏବେ ପରିଣିତୀଙ୍କ ହାତରେ ତିନୋଟି ଅଫର ରହିଛି। ତେବେ ସେହି ଅଫରଗୁଡ଼ିକ ବିଷୟରେ ପ୍ରାୟ ଦୁଇ ସପ୍ତାହ ଭିତରେ ନିଷ୍ପତ୍ତି ନେବି ବୋଲି ସୂଚନା ଦେଇଛନ୍ତି ପରିଣିତୀ।

# ଆଶାରେ ରହିଗଲା...

ବେଳେବେଳେ ଗୋଟିଏ କଥାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ନିଜର ଆଶା ପୂରଣ ହେବ। ପୁଣି ତାହାକୁ ଆଧାର କରି ସେ ଆଗକୁ ଆଗେଇବେ। ହେଲେ କେତେକ ସମୟରେ ସେହି ଆଶା ଅପୂରଣ ରହିଯାଏ। ସବୁ ଆକଳନ ଭୁଲ୍ ବୋଲି ପ୍ରମାଣିତ ହୁଏ। ଦେଖୁନାହାନ୍ତି, 'ଧକଡ'କୁ ନେଇ କେତେ ଆଶା ବାନ୍ଧିଥିଲେ କଙ୍ଗନା। ହେଲା କ'ଣ ? ବକ୍ସ ଅଫିସରେ ଫିଲ୍ମଟି ଯାହା ବିଜ୍‌ନେସ କଲା ତାହା ନ କହିବା ଭଲ। ଏଥିରେ ସେ ପୁଣି ଆକ୍ସନ ଅବତାରରେ ଦର୍ଶକଙ୍କ ସମ୍ମୁଖକୁ ଆସିଥିଲେ। ଫିଲ୍ମଟିକୁ ନେଇ ସେ କ'ଣ ଆଶା କରିଥିଲେ ଆଉ ଶେଷରେ କ'ଣ ହେଲା ସେ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମଟିର କାହାଣୀ, ଉପସ୍ଥାପନା କୌଣସି ଗୁଣରେ କମ୍ ନ ଥିଲା। ହେଲେ ଦର୍ଶକ ଚିତ୍ରଟିକୁ ଗ୍ରହଣ କଲେ ନାହିଁ। କାରଣ ଆମମାନଙ୍କର ଭାଗ୍ୟ ସେମାନଙ୍କର ହାତରେ। ସେମାନଙ୍କ ରାୟକୁ ମୁଁ ସବୁବେଳେ ସମ୍ମାନ ଦେଇଥାଏ। ଯାହା ଘଟିଗଲା ତାକୁ ଆଉ ଚିନ୍ତା କରି ଲାଭ ନାହିଁ। ପୁଣି ଥରେ କେମିତି ଦର୍ଶକଙ୍କର ପ୍ରଶଂସା ଭାଜନ ହେବି ସେ ନେଇ ନୂଆ ଯୋଜନା ପ୍ରସ୍ତୁତ କରୁଛି।' ସୂଚନାଯୋଗ୍ୟ ଚିନ୍ତନ ଗାନ୍ଧୀ ଏହାର କାହାଣୀ ରଚନା କରିଥିଲେ ଏବଂ ଚିତ୍ରନାଟ୍ୟ ଲେଖିବା ସହ ନିର୍ଦ୍ଦେଶନା ଦେଇଥିଲେ ରଜନୀଶ ଘାଇ। ଏଥିରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମଫାଲ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।


କଙ୍ଗନା

# ରକୁଲ୍‌ଙ୍କ ଫିଟ୍‌ନେସ ରହସ୍ୟ

ରକୁଲ୍ ପ୍ରୀତ ସିଂଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଫିଟ୍‌ନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। କଥା କ'ଣ କି ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା। ଏତିକି ବେଳେ ଶପିଂ ସହ ଫିଟ୍‌ନେସକୁ ନେଇ ଆଲୋଚନା ଚାଲିଲା। ନିଜର ସ୍ଲିମଟ୍ରିମ ରହସ୍ୟ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ରକୁଲ୍। ତା'ପରେ ସେ ନିଜ ସାଙ୍ଗମାନଙ୍କୁ ଏ ନେଇ କିଛି ଟିପ୍ସ ମଧ୍ୟ ଦେଇଥିଲେ। ବାସ୍, ଆଲୋଚନା ତ ଲମ୍ବି ଚାଲିଲା। ଏ ନେଇ ରକୁଲ୍ କହନ୍ତି, 'ମୋ ଫିଟ୍‌ନେସ ପଛରେ କେବଳ ଏକ୍ସରସାଇଜ ଏବଂ ଡାଏଟିଂ ନୁହେଁ, ଆଉ ଏକ କଥା ରହିଛି। ତାହା ହେଲା ଯୋଗ। ମୋ ମତରେ ଯୋଗ ଦ୍ୱାରା ଜଣେ ନିଜକୁ ଅନେକାଂଶରେ ଫିଟ୍ ରଖିପାରିବ। ପ୍ରତିଦିନ ମୁଁ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ। ତା'ସହ ଏକ୍ସରସାଇଜ ଏବଂ ଡାଏଟିଂ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ।'

## ଅତୀତରୁ..

- ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା ପୌରାଣିକ ଚଳଚ୍ଚିତ୍ର 'ରାମାୟଣ'। ଏଥିରେ ରାମ ଭୂମିକାରେ ଉତ୍ତମ ମହାନ୍ତି ଅଭିନୟ କରିଥିବା ବେଳେ ରାବଣ ଚରିତ୍ରରେ ଧୀର ବିଶ୍ୱାଳଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ମହାଶ୍ୱେତା ରାୟ।
- 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର।
- ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ପ୍ରଯୋଜନା କରିଥିଲେ ଆରତୀ ଦାସ। ଅକ୍ଷୟ ମହାନ୍ତି (କାଶ୍ୟପ), କାଶୀ ରଥ, ଜୟା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।


ରକୁଲ୍

# ଆଇଟମ୍ ପାଇଁ ଟେନ୍‌ସନ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଣ୍ଡିସ ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ତାଙ୍କୁ ଏହି ନୂଆ ଅଫରଟି ମିଳିଲା ସେ ଖୁସିରେ ଉଚ୍ଛୁଳି ଉଠିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଖୁସି ମିଳେଇ ଯାଇଥିଲା। ଯେତେବେଳେ ସେ ଶୁଣିଲେ ଯେ ଏହି ଫିଲ୍ମରେ ଏକ ଆଇଟମ ନମ୍ବରରେ ତାଙ୍କୁ ନାଚିବାକୁ ପଡ଼ିବ ସେତେବେଳେ ସେ କ'ଣ ନିଷ୍ପତ୍ତି ନେବେ ଜାଣିପାରି ନ ଥିଲେ। ଏପରି ଘଟଣା ବିଷୟରେ ଜ୍ୟାକ୍‌ଲିନ କହନ୍ତି, 'ଏହି ଫିଲ୍ମରେ ଏକ ଆଇଟମ ଗୀତରେ ମୋତେ ନାଚିବାକୁ ପଡ଼ିବ ବୋଲି ପ୍ରଯୋଜକ ଯେତେବେଳେ ମୋତେ କହିଲେ ସେତେବେଳେ ମୋର ଟେନ୍‌ସନ୍ ବଢ଼ିଯାଇଥିଲା। ସେ ମୋତେ ଏ ନେଇ ଭଲ ଭାବରେ ବୁଝାଇଥିଲେ। ହେଲେ ମୋର ଅବୁଝା ମନ ତାଙ୍କର କୌଣସି କଥାକୁ ଗ୍ରହଣ କରିବାକୁ ସତେଯେମିତି ତିଆର ନ ଥିଲା। ଅବଶ୍ୟ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ସେମାନେ ମୋତେ ସପ୍ତାହେ ସମୟ ଦେଇଛନ୍ତି। ତଥାପି ଏ ପର୍ଯ୍ୟନ୍ତ ମୁଁ ଏହି ଫିଲ୍ମରେ ଅଭିନୟ କରିବି କି ନାହିଁ ବୋଲି ଠିକ୍ କରିପାରୁନାହିଁ। ଯାହାହେଲେ ବି ମୋତେ କିଛି ନିଷ୍ପତ୍ତି ନେବାକୁ ପଡ଼ିବ।' ତେବେ ଏପରି ଘଟଣାକୁ ଜ୍ୟାକ୍‌ଲିନ୍ କିପରି ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଅପେରା ହାଲ୍‌ଚାଲ୍

# ଅଭିନୟ ମାୟାରେ ସୁଧାକର



ପିଲାଟିଦିନରୁ ଅଭିନୟ ମାୟାରେ ପଡ଼ିଯାଇଥିଲେ। ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଆକ୍ଟିଂ ନିଶା ତାଙ୍କର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିଲା। ସେ ହେଲେ ସୁଧାକର ମହାରଣା। ତାଙ୍କର ଅଭିନୟ ଜୀବନ ଆରମ୍ଭ ଗାଁ (ଦାନପୁର, ଖଲ୍ଲିକୋଟ, ଗଞ୍ଜାମ) ନାଟକରୁ, ଯାହାର ଟାଇଟଲ ଥିଲା 'ଟୁଉକୁମୂଷି'। ତା'ପରେ ରାଜ୍ୟସ୍ତରୀୟ, ଜାତୀୟ ଥିଏଟର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏ ନେଇ ସୁଧାକର କହନ୍ତି, 'ମୋ ବଡ଼ଭାଇ ସବିନୟ ମହାରଣାଙ୍କ ପ୍ରେରଣା ମୋତେ ଅଭିନୟକୁ କ୍ୟାରିୟର କରିବାକୁ ବାଧ୍ୟ କରିଥିଲା। ୨୦୧୭ରେ ମୋର ଅପେରା ଜୀବନ ଆରମ୍ଭ ହୋଇଥିଲା ସଚ୍ଚିଦାନନ୍ଦମ୍ ଗଣନାଟ୍ୟରୁ। ତା'ପରେ ଗତବର୍ଷ ରଙ୍ଗମହଲରେ ଅଭିନୟ କରିଥିଲି। ଆସନ୍ତା ଯାତ୍ରା ସିଜନ ପାଇଁ ମୁଁ 'ଯାତ୍ରା ସ୍ୱପ୍ନ ମହଲ' ପାଇଁ ଚୁକ୍ତିବଦ୍ଧ ହୋଇଛି। ସୁଧାକରଅଭିନୟ କରିଥିବା ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି – ମୁଁ ସେଇ ଭଦ୍ରକିଆ ଟୋକା, ବଡ଼ଦାଣ୍ଡର ଭିକାରି, ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି, ସ୍ତ୍ରୀ ମାନେ ସାବଧାନ!, ଗାୟତ୍ରୀ ଅପାର ଗୋପନ କଥା, ଲିସା ପାଇଁ ପଶା ଖେଳ, ମହାଭାରତର ଅର୍ଜୁନ ରାଣୀ, ମଝିଆ ପୁଅ କାହାରି ନୁହଁ ଏବଂ ରେପ ଆଣ୍ଡ ମର୍ଡର।

# ତୋର ମୋର କଟି


ଶୀତଲ

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ତୋର ମୋର କଟି'ର ଶୁଟିଂ ଚାଲୁ ରହିଛି। ନାୟିକାରୁ ପ୍ରଯୋଜିକା ସାଜିଥିବା ଝିଲିକ୍‌ଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। 'ଯିଏ ଯାହା କହୁ ମୋର ଢୋ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ଶୀତଲ ଏହି ଫିଲ୍ମର ନାୟିକା ସାଜିଛନ୍ତି। ଏମାନଙ୍କ ବ୍ୟତୀତ ଶୈଳେନ୍ଦ୍ର, ଟୁକୁନା ଷ୍ଟାଇଲିସ୍, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ।

# ଚ୍ୟାଲେଞ୍ଜକୁ ସବୁବେଳେ ଗ୍ରହଣ କରେ

**ଓଲିଉଡ୍‌ର ଅନ୍ୟତମ ଯୁବ ନିର୍ଦ୍ଦେଶକ ଜ୍ୟୋତି ଦାସ ନିଜ ବିଷୟରେ ଯାହା କହନ୍ତି...**

ଯୁବପିଢ଼ିର ଅନ୍ୟତମ ନିର୍ଦ୍ଦେଶକ ଭାବରେ ଓଡ଼ିଆ ସିନେମାରେ ବେଶ୍ ପ୍ରଶଂସା ସାଉଁଟି ଚାଲିଛନ୍ତି ଜ୍ୟୋତି ଦାସ। 'ଗୁଡ୍‌ବୟ' ଫିଲ୍ମ ତାଙ୍କୁ ନିଜ ଲକ୍ଷ୍ୟପଥରେ ଆଗେଇବାକୁ କେତେ ପ୍ରେରଣାଦାୟକ ସାଜିଥିଲା ତାହା କହିବା ଅନାବଶ୍ୟକ। ଆଉ ଏବେ ତାଙ୍କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା ଚାଲିଛି। କାରଣ ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ଚଳିତ ବର୍ଷ ରଥଯାତ୍ରା ଦିନ ପରଦା ଉପରକୁ ଆସୁଛି। ଏହାର ଟାଇଟଲ ରହିଛି 'ବିଦ୍ୟାରାଣି'। ନିଜର କ୍ୟାରିୟର ବିଷୟରେ ଜ୍ୟୋତି କହନ୍ତି, 'ମୁଁ ସବୁବେଳେ ଚ୍ୟାଲେଞ୍ଜକୁ ସାମନା କରିବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଏ। କାରଣ ଗୋଟିଏ ସିନେମା ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ଯଦି 'ବିଦ୍ୟାରାଣି' କଥା କହିବି, ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ପ୍ରଥମ ଥର ପାଇଁ ବାବୁସାନ୍ ଏକ ଭିନ୍ନ ଭୂମିକା, ଗେଟ୍‌ଅପ୍‌ରେ ଆସୁଛନ୍ତି। ଅର୍ଥାତ୍, ଓଲିଉଡ୍‌ର ଲଭରବୟଙ୍କୁ ପରଦା ଉପରେ ଆକ୍ସନ ହିରୋ ଭାବରେ ଦେଖିବାକୁ ମିଳିବ। ଫିଲ୍ମଟିକୁ କିପରି ଠିକ୍ ଭାବରେ ନିର୍ମାଣ କରାଯାଇପାରିବ ସେ ନେଇ ମୁଁ ଓ ପ୍ରଯୋଜକ ନିରଞ୍ଜନ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ସମସ୍ତ କଳାକାର, ଟେକ୍ନିସିଆନ ବେଶ୍ ପରିଶ୍ରମ କରିଛୁ। ବାକି ପରିଣାମ କ'ଣ ହେବ ତାହା ରିଲିଜ୍ ପରେ ଜଣାପଡ଼ିବ। ଫିଲ୍ମଟି ସଫଳତା ହାସଲ କରିବ ବୋଲି ଆଶା ରଖିଛି।' ବର୍ତ୍ତମାନ ଜ୍ୟୋତି ଦୁଇଟି ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ସୂଚନାଯୋଗ୍ୟ ତଥ୍ୟ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଆକ୍ସନ-ପ୍ୟାକ୍‌ଡ ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ଶିବାନୀ।


ଜ୍ୟୋତି

# ତାପସୀ ଯାହା ଭାବୁଥିଲେ...

ତେଲୁଗୁ ହେଉ ଅବା ତାମିଲ-ଅଭିନୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ତାପସୀ ପାନ୍ନୁ। ତା'ସହ ବଲିଉଡ୍‌ରେ ମଧ୍ୟ ଅଭିନୟ କରି ସାଉଁଟିଛନ୍ତି ପ୍ରଶଂସା। ତେବେ ଯେତେବେଳେ ସେ ପାଠ ପଢୁଥିଲେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଆଶା ରଖିଥିଲେ। ଏପରି କି ଏ କ୍ଷେତ୍ରରେ ସେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେ ମଡେଲିଂରେ ପାଦ ଥାପିଥିଲେ। ତା'ପରେ ତାଙ୍କୁ ବଡ଼ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ୨୦୧୩ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ଚଷମେ ବଦ୍ଦୁର'। ୨୦୦୮ରେ ଅନୁଷ୍ଠିତ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ତାପସୀ ଅଂଶଗ୍ରହଣ କରି 'ପାଣ୍ଟାଲୁନ୍ସ ଫେମିନା ଫ୍ରେସ୍ ଫେସ୍' ଏବଂ 'ସାଫି ଫେମିନା ମିସ୍ ବିୟୁଟିଫୁଲ ସ୍କିନ୍' ଟାଇଟଲ ବିଜୟିନୀ ହୋଇଥିଲେ। ତାପସୀଙ୍କ ପିଲାଦିନ ନୂଆଦିଲ୍ଲୀରେ କଟିଥିଲା। ପିଲାଟି ଦିନରୁ ସେ ଭାରତନାଟ୍ୟମ୍ ଏବଂ କଥକ ଶିଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଏଥିରେ ନିଜକୁ ଜଣେ ପାରଙ୍ଗମ ନୃତ୍ୟାଙ୍ଗନା ଭାବରେ ପରିଚିତା କରାଇ ପାରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୩/୨୦୨୨ Bhubaneswar, Thursday, June 23/ 2022

# ରୌପ୍ୟ ଜିତିବାରେ ରୋନାଲ୍ଡୋ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ସାଇକ୍ଲିଷ୍ଟ ରୋନାଲ୍‌ଡୋ ସିଂ ପ୍ରଥମ ଭାରତୀୟ ଏସିଆନ ଟ୍ରାକ୍ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଛନ୍ତି। ବୁଧବାର କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ସେ ସିନିୟର ବିଭାଗ ସ୍ପ୍ରିଣ୍ଟ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଜାପାନର ଅଭିଜ୍ଞ ରାଇଡର

**ଏସିଆନ ସାଇକ୍ଲିଂ ଚାମ୍ପିୟନଶିପ୍**

କେଣ୍ଟୋ ୟାମାସାକିଙ୍କୁ କଡ଼ା ଟକ୍କର ଦେଇଥିଲେ କିନ୍ତୁ ସେ ରୌପ୍ୟ ହାସଲ କରିଥିଲେ। ରୋନାଲ୍ଡୋଙ୍କୁ ୟାମାସାକି ପଛକୁ ପଛ ରେସ୍‌ରେ ହରାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଥିଲେ। କାଜାଖସ୍ଥାନର ଆନ୍ଦ୍ରେ ଚୁଗେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଚେୟାରମ୍ୟାନ ଓଁକାର ସିଂ କହିଛନ୍ତି, ଟୁର୍ନାମେଣ୍ଟ ଇତିହାସରେ ଜଣେ ହେଲେ ଭାରତୀୟ ସ୍ୱର୍ଣ୍ଣ ଜିତିପାରି ନାହାନ୍ତି। ରୋନାଲ୍ଡୋ ରୌପ୍ୟ ଜିତିଥିଲେ ମଧ୍ୟ ଜଣେ ଭାରତୀୟ ହିସାବରେ ଏହା ଶ୍ରେଷ୍ଠ ପ୍ରଦର୍ଶନ। ସିଂ ଆହୁରି ମଧ୍ୟ ଏସିଆନ ସାଇକ୍ଲିଂ ଫେଡେରେଶନର ସାଧାରଣ ସମ୍ପାଦକ ଅଛନ୍ତି। ରୋନାଲ୍ଡୋ ଏହି ଚାମ୍ପିୟନଶିପ୍‌ର ୧ କି.ମି, ଟାଇମ୍ ଟ୍ରାଏଲ୍ ଓ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ହାସଲ କରିସାରିଛନ୍ତି।


ରୋନାଲ୍ଡୋ ସିଂ

# ରଣଜୀ ଟ୍ରଫି ଫାଇନାଲ: ମୁମ୍ବାଇ ୨୪୮/୫

**ବେଙ୍ଗାଲୁରୁ,୨୨।୬**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାରଠାରୁ ମଧ୍ୟପ୍ରଦେଶ ଓ ମୁମ୍ବାଇ ମଧ୍ୟରେ ଚଳିତ ରଣଜୀ ଟ୍ରଫି ସିଜନର ଫାଇନାଲ ମୁକାବିଲା ଆରମ୍ଭ ହୋଇଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରଥମ ଦିନ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୨୪୮ ରନ୍ କରିଛି। ଟସ୍ ଜିତି ମୁମ୍ବାଇ ଅଧିନାୟକ ପୃଥ୍ୱୀ ଶ' ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫର୍ମରେ ଥିବା ଦୁଇ ଓପନର ଅଧିନାୟକ ପୃଥ୍ୱୀ ଏବଂ ଯଶସ୍ୱୀ ଜୟସ୍ୱାଲ ଦଳକୁ ୮୭ ରନ୍‌ର ଦୃଢ଼ ଆରମ୍ଭ ଦେଇଥିଲେ। ଅର୍ଦ୍ଧଶତକ ଠାରୁ ୩ ରନ୍ ଦୂରରେ ଥିବା ପୃଥ୍ୱୀ (୪୭ ରନ୍, ୫ ଚୌକା ଓ ୧ ଛକା) ପ୍ରତିପକ୍ଷ ପେସର ଅନୁଭବ ଅଗ୍ରୱାଲଙ୍କ ବଲରେ ବୋଲ୍ଡ ହୋଇଥିଲେ। ଏହାପରେ ଅର୍ମାନ ଜାଫର (୨୬), ସୁବେଦ ପାର୍କର (୧୮), ଉଇକେଟକିପର ହାର୍ଦ୍ଦିକ ତାମୋରେ (୨୪) ଭଲ ଆରମ୍ଭ ପାଇଥିବା ସତ୍ତ୍ୱେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ୱାର୍ଟର ଫାଇନାଲରେ ଗୋଟିଏ ଓ ସେମିଫାଇନାଲର ଉଭୟ ଇନିଂସରେ ଶତକ ହାସଲ କରିଥିବା ଜୟସ୍ୱାଲ ୭୮ (୭ ଚୌକା ଓ ୧ ଛକା) ରନ୍ କରି ପ୍ୟାଭିଲିଅନ ଫେରିଥିଲେ। ପୃଥ୍ୱୀଙ୍କ ଭଳି ତାଙ୍କୁ ମଧ୍ୟ ଅନୁଭବ ଆଉଟ୍ କରିଥିଲେ। ୭୪.୫ ଓଭର ସୁଦ୍ଧା ୨୨୮ ରନ୍‌ରେ ମୁମ୍ବାଇ ତା'ର ଅଧା ଦଳକୁ ହରାଇ ସାରିଥିଲା। କିନ୍ତୁ ଅନ୍ତିମ ୧୫ ଓଭରରେ ପ୍ରତିପକ୍ଷ ବୋଲରଙ୍କୁ ସର୍ଫରାଜ ଓ ମୁଲାନି ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅତ୍ୟନ୍ତ ରକ୍ଷଣାତ୍ମକ ବ୍ୟାଟିଂ କରି ଅସମାପ୍ତ ୬ଷ୍ଠ ଉଇକେଟରେ ୨୦ ରନ୍ ଯୋଡ଼ିଛନ୍ତି। ଫଳରେ ପ୍ରଥମ ଦିନ ଶେଷ ସୁଦ୍ଧା ମୁମ୍ବାଇ ୫ ଉଇକେଟ ହରାଇ ୨୪୮ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସର୍ଫରାଜ ଖାନ (୪୦) ଏବଂ ଶାମ୍ସ ମୁଲାନି (୧୨) ଅପରାଜିତ ଅଛନ୍ତି। ମଧ୍ୟପ୍ରଦେଶ ପକ୍ଷରୁ ସାରାଂଶ ଜୈନ ଓ ଅନୁଭବ ଦୁଇ ଲେଖାଏ ଉଇକେଟ ନେଇଥିବା ବେଳେ ବାମହାତୀ ସ୍ପିନର କୁମାର କାର୍ତ୍ତିକେୟା ଗୋଟିଏ ସଫଳତା ହାତେଇଛନ୍ତି।


ଅର୍ଦ୍ଧଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ (ବାମ)।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୯୦ ଓଭରରେ ୨୪୮/୫(ଯଶସ୍ୱୀ ଜୟସ୍ୱାଲ-୭୮, ପୃଥ୍ୱୀ ଶ'-୪୭, ସର୍ଫରାଜ ଖାନ-୪୦*, ସାରାଂଶ ଜୈନ-୨/୩୧, ଅନୁଭବ ଅଗ୍ରୱାଲ-୨/୫୬)।

# ରୁମେଲି ଧରଙ୍କ ଅବସର

**ନୂଆଦିଲ୍ଲୀ, ୨୨।୬:** ପୂର୍ବତନ ଭାରତୀୟ ଅଧିନାୟିକା ରୁମେଲି ଧର ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟା ଧର ଭାରତ ପାଇଁ ୪ ଟେଷ୍ଟ, ୭୮ ଦିନିକିଆ ଓ ୧୮ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ୨୦୦୩ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୧୮ରେ ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସିନିୟର ପେସର ଝୁଲଣ ଗୋସ୍ୱାମୀ ଆହତ ହେବାରୁ ତାଙ୍କ ସ୍ଥାନରେ ଧରଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଦଳରେ ସାମିଲ କରାଯାଇଥିଲା। ୨୦୦୫ରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଥିବା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଏହି ଅଲରାଉଣ୍ଡର। ତାଙ୍କ ନାମରେ ଅନ୍ତର୍ଜାତୀୟ ସ୍ତରରେ ମୋଟ ୮ ଅର୍ଦ୍ଧଶତକ ସହ ସମସ୍ତ ଫର୍ମାଟକୁ ମିଶାଇ ୧୩୨୮ ରନ୍ ଏବଂ ୮୪ ଉଇକେଟ ରହିଛି। ''ପଶ୍ଚିମବଙ୍ଗର ଶ୍ୟାମନଗରରୁ ଆରମ୍ଭ ହୋଇଥିବା ୨୩ ବର୍ଷର ଲମ୍ବା କ୍ରିକେଟ କ୍ୟାରିୟର ଶେଷ ହୋଇଛି। ମୁଁ କ୍ରିକେଟର ସମସ୍ତ ଫର୍ମାଟରୁ ସନ୍ୟାସ ଘୋଷଣା କରୁଛି। ଏହି ଲମ୍ବା ଅଭିଯାନରେ ମୋତେ ବହୁ ଉତ୍‌ଥାନ ପତନ ଦେଇ ଗତି କରିବାକୁ ପଡ଼ିଛି। ଭାରତୀୟ ମହିଳା କ୍ରିକେଟ ଦଳ ପାଇଁ ପ୍ରତିନିଧିତ୍ୱ କରିବା ଓ ଏହାର ନେତୃତ୍ୱ ନେବା ଏବଂ ୨୦୦୫ ବିଶ୍ୱକପ୍ ଫାଇନାଲ ଅଂଶ ହେବା ମୋ ପାଇଁ ସଫଳତା'' ବୋଲି ଧର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।



# ସର୍ବଭାରତୀୟ ସିଭିଲ ସର୍ଭିସ ଭଲିବଲ୍‌ରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର, ୨୨।୬ (ସ୍ପୋର୍ଟ୍ସ ବ୍ୟୁରୋ):** ସର୍ବଭାରତୀୟ ସିଭିଲ ସର୍ଭିସ ଭଲିବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଦଳ ନୂଆଦିଲ୍ଲୀ ଯାତ୍ରା କରିଛି। ପ୍ରତିଯୋଗିତା ଜୁନ୍ ୨୪ରୁ୨୮ ନୂଆଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମ କାମ୍ପ୍ଲେକ୍ସ କିମ୍ବା ପିତାମପୁରସ୍ଥିତ ସରକାରୀ ହାଇସ୍କୁଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହେବ। ଏଥିରେ ଭାଗ ନେବାଲାଗି ୧୪ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରଞ୍ଜନ ମେହେର, ବିଚିତ୍ର ପ୍ରଧାନ, ଦାଶରଥୀ ମାଝି, ଚନ୍ଦନ କୁମାର ମଣ୍ଡଳ, ଜାନି ଶବର, ପ୍ରଶାନ୍ତ କୁମାର ପୃଷ୍ଟି, ସନ୍ଦୀପ ମିଶ୍ର, ଶଶିଭୂଷଣ ସାହୁ, ରାଜେଶ କୁମାର ଖାଡ଼ିଆ, ଶୁଭ୍ରଜିତ୍ ମଲିଆ, ପ୍ରକାଶଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ରଥ। **ମ୍ୟାନେଜର-** ଦେବରାଜ ନାୟକ। **କୋଚ୍-** ଦେବୀପ୍ରସାଦ ମିଶ୍ର।



# ସନ୍ତରଣ ଟ୍ରେନିଂ ବେଳେ ହାତ ଭାଙ୍ଗିଗଲା

**ବୁଦାପେଷ୍ଟ, ୨୨।୬ (ଏପି):** ଟ୍ରେନିଂ ବେଳେ ଅଷ୍ଟ୍ରେଲୀୟ ସନ୍ତରଣକାରୀ ସାୟନା ଜ୍ୟାକ୍‌ଙ୍କ ହାତ ଭାଙ୍ଗିଯାଇଛି। ଫଳରେ ସେ ବିଶ୍ୱସୁଇମିଂ ଚାମ୍ପିୟନଶିପ୍‌ର ଅବଶିଷ୍ଟାଂଶରେ ଭାଗ ନେଇପାରିବେ ନାହିଁ। ଖବର ଅନୁସାରେ ବୁଧବାର ସକାଳେ ୧୦୦ମିଟର ଫ୍ରିଷ୍ଟାଇଲ ହିଟ୍ ପୂର୍ବରୁ ୱାମ୍‌ଅପ୍ ହେଉଥିବା ବେଳେ ଜ୍ୟାକ୍‌ଙ୍କ ହାତ ଭାଙ୍ଗି ଯାଇଥିଲା। ୨୩ ବର୍ଷୀୟା ଜ୍ୟାକ୍ ଶନିବାର ଅଷ୍ଟ୍ରେଲିଆକୁ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଏବଂ ମଙ୍ଗଳବାର ମିକ୍ସଡ ୪x୧୦୦ମିଟର ମିଡ୍‌ଲେ ରିଲେଜିତାଇବାରେ ସହାୟକ ହୋଇଥିଲେ। ପ୍ରତିଯୋଗିତାରୁ ଓହରିଯିବାରେ ଜ୍ୟାକ୍ ହେଉଛନ୍ତି ସଦ୍ୟତମ ହାଇ ପ୍ରୋଫାଇଲ ସନ୍ତରଣକାରୀ। ଗୋଇଠିରେ ଇଞ୍ଜୁରି ଯୋଗୁ ଅଲିମ୍ପିକ ମହିଳା ୧୦୦ମିଟର ରୌପ୍ୟ ବିଜୟିନୀ ହଂକଂର ସିଓଭାନ୍ ହାଗି ସୋମବାର ଓହରିଯାଇଛନ୍ତି। ଚାରିଥର ଅଲିମ୍ପିକ ପଦକ ବିଜେତା ଚାଦ୍ ଲି' କ୍ଲସ ସୋମବାର ପୁରୁଷ ପ୍ରତିଯୋଗିତାରୁ ଓହରିଯାଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ।

## ସଂକ୍ଷେପରେ

### ଚୋରି ଘଟଣାରେ ୪ ଅଟକ

**ଛତିଆ,୨୨।୬(ଡି.ଏନ.ଏ.):** ଯାଜପୁର ଜିଲା ବୈରୀ ଥାନା ଅଞ୍ଚଳରେ ଦୀର୍ଘ ଦିନ ହେବ ବିଭିନ୍ନ ସ୍ଥାନରୁ ଚୋରି ହେଉଥିବାବେଳେ ପୋଲିସ ୪ ଅଭିଯୁକ୍ତଙ୍କୁ କାବୁ କରିଛି। ଶାଳପଡ଼ା, ବୈରୀ, ନଳିଦା, ପାରିଆ ଓ ଅମୀୟଝରି ଅଞ୍ଚଳରେ ଅଭିଯୁକ୍ତମାନଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିଲା। ଫଳରେ ସେମାନଙ୍କୁ କାବୁ କରିବା ପାଇଁ ପୋଲିସର ଚିନ୍ତା ବଢ଼ି ଯାଇଥିଲା। ବୁଧବାର ଉକ୍ତ ୪ ଅଭିଯୁକ୍ତଙ୍କୁ କାବୁ କରାଯାଇ ଥାନାରେ ଅଟକ ରଖାଯାଇଛି। ଚୋରି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପୋଲିସ କୋର୍ଟଚାଲାଣ କରିବ ବୋଲି ସୂଚନା ମିଳିଛି।

### ନାବାଳିକା ଅପହରଣ ଅଭିଯୋଗ

**ଚଣ୍ଡିଖୋଲ,୨୨।୬(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଛି। ଏନେଇ ତାଙ୍କ ପରିବାର ପକ୍ଷରୁ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୨୩୦/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଅମୂଲ୍ୟ ଧନେଶର ସମବାୟ ସମିତି ସଭାପତି ନିର୍ବାଚିତ

**କୋରେଇ,୨୨।୬(ସ୍ୱ.ପ୍ର.):** କୋରେଇ ବ୍ଲକ ଅଧୀନ ଧନେଶର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଭାବେ ଅମୂଲ୍ୟ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ସଭାପତି ନିର୍ବାଚନରେ ଦାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପଞ୍ଚାୟତ ବିଜେଡି ସଭାପତି ବଳରାମ ରାଉତଙ୍କୁ ପରାସ୍ତ କରିଛନ୍ତି। ଅମୂଲ୍ୟଙ୍କୁ ୧୩ ଖଣ୍ଡ ଭୋଟ୍ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବଳରାମଙ୍କୁ ୨ଖଣ୍ଡ ଭୋଟ ମିଳିଛି। ଏହି ପଞ୍ଚାୟତରେ ବିଧାୟକଙ୍କ ପ୍ରତିନିଧି ଓ ବିଜେଡି ଜିଲା ପରିଷଦ ସଭ୍ୟଥିବା ବେଳେ ପଞ୍ଚାୟତ ବିଜେଡି ସଭାପତିଙ୍କ ପରାଜୟ ବରଣ ଚର୍ଚ୍ଚାର ବିଷୟ ହୋଇଛି।

### ଧର୍ମପ୍ରାଣା ମହିଳାଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

**ଛତିଆ,୨୨।୬(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅଧୀନ ବୈରୀ ଗ୍ରାମର ଧର୍ମପ୍ରାଣା ମହିଳା ମାତାଜୀ ମହାନ୍ତିଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାମଧନ୍ୟ ପ୍ରବଚକ ପ୍ରମୋଦ କୁମାର ପୃଷ୍ଟି, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଅରବିନ୍ଦ ସାମଲ, ଆତ୍ମା ଅଧ୍ୟକ୍ଷ ନିରଞ୍ଜନ ସେନାପତି ଓ ଯତିନ୍ଦ୍ର ନାୟକ ଉପସ୍ଥିତ ରହି ମାତାଜିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମାତାଜୀଙ୍କ ବଡ଼ପୁଅ ବିଶ୍ୱଜିତ ମହାନ୍ତି ଓ ସାନ ପୁଅ ମହେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# ବର୍ଷା ଜଳ ପରିଚାଳନା ଉଦ୍‌ବେଗଜନକ

**ସୁକିନ୍ଦା ଖଣି ଅଞ୍ଚଳ**
- ବାଲେଶ୍ୱର ଆଲଏଜ ଖଣି କର୍ତ୍ତୃପକ୍ଷଙ୍କୁ ଜବାବ ତଲବ
- ଡମଶାଳା ନାଳା ପ୍ରଦୂଷିତ, ଭୂତଳ ଜଳ ପ୍ରଭାବିତ

**ଯାଜପୁର ଅଫିସ,୨୨।୬**

ଯାଜପୁର ଜିଲା ସୁକିନ୍ଦାର ବିଭିନ୍ନ ଖଣି ପରିସରରୁ ବୋହି ଯାଉଥିବା ବର୍ଷା ପାଣି ପରିଚାଳନା ବାଧାପ୍ରାପ୍ତ ହୋଇଛି। ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ର ପରାମର୍ଶ ଉପରେ ମଧ ଏହି ଖଣି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ପ୍ରଦାନ କରିନାହାନ୍ତି। ଫଳରେ ବର୍ଷା ଋତୁରେ ଖଣି ଅଞ୍ଚଳବାସୀଙ୍କ ଏକମାତ୍ର ଜୀବନରେଖା ଭାବେ ପରିଚିତ ଡମଶାଳା ନାଳା ସହ ବିଭିନ୍ନ ଝରଣା ଓ ପୋଖରୀ ଜଳ ଅଧିକ ପ୍ରଦୂଷିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ଏନେଇ ଚଳିତ ମାସ ପ୍ରଥମ ସପ୍ତାହରେ ଅନେକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଥାପି ବାଲେଶ୍ୱର ଆଲଏଜ ଖଣି କମ୍ପାନୀ ପରିସରରୁ ନିର୍ଗତ ପାଣିରେ ପ୍ରଦୂଷଣ ଅଧିକ ରହିଥିବା ଦର୍ଶାଇ ଏସ୍‌ପିସିବି ପକ୍ଷରୁ ଜବାବ ତଲବ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ବୋହି ଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ପାଇଁ ୨୦୧୪ ଏପ୍ରିଲରେ ହାଇକୋର୍ଟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୪ ଡିସେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ହାଇକୋର୍ଟ ରାୟକୁ ନେଇ ଆଇବିଏମ୍, ଏସ୍‌ପିସିବି ଓ ଯାଜପୁର ରୋଡ ମାଇନ୍ସ ବିଭାଗୀୟ ଅଧିକାରୀମାନେ ଏକ ଯୁଗ୍ମ ତଦନ୍ତ କରିଥିଲେ। ସେହି ତଦନ୍ତରେ ଇଉ୍‌କଲର ତଲରଙ୍ଗୀ କ୍ରୋମାଇଟ ମାଇନ୍ସ, ଇମ୍ପାର ସୁକିନ୍ଦା କ୍ରୋମାଇଟ ମାଇନ୍ସ ଓ ମହାଗିରି କ୍ରୋମାଇଟ ମାଇନ୍ସ, ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଓ ସୁକୁରଙ୍ଗି କ୍ରୋମାଇଟ ମାଇନ୍ସ, ଆଇଡିସି ମାଇନ୍ସ ପ୍ରଭୃତି ଖଣି ଦ୍ୱାରା ବୋହି ଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ଆଦୌ ହେଉ ନ ଥିବା ତଦନ୍ତରେ ଜଣାପଡିଥିଲା। ମାଇନିଂ ପ୍ଲାନର ବିଭିନ୍ନ ସର୍ତ୍ତଗୁଡିକୁ କୌଣସି ମାଇନ୍ସ ମାନୁ ନ ଥିବା ସେତେବେଳେ ଦେଖିବାକୁ ମିଳିଥିଲା। ଖଣି ପରିସରରେ ନିର୍ମାଣ ହୋଇଥିବା ଡମ୍ପ, ଚେକ୍ ଡ୍ୟାମ ଓ ଗାର୍ଲେଣ୍ଡ ଡ୍ରେନ୍‌ର ପରିଚାଳନା ସନ୍ତୋଷଜନକ ନ ଥିଲା। ଜଳ ବିଶୋଧନାଗାର ଦ୍ୱାରା ଡମଶାଳା ନାଳାକୁ ପାଣି ଛଡାଯାଉଥିଲେ ହେଁ ଟ୍ରକ ପାର୍କିଂ ନେଇ ବର୍ଜ୍ୟପାଣି ଓଭରଫ୍ଲୋ ହେଉଥିଲା। ଏହି ତଦନ୍ତ ରିପୋର୍ଟ ପାଇବାପରେ ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୧୬୫୩୮/୧୬।୧୦।୨୦୧୫ରେ ସମସ୍ତ କାର୍ଯ୍ୟକ୍ଷମ ଖଣିରେ ବର୍ଷା ମାସ ପୂର୍ବରୁ ଉନ୍ନତମାନର ଜଳ ବିଶୋଧନାଗାର(ଇଟିପି) ଓ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେବେଠାରୁ ଏସ୍‌ପିସିବି ପକ୍ଷରୁ ଏହି ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇ ଆସୁଛି। ଗତ ମେ ମାସରେ ହୋଇଥିବା ତଦନ୍ତରେ କେତେକ ଖଣିସଂସ୍ଥା ଏହି ନିର୍ଦ୍ଦେଶକୁ ପାଳନ କରିଥିବାବେଳେ ବାଲେଶ୍ୱର ଆଲଏଜର ଇଟିପି କାର୍ଯ୍ୟକ୍ଷମ ନ ଥିଲା। ଏସ୍‌ପିସିବିର ମାନଦଣ୍ଡ ଅନୁସାରେ ଏହି ଖଣି କମ୍ପାନୀରୁ ନିର୍ଗତ ପାଣିରେ ବିଭିନ୍ନ ବିଷାକ୍ତ ରାସାୟନିକ ପଦାର୍ଥ ମିଳିଥିଲା; ଯଦ୍ଦ୍ୱାରା ଡମଶାଳା ନାଳା ପ୍ରଦୂଷିତ ହେଉଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାସହ ହାଇକୋର୍ଟର ରାୟ ଉପରେ ମଧ ବାଲେଶ୍ୱର ଆଲଏଜ ବେଖାତିର ମନୋଭାବ ପୋଷଣ କରିଛି। ଏହିକ୍ରମରେ ବର୍ଷାମାସ ଆସିଯାଇଥିବାରୁ ଖଣି ଅଞ୍ଚଳ ନିକେଲ ମିଶ୍ରିତ ବିଷାକ୍ତ ପାଣିରେ କବଳିତ ହୋଇଛି। ଭୂତଳ ଜଳ ମଧ ଏଥିଯୋଗୁ ବହୁ ପରିମାଣରେ ପ୍ରଭାବିତ ହୋଇଛି।

ଉଲ୍ଲେଖଯୋଗ୍ୟ, ଷ୍ଟେଟ ଏନ୍‌ଭାରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ଏସ୍‌ଇଆଇଏଏ)ର ଅଧ୍ୟକ୍ଷ ଏସ.ସି. ମହାନ୍ତି ପୂର୍ବରୁ ଏନେଇ ତାଗିଦ କରିଥିଲେ ହେଁ ଉକ୍ତ ଖଣି କମ୍ପାନୀ ତାହାକୁ ବେଖାତିର କରିଛି। ଫଳରେ ଯାଜପୁର ଜିଲାର କମର୍ଦ୍ଧା, ମଶସାହି, ହାତୀସାହି, ସରୁଆବିଲ, ଗୁରୁଜଙ୍ଗ, ଓସ୍ତପାଳ, କୁଚିଡାବାଙ୍କ, କୁସୁମଘୁଟ, କଳରଙ୍ଗୀ ଓ ରାମସୋଲ ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡ଼ିଶ, ବାରୁଆ, ମଠଖୋକସା, ବାଲିଝାଟି ପ୍ରମୁଖ ଗ୍ରାମର ପ୍ରାୟ ୧୦ହଜାର ଲୋକ ଜଳପ୍ରଦୂଷଣରେ ପ୍ରଭାବିତ ହେଉଛନ୍ତି। ଏଥିରେ ପ୍ରଭାବିତ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଏହାବାଦ୍ ଖଣବନ୍ଧ ଲୁହାପଥର ଖଣିରେ ବର୍ଷାପାଣିର ଉପଯୁକ୍ତ ପରିଚାଳନା ହୋଇ ନ ଥିବା ଏସ୍‌ପିସିବି ଦର୍ଶାଇଛି। ତେଣୁ ଖଣି ପରିସରରେ ଆବଶ୍ୟକ ଚେକ୍ ଡ୍ୟାମ, ପୋଖରୀ, ଇଟିପି ଆଦି ଉପଯୁକ୍ତ ଭାବେ ପରିଚାଳନା କରିବାକୁ ଖଣି ପରିଚାଳକଙ୍କୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ୧୫ ଦିନରେ ଥରେ ଖଣି ଅଞ୍ଚଳରୁ ନିର୍ଗମ ପାଣି ନମୁନା ପରୀକ୍ଷା କରାଯାଉଛି। ତେବେ ବାଲେଶ୍ୱର ଆଲଏଜ ଖଣିର ପାଣି ମାପଦଣ୍ଡ ଅନୁସାରେ ଠିକ୍ ନ ଥିଲା। ତେଣୁ ସେହି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।


ଡମଶାଳା ନାଳା

### ଚାରିନଙ୍ଗଳରେ ଘରପୋଡ଼ି ଅଭିଯୋଗ



**ବାଲିଚନ୍ଦ୍ରପୁର,୨୨।୬(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚରିନଙ୍ଗଳ ପଞ୍ଚାୟତ ଗହରନଗର ଗ୍ରାମ ଦଳିତସାହିର ସହଦେବ ଜେନାଙ୍କ ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ରାତିରେ ସହଦେବ ତାଙ୍କ ପରିବାର ସହ ଶୋଇଥିବା ବେଳେ ଘରେ ନିଆଁ ଲାଗିଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ଏନେଇ ସହଦେବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ନାତୁଣୀ ଜ୍ୱାଇଁ ଆଳି ଥାନା ଅନ୍ତର୍ଗତ ସନାଙ୍କ ବାଲକାଟି ଅଞ୍ଚଳର ହରିଶ ଚନ୍ଦ୍ର ତରାଇ(ସୁରିଆ) ଘରେ ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସହଦେବଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ.୧୩୨/୨୨ରେ ମାମଲା ରୁଜୁ ହୋଇଛି। ଥାନାଧିକାରୀ ରମାକାନ୍ତ ମୁଦୁଲି ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ କରିଛନ୍ତି। ତେବେ ସେ କେଉଁ କାରଣରୁ ନିଆଁ ଲଗାଇଲେ ତାହା ଜଣା ପଡ଼ିନାହିଁ।

# ଇମ୍ପା ପକ୍ଷରୁ କନ୍ୟା ଏକ୍ସପ୍ରେସ୍ ଯୋଜନା ଆରମ୍ଭ


କନ୍ୟା ଏକ୍ସପ୍ରେସ ଯୋଜନା ଶୁଭାରମ୍ଭ କରାଯାଉଛି।

**କାଳିଆପାଣି,୨୨।୬(ଡି.ଏନ.ଏ.)**

ଇମ୍ପାର ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ବୁଧବାର କନ୍ୟା ଏକ୍ସପ୍ରେସ ଯୋଜନାର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଖଣି ଓ ବ୍ୟବସାୟ ମୁଖ୍ୟ ସନ୍ଦୀପ ବି. ରାନାଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଦୂରଦୂରାନ୍ତ ବୁଲି ଗାଁଗହଳିରେ କିଶୋରୀଙ୍କ ହିମୋଗ୍ଲୋବିନ, ରକ୍ତହୀନତା ପରୀକ୍ଷା କରିବା ସହ ପୁଷ୍ଟିକର ଖାଦ୍ୟ ଖାଇବାକୁ ସଚେତନ କରିବା ଦିଗରେ ଏହି ଏକ୍ସପ୍ରେସ୍ କାର୍ଯ୍ୟ କରିବ ବୋଲି ରାନାଡେ କହିଛନ୍ତି। ସୁକିନ୍ଦା ବ୍ଲକ୍‌ରେ ଥିବା ୨୫ ପଞ୍ଚାୟତର ୧୦୪ ଗାଁକୁ ସେବା ଯୋଗାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ସୁକିନ୍ଦା ବ୍ଲକ ଅଞ୍ଚଳର କିଶୋରୀମାନଙ୍କ ବିକାଶରେ ଦେଖାଯାଉଥିବା ସମସ୍ୟାର ସମାଧାନ ଦିଗରେ ଉକ୍ତ ଏକ୍ସପ୍ରେସ୍ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ କରିବ। ପ୍ରତି ମାସରେ ୧୧ ଥର ବ୍ଲକ୍‌ର ବିଭିନ୍ନ ଗାଁରେ ପହଞ୍ଚି ଏକ୍ସପ୍ରେସ୍ ସେବା ଯୋଗାଇବ। କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ଗୟାଧର ପରିଡ଼ା, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତଙ୍କ ସହ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମ୍ପାନୀର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

### ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ନିଶ୍ଚିନ୍ତକୋଇଲି,୨୨।୬(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣାଠାରେ ବୁଧବାର ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଲୋକ ବରପଡାଠାରେ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ପର୍ଯ୍ୟନ୍ତ ନିଶ୍ଚିନ୍ତକୋଇଲି-ତିଳକଣା ଅବରୋଧ କରିଥିଲେ। ତହସିଲଦାର ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ବାଲିଘାଟ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ। ବନ୍ଧକାଟିଆ ପଞ୍ଚାୟତ ଫତେପୁର ଗାଁର ବିଷ୍ଣୁଚରଣ ସିଂହ (୪୭) ସାଇକେଲରେ ଯାଉଥିଲା ବେଳେ ତାଙ୍କୁ ହାଇୱା ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ଲାଗି କଟକର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏନ୍‌ଆଇଏନ୍‌ଏଲ୍‌ରେ ଶ୍ରମିକ ଅଶାନ୍ତି

**ସମାଧାନ ପରିବର୍ତ୍ତେ ଦିନ ଗଡୁଛି**

**ଯାଜପୁର ଅଫିସ,୨୨।୬**

ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ)ରେ ଦୀର୍ଘ ବର୍ଷ ହେଲା ଶ୍ରମିକ ଅଶାନ୍ତି ଲାଗି ରହିଛି। ଶ୍ରମିକଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି, ଠିକା ଶ୍ରମିକଙ୍କୁ ପୂର୍ଣ୍ଣ ନିଯୁକ୍ତି ଏବଂ ଫୁଲ ଆଣ୍ଡ ଫାଇନାଲ ପାଉଣା ଦାବିରେ ନୀଳାଚଳ ଇସ୍ପାତ ଠିକା ମଜ୍‌ଦୁର ସଂଘ ପକ୍ଷରୁ ଆନ୍ଦୋଳନ ହୋଇ ଆସୁଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏହି ଦାବିଗୁଡ଼ିକର ସମାଧାନ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଛି। ଇତିମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ)ଏହି ସମସ୍ୟାର ସମାଧାନ କରିବାକୁ ଏନଆଇଏନଏଲ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ୨ ଥର ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିଭିନ୍ନ ଆଳ ଦେଖାଇ ବୈଠକକୁ ମୂଲତବୀ କରାଯାଇଛି। ବୁଧବାର ଏନେଇ ବୈଠକ କରିବାକୁ ଏଡିଏମ୍ ଗତ ୧୦ ତାରିଖରେ ଏନଆଇଏନଏଲର ଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଙ୍ଗଳବାର ପୁଣି ବୈଠକକୁ ୨୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଗତ ୧୦ ତାରିଖରେ ସଂଘ ପକ୍ଷରୁ ଏଡିଏମ୍‌ଙ୍କୁ ଘେରାଉ ଅବସରରେ ୧୭ ତାରିଖ ବୈଠକ ଆୟୋଜନ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତାହା ବି ମୂଲତବୀ କରାଯାଇଥିଲା। ଏପରି ଭାବେ ସଂଘର ଦାବିଗୁଡ଼ିକୁ ଜାଣିଶୁଣି ଅବହେଳା କରାଯାଉଛି ବୋଲି ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରମିକମାନଙ୍କ ଦାବି ଅନୁଯାୟୀ, ଏନ୍‌ଆଇଏନ୍‌ଏଲର ୧୦ ରୁ ୨୦ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ବିଭିନ୍ନ କାମରେ ନିୟୋଜିତ ଅଛନ୍ତି। ସ୍ଥାୟୀ ନିଯୁକ୍ତି ଆଶାରେ କମ୍ପାନୀକୁ ସେବା ଦେଇ ଆସୁଛନ୍ତି। କାରଖାନାର ଅପରେଶନ ଓ ମରାମତି ବିଭାଗରେ ସ୍ୱଳ୍ପ ଦରମାରେ କାମ କରୁଛନ୍ତି। ତଥାପି ପିଏଫ୍, ଛୁଟି, ଭତ୍ତା, ବୋନସ ଅନ୍ୟାନ୍ୟ ସୁବିଧା ପାଇବାରେ ସେମାନଙ୍କୁ ବଞ୍ଚିତ କରାଯାଇଛି। ଠିକାସଂସ୍ଥା ଓ କାରଖାନା କର୍ତ୍ତୃପକ୍ଷ ଚାକିରୀର କୃତ୍ରିମ ବିରାମ ଦେଖାଇ ଶ୍ରମିକମାନଙ୍କ ନ୍ୟାର୍ଯ୍ୟପ୍ରାପ୍ୟ ଠକି ଚାଲିଛନ୍ତି। ଏବେ ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟ କିଣିଲା ପରେ ତାହାର ହସ୍ତାନ୍ତର ପ୍ରକ୍ରିୟା ଚାଲୁଛି। ତେଣୁ ହସ୍ତାନ୍ତର ପୂର୍ବରୁ ସ୍ଥାୟୀ କର୍ମଚାରୀ ଓ ଠିକାସଂସ୍ଥାଗୁଡ଼ିକର ବକେୟା ପାଉଣା ଦିଆଯାଉଥିବାବେଳେ ଶ୍ରମିକମାନଙ୍କ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।

# ଜଳଯୋଗାଣ ବାଧା ନେଇ ଲୋକାୟୁକ୍ତରେ ମାମଲା

**ସବିଶେଷ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

**ଯାଜପୁର ଅଫିସ,୨୨।୬**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗେଙ୍ଗୁଟିଆ ଓ ଭରତପୁର ଗ୍ରାମରେ ବସୁଧା ଯୋଜନାରେ ୨ ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିପାଇଁ ୫୬ ଲକ୍ଷ ୭୯ ହଜାର ୭୦୦ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ବିଡମ୍ବନା ଯେ, ନିର୍ମାଣ ଶେଷ ହେବାର ୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଅଞ୍ଚଳବାସୀ ପାଣି ବୁନ୍ଦାଏ ପାଇ ପାରିନାହାନ୍ତି। ଏହି ଦୁଇ ପ୍ରକଳ୍ପ ଅଚଳ ରହିଥିଲେ ହେଁ ବିଦ୍ୟୁତ୍ ବିଲ ଉଠାଯାଇଛି। ଏଥିରୁ ଏହି ଦୁଇ ପ୍ରକଳ୍ପରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ କରି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଲୋକାୟୁକ୍ତରେ ୧୧୫/୨୦୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ବୁଧବାର ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଆସନ୍ତା ୨୭ ତାରିଖ ସୁଦ୍ଧା ସବିଶେଷ ରିପୋର୍ଟ ଦାଖଲ କରିବାକୁ ଚଣ୍ଡିଖୋଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ସଂସ୍ଥା (ଆର୍‌ଡବ୍ଲୁଏସ୍‌ଏସ୍) ପକ୍ଷରୁ ପ୍ରାୟ ୩୩୦ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ(ପିଡବ୍ଲୁଏସ୍) କାର୍ଯ୍ୟକ୍ଷମ ହେଉଛି ବୋଲି ଦାବି କରୁଥିବାବେଳେ ବାସ୍ତବରେ ଶତାଧିକ ପ୍ରକଳ୍ପ ଲୋକଙ୍କ କାମରେ ଲାଗୁନି। କେଉଁଠି ଲୁଣିଆ, ଆଇରନ ମିଶା ପାଣି ବାହାରୁଛି ତ କେଉଁଠି ବୋରୱେଲ ଭାଙ୍ଗି ପଡିଛି। ଅନ୍ୟପକ୍ଷେ ନିର୍ଦ୍ଧାରିତ ଜନବସତିକୁ ଜଳଯୋଗାଣ ହେଉ ନ ଥିବା ଦେଖିବାକୁ ମିଳିଛି। ଏହାବାଦ୍ ଏହି ଡିଭିଜନରେ ୫୪୬ଟି ଗୁପ୍ତ ଟେଣ୍ଡର ବାବଦରେ ୧୧ କୋଟି ୭୩ ଲକ୍ଷ ଟଙ୍କାରୁ ଅଧିକ ହେରଫେର କରାଯାଇଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ ଉପରେ କଟକ ମୁଖ୍ୟ ଯନ୍ତ୍ରୀଙ୍କୁ ତଦନ୍ତ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷେ ଜିଲାରେ ଅଣଓଡିଆ ଠିକାସଂସ୍ଥା ଦ୍ୱାରା ନିର୍ମାଣାଧୀନ ୮ ମେଗା ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହେଉଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ସାଙ୍ଗକୁ ଚୁକ୍ତି ଅନୁସାରେ କାମ ହେଉନାହିଁ। ଏହି କ୍ରମରେ ପୂର୍ବରୁ ଏନ୍‌ସିସି, ଏଲ୍ ଆଣ୍ଡ ଟି କନ୍‌ଷ୍ଟ୍ରକ୍ସନ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ଠିକାସଂସ୍ଥାକୁ ବିଭାଗୀୟ ତାଗିଦ କରାଯାଇଛି। ଯାଜପୁର ଜିଲାର ବିଞ୍ଝାରପୁର ଓ ଯାଜପୁର ବ୍ଲକ ପାଇଁ ନିର୍ମାଣାଧୀନ ମେଗା ପ୍ରକଳ୍ପ ଜମି ବିବାଦରେ ଫସି ରହିଛି। ଇନ୍‌ଟେକ୍ ୱେଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ପୁନଃ ଆବଶ୍ୟକ କାର୍ଯ୍ୟ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିବା ଜଣାପଡ଼ିଛି। ଏହାସହ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଅନୁପାଳନ ଗ୍ରହଣଯୋଗ୍ୟ ନୁହେଁ ବୋଲି ଚିଫ୍ ଇଞ୍ଜିନିୟର ତାଙ୍କ ରିପୋର୍ଟରେ ପୂର୍ବରୁ ଦର୍ଶାଇ ସାରିଛନ୍ତି। ସୁକିନ୍ଦା ପ୍ରକଳ୍ପରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ପୂର୍ବରୁ ରିପୋର୍ଟ ଦାଖଲ କରି ସାରିଛି। ଏଭଳି ଭାବେ ଚଣ୍ଡିଖୋଲ ଆରଡବ୍ଲୁଏସ୍‌ଏସ୍ ଡିଭିଜନରେ ଗ୍ରାମାଞ୍ଚଳକୁ ଜଳଯୋଗାଣ ନାମରେ ବ୍ୟାପକ ଦୁର୍ନୀତି ହେଉଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଧର୍ମଶାଳା ବ୍ଲକର ଗେଙ୍ଗୁଟିଆ ଗ୍ରାମରେ ୩୧ ଲକ୍ଷ ୪୨ ହଜାର ୨୦୦ ଟଙ୍କା ଓ ଭରତପୁର ଗ୍ରାମରେ ୨୫ ଲକ୍ଷ ୩୭ ହଜାର ୫୦୦ ଟଙ୍କା ବ୍ୟୟରେ ପାଇପ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ଦୁଇ ପ୍ରକଳ୍ପ ଗତ ୩୧।୩।୨୦୨୧ରେ ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରକଳ୍ପରେ ୧୬୦ ଏମ୍‌ଏମ୍ ଓ ୧୧୬ ଏମ୍‌ଏମ୍ ପାଇପ ବ୍ୟବହାର କରାଯାଇଛି। ତେବେ ଅତିନିମ୍ନମାନର କାମ ହୋଇଥିବାରୁ ଏହି ପ୍ରକଳ୍ପଦ୍ୱୟ ଏବେବି ଅଚଳ ହୋଇ ପଡିଛି। ଆଶ୍ଚର୍ଯ୍ୟ କଥା, ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ନେଇ କୁଆଖିଆ ଇଲେକ୍ଟ୍ରିକାଲ ଡିଭିଜନ ପକ୍ଷରୁ ବିଦ୍ୟୁତ୍ ବିଲ ମଧ ଜାରି କରାଯାଇଛି। ଗତ ୧୬।୩।୨୦୨୨ରେ ଉଭୟ ଗ୍ରାମର ଗ୍ରାମବାସୀ ଧର୍ମଶାଳା ବିଡିଓଙ୍କ ନିକଟରେ ପ୍ରକଳ୍ପଦ୍ୱୟ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅଭିଯୋଗ କରିଥିଲେ। ତେବେ କିଛି ସୁଫଳ ନ ମିଳିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ବେହୁରା ଲୋକାୟୁକ୍ତରେ ମାମଲା ରୁଜୁ କରିଛନ୍ତି।


ଜଳଯୋଗାଣ ପ୍ରକଳ୍ପ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୨।୬(ଡି.ଏନ.ଏ.):** ଯାଜପୁର ଜିଲା ବୈରୀ ଥାନା ବନ୍ତଳା ପଞ୍ଚାୟତ ଉପୁଳା ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଅରବିନ୍ଦ ସାହୁଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଅରବିନ୍ଦ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ସମୟରେ ତାଙ୍କୁ ଆଘାତ ଲାଗିଥିଲା। ସେ ଖୁଣ୍ଟରୁ ଖସିପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ୫୦ ଜଣଙ୍କ ନାମରେ ମାମଲା, ୮ ଗିରଫ

**ଥାନା ସମ୍ମୁଖରେ ହୋହଲ୍ଲା ମହଙ୍ଗା ପଡ଼ିଲା**

**ବିଞ୍ଝାରପୁର,୨୨।୬(ଡି.ଏନ.ଏ.)**

ପୋଲିସ ନାମରେ ମିଥ୍ୟା ଅଭିଯୋଗ ଆଣି ଥାନା ସମ୍ମୁଖରେ ହୋହଲ୍ଲା କରିବା ବିଦାପଡ଼ା ଗ୍ରାମବାସୀଙ୍କୁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ବିଞ୍ଝାରପୁର ପୋଲିସ ୫୦ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାମୁତାବକ, ବିଞ୍ଝାରପୁର ଥାନା ବିଦାପଡ଼ା ଗ୍ରାମର ଦେବେନ୍ଦ୍ର ନାୟକ(ଲାଡେନ)ଙ୍କ ନାମରେ ଏକ ୱାରେଣ୍ଟ ଥିଲା। ଫଳରେ ଥାନାର ୪/୫ ଜଣ ପୋଲିସ କର୍ମଚାରୀ ଗତ ଶୁକ୍ରବାର ରାତିରେ ଲାଡେନଙ୍କୁ ଗିରଫ କରିବା ପାଇଁ ତାଙ୍କ ଗ୍ରାମକୁ ଯାଇଥିଲେ। ହେଲେ ଲାଡେନ ଘରେ ଥିଲେ ମଧ ପୋଲିସକୁ ସହଯୋଗ କରି ନ ଥିଲେ। ପୋଲିସ ବହୁ ସମୟ ଅପେକ୍ଷା କରିବା ପରେ ତାଙ୍କ କବାଟ ବାଡ଼େଇଥିଲା। ଲାଡେନ ଆସିଲା ପରେ ପୋଲିସ ତାଙ୍କୁ ଥାନାକୁ ଆଣିଥିଲା। ପରେ ଶନିବାର ବିଞ୍ଝାରପୁର ପୋଲିସ ଲାଡେନଙ୍କୁ କୋର୍ଟଚାଲାଣ କରିଥିବାବେଳେ ସେ କୋର୍ଟରୁ ଜମାନତରେ ଆସିଛନ୍ତି। ଏହି ଘଟଣାକୁ ନେଇ ଲାଡେନଙ୍କ ସ୍ତ୍ରୀ ସବିତା ନାୟକ ରବିବାର ସନ୍ଧ୍ୟାରେ ଥାନାରେ ପୋଲିସ କର୍ମଚାରୀଙ୍କ ବିରୋଧରେ ଏକ ଅଭିଯୋଗ କରିଥିଲେ। ସବିତାଙ୍କ ଅଭିଯୋଗ ଅନୁଯାୟୀ, ଲାଡେନଙ୍କୁ ଗିରଫ କରିବାକୁ ଯାଇଥିବା ପୋଲିସ ତାଙ୍କ କବାଟ ଭାଙ୍ଗିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିକରି ଲାଡେନ ଓ ସବିତାଙ୍କୁ ମାଡ଼ ମାରିଥିଲେ। ଖାଲି ସେତିକି ନୁହେଁ ସବିତାଙ୍କୁ ଟଣାଓଟରା କରି ଉଲଗ୍ନ କରିବା ସହ ତାଙ୍କ ଆଲମିରାରେ ଥିବା ୨ ଲକ୍ଷ ୫୦ ହଜାର ଟଙ୍କା ଚୋରି କରିନେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପୋଲିସ ଘଟଣାକୁ ଚପାଇ ଦେଉଥିବା ଅଭିଯୋଗ କରି ସୋମବାର ସନ୍ଧ୍ୟାରେ ଲାଡେନଙ୍କ ଶତାଧିକ ସମର୍ଥକ ଥାନା ସମ୍ମୁଖରେ ପହଞ୍ଚି ପୋଲିସକୁ ଗାଳି କରିବା ସହ ହୋହଲ୍ଲା କରିଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇଥିଲା। ପରେ ଆଇଆଇସି ରଞ୍ଜିତ ମହାନ୍ତି ନିଜ ଆଡୁ ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ଥାନା ସମ୍ମୁଖରେ ଗଣ୍ଡଗୋଳ କରିବା, ପୋଲିସ ନାମରେ ମିଥ୍ୟା ଆରୋପ ଲଗାଇବା ଭଳି ବିଭିନ୍ନ ଅପରାଧ ନେଇ ୫୦ ଜଣଙ୍କ ନାମରେ ୪୦୮/୨୨ରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ଲାଡେନଙ୍କ ସମେତ ସୌମ୍ୟରଞ୍ଜନ ସାମଲ, ନାରାୟଣ ସାମଲ, ସୁରେନ୍ଦ୍ର ଯେନା, ଗୌତମ ଚରଣ ଯେନା, ପ୍ରକାଶ ଯେନା, ଉପେନ୍ଦ୍ର ଯେନା ଓ ଟିଟନ ମଲିକଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ସବିତାଙ୍କ ଅଭିଯୋଗକୁ ଆଧାର କରି ଆଇଆଇସି ମହାନ୍ତି ୪ ପୋଲିସ କର୍ମଚାରୀଙ୍କ ନାମରେ ନଂ.୪୦୭/୨୨ରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



ବିଦାପଡ଼ା ଗ୍ରାମବାସୀ ଥାନା ଆଗରେ ହୋହଲ୍ଲା କରୁଛନ୍ତି।

## ସଂକ୍ଷେପରେ...

### ଏମ୍‌ପି ପ୍ରତିନିଧିଙ୍କ ଦାୟିତ୍ୱ ଗ୍ରହଣ



କ.ନୂଆଗାଁ,୨୨।୬(ଡି.ଏନ୍.ଏ.)- କ.ନୂଆଗାଁ ବ୍ଲକର ନୂତନ ଏମ୍‌ପି ପ୍ରତିନିଧି ଭାବେ ସହଦେବ ପାତ୍ରଙ୍କୁ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମନୋନୀତ କରିଛନ୍ତି। ସହଦେବ ବୁଧବାର ବିଡିଓ ଶରତ କୁମାର ପାତ୍ରଙ୍କୁ ଭେଟି ମନୋନୀତ ପତ୍ର ପ୍ରଦାନ କରିଥିଲେ। ବ୍ଲକରେ ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଏମ୍‌ପି, ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରାଙ୍କୁ ସେ କୃତଜ୍ଞତା ଜଣେଇଥିଲେ। ସର୍ଭିଗୁଡା ସମିତି ସଭ୍ୟ ଭାଗ୍ୟବାନ ବେହେରା, ବଣ୍ଡଗୁଡା ସରପଞ୍ଚ ସଞ୍ଜୟ ପ୍ରଧାନଙ୍କ ସମେତ ବ୍ଲକର ବିଜେଡି କର୍ମୀ ଯୋଗ ଦେଇଥିଲେ।

### ଭାଜପା ଯୁବମୋର୍ଚ୍ଚାର ଜିଲାସ୍ତରୀୟ ବୈଠକ

ବାଲିଗୁଡ଼ା,୨୨।୬(ଡି.ଏନ.ଏ.)- ବୁବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଁଗା ବ୍ଲକ ସାରଙ୍ଗଗଡ଼ଠାରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଗୋଲକ କଅଁରଙ୍କ ନେତୃତ୍ୱରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ବୁଥ୍‌ସ୍ତରରେ କିଭଳି ଭାବରେ ଯୁବକମାନଙ୍କୁ ଅଧିକରୁ ଅଧିକ କେନ୍ଦ୍ର ସରକାରଙ୍କ ବିଭିନ ଜନହିତକର ଯୋଜନାରେ ଗ୍ରାମାଞ୍ଚଳର ଲୋକଙ୍କୁ ଲାଭ ଦିଆଯାଇପାରିବ, ସେ ଉପରେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ତଥା ଜିଲା ଯୁବମୋର୍ଚ୍ଚା ପ୍ରଭାରୀ ନାରାୟଣ କର୍ମୀମାନଙ୍କୁ ବୁଝାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପାତ୍ର କିଭଳି ବିଭିନ୍ନ ମଣ୍ଡଳ ସ୍ତରର କମିଟିକୁ ସୁଦୃଢ଼ କରିବା, ସ୍ଥାନୀୟ ସମସ୍ୟାର ସମାଧାନ କ୍ଷେତ୍ରରେ ଲଢ଼େଇ କରାହେବ ସେ ଉପରେ ଆଲୋଚନା କରିଥିଲେ। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଗୌତମ ମଲ୍ଲିକ, ଅନ୍ୟତମ ସମ୍ପାଦକ ସନ୍ତୋଷ ରେଡ୍ଡୀ, ଜିଲା ସଂଯୋଜକ ଜଗନ୍ନାଥ ସାହୁ (ଟିଙ୍କୁ), ମଣ୍ଡଳ ସଭାପତି ଅନାଇ ମୁଖୀ, ଫୁଲବାଣୀ ଗ୍ରାମୀଣ ସଭାପତି ଲୋଚନ ମଲ୍ଲିକ, ବାଲିଗୁଡ଼ା ନଗର ସଭାପତି ସୁବାଶିଷ ମିଶ୍ର, ଯୁବନେତା ଗୋଲକ ମଲ୍ଲିକଙ୍କ ସହ ସ୍ଥାନୀୟ ତଥା ବରିଷ୍ଠ ନେତା ମଣ୍ଡଳ ସଭାପତି ଲେମ୍ବୁରା ପ୍ରଧାନ. ଏସ୍.ଟି. ମୋର୍ଚ୍ଚା ଜିଲା ସଭାପତି ବିଶିକେଶନ ପ୍ରଧାନ, ଗୋପୀନାଥ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ବ୍ୟବସାୟ କରିବା କହି ୩୦ଲକ୍ଷ ଠକେଇ

ବ୍ରହ୍ମପୁର ଅଫିସ, ୨୨।୬- ଅଂଶୀଦାର(ଭାଗ)ରେ ବ୍ୟବସାୟ କରିବାକୁ ଯାଇ ସଞ୍ଜୟ କୁମାର ପଣ୍ଡା ପ୍ରାୟ ୩୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ସେ ଏନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୬୬/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ବଡ଼ ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର କମଳା ନଗରର ସଞ୍ଜୟ କୁମାର ପଣ୍ଡା ଲୋଚାପଡ଼ା ଶକ୍ତି ନଗରର ଜଣେ ଯୁବକଙ୍କ ସହ ମିଶି ଭାଗରେ ବ୍ୟବସାୟ କରିବାକୁ ନିଷ୍ପତି ନେଇଥିଲେ। ଉଭୟ ଏକ ଫାର୍ମାସିଟିକାଲ ବ୍ୟବସାୟ କରିବା ନିମନ୍ତେ ସ୍ଥିର କରିଥିଲେ। ଏ ବାବଦକୁ ଏକ ଚୁକ୍ତିନାମା ଅନୁଯାୟୀ ସଞ୍ଜୟ ଗତ ମାର୍ଚ୍ଚ ୧୧ ତାରିଖରେ ୩୦ଲକ୍ଷ ଟଙ୍କା ସମ୍ପୃକ୍ତ ଯୁବକଙ୍କୁ ଦେଇଥିଲେ। ଚୁକ୍ତିନାମା ଅନୁସାରେ ଲାଭ ଅଂଶର କିଛି ଶତକଡ଼ା ସଞ୍ଜୟ ନେବାର ଥିଲା। କିନ୍ତୁ ଉକ୍ତ ଲାଭ ଅଂଶ ତାଙ୍କୁ ସେ ଦେଉନଥିବା ବେଳେ ମୂଳ ଟଙ୍କା ମଧ ଫେରାଉ ନଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକ ଉକ୍ତ ବ୍ୟବସାୟ ବନ୍ଦ କରିଦେବା ସହ ସଞ୍ଜୟଙ୍କୁ ଉକ୍ତ ୩୦ ଲକ୍ଷ ଟଙ୍କା ଫେରାଉ ନାହାନ୍ତି। ସଞ୍ଜୟ ଦେଇଥିବା ୩୦ଲକ୍ଷ ଟଙ୍କା ତାଙ୍କୁ ବାରମ୍ବାର ମାଗିଥିଲେ। ହେଲେ ସେ ଗୁଣ୍ଡା ଲଗାଇ ହତ୍ୟା କରିଦେବାକୁ ସଞ୍ଜୟଙ୍କୁ ଧମକ ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା

## ଗେଟ୍ ବାହାରେ ବସିଲେ ଶିଶୁ

ହିଞ୍ଜିଳିକାଟୁ,୨୨।୬(ଡି.ଏନ.ଏ.)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୧୫ର ଅଙ୍ଗନୱାଡି କେନ୍ଦ୍ର ବୁଧବାର ଠିକ୍ ସମୟରେ ଖୋଲା ହୋଇନଥିବାରୁ ଗେଟ ବାହାରେ ଶିଶୁମାନେ ଅପେକ୍ଷା କରିଥିଲେ। ଏହାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ଅଭିଭାବକ ଏହି ଫଟୋ ସହ କେନ୍ଦ୍ରରେ ବିଭିନ୍ନ ସମୟରେ ଅନିୟମିତତା ନେଇ ଅଭିଯୋଗ କରିଛନ୍ତି। ହିଞ୍ଜିଳିକାଟୁ ପୌରପରିଷଦ ଥାନା ତୋଟା ସାହି ପ୍ରାଇମେରୀ ସ୍କୁଲ ପରିସରରେ ଏହି ଅଙ୍ଗନୱାଡି କେନ୍ଦ୍ରଟି ରହିଛି। ସକାଳୁ ସ୍କୁଲ ଗେଟରେ ତାଲା ଝୁଲୁଥିବା ବେଳେ ଅଙ୍ଗନୱାଡି ହେଲ୍‌ପରଙ୍କ ପାଖରେ ଚାବି ନ ଥିଲା। ଫଳରେ କେନ୍ଦ୍ରକୁ ଆସିଥିବା ଶିଶୁମାନେ ଓ ହେଲ୍‌ପର ଗେଟ୍ ବାହାରେ ଅଙ୍ଗନୱାଡି କର୍ମୀଙ୍କୁ ଅପେକ୍ଷା କରିଥିଲେ। ବହୁ ସମୟ ଧରି ଗେଟ ନ ଖୋଲିବା ଫଳରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାର ଫଟୋକୁ କେହି ଅଭିଭାବକ ସୋସିଆଲ ମିଡିଆରେ ଛାଡ଼ି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଫଟୋ ଭାଇରାଲ ପରେ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ପରେ କେନ୍ଦ୍ର ଖୋଲିଥିଲା। ତେବେ ପୌରାଞ୍ଚଳର ବିଭିନ୍ନ କେନ୍ଦ୍ରରେ କୋଭିଡ ପରଠାରୁ ପରିଚାଳନାରେ ଅନିୟମିତତା ହେଉଥିବା ଓ ଠିକ ଭାବେ ସରକାରୀ ସାମଗ୍ରୀ ପ୍ରଦାନ ହେଉନଥିବା ଅଭିଭାବକ ମହଲରେ ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ କେନ୍ଦ୍ରଗୁଡ଼ିକର ଠିକ୍ ଯାଞ୍ଚ କରୁନାହାନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ତାଲା ପଡ଼ିଥିବାରୁ ଶିଶୁମାନେ ଗେଟ ବାହାରେ ଅପେକ୍ଷା କରିଛନ୍ତି।

# କୁକୁର କାମୁଡ଼ାରେ ୫ ଆହତ

ବାଲିଗୁଡ଼ା,୨୨।୬:(ଡି.ଏନ.ଏ.)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ରେ ପାଗଳ କୁକୁର କାମୁଡ଼ାରେ ବୁଧବାର ୫ ଜଣ ଆହତ ହୋଇଛନ୍ତି। କୋଟଗଡ଼ର କଲନୀସାହି ଗାଁର ମିରୋଜ କୁମାର ସିଂ (୩୨) ସକାଳୁ ପରିସ୍ରା କରିବାକୁ ଯାଉଥିବା ବେଳେ ପାଗଳ କୁକୁର କାମୁଡ଼ି ଦେଇଥିଲା। ତାଙ୍କୁ ପରିବାର ଲୋକେ କୋଟଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ୪ ଆହତ ହେଲେ ଟାଙ୍କି ସାହିର ରାଜେଶ କୁମାର ସାହୁ, ହାଟପଦାର ଡୁଣ୍ଡୁଡା ନାୟକ, ଝରିଆପଦାର ସନ୍ତୋଷ ମହାନ୍ତି ଓ ମଦାଙ୍ଗି ଗ୍ରାମର ଜଣେ ବ୍ୟକ୍ତି। ପାଗଳ କୁକୁର ଆତଙ୍କରେ କୋଟଗଡ଼ ବଜାର, ବ୍ଲକ ହାଟ କାମକୁ ଯିବାକୁ ଲୋକେ ଭୟଭୀତ ହେଉଛନ୍ତି । ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ୪୦୮ ୟୁନିଟ୍ ରକ୍ତ ସଂଗ୍ରହ

ବୁଗୁଡ଼ା,୨୨।୬:(ଡି.ଏନ୍.ଏ.)

ବୁଗୁଡ଼ା ଥାନା ପରିସରରେ ଆମ ପୋଲିସ ସମିତି ଓ ସ୍ଥାନୀୟ ଥାନା ପକ୍ଷରୁ ବୁଧବାର ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ୪୦୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରକୁ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୧ ମହିଳାଙ୍କ ସମେତ ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ବନ ବିଭାଗର କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ୪୦୮ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିର ପରିଚାଳନା ପାଇଁ ବସନ୍ତ କୁମାର ଦଳେଇ, ବିଧାୟକ ପ୍ରତିନିଧି କେ. ତ୍ରିଲୋଚନ ଦୋରା, ଚନ୍ଦନ ସାହୁ, ରାମ ନାରାୟଣ ପାଣିଗ୍ରାହୀ, ଶାନ୍ତନୁ ମହାପାତ୍ର, ମଣ୍ଟୁ ସ୍ୱାଇଁ, ସୁଧାଂଶୁ ଶେଖର ପାଢ଼ୀ, ଶମ୍ଭୁ ପାତ୍ର, ସାହିଲ ପ୍ରଧାନ, ସୁରଜ ଡାକୁଆ, ଚନ୍ଦନ ସାହୁ, ବିଶାଲ ବେହେରା ପ୍ରମୁଖ ବିଭିନ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ପୋଲିସ ବିଭାଗ ପକ୍ଷରୁ ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବୁଗୁଡ଼ା ଥାନାର ଏସ୍‌ଆଇ ଶର୍ମିଷ୍ଠା ପ୍ରଧାନ, ସ୍ନେହା ମଞ୍ଜରୀ ସାହୁ, ସମୀର କୁମାର ସେଠୀ, ଏଏସ୍‌ଆଇ ରାଜ କୁମାର ମହାପାତ୍ର, କ୍ଷେତ୍ର ମୋହନ ସାହୁ, ଅମିୟ କାନ୍ତ ପାଢ଼ୀ, କାହ୍ନୁ ଚରଣ ବାରିକ, କର୍ମଚାରୀ ନାରସୁ ରାଉଳ, ଅଜୟ ମଲ୍ଲିକ, ପର୍ଶୁରାମ ପାତ୍ର, ଲକ୍ଷ୍ମୀ ବେହେରା, ଏମ୍ ସନ୍ତୋଷ, ଚନ୍ଦ୍ର କାନ୍ତ ମଲିକ, ଦିଲ୍ଲୀପ ବେହେରା, ବିଦ୍ୟୁତ୍ ନାୟକ, ବସନ୍ତ ସାହୁ, ମିହିର ଭଞ୍ଜ ଏବଂ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ। ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀଛାତ୍ରମାନେ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅଧିକାରୀ।

## ଗଞ୍ଜାମ ମହାବିଦ୍ୟାଳୟ ଆଇକ୍ୟୁଏସି ପକ୍ଷରୁ ୱେବିନାର

ଗଞ୍ଜାମ,୨୨।୬(ଡି.ଏନ.ଏ.)

ଗଞ୍ଜାମ ମହାବିଦ୍ୟାଳୟ ଆଇକ୍ୟୁଏସି ଏବଂ ଏୱୋକ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଆର୍ଥିକବିଶାରଦ ତୃପ୍ତି କାପଡ଼ିଆ ଯୋଗଦେଇ ୱେବିନର ଶୀର୍ଷକ ଫାଇନାନସିଆଲ ମ୍ୟାନେଜମେଣ୍ଟ ଇନ ପୋଷ୍ଟ କୋଭିଡ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରବୀଣ କୁମାର ନନ୍ଦ ଏଥିରେ ସଭପତିତ୍ୱ କରି ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜିକା ଡ. ସ୍ମରଣୀକା ହୋତା କାର୍ଯ୍ୟକ୍ରମଟି ସଂଯୋଜନା କରିଥିଲେ। ବି ସ୍କୁଲ ଫୋରାମ ନଲେଜ ସେଣ୍ଟର ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ତଥା କର୍ମଚାରୀ ଯୋଗ ଦେଇଥିଲେ। ଆର୍ଥିକ ବିଶାରଦ ତୃପ୍ତି କାପଡ଼ିଆ ଦୀର୍ଘ ମିଆଦି ଓ ସ୍ୱଳ୍ପ ମିଆଦି ଆର୍ଥିକ ଯୋଜନା, ଜୀବନ ବୀମା, ମ୍ୟୁଚୁଆଲ ଫଣ୍ଡ, ଡିଜିଟାଲ ଗୋଲଡ ଆଦି ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଶେଷରେ ଡ. ସ୍ମରଣୀକା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାରଳାଖେମୁଣ୍ଡି,୨୨।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଶ୍ୟାମ ବିହାର ନିବାସୀ ପ୍ରକାଶ ଚୌଧୁରୀଙ୍କ ଘରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ, ପରିବାର ଲୋକେ ବ୍ୟବସାୟ ଉଦ୍ଦେଶ୍ୟରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ରାତିରେ ଘରେ ପଶି ଆଲମିରା ଭାଙ୍ଗି ୭୨ ହଜାର ଟଙ୍କା, ଗୋଟିଏ ତୋଳା ସୁନା ଓ ରୁପା ସାମଗ୍ରୀ ସହ ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି କରିଥିଲେ। ସେମାନେ ଘରକୁ ଫେରି ଚୋରି ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସିପିଆଇ ପୋଲସରା ଆଞ୍ଚଳିକ ସମ୍ମିଳନୀ




ସିପିଆଇର ଆଞ୍ଚଳିକ ସମ୍ମିଳନୀ।

ପୋଲସରା,୨୨।୬(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୋଲସରା ଆଞ୍ଚଳିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧପଲ୍ଲୀଠାରେ ଅନୁଷ୍ଠିତ ସମ୍ମିଳନୀ ପ୍ରାରମ୍ଭରେ ପାର୍ଟିର ଗଞ୍ଜାମ ଜିଲା ସହ ସମ୍ପାଦକ ପ୍ରଦୀପ ସେଠୀ ଲାଲ୍ ପତାକା ଉତ୍ତୋଳନ କରିଥିବା ବେଳେ ଜିଲା ସମ୍ପାଦକ ପ୍ରକାଶ ପାତ୍ର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପାତ୍ର ତାଙ୍କର ଉଦ୍‌ଘାଟନୀ ଭାଷଣରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରର ଶ୍ରମିକ, କୃଷକ ଓ ଗରିବ ମାରଣ ନୀତିର ତୀବ୍ର ସମାଲୋଚନା କରିବା ସହିତ ପୋଲସରା ଅଞ୍ଚଳରେ ପାର୍ଟି ସଙ୍ଗଠନକୁ ସୁଦୃଢ କରି ବ୍ୟାପକ ଜନ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଗୌରହରି ବିଷୋୟୀ, ହରିହର ପାତ୍ର ଓ ପ୍ରତିମା ମହାପାତ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ସମ୍ମିଳନୀ ପ୍ରାରମ୍ଭରେ ଆଞ୍ଚଳିକ ସମ୍ପାଦକ ଦଣ୍ଡପାଣି ସାମଲ ସାମ୍ପ୍ରତିକ ରାଜନୈତିକ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସହ ସମ୍ପାଦକ ଗଣପତି ସାହୁ ଚିଠା ସାଙ୍ଗଠନିକ ଓ ରାଜନୈତିକ ପ୍ରସ୍ତାବ ଆଗତ କରିଥିଲେ। ଗୌରହରି ବିଷୋୟୀ, ବିଜୟ ସାମନ୍ତରା, ସନ୍ତୋଷ ସେଠୀ, ଦୁର୍ଯୋଧନ ରାଉତ, ତ୍ରିନାଥ ସାମଲ, ନଗରବାସି ପ୍ରଧାନ, ରବିନ୍ଦ୍ର ଜେନା, ଜ୍ୟୋସ୍ନା ମହାରଣା, ରୁନୁ ସେଠୀ, ଅନିତା ମହାପାତ୍ର, କବି ନାହାକ, ଶିବରାମ ବିଶ୍ୱାଳ ଓ ନରେନ୍ଦ୍ର ପ୍ରଧାନ ପ୍ରମୁଖ ରିପୋର୍ଟ ଉପରେ ଆଲୋଚନା କରିଥିଲେ। ଛାତ୍ରନେତା କାମଦେବ ନାହାକ ସମ୍ମିଳନୀକୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଥିଲେ। ଆସନ୍ତା ତିନି ବର୍ଷ ପାଇଁ ଦଣ୍ଡପାଣି ସାମଲଙ୍କୁ ପୁନର୍ବାର ସମ୍ପାଦକ ଓ ଗଣପତି ସାହୁଙ୍କୁ ସହ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଏଥି ସହିତ ୩୧ ଜଣିଆ ଆଞ୍ଚଳିକ ପରିଷଦ ଓ ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)
[ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ମୃତକ ରଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ରଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତାମାନେ ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ମୃତକରଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ରଣଗ୍ରହୀତା/ମୃତକ ରଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା **ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ** କରାଯାଉଅଛି କି କଥିତ ଆକ୍ଟର ଧାରା **୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ରଣଗ୍ରହୀତା/ମୃତକ ରଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ରଣଗ୍ରହୀତା: ସ୍ୱ ନିରଞ୍ଜନ ସାମଲ,** ପିତା: ଶ୍ରୀ ପରି ସାମଲ, ମୃତକ ରଣଗ୍ରହୀତା ସ୍ୱ ନିରଞ୍ଜନ ସାମଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: **୧) ଶ୍ରୀମତୀ ଛବିଳତା ସାମଲ,** ସ୍ୱାମୀ: ସ୍ୱ ନିରଞ୍ଜନ ସାମଲ, **୨) ମିସ୍ ସୁଶ୍ରୀ ସଙ୍ଗୀତା ବେହେରା,** ପିତା: ସ୍ୱ ଶ୍ରୀ ନିରଞ୍ଜନ ସାମଲ, **୩) ମିସ୍ ଝୁନିରାଣୀ ବେହେରା,** ପିତା: ସ୍ୱ ଶ୍ରୀ ନିରଞ୍ଜନ ସାମଲ, **୪) ଶ୍ରୀ ଭାଗ୍ୟଧର ସାମଲ,** ପିତା: ସ୍ୱ ଶ୍ରୀ ନିରଞ୍ଜନ ସାମଲ, **୫) ଶ୍ରୀ କେଦାରନାଥ ସାମଲ,** ପିତା: ସ୍ୱ ଶ୍ରୀ ନିରଞ୍ଜନ ସାମଲ, **୬) ଶ୍ରୀ ଲକ୍ଷ୍ମୀଧର ସାମଲ,** ପିତା: ସ୍ୱ ଶ୍ରୀ ନିରଞ୍ଜନ ସାମଲ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା.: ରଙ୍ଗିଆଗଡ଼, ପୋ.: ଝିମାଣୀ, ଭାୟା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ସମ୍ପତ୍ତିର ମାଲିକ: ସ୍ୱ ନିରଞ୍ଜନ ସାମଲ | ସ୍ୱ ନିରଞ୍ଜନ ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଙ୍ଗିଆଗଡ଼, ମ୍ୟୁଟେସନ୍ ଖାତା ନଂ.: ୯୭, ମ୍ୟୁଟେସନ୍ ପ୍ଲଟ୍ ନଂ.: ୭୩୩, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ଅନୁରୂପ କନ୍‌ସୋଲିଡେସନ୍ ଖାତା ନଂ.: ୯୭, କନ୍‌ସୋଲିଡେସନ୍ ପ୍ଲଟ୍ ନଂ.: ୭୩୩, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ଥାନା: ପାରାଦୀପ, ଥାନା ନଂ. ୨୪ ଏବଂ ତହସିଲ: କୁଜଙ୍ଗ, ତହସିଲ ନଂ. ୧୨୭, ଏସ୍‌ଆରଓ: କୁଜଙ୍ଗ, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର | ୧୩.୦୧.୨୦୨୨ | ୨୧.୦୬.୨୦୨୨ | ୧୧.୦୧.୨୦୨୨ ସୁଦ୍ଧା ଟ.୩୨,୫୯,୦୧୮/- + ୧୨.୦୧.୨୦୨୨ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୨୨.୦୬.୨୦୨୨**
**ସ୍ଥାନ: କଟକ**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
ଆସିକା ଶାଖା: ପ୍ଲଟ ନଂ.୨୭୬, କଳିଙ୍ଗ ରୋଡ, ଆସିକା, ଜିଲ୍ଲା: ଗଞ୍ଜାମ
ଫୋନ୍ : ୦୬୮୨୨-୨୭୨୪୭୪, ଇ-ମେଲ:iob2218@iob.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେଶୀ ଆକ୍ଟ) ଅନ୍ତର୍ଗତ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩(୧) ଅନୁଯାୟୀ ଡିମାଣ୍ଡ ନୋଟିସ୍**

**୧)** ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଅନୁସାରେ ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ରୁଲ ୩ ଅନୁଯାୟୀ କ୍ଷମତାପ୍ରୟୋଗ କରାଯାଇ ନିମ୍ନଲିଖିତ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା (ଏହାପରେ କଥିତ ରଣଗ୍ରହୀତା ଭାବେ ଦର୍ଶିତ)ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ଉକ୍ତ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ନୋଟିସ୍ ଦର୍ଶିତ ବକେୟା ରାଶି ପୈଠ କରିବାକୁ କୁହାଯାଇଥିଲା। **୨)** କଥିତ ଡିମାଣ୍ଡ ନୋଟିସ୍ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇନପାରି /ରଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ସ୍ୱିକୃତ ନହୋଇ ଫେରସ୍ତ ଆସିଛି। ସୁତରାଂ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରିଛନ୍ତି। କଥିତ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ସମ୍ପୃକ୍ତ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଶେଷ ଜ୍ଞାତ ଠିକଣାରେ ଥିବା ଆବାସର ଉକ୍ତ ନୋଟିସ୍ ଗୁଡିକ ସଂଲଗ୍ନ କରାଇଛନ୍ତି। ଉକ୍ତ ନୋଟିସ୍‌ର କପି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ। ତେଣୁ ସମ୍ପୃକ୍ତ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେଗୁଡିକ ବ୍ୟାଙ୍କର କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। **୩)** ଉପରୋକ୍ତ କାରଣ ଯୋଗୁ ପୁନଶ୍ଚ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ରଣକାଗଜାତ୍ ଏବଂ ଅନ୍ୟାନ୍ୟ କାଗଜାତ୍ ଅନୁସାରେ ସେମାନଙ୍କର ବକେୟା ରାଶି ଯାହା ନିମ୍ନ ସାରଣୀରେ ଦର୍ଶିତ ତାହା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରନ୍ତୁ। ସମ୍ପୃକ୍ତ ପକ୍ଷ ତାଙ୍କର ବକେୟା ପରିଶୋଧ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ତାଙ୍କର ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରଖିଛନ୍ତି ଯାହାକି ତାଙ୍କ ନାମ ବିପକ୍ଷରେ ନିମ୍ନ ସାରଣୀରେ ଦର୍ଶାଯାଇଛି।

| ରଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | (କ)ରଣ/ମଞ୍ଜୁରି ରଣ (ଖ)ଏନ୍‌ପିଏ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ* | ଡିମାଣ୍ଡ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| **ରଣଗ୍ରହୀତା: ମେସର୍ସ ରଘୁନାଥ ମୋଟର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ସୁଶାନ୍ତ କୁମାର ନାହାକ,** ଠିକଣା: କଳଷଣ୍ଡପୁର, ଆସିକା-ବ୍ରହ୍ମପୁର ମେନ୍ ରୋଡ, ଆସ୍କା, ଗଞ୍ଜାମ- ୭୬୧୧୧୧, **ରଣଗ୍ରହୀତା/ ବନ୍ଧକଦାତା: ଶ୍ରୀ ସୁଶାନ୍ତ କୁମାର ନାହାକ,** ପିତା: ଶ୍ରୀ ଭବାନୀ ନାହାକ, ଠିକଣା: ସା-ଘଟକୁରି, ପୋ.- ଖରିଆ, ଜିଲ୍ଲା- ଗଞ୍ଜାମ, ପିନ୍- ୭୬୧୧୧୧। | (କ)ଟ.୩୪,୦୦,୦୦୦/- (ଖ)୩୦.୦୫.୨୦୨୨ | ୩୦.୦୫.୨୦୨୨ ସୁଦ୍ଧା ଟ.୩୪,୩୫,୨୨୦/- | ୦୬.୦୬.୨୦୨୨ | **୧. ଶ୍ରୀ ସୁଶାନ୍ତ କୁମାର ନାହାକଙ୍କ** ନାମରେ ଥିବା ଗୃହ ନିର୍ମାଣ ଭୂମି ଯାହାର ମୌଜା: ଖରିଆ, ଥାନା/ତହସିଲି/ଏସ୍‌ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ- ୭୬୧୧୧୧, ଓଡିଶା, ନୂତନ ଖାତା ନଂ.୭୦୨/୧୨୦, ପ୍ଲଟ ଏବଂ ଚକ ନଂ. ୫୦୮୯, ୫୦୯୪/୬୯୯୦, ୫୦୯୫/୬୯୯୧, ୫୦୮୮, ଯଥାକ୍ରମେ ଏରିଆ: ଏ୦.୧୫୮ ଡିସିମିଲି, ଏ୦.୦୨୫ ଡିସିମିଲି, ଏ୦.୧୯୫ ଡିସିମିଲି, ଏ୦.୧୬୮ ଡିସିମିଲି, ସମୁଦାୟ ଏରିଆ: ଏ୦.୫୪୬ ଡିସମିଲି (୨୩୭୮୩.୭୬ ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସହଦେବ ଜେନା, ବାସୁଦେବ ଜେନା ଏବଂ ହାଡୁବନ୍ଧୁ ସ୍ୱାଇଁଙ୍କ ଜମି, ପୂର୍ବ- ଶ୍ରୀ ଗୋବିନ୍ଦ ବିଶ୍ୱାଳ ଏବଂ ବାହାଦୁର ବିଶ୍ୱାଳଙ୍କ ଜମି, ପଶ୍ଚିମ- ନିଜ ଜମି ଏବଂ ରାମନାଥ ବିଶ୍ୱାଳଙ୍କ ଜମି। |

**୨. ଶ୍ରୀ ସୁଶାନ୍ତ କୁମାର ନାହାକଙ୍କ** ନାମରେ ଥିବା ଗୃହ ନିର୍ମାଣ ଭୂମି ଯାହାର ମୌଜା: ଖରିଆ, ଥାନା/ତହସିଲି/ଏସ୍‌ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ- ୭୬୧୧୧୧, ଓଡିଶା, ନୂତନ ଖାତା ନଂ.୭୦୨/୧୫୫, ପ୍ଲଟ ଏବଂ ଚକ ନଂ. ୫୦୮୬/୭୦୦୨ ଏବଂ ୫୦୮୭, ଯଥାକ୍ରମେ ଏରିଆ: ଏ୦.୧୨୩ ଡିସିମିଲି ଏବଂ ଏ୦.୧୮୦ ଡିସିମିଲି, ସମୁଦାୟ ଏରିଆ: ଏ୦.୩୦୩ ଡିସମିଲି (୧୩୧୯୮.୬୮ ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ଜମି, ଦକ୍ଷିଣ- ହାଡିବନ୍ଧୁ ସ୍ୱାଇଁ ଏବଂ ମୋଚିଆ ଜେନାଙ୍କ ଜମି, ପୂର୍ବ- ମୋଚିଆ ଜେନା ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ- ନିଜ ଜମି ଏବଂ ଚୌଧୁରୀ ଜେନା ଏବଂ ଅନ୍ୟମାନଙ୍କ ଜମି।

***ଉପର ଦର୍ଶିତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସହମତି କ୍ରମେ ଚୁକ୍ତିହାରରେ ପରବର୍ତ୍ତି ସେବାବଦ ଅର୍ଜିତ ସୁଧ, ଖର୍ଚ୍ଚ, ଦେୟ / ଚକ୍ରବୃଦ୍ଧି ସୁଧ ସହିତ ପ୍ରଦାନ କରାଯିବ।** (୪) ଯଦି କଥିତ ରଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ଦେୟ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ତାହା ସମ୍ପୃକ୍ତ ରଣଗ୍ରହୀତାଙ୍କ ଦାୟ, ଦାୟିତ୍ୱ ଏବଂ ଫଳାଫଳରେ ସମ୍ପନ୍ନ କରାଯିବ ଓ ସେଥିପାଇଁ ସେମାନେ ଦାୟୀ ରହିବେ। **(୫)** ଏତଦ୍‌ଦ୍ୱାରା ରଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି କଥିତ ଆକ୍ଟର ଧାରା **୧୩ର** ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। **(୬)** ବ୍ୟାଙ୍କ ସୁରକ୍ଷିତ ରଣରାଶି ଆଦାୟ ନିମନ୍ତେ ରଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି ଏବଂ ଏହାପରେ ଯଦି କୌଣସି ବ୍ୟକ୍ତି ଏହି ଆଇନ କିମ୍ବା ନିୟମର ଉଲଙ୍ଘନ କରନ୍ତି ତେବେ ଏହି ଆକ୍ଟର ଧାରା ୨୯ ଅନୁଯାୟୀ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ନିମନ୍ତେ ଯୋଗ୍ୟ ହେବେ।

**ତାରିଖ-୨୨.୦୬.୨୦୨୨, ସ୍ଥାନ-ଆସିକା** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**



**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.5573/PSC Dt.22.06.2022**
**(DR-IV) (2PH-01-2022-23)**

No. D-74: It is for information of all concerned that **written examination** for recruitment to the post of **Assistant Section Officer**, pursuant to Advt. No. 26 of 2021-22 will be conducted at different Educational Institutions of 30 districts and 03 Sub-Divisions of the State as per the following programme.

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 a.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 21.08.2022 (Sunday) | **Paper - I** General Awareness | **Paper - II** (a) Test of Reasoning & Mental ability (b) Mathematics | **Paper - III** Language (a) English (b) Odia |

The Roll Nos. of the provisionally admitted candidates, **venue of examination centre, Admission Certificate and Instruction to Candidates** to be downloaded by the candidate will be available in the website of the Commission at **(www.opsc.gov.in)** later on.
The eligible candidates are advised to visit the website of the Commission regularly for update.
**OIPR-12002/11/0090/2223** **Sd./- Secretary**



**ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ନୋଟିସ ନଂ. ୧୯୭୪ ତା:୨୦।୦୬।୨୦୨୨

No. C-606: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡ଼ିକ ଲଟେରି ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି ଅମାନତ ରାଶିକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Subarnapur Municipalityଙ୍କ ନାମରେ ଜମାଦେବେ। ତା୩୦।୦୬।୨୦୨୨ ଅପରାହ୍ନ ୫.୦୦ଘ. ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ପତ୍ର ଓ ଡ୍ରାଫ୍ଟ Regd. Post/ Courier/Speed Post କିମ୍ବା ବ୍ୟକ୍ତିଗତଭାବେ କାର୍ଯ୍ୟାଳୟରେ ଦାଖଲ କରିବେ। ତା୦୪।୦୭।୨୦୨୨ ଦିବା ୧୧.୦୦ଘ. ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଲଟେରି କରାଯିବ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ଓ ସର୍ତ୍ତାବଳୀ ନିମ୍ନରେ ଦିଆଗଲା। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବେ ସେମାନେ ସୋନପୁର ପୌର ପରିଷଦରୁ ଟ.୨୦୦/- ଦାଖଲ କରି ନିର୍ଦ୍ଧାରିତ ଦରଖାସ୍ତରେ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ କାର୍ଯ୍ୟାଳୟରେ ଦାଖଲ କରିବେ।

| କ୍ର.ନଂ. | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କମ୍ପ୍ଲେକ୍ସ (ପି.ଡି. ବାସଗୃହ ପାର୍ଶ୍ୱ), ସୋନପୁର | ୧୪' x ୧୦' (୨୮ ଗୋଟି) କ୍ର.ନଂ. ୫ରୁ ୩୨ | ୩,୯୫,୦୦୦/- | ୧,୦୦,୦୦୦/- | ୨୫୦୦/- |

**ସର୍ତ୍ତାବଳୀ:**

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଲଟେରିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।
୩. ଲଟେରିରେ ଯେଉଁମାନେ ସଫଳ ହେବେ ସେମାନେ ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମାକରି ଚୁକ୍ତିନାମା ସ୍ୱାକ୍ଷର କରିବେ। ଧାର୍ଯ୍ୟ ମୂଲ୍ୟ ସମୟସୀମା ମଧ୍ୟରେ ଜମା ନ କରିବା କ୍ଷେତ୍ରରେ ତାଙ୍କର ଚୟନକୁ ଖାରଜ କରାଯିବ ଏବଂ ପ୍ରତୀକ୍ଷା ସୂଚୀରୁ ପରବର୍ତ୍ତୀ ବ୍ୟକ୍ତିଙ୍କୁ ଚୟନ କରାଯିବ। ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଜମା ପାଇଁ କୌଣସି ସମୟସୀମା ବୃଦ୍ଧି ଆବେଦନକୁ ଗ୍ରହଣ କରାଯିବ ନାହିଁ।
୪. ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଲଟେରିରେ ଅଂଶଗ୍ରହଣ କରିପାରିବେ। ଗୋଟିଏ ପରିବାରର ଏକାଧିକ ଆବେଦନ ଆସିଥିଲେ କିମ୍ବା ସମାନ ବ୍ୟକ୍ତି ଏକାଧିକ ଆବେଦନ କରିଥିଲେ କେବଳ ଗୋଟିଏ ମାତ୍ର ଆବେଦନକୁ ଗ୍ରହଣ କରାଯିବ ଏବଂ ଅନ୍ୟ ସମସ୍ତ ଆବେଦନକୁ ବାତିଲ କରାଯିବ।
୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡ଼ାରେ ଲଗାଇପାରିବେ ନାହିଁ। ହସ୍ତାନ୍ତର କିମ୍ବା ଭଡ଼ା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମା ଟଙ୍କା ବାଜ୍ୟାପ୍ତି କରାଯିବ।
୭. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ପୌର ପରିଷଦ ଅଧୀନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ।
୮. କାର୍ଯ୍ୟନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଲଟେରି ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୯. ଲଟେରି ସଂକ୍ରାନ୍ତୀୟ ବିଷଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।
୧୦. ପ୍ରଥମ ମହଲାରେ ଥିବା ଷ୍ଟଲଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହସ୍ତାନ୍ତର କରାଯିବ। ପ୍ରଥମ ମହଲାରେ ଥିବା ଷ୍ଟଲଗୁଡ଼ିକର କ୍ରମିକ ନମ୍ବର ଦକ୍ଷିଣ ଦିଗରୁ ଆରମ୍ଭ ହେବ।
୧୧. ଆବେଦନକାରୀ ଯଦି କୌଣସି ଭୁଲ ବା ମିଥ୍ୟା ତଥ୍ୟ ଦେଇଥିବାର ଜଣାପଡ଼େ ତେବେ ତାଙ୍କ ଆବଣ୍ଟନକୁ ବାତିଲ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ
OIPR-13098/11/0011/2223

## ସଂକ୍ଷେପରେ

### ୪୯୦ ଗ୍ରାମ ଅଫିମ ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ,୨୨।୬: ନୟାଗଡ଼ ଅବକାରୀ ଥାନା ପକ୍ଷରୁ ସିନ୍ଦୁରିଆ ଉପରେ ଚଢ଼ାଉ କରାଯାଇ ୱାଜିବ ଖାଁଙ୍କ ଘରୁ ୪୯୦ ଗ୍ରାମ ଅଫିମ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩୪ ହଜାର ୩ ଶହ ଟଙ୍କା ହେବ । ନୟାଗନ ଅବକାରୀ ଥାନାରେ ଏକ ମାମଲା(ନଂ.୭୨/୨୦୨୨) ରୁଜୁ କରାଯାଇ ୱାଜିବଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ହଟିଆ ବେହେରା ସୂଚନା ଦେଇଛନ୍ତି।

### ରାସ୍ତା ଉପରେ ବାଲି ବେପାର

ନୟାଗଡ଼ ଅଫିସ,୨୨।୬: ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଗୁଣ୍ଠୁଣି ଅଞ୍ଚଳରେ ବିନା କେ ଫର୍ମରେ ବାଲି ଆଣି ଶ୍ମଶାନ ନିକଟରେ ଓ ରାସ୍ତା ଉପରେ ଗଦା କରି ରଖାଯାଇଛି। ସେଠାରୁ ବାଲି ବିଭିନ୍ନ ଅଞ୍ଚଳକୁ ଯାଉଛି । ରାସ୍ତା ଉପରେ ବାଲି ଗଦା ହୋଇ ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏନେଇ ଗୁଣ୍ଠୁଣିର ପୂର୍ବତନ ସମିତି ସଭ୍ୟ ନାରାୟଣ ଜେନା ଖଣ୍ଡପଡ଼ା ତହସିଲଦାର, ଜିଲାପାଳଙ୍କୁ ଅବଗତ କରାଇଛନ୍ତି । ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

### ବସ୍ ଧକ୍କାରେ ପ୍ରଧାନଶିକ୍ଷକ ଗୁରୁତର


ଡାକ୍ତରଖାନାରେ ଆହତ ପ୍ରଧାନ ଶିକ୍ଷକ ।

ନୂଆଗାଁ,୨୨।୬(ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ସମ୍ପଡା ସ୍କୁଲ ନିକଟରେ ବୁଧବାର ବସ୍ ଧକ୍କାରେ ନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ କୁଳମଣି ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ନୟାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରଧାନଶିକ୍ଷକ ନାୟକ ସକାଳ ପ୍ରାୟ ୧୦ଟା ବେଳେ ନିଜ ବାଇକ୍‌ରେ ସ୍କୁଲକୁ ଆସୁଥିଲେ। ଏହି ସମୟରେ ଫୁଲବାଣୀରୁ ଭୁବନେଶ୍ୱର ଯାଉଥିବା ଦୀକ୍ଷିତ ବସ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ । ତାଙ୍କ ଡାହାଣ ହାତ ଓ ଡାହାଣ ଗୋଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୟପୁର,୨୨।୬ (ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ହାଟପଦା ନିକଟରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ମିଟୁ ପରଜା । ସେ ଯାଉଥିବା ବେଳେ ଏକ ଧାନ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

# ନୟାଗଡ଼ ଛେନାପୋଡ଼ ଲୋଗୋ ପ୍ରସ୍ତୁତ

■ କଂସାବାସନର ମାନ ପରୀକ୍ଷା ସହ ଲୋଗୋ କରିବାକୁ ନିର୍ଦ୍ଦେଶ
■ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ବୈଠକ

ନୟାଗଡ଼ ଅଫିସ,୨୧।୬

ନୟାଗଡ଼ ଜିଲାରେ ପ୍ରସ୍ତୁତ ହେଉଥିବା ପ୍ରସିଦ୍ଧ ଛେନାପୋଡ଼ ଓ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋ କଂସା ପିତଳ ବାସନକୁ ଜିଓଗ୍ରାଫିକାଲ୍ ଇଣ୍ଡିକେସନ (ଜିଆଇ) ଟ୍ୟାଗ୍ ମାନ୍ୟତା ଦେବା ପାଇଁ ତୃତୀୟ ପର୍ଯ୍ୟାୟ ବୈଠକ ବୁଧବାର ନୟାଗଡ଼ ଜିଲାପାଳଙ୍କ ମିନି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନଚନ୍ଦ୍ର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ । ଇତିମଧ୍ୟରେ ନୟାଗଡ଼ ଛେନାପୋଡ଼କୁ ଜି.ଆଇ. ଟ୍ୟାଗ୍ ମାନ୍ୟତା ଦେବାର ଦାବି ଉଠାଇବା ପାଇଁ ଲୋଗୋ ପ୍ରସ୍ତୁତ କରାଯାଇଛି । ଲୋଗୋ ପାଇଁ ଓର୍‌ମାସ ପକ୍ଷରୁ ଆବେଦନ କରାଯାଇଥିଲାବେଳେ କଣ୍ଟିଲୋ କଂସା ଓ ପିତଳ ବାସନ ଲୋଗୋ ପ୍ରସ୍ତୁତି କାର୍ଯ୍ୟ ଚାଲୁ ରହିଛି। ଏହା ବ୍ୟତୀତ କଂସା ପିତଳ ବାସନର ତିଆରି ଜ୍ୟୋତିର ମାନ ପରୀକ୍ଷା କରାଯିବ।

ମାନ ପରୀକ୍ଷା ପାଇଁ ବିଜ୍ଞାନାଗାରକୁ ପଠାଇବା ନିମନ୍ତେ ନୟାଗଡ଼ ହସ୍ତ ଓ କୁଟୀର ଶିଳ୍ପ ପ୍ରୋଗ୍ରାମ ଅଫିସର ସୂର୍ଯ୍ୟକାନ୍ତ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜି.ଆଇ. ଟ୍ୟାଗ୍ ମାନ୍ୟତା ପାଇଁ କଣ୍ଟିଲୋ ବାପୁଜୀ କଂସା ପିତଳ ସମବାୟ ସମିତିର ସଭାପତି କ୍ଷମତାପ୍ରାପ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ତଥ୍ୟ ଓ ପ୍ରମାଣ ପତ୍ର ସହ ନୟାଗଡ଼ ଜିଲାପାଳଙ୍କ ଜରିଆରେ ପଠାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅନ୍ୟାନ୍ୟ ଆଲୋଚନା ପାଇଁ ପରବର୍ତ୍ତୀ ବୈଠକ ଜୁଲାଇ ଶେଷ ସପ୍ତାହରେ ଅନୁଷ୍ଠିତ ହେବ । ଏହାର ସମୀକ୍ଷା କରାଯିବ ବୋଲି ଅତିରିକ୍ତ ଜିଲାପାଳ ରାୟ ପ୍ରକାଶ କରିଥିଲେ । ବୈଠକରେ ଓର୍‌ମାସ ପକ୍ଷରୁ ସହକାରୀ ନିର୍ବାହୀ ଅଧିକାରୀ ନଟବର ସ୍ୱାଇଁ, ହସ୍ତ ଓ କୁଟୀର ଶିଳ୍ପ ପ୍ରୋଗ୍ରାମ ଅଫିସର ସୂର୍ଯ୍ୟକାନ୍ତ ପଣ୍ଡା, କଂସାରି ସମାଜର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କଣ୍ଟିଲୋ ବାପୁଜୀ କଂସା ପିତଳ ସମବାୟ ସମିତି ସଭାପତି ଦଣ୍ଡପାଣି ସାହୁ, କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ମାଛିପଡ଼ା ବୁକ୍‌କିପର ପକ୍ଷରୁ ପ୍ରଭାତୀ ଜେନା ଓ କଣ୍ଟିଲୋ ନାଗରିକ ମଞ୍ଚ ଉପଦେଷ୍ଟା ପ୍ରଭାକର ଶିରୋମଣି ଏହି ବୈଠକରେ ଉପସ୍ଥିତ ଥିଲେ।


ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ଆୟୋଜିତ ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

#### ଆବେଦନ ପାଇଁ ସମୟ ଗଡ଼ୁଛି

ଜିଲାର ପ୍ରସିଦ୍ଧ ଛେନାପୋଡ଼ ଓ କଣ୍ଟିଲୋ କଂସା ପିତଳ ବାସନକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଦାବି ତ୍ୱରାନ୍ୱିତ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ଏଥିପାଇଁ ଚାଲିଥିବା ପ୍ରସ୍ତୁତି ବିଳମ୍ବ କରାଯାଉଛି । ଏଥିପାଇଁ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ଅତିରିକ୍ତ ଜିଲାପାଳ ମେ' ୨୦ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜୁନ୍ ମାସ ଶେଷ ହେବାକୁ ଯାଉଥିବାବେଳେ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଆବେଦନ କରାଗଲା ନାହିଁ। ସେହିପରି କଂସା ପିତଳ ବାସନ ଓ ଛେନାପୋଡ଼ର ଲୋଗୋ ପ୍ରସ୍ତୁତ କରିବା ସହିତ ଏହାର ଗୁଣବତ୍ତା ଦିଗରେ ତଥ୍ୟ ଉପସ୍ଥାପନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଛେନାପୋଡ଼ର ଲୋଗୋ ପ୍ରସ୍ତୁତ ହେଲା, ଅଥଚ କଂସା ପିତଳ ବାସନର ଲୋଗୋ ହୋଇ ପାରିନାହିଁ। ପୁଣି ସମୟ ଦିଆଗଲା । ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ତୃତୀୟ ପର୍ଯ୍ୟାୟ ବୈଠକ ଜୁନ୍ ୩ରେ ନ ହୋଇ ୨୨ରେ କରାଯାଇଛି ।

#### ୫ ବର୍ଷ ଧରି ପ୍ରସ୍ତୁତି ସତ୍ତ୍ୱେ ଅଣଦେଖା

ନୟାଗଡ଼ର ଛେନାପୋଡ଼ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ୨୦୧୭ରୁ ଅର୍ଥାତ୍ ଗତ ୫ ବର୍ଷ ହେଲା ଦାବି ହୋଇ ଆସୁଛି । ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲେ ମଧ୍ୟ ଶେଷ ହେବାର ନାଁ ଧରୁନି । ତେବେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଜିଲା ଓର୍‌ମାସ କାର୍ଯ୍ୟାଳୟକୁ ଏହାର ସ୍ଥିତି ବିଷୟରେ ଜଣାଇବା ପାଇଁ କୁହାଯାଇଥିଲା। ଜିଲା ଓର୍‌ମାସ କାର୍ଯ୍ୟାଳୟ ୧୩ ଜୁନ୍ ୨୦୧୭ରେ ନୟାଗଡ଼ର ଛେନାପୋଡ଼ ସମେତ ଜିଲାରେ ପ୍ରସିଦ୍ଧ ଥିବା ରଣପୁର ବ୍ଲକର ଲୋଧାଚୁଆ, ନୟାଗଡ଼ ବ୍ଲକର ଇକିରି, କିଦ୍ରାଶପୁର ଓ ଦଶପଲ୍ଲା ବ୍ଲକ ବାଣିଗୋଛା ଗାଁର ମୁଗ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ପିତଳ ମୂର୍ତ୍ତି, ଦଶପଲ୍ଲା, ନୂଆଗାଁ, ଖଣ୍ଡପଡ଼ା ଏବଂ ଗଣିଆ ବ୍ଲକର ମେଶିନ୍ ଦ୍ୱାରା ସିଲାଇ ହେଉଥିବା ଶିଆଳି ଖଲିପତ୍ର, ଖଣ୍ଡପଡ଼ା ଓ ଗଣିଆ ବ୍ଲକର ଧୂଆମଡ଼ା ଗ୍ରାମର କାଠ ହସ୍ତଶିଳ୍ପ ବିଷୟରେ ତଥ୍ୟ ପ୍ରଦାନ କରିଥିଲା। ଏହି ସମସ୍ତ ଦ୍ରବ୍ୟକୁ ଜିଆଇ ଟ୍ୟାଗ୍ ପାଇଁ ପଞ୍ଜୀକରଣ କରିବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ଚିଠିରେ ଦର୍ଶାଯାଇଥିଲା । ଏହା ପରେ ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀସ୍ତରରେ ବୈଠକ କରାଯାଇ ବାହାବା ନିଆଯାଉଛି। ଅନ୍ୟପକ୍ଷେ ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ୯୧ତମ ଜନ୍ମବାର୍ଷିକ ଏପ୍ରିଲ ୧୧କୁ ଛେନାପୋଡ଼ ଦିବସ ଭାବେ ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ପାଳନ କରାଯାଇଛି। ଏହି ଦିବସ ଜିଲାର ବିଭିନ୍ନ ବ୍ଲକ, ଗାଁ, ୱାର୍ଡ, ରାଜ୍ୟ ଓ ଦେଶ ବିଦେଶରେ ପାଳନ କରାଯାଇଥିଲା। ଏଥିପାଇଁ ଦାବିଦାର କେବଳ ନୟାଗଡ଼ ଥିବାରୁ ସୁବିଧାରେ ଜିଆଇ ଟ୍ୟାଗ ମାନ୍ୟତା ମିଳିବ ବୋଲି ଆଶା କରାଯାଉଛି। ହେଲେ ସମୟ ଗଡ଼ିଚାଲିବା ପରେ ଅସନ୍ତୋଷ ବଢ଼ିଚାଲିଛି ।

### ପ୍ରେମିକାଙ୍କୁ ଧୋକା ଦେଇ ନବବିବାହିତ ପ୍ରେମିକ ଗିରଫ

ଫୁଲବାଣୀ ଅଫିସ, ୨୨।୬

ଜଣେ ଯୁବତୀଙ୍କୁ ପ୍ରେମ କରି ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ସମ୍ପର୍କ ରଖିବା ଏବଂ ପରେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବା ପ୍ରେମିକଙ୍କ ପାଇଁ ମହଙ୍ଗା ପଡିଛି । ପ୍ରେମିକାଙ୍କ ଅଭିଯୋଗକ୍ରମେ ଫୁଲବାଣୀ ଟାଉନ ଥାନା ପୋଲିସ ସମ୍ପୃକ୍ତ ନବବିବାହିତ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରେମିକ ଜଣକ ହେଲେ ସୁଡ୍ରୁକୁମ୍ପା ଅଞ୍ଚଳର ସମୀର କର । ସୂଚନା ଅନୁସାରେ, ସ୍ଥାନୀୟ ପିଅନପଡା ଭଞ୍ଜସାହିର ଜଣେ ୨୫ ବର୍ଷୀୟ ଯୁବତୀଙ୍କୁ ସମୀର ୫ ବର୍ଷ ଧରି ଭଲପାଉଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ମାତ୍ର ଗତ ୧୮ ତାରିଖରେ ଦୃତିପଡ଼ାର ଅନ୍ୟ ଜଣଙ୍କୁ ସମୀର ବିବାହ କରିଥିଲେ। ଯୁବତୀଙ୍କ ଅଭିଯୋଗ କ୍ରମେ ନଂ.୯୭/୨୨ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

### ମାଙ୍କଡ଼ା ବୋଝେଇ ଟ୍ରକ୍, ଟ୍ରାକ୍ଟର ଜବତ

ବୁଗୁଡ଼ା,୨୨।୬ (ଡି.ଏନ.ଏ.)

ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ବୁଗୁଡ଼ା ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବୁଧବାର ସକାଳେ ଗୋଟିଏ ମାଙ୍କଡା ପଥର ବୋଝେଇ ଟ୍ରକ ଓ ଗୋଟିଏ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ମୋଟାବାଡିଠାରେ ଉଭୟ ଗାଡିକୁ ଜବତ କରି ଜରିମାନା ଆଦାୟ କରିଛନ୍ତି।

# ବେସରକାରୀ ମାର୍କେଟ ଗୃହ ଗଣନା କରାଯିବ

**ନୟାଗଡ଼ ମ୍ୟୁନିସିପାଲିଟି ବୈଠକ**
■ ଡ୍ରେନ ସଫେଇ, ସହର ସ୍ୱଚ୍ଛତାକୁ ଗୁରୁତ୍ୱ

ନୟାଗଡ଼ ଅଫିସ,୨୨।୬

ବୁଧବାର ନୟାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସମୀକ୍ଷା କରିଛନ୍ତି । ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ସମସ୍ତ କାଉନସିଲର ଓ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଉପସ୍ଥିତ ଥିଲେ । ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବାରୁ ସହରର ଡ୍ରେନକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରାଯିବ । ସହରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ । ସହରରେ କେତେ ବେସରକାରୀ ମାର୍କେଟ ଗୃହ ଅଛି ତା'ର ଗଣନା କରାଯାଇ ଟ୍ରେଡ ଲାଇସେନ୍ସ ପ୍ରଦାନ କରାଯିବ । ସେହିପରି ବକେୟା ହୋଲଡିଂ ଟିକସ ଆଦାୟ କରାଯିବ । ନିର୍ମାଣଧୀନ ଶ୍ମଶାନ ପାଖରୁ ଅଳିଆ ଆବର୍ଜନା ହଟିବ । ନୂଆ ସ୍ଥାନ ଚିହ୍ନଟ ନ ହେବା ପର୍ଯ୍ୟନ୍ତ ଶ୍ମଶାନଠାରୁ କିଛି ଦୂରରେ ଅଳିଆ ଆବର୍ଜନା ପଡିବ । ଯେଉଁ ପୋଖରୀଗୁଡିକର ନିଲାମ ହୋଇ ପାରିନି ସେଗୁଡିକ କରାଯିବ । ସେହିପରି ରାଶନ ସାମଗ୍ରୀର ଅସୁବିଧାକୁ ଦୂର କରିବା ପାଇଁ ୨ ପିଡିଏସ୍ ସେଣ୍ଟର ଖୋଲାଯିବ । ସହରରେ କେବଳ ନିଉ ଟାଉନରେ ପିଡିଏସ୍ ସେଣ୍ଟର ଅଛି । ଓଲଡ୍ ଟାଉନରେ ଓ ଜ୍ରିନାଥ ଛକରେ ପିଡିଏସ୍ ସେଣ୍ଟର ଖୋଲିବ । ପ୍ରଥମେ ଓଲଡ ଟାଉନରେ ପିଡିଏସ୍ ସେଣ୍ଟର ହେବ। ଯେଉଁ ୱାର୍ଡରେ ଅଙ୍ଗନ ୱାଡି ଓ ମିଶନ ଶକ୍ତି ଗୃହ ନାହିଁ ସେଠାରେ କରାଯିବ। ଅପରପକ୍ଷେ ଅଳିଆ ଆବର୍ଜନାକୁ ବ୍ୟବସାୟୀମାନେ ବାହାରେ ପକାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଯେଉଁ ବ୍ୟବସାୟୀମାନେ ଅଳିଆ ଆବର୍ଜନା ପକାଇ ସହରକୁ ପ୍ରଦୂଷିତ କରୁଥିବେ ପ୍ରଥମ ପର୍ଯ୍ୟାୟରେ ୧ହଜାର ଟଙ୍କା ଜରିମାନା ଆଦାୟ ହେବ । ୨ୟ ଥର ପକାଇଲେ ୨ ହଜାର ଟଙ୍କା। ଏହାପରେ ବି ନ ମାନିଲେ ୫ ହଜାର ଟଙ୍କ ଆଦାୟ ହେବ। ଶେଷରେ ଦୋକାନ ସିଲ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନୂଆ ବସଷ୍ଟାଣ୍ଡ ଯେପରି ଠିକ୍ ଭାବେ ସବୁଦିନ ପାଇଁ କାର୍ଯ୍ୟକ୍ଷମ ହେବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି । ପୁଣି ମାଛ ମାର୍କେଟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ପରାମର୍ଶ ଦିଆଯାଇଛି ।


ଆୟୋଜିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

#### ଡ୍ରେନ ସଫେଇ,ଚେୟାରମ୍ୟାନଙ୍କ ଚାମ୍ବର ଚିନ୍ତା

ନୟାଗଡ଼ ବିଧାୟକ ସାହୁ ନୟାଗଡ଼ ମ୍ୟୁନିସିପାଲିଟିର ସମୀକ୍ଷା ବୈଠକ ସମ୍ପର୍କରେ ଟୁଇଟ୍ କରିବା ପରେ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ ନୟାଗଡ଼ ସହରର ଡ୍ରେନ୍ ସଫେଇ ଓ ଚେୟାରମ୍ୟାନଙ୍କ ଚାମ୍ବର କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି । ଜିଲା ସଭାପତିଙ୍କ ସୂଚନା ଅନୁସାରେ ମୌସୁମୀ ବର୍ଷା ଆସିଲାଣି । କିନ୍ତୁ ନୟାଗଡ଼ ସହରର ଡ୍ରେନ ସଫେଇ ହେଲା ନାହିଁ । ଗୋଟିଏ ଦିନ ବର୍ଷାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାଣି। ସବୁ ଆଲଟମେଣ୍ଟ ବଲାଙ୍ଗୀ ପାର୍କରେ ମନଇଚ୍ଛା ଖର୍ଚ୍ଚ ହେଉଛି । ନିର୍ବାଚିତ ପରିଷଦ ସମସ୍ତେ ଚୁପ ରହୁଛନ୍ତି । ଏଭଳି ସ୍ଥଳେ ଚେୟାରମ୍ୟାନଙ୍କ ବସିବା ପାଇଁ ଚାମ୍ବର ନାହିଁ । କିନ୍ତୁ ନିର୍ବାହୀ ଅଧିକାରୀଙ୍କ ପାଇଁ ଭଲ ଚାମ୍ବର କରାଯାଇଛି ବୋଲି ସେ ଟୁଇଟ୍ କରିଛନ୍ତି ।

### ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସନ୍ନ୍ୟାସୀ,ବାସନ୍ତୀ

**ସେବା ସମବାୟ ସମିତି ସଭାପତି ନିର୍ବାଚନ**

ନୟାଗଡ଼ ଅଫିସ,୨୨।୬

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶିଖରପୁର ସେବା ସମବାୟ ସମିତିର ପରିଚାଳନା ପରିଷଦ ସଭାପତି ଭାବେ ସନ୍ନ୍ୟାସୀ ପ୍ରଧାନ ଓ ବରସାହି ସମବାୟ ସମିତିରେ ବାସନ୍ତୀ ବରାଡ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ପରିଚାଳନା ପରିଷଦର ସଭାପତି ପାଇଁ ଅନ୍ୟ କେହି ଆବେଦନ ନ କରିବାରୁ ନିର୍ବାଚନ ଅଧିକାରୀ ବିପିନ ବିହାରୀ ପରିଡ଼ା ସଭାପତି ଭାବେ ସନ୍ନ୍ୟାସୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିଛନ୍ତି । ପୂର୍ବରୁ ପରିଚାଳନା ପରିଷଦର ୧୫ ଜଣ ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଅନ୍ୟପକ୍ଷେ ବରସାହିରେ ପୂର୍ବରୁ ୧୫ ଜଣ ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ବାସନ୍ତୀଙ୍କୁ ନିର୍ବାଚନ ଅଧିକାରୀ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଛନ୍ତି ।

### ପରିବା, ମାଛ ମାର୍କେଟ ଗୃହ ନିର୍ମାଣ ଦାବି

କାଶୀନଗର,୨୨।୬

କାଶୀନଗରରେ ପରିବା ଓ ମାଛ ବଜାର ନିମନ୍ତେ ଗୃହ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏନଏସିର ବସଷ୍ଟାଣ୍ଡଠାରେ ପରିବା ବ୍ୟବସାୟୀମାନେ ପରିବା ବିକ୍ରି କରୁଥିଲେ। କରୋନା ସମୟରେ ପରିବା ଦୋକାନୀଙ୍କୁ ବଂଶଧାରା ନଦୀତଟରେ ଅସ୍ଥାୟୀ ସେଡ୍ କରି ପରିବା ବିକ୍ରି ନିମନ୍ତେ ଏକ ବଜାର କରାଗଲା। ଏହି ଅସ୍ଥାୟୀ ବଜାରରେ ପାଲ ଟାଣି ବ୍ୟବସାୟ ଚାଲିଲା। ପରେ ବର୍ଷାପବନରେ ପାଲ ଉଡ଼ିଯାଇ ଓ ଅସ୍ଥାୟୀ ସେଡ୍ ଭାଙ୍ଗିଯାଇଛି। ଫଳରେ ଖୋଲା ଆକାଶ ତଳେ ବ୍ୟବସାୟୀମାନେ ବସି ଖରା, ବର୍ଷାରେ ପରିବା ବିକ୍ରି କରୁଛନ୍ତି। ସେଠାରେ ପରିବା ରଖିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଦୋକାନ ଗୃହ ନିମନ୍ତେ ଫାଉଣ୍ଡେସନ ପଡ଼ି ବର୍ଷାଧିକ କାଳ ଅତିକ୍ରମ କଲାଣି କିନ୍ତୁ ବଜାର ପ୍ରାଙ୍ଗଣ ହୋଇପାରିନାହିଁ। ଯଦ୍ୱାରା ଗରିବ ଦୋକାନୀମାନେ ନାହିଁନଥିବା ଅସୁବିଧା ଭୋଗୁଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଦୈନିକ ବଜାର ଟ୍ୟାକ୍ସ ଆଦାୟରେ ବ୍ୟସ୍ତ ରହୁଛନ୍ତି। ସେହିପରି ମାଛ ବଜାର ମଧ୍ୟ ନାହିଁ। ମାଛ ବ୍ୟବସାୟୀମାନେ ଏଣେତେଣେ ବସି ବ୍ୟବସାୟ କରୁଛନ୍ତି।

### ୧୪୪ ଧାରା ଜାରି କରି ଚାଲିଛି ରାସ୍ତା କାମ

ନୟାଗଡ଼ ଅଫିସ,୨୨।୬

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦ ଲାଗି ରହିଥିବା ଗୁଡୁପାଲିର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଦେଇ ବଳଭଦ୍ରପୁର ଓ ଢ଼ିପମାଳକୁ ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ବୁଧବାର ଦେଢ଼ କି.ମି. ମାଟି ରାସ୍ତା ନିର୍ମାଣ ହୋଇଛି । ମଙ୍ଗଳବାର ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ୪୦୦ ମିଟର ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ୩ କି.ମି. ରାସ୍ତା ମଧ୍ୟରୁ ଦୁଇ ଦିନରେ ପ୍ରାୟ ୨କି.ମି. ରାସ୍ତା ଶେଷ ହୋଇଛି। ରାସ୍ତା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଫୋର୍ସ ମୁତୟନ କରାଯାଇ ରାସ୍ତା କାର୍ଯ୍ୟ ହେବ। ସୂଚନାଯୋଗ୍ୟ, ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ବିବାଦର ମୂଳ କାରଣ । ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୫ ବର୍ଷ ହେଲା ବିବାଦ ଲାଗି ରହିଛି । ରାସ୍ତା ନିର୍ମାଣ ପାଇଁ ଗତ ୧୬ ତାରିଖରୁ ୧୪୪ ଧାରା ଜାରି ହୋଇଛି ।


ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ ଚାଲିଛି।

# ପୁଣି ଥରେ ଧୋଇଗଲା ଡାଇଭର୍ସନ ରୋଡ୍

■ ଜାତୀୟ ରାଜପଥରୁ ବିଚ୍ଛିନ୍ନ ହେଲା ୩ ଗାଁ
■ ଅଧାପନ୍ତରିଆ ଅବସ୍ଥାରେ ପୋଲ ନିର୍ମାଣ

ନୂଆଗାଁ,୨୨।୬(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ୫୭ନଂ. ଜାତୀୟ ରାଜପଥ ସୋରଡ଼ାଠାରୁ ଗୌଡ଼ ଚାଙ୍ଗେରାପଲୀ ଦେଇ ଯାଇଥିବା ଆର.ଡି. ରାସ୍ତାର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଗତ ମାସରେ ସାମାନ୍ୟ ବର୍ଷାରେ ଡାହୁକା ନଦୀରେ ଡାଇଭର୍ସନ ରୋଡ଼ ଧୋଇ ଯାଇଥିଲା। ବାରମ୍ବାର ଅଭିଯୋଗ କରିବା ପରେ ବି ଠିକାଦାର ସେହି ରାସ୍ତା ମରାମତି କରି ନ ଥିଲେ । ଶେଷରେ ସ୍ଥାନୀୟ ସରପଞ୍ଚ ନିଜ ଅର୍ଥରେ ଡାଇଭର୍ସନ ରୋଡ ମରାମତି କରିଥିଲେ। ସେହି ରାସ୍ତା ପୁଣି ଥରେ ମଙ୍ଗଳବାର ବର୍ଷାରେ ଧୋଇଯାଇଛି। ଫଳରେ ଜାତୀୟ ରାଜପଥରୁ ଜଗନ୍ନାଥପ୍ରସାଦ, ଗୌଡ଼ଚାଙ୍ଗେରାପଲି, କନ୍ଦଳବ ସମେତ ୩ ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ସୋରଡାଠାରୁ ଗୌଡ଼ଚାଙ୍ଗେରାପଲି ଦେଇ ଯାଇଥିବା ଆର.ଡି. ରାସ୍ତା ଡାହୁକା ନଦୀରେ ଥିବା ପୋଲଟି ଗତ ୨ ବର୍ଷ ତଳେ ଭୁଶୁଡ଼ି ପଡିଥିଲା। ଲୋକମାନଙ୍କ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିବା ପରେ ସେହି ସ୍ଥାନରେ ପୋଲ ନିର୍ମାଣ ସହିତ ଜାତୀୟ ରାଜପଥଠାରୁ ୩.୫ କିଲୋମିଟର ରାସ୍ତା ନିର୍ମାଣ କରିବା ପାଇଁ ୩୭୪.୮୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି ଟେଣ୍ଡର ମାଧ୍ୟମରେ ଭୁବନେଶ୍ୱରର ପାଲ୍ ଆଣ୍ଡ ପାଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ଉକ୍ତ କାର୍ଯ୍ୟ ୨୪।୮।୨୨ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ରହିଛି । ପୋଲ ନିର୍ମାଣ ସମୟରେ ନଦୀର ପାଣି ନିଷ୍କାସନ ଓ ଲୋକଙ୍କ ଯାତାୟାତର ସୁବିଧା ପାଇଁ ଏକ ପକ୍କା ଡାଇଭର୍ସନ ରୋଡ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା । ହେଲେ ଠିକାସଂସ୍ଥା ଅଳ୍ପ କିଛି ମାଟି ପକାଇ ଅତି ନିମ୍ନମାନର ଡାଇଭର୍ସନ ରୋଡ ନିର୍ମାଣ କରିଥିଲେ। ସାମାନ୍ୟ ବର୍ଷା ହେଲେ ସେହି ରାସ୍ତା ବାରମ୍ବାର ଧୋଇ ହୋଇଯାଉଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ନୂଆଗାଁ ଆର୍.ଡି. ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚାରିବାରେ ଘଟଣାସ୍ଥଳକୁ ଭୁବନେଶ୍ୱରରୁ ଉଚ୍ଚପଦସ୍ଥ ଅଧିକାରୀମାନେ ଆସି ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ପୁଣି ଥରେ ପକ୍କା ଡାଇଭର୍ସନ ରୋଡ ନିର୍ମାଣ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବେ ବୋଲି ସେ କହିଛନ୍ତି ।


ଧୋଇ ଯାଇଥିବା ଡାଇଭର୍ସନ ରୋଡ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଜୁନ୍, ୨୦୨୨



## ସଂକ୍ଷେପରେ

## ୧୦ ଅଭିଯୁକ୍ତ ନିର୍ଦ୍ଦୋଷ

### ବୁବୁ ହତ୍ୟା ମାମଲା

**ବ୍ରହ୍ମପୁର ଅଫିସ,୨୨।୬:** ଅତିରିକ୍ତ ଜିଲା ଜଜ (ଏଡିଜେ)- ୧ ସଂଘମିତ୍ରା ଶର୍ମା ରଣ୍ଡାର ବୁବୁ ଓରଫ ଗଣେଶ ପଣ୍ଡା ହତ୍ୟା ମାମଲାର ବୁଧବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୧୦ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ୪ ଜଣ ଷଡଯନ୍ତ୍ରକାରୀ ରଣ୍ଡାର ପ୍ରକାଶ ରାଉଳ (୫୩), ଲକ୍ଷ୍ମୀ ଚରଣ ସାମନ୍ତରା (୬୧), ସୁରେନ୍ଦ୍ର ପାତ୍ର (୬୪), ଟୁକୁନା ପାଢ଼ୀ(୪୩) । ହତ୍ୟାରେ ସାମିଲ ଥିବା ଅଜିତ ରାଉଳ (୩୦) କନିଷିର କଣ୍ଟି ଦୀପୁ (୨୯), ରକି ଓରଫ କଲୀନ ବେହେରା (୨୯) ବାଘଲଟିର କାଳିଆ ଗୌଡ଼ (୨୯), ଛତ୍ରପୁରର ସନ୍ଦୀପ ପଣ୍ଡା (୨୭) ଓ ଗୋପାଳପୁର ଜଙ୍କସନର ସନ୍ଦୀପ ପଣ୍ଡା (୨୭)। ପ୍ରକାଶ ଯେ, ୨୦୧୪ ଡିସେମ୍ବର ୨୯ ସକାଳୁ ବୁବୁ ଜାତୀୟ ରାଜପଥରେ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ତାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କୁ ସ୍ପଷ୍ଟ ଦିବାଲୋକରେ ବିଭତ୍ସ ଭାବେ ହତ୍ୟା କରିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ବୁବୁ ପଣ୍ଡାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ନଂ.୧୬୯/୧୪ ରେ ଏକ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ଉପରୋକ୍ତ ୧୦ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଠିକା କାମକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ପୋଲିସ ସ୍ପଷ୍ଟ କରିଥିଲା। ତତ୍କାଳୀନ ଥାନାଧିକାରୀ ଆଲୋକ ଜେନା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନେ ପର୍ଯ୍ୟାୟକ୍ରମେ ଜାମିନରେ ମୁକୁଳିଥିଲେ। ବୁଧବାର ଏହି ମାମଲାର ବିଚାର ବେଳେ ସମସ୍ତ ୧୦ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩୭ ଜଣ ସାକ୍ଷୀ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ନ ମିଳିବାରୁ ଏଡିଜେ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ରାମକୁମାର, ଶିଶିର ପାଢ଼ୀ, କୈଳାସ ପଣ୍ଡା, କୃଷ୍ଣ ପଟ୍ଟନାୟକ ଓ ମାନଭଞ୍ଜନ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ୩୫ କୋଟି ଗୁଣ୍ଡ, ୪ କୋଟି ବଡ଼ ଯାଆଁଳ ବିକ୍ରି ଲକ୍ଷ୍ୟ

### ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର

**ଭଞ୍ଜନଗର,୨୨।୬(ଡି.ଏନ.ଏ.)**



ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଚଳିତ ଆର୍ଥିକ ବର୍ଷରେ ୩୫ କୋଟି ଗୁଣ୍ଡ ଯାଆଁଳ ଏବଂ ୪ କୋଟି ୧୦ ଲକ୍ଷ ବଡ ଜାଆଁଳ ବିକ୍ରି ଲକ୍ଷ୍ୟ ରଖାଯାଇଛି। ତେଣୁ ଚଳିତବର୍ଷର ପ୍ରଥମ ମାଛ ଯାଆଁଳ (ସ୍ୱନ, ଫ୍ରାଏ ଏବଂ ଫିଙ୍ଗରଲିଙ୍ଗ) ସାଇଜର ଯାଆଁଳ ବୁଧବାର ବିକ୍ରି ଆରମ୍ଭ ହୋଇଛି। ଏଥିସହ ଗୁଣ୍ଡ ଯାଆଁଳ ମଧ୍ୟ ରାଜ୍ୟର ବିଭିନ୍ନ ଜଳଭଣ୍ଡାର ଓ ବଡ ଚାଷୀଙ୍କୁ ବିକ୍ରି କରାଯାଇଛି। ଚଳିତବର୍ଷ ନିର୍ଦ୍ଧାରିତ ସମୟରେ ମୌସୁମୀ ବର୍ଷା ଆସିଥିବା ଯୋଗୁ ଯାଆଁଳ ବିକ୍ରି ଲକ୍ଷ୍ୟ ପୂରଣ ହେବା ଆଶା କରାଯାଉଛି। ତେଣୁ ବିଭାଗ ପକ୍ଷରୁ ଉନ୍ନତ ଯାଆଁଳ ପ୍ରସ୍ତୁତ ହୋଇଛି। ଆଗ୍ରହୀ ଚାଷୀ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ଆସି ସୁଲଭ ଦରରେ ନେଇପାରିବେ ବୋଲି ବ୍ଲକ ଏଏଫଓ ସୁଧାଂଶୁ ଶେଖର ସାହୁ କହିଛନ୍ତି।

ଗତବର୍ଷ ମୌସୁମୀ ବର୍ଷା ଠିକ ଭାବେ ହୋଇ ନ ଥିଲା। ତେଣୁ ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ଏଥିସହ ଜଗନ୍ନାଥପ୍ରସାଦ ବ୍ଲକ ଦୁବରେ ମଧ୍ୟ ହୋଇଥିବା ରାଜ୍ୟର ପ୍ରମୁଖ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଆଁଳ ପଠାଯାଉଛି। ରାଜ୍ୟରେ ମାଛ ଚାହିଦା ମେଣ୍ଟାଇବା ପାଇଁ ସରକାର ମତ୍ସ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ତେଣୁ ରାଜ୍ୟରେ ପୂର୍ବ ଅପେକ୍ଷା ମାଛ ଉତ୍ପାଦନ ବଢ଼ିଛି। ଏଥିସହ ସରକାର ବିଭିନ୍ନ ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ୧୨ ମାସ ଯାଆଁଳ ବିକ୍ରି ଲାଗି ଯୋଜନା କରିଛନ୍ତି। ତେଣୁ ଏଥର ଭଞ୍ଜନଗର କେନ୍ଦ୍ରରେ ୧୨ ମାସ ଯାଆଁଳ ବିକ୍ରି ଆରମ୍ଭ ହୋଇଛି। ଭଞ୍ଜନଗର କେନ୍ଦ୍ର ଲାଭରେ ଚାଲୁଥିଲେ ମଧ୍ୟ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି। ଯାଆଁଳ ଉତ୍ପାଦନ କେନ୍ଦ୍ରର ଅଧିକାଂଶ କର୍ମଚାରୀ ବହୁ ବର୍ଷ ହେବ କାମ କରୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଉନାହିଁ। ବିଭିନ୍ନ ସମୟରେ ଉକ୍ତ କେନ୍ଦ୍ର ପରିଦର୍ଶନ କରିବାକୁ ଆସୁଥିବା ଅଧିକାରୀମାନେ କର୍ମଚାରୀ ମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କର୍ମଚାରୀଙ୍କ କଥାକୁ ବିଚାରକୁ ନିଆଯାଉନାହିଁ। ଯାହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲାଭରେ ଚାଲୁଥିବା ସଂସ୍ଥାର କର୍ମଚାରୀଙ୍କ କଥା ବିଚାରକୁ ନେବା ପାଇଁ ଦାବି ହେଉଛି।

# ୩ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ



ଜବତ ବନ୍ଧୁକ, ରାଇଫଲ ଓ ଗୁଳି।

**ଜଗନ୍ନାଥପ୍ରସାଦ,୨୨।୬(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରୁ ୩ ବନ୍ଧୁକ ଓ ଗୁଳି ପୋଲିସ ଜବତ କରିଛି। ବେଆଇନ ବନ୍ଧୁକ ତିଆରି କରାଯାଇ ରାଜ୍ୟର ଅନେକ ସ୍ଥାନରେ ବିକ୍ରି କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚଢିଆପଲ୍ଲୀ ଗ୍ରାମର ଉଲ୍ଲାସ ସାହୁ ଏବଂ ଏକଘରିଆପଲ୍ଲୀ ଗ୍ରାମର ଶତ୍ରୁଘନ ନାୟକ। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଉଲ୍ଲାସ ଚୋରାରେ ବନ୍ଧୁକ ଆଣି ବିକ୍ରି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ତେଣୁ ତାଙ୍କ ଉପରେ କଡା ନଜର ରଖାଯାଇଥିଲା। ମଙ୍ଗଳବାର ଚଢିଆପଲ୍ଲୀ ଛକରେ ଉଲ୍ଲାସ ବସକୁ ଅପେକ୍ଷା କରିଥିବା ବେଳେ ଜଗନ୍ନାଥପ୍ରସାଦ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ସଦଳବଳ ସେଠାରେ ପହଞ୍ଚିଥିଲେ। ଉଲ୍ଲାସଙ୍କ ବ୍ୟାଗ ଯାଞ୍ଚ କରିବାରୁ ଗୋଟିଏ ପିସ୍ତଲ ଓ ୫ ରାଉଣ୍ଡ ଗୁଳି ମିଳିଥିଲା। ପୋଲିସ ତାହକୁ ଜବତ କରିବା ସହିତ ଉଲ୍ଲାସଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ସେ ବନ୍ଧୁକ କାରବାର କରୁଥିବା ମାନିଥିଲେ। ଉକ୍ତ ବନ୍ଧୁକକୁ ସେ ଏକଘରିଆପଲି ଗ୍ରାମର ଶତ୍ରୁଘନଙ୍କ ଠାରୁ ଆଣିଥିବା ପ୍ରକାଶ କରିଥିଲେ। ପରେ ପୋଲିସ ଶତ୍ରୁଘନଙ୍କ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତାଙ୍କ ଘରୁ ଗୋଟିଏ ବନ୍ଧୁକ, ଗୋଟିଏ ରାଇଫଲ ଓ ଅଠର ରାଉଣ୍ଡ ଜୀବନ୍ତ ଗୁଳି ମଧ୍ୟ ଜବତ କରାଯାଇଥିଲା। ୨ ଅଭିଯୁକ୍ତଙ୍କୁ ମାମଲା ନମ୍ବର ୨୫(୧)ଆର୍ମସ ଆକ୍ଟ ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସବଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନ, ଚନ୍ଦ୍ର ଶେଖର ବେହେରା, ନିରଞ୍ଜନ ଦାସ, ମହିଳା ଏଏସଆଇ ପ୍ରଭାତୀ ବେହେରା, ହାବିଲଦାର ଆପେୟା ପ୍ରଧାନ, ରଞ୍ଜନ ଆଚାର୍ଯ୍ୟ, ଜାଗା ପାତ୍ର ପ୍ରମୁଖ ଥାନାଧିକାରୀଙ୍କ ସହିତ ସାମିଲ ଥିଲେ।

# ବିଦ୍ୟୁତ୍ ସଂଯୋଗୀକରଣ ଦାବିରେ ପ୍ରତିବାଦ ସଭା




ପ୍ରତିବାଦ ସଭାରେ ସାହି ବାସିନ୍ଦା ଓ ଭାରତୀୟ ବିକାଶ ପରିଷଦର ସଦସ୍ୟ।

**ବ୍ରହ୍ମପୁର ଅଫିସ,୨୧।୬**

ବ୍ରହ୍ମପୁର ସହର ଉତ୍ତରାମୁଖୀ ସାହି ବାସିନ୍ଦାଙ୍କୁ ବିଦ୍ୟୁତ୍ ସଂଯୋଗରୁ ବାଦ୍ ଦିଆଯାଇଥିବା ଅଭିଯୋଗରେ ବୁଧବାର ଭାରତୀୟ ବିକାଶ ପରିଷଦ ଓ ସାହି ବାସିନ୍ଦାଙ୍କ ପକ୍ଷରୁ କର୍ପୋରେଶନ ରୋଡସ୍ଥିତ ଟିପିଏସ୍ଓଡିଏଲ ନିର୍ବାହୀ ଯନ୍ତ୍ରୀ-୨ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା।

ସାହି ବାସିନ୍ଦାଙ୍କ କହିବା ମୁତାବକ, ଦୀର୍ଘ ୫୦ ବର୍ଷ ଧରି ଉକ୍ତ ସାହିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ଆସୁଛନ୍ତି। କିନ୍ତୁ ଏହି ସାହିରେ ୩୦ ପରିବାରକୁ ଟାଟା ପାୱାର ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

ଅନ୍ୟପଟେ ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀଙ୍କ ସୌଭାଗ୍ୟ ଯୋଜନାରେ ଗରିବ ପରିବାରଙ୍କୁ ବିଦ୍ୟୁତ ସଂଯୋଗ ଯୋଜନା ରହିଥିବା ବେଳେ କେଉଁ କାରଣରୁ ଗରିବ ପରିବାରଙ୍କୁ ଏଥିରୁ ବଞ୍ଚିତ କରାଯାଇଛି ବୋଲି ପ୍ରଶ୍ନ ଉଠାଇଛି। ଏଣୁ ଆଗାମୀ ୧୫ ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ ନିମନ୍ତେ ପଦକ୍ଷେପ ଗ୍ରହଣ କରା ନ ଗଲେ ସାହି ବାସିନ୍ଦାମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଆୟୋଜିତ ପ୍ରତିବାଦରେ ଏସ୍.ଭବାନୀ ରେଡ୍ଡୀ, ରିଙ୍କି ବେହେରା, ଧୁବୁଣୀ ପାଣ୍ଡି, କିଶୋର ପାତ୍ର, ସୁରେଶ ବିଶୋୟୀ, ଶରତ ପଣ୍ଡାଙ୍କ ସମେତ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଭାଜପାର ବିଜୟ ଉତ୍ସବ

**ବ୍ରହ୍ମପୁର ଅଫିସ,୨୨।୬**

ଦ୍ରୌପଦୀ ମୁର୍ମୁ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହୋଇଥିବାରୁ ବ୍ରହ୍ମପୁରରେ ଭାଜପା ପକ୍ଷରୁ ବାଣ ଫୁଟାଇ ଓ ମିଠା ବାଣ୍ଟି ଉତ୍ସବ ପାଳନ କରାଯାଇଛି। ବୁଧବାର ଗାନ୍ଧୀନଗର ଛକରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହା କରାଯାଇଥିଲା। ଗଞ୍ଜାମ ସାଙ୍ଗଠନିକ ଜିଲାର ପୂର୍ବତନ ସଭାପତି ତଥା ଗତ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତିଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଦଳର ଅନେକ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଥିବା ଅବସରରେ ତାଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ଭାଜପାର ଆଦିବାସୀ ନେତ୍ରୀ ମୁର୍ମୁ ବିଭିନ୍ନ ସମୟରେ ରାଜ୍ୟର ମନ୍ତ୍ରୀ, ପଡ଼ୋଶୀ ଝାଡ଼ଖଣ୍ଡର ରାଜ୍ୟପାଳ ହୋଇ ସୁଚାରୁ ରୂପେ ଦାୟିତ୍ୱ ସମ୍ଭାଳିଥିଲେ। ଏବେ ତାଙ୍କୁ ଦେଶର ସର୍ବୋଚ୍ଚ ପଦ ନିମନ୍ତେ ପ୍ରାର୍ଥୀ ଘୋଷଣା କରାଯାଇଛି। ରାଷ୍ଟ୍ରପତି ନିର୍ବାଚନରେ ସେ ନିର୍ବାଚିତ ହେବା ସମ୍ଭାବନା ରହିଛି। ଏହା ଓଡ଼ିଆ ଓ ଓଡ଼ିଶା ପ୍ରତି ଗୌରବ ବିଷୟ ବୋଲି ଉତ୍ସବ ସ୍ଥଳରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଂଗଠନର ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଡା. ସୁବାସ ସାହୁ, ମହନ୍ତ ଚିନ୍ମୟାନନ୍ଦ ଦାସ, ରଞ୍ଜିତା ବେହେରା, ଶିବ ନାୟକ, ଅମୂଲ୍ୟ ଚୌଧୁରୀ, ସୁନୀଲ କୁମାର ସାହୁ, ପ୍ରବୀର ପାତ୍ର, ସୁଶିଳା ମଲିକ, ଜିଲା ଉପସଭାପତି ରାମ କୁମାର ପାତ୍ର, କର୍ପୋରେଟର ଡି. କରୁଣାକର, ରବୀନ୍ଦ୍ର ସାହୁ ଓ ଅନ୍ୟମାନେ ଯୋଗ ଦେଇଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

### ଅସଦାଚରଣ ମାମଲା

**ବ୍ରହ୍ମପୁର ଅଫିସ,୨୨।୬**

ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ ଗୁରୁପ୍ରସାଦ ସାହୁ ବୁଧବାର ଏକ ଅସଦାଚରଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ସୌରାଷ୍ଟ୍ର ଜେନାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୭ ଜାନୁଆରୀ ୧୩ରେ ସ୍କୁଲ ଯାଉଥିବା ଜନୈକା ନାବାଳିକା ଛାତ୍ରୀଙ୍କୁ ସୌରାଷ୍ଟ୍ର ଅସଦାଚାରଣ କରିଥିଲେ। ପରେ ପୀଡ଼ିତା ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା'ଏନେଇ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫/୧୭ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ସୌରଷ୍ଟ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ରଞ୍ଜନ କୁମାର ଦେଓ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ସୌରାଷ୍ଟ୍ରଙ୍କୁ ଜାମିନ ମିଳିଥିଲା। ବୁଧବାର ଅଭିଯୁକ୍ତ ସୌରାଷ୍ଟ୍ରଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଅଭିଯୁକ୍ତ ସୌରାଷ୍ଟ୍ରଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଜାମିନ ଖାରଜ, ଜେଲ ଗଲେ ଯୋଗାଣ ଅଧିକାରୀ

### ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ବ୍ରହ୍ମପୁର ଅଫିସ,୨୨।୬**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗଜପତିର ପୂର୍ବତନ ଖାଦ୍ୟ ଯୋଗାଣ ଅଧିକାରୀ(ସିଏସଓ) ତଥା ଭୁବନେଶ୍ୱର କାର୍ଯ୍ୟାଳୟରେ ଅବସ୍ଥାପିତ (ସିଏସ୍ଓ) ଅନାଦି ଚରଣ ସେଠୀ ଗିରଫ ହୋଇ ମଙ୍ଗଳବାର କୋର୍ଟ ଚାଲାଣ ହୋଇଥିଲେ। ମୁଦାଲାଙ୍କ ଜାମିନ ପାଇଁ ତାଙ୍କର ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ କରିଥିଲେ। ବୁଧବାର ଏହି ମାମଲାର ଜାମିନ ଶୁଣାଣି କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତ ଅନାଦିଙ୍କୁ ଦିନକ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଉକ୍ତ ଜାମିନ ଆବେଦନର ଶୁଣାଣି କରିଥିଲେ। ଉଭୟ ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ସରକାରୀ ପିପି ସୁରେନ୍ଦ୍ର ପଣ୍ଡା ଅଭିଯୁକ୍ତ ଅନାଦିଙ୍କ ଜାମିନର ଦୃଢ଼ ବିରୋଧ କରିଥିଲେ। ଶେଷରେ ଜଜ୍ ଉକ୍ତ ଜାମିନ ଆବେଦନର ଶୁଣାଣି କରି ତାକୁ ଖାରଜ କରି ଦେଇଛନ୍ତି। ଫଳରେ ସିଏସ୍ଓ ଅନାଦିଙ୍କୁ ପୁଣିଥରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ସୋମବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସର ୫ଟି ଟିମ୍ ସିଏସ୍ଓ ଅନାଦି ସେଠୀଙ୍କ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ପ୍ରାୟ ଦୁଇ କୋଟିର ତାଲିକା ପ୍ରସ୍ତୁତ କରିଥିଲା। ସିଏସ୍ଓ ସେଥିମଧ୍ୟରୁ ୧ କୋଟି ୬୨ ଲକ୍ଷ ୭୩ ହଜାର ୨୧ ଟଙ୍କାର ଠିକ ହିସାବ ଭିଜିଲାନ୍ସ ବିଭାଗ ନିକଟରେ ଦେଇପାରି ନ ଥିଲେ, ଯାହାକି ସିଏସ୍ଓଙ୍କ ଆୟର ଶତକଡା ୧୬୦ ପ୍ରତିଶତ ଅଧିକ ଥିଲା। ଫଳରେ ଭିଜିଲାନ୍ସ ମାମଲା ନମ୍ବର ୯/୨୨ରେ ସିଏସଓ ଅନାଦିଙ୍କୁ ମଙ୍ଗଳବାର ଗିରଫ କରିଥିଲା।

# ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜସ୍ତରୀୟ ବୈଠକ

**ବ୍ରହ୍ମପୁର ଅଫିସ,୨୨।୬**

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜସ୍ତରୀୟ ବୈଠକ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇଜି ସତ୍ୟବ୍ରତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ, ଗଜପତି, କନ୍ଧମାଳ, ବ୍ରହ୍ମପୁର ଓ ବୌଦ୍ଧ ପୋଲିସ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଆପରାଧିକ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍, ଗଜପତି ଏସ୍‌ପି ଜୟରାମ ଶତପଥୀ, କନ୍ଧମାଳ ଏସ୍‌ପି ବିନୀତ୍ ଅଗ୍ରୱାଲ ଓ ବୌଦ୍ଧ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବକ୍ସିଂ କ୍ରୀଡ଼ା ପ୍ରତିଯୋଗିତା

### ଗଞ୍ଜାମ ବକ୍ସିଂ ଦଳର ପୁରୀ ଯାତ୍ରା

**ବ୍ରହ୍ମପୁର ଅଫିସ,୨୨।୬**

ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ପୁରୀଠାରେ ଗୁରୁବାର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ବୁଧବାର ଗଞ୍ଜାମ ଜିଲା ବକ୍ସିଂ ଦଳ ପକ୍ଷରୁ ୧୪ ଜଣ ମହିଳା ଓ ପୁରୁଷ ବକ୍ସିଂ ପ୍ରତିଯୋଗୀ କୋଚ ଶିଶିର କୁମାର ପାଣିଗ୍ରାହୀ ଓ ଅନ୍ୟମାନଙ୍କ ସହ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି।

ସୂଚନାଯୋଗ୍ୟ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲା ବକ୍ସିଂ ସଂଘ ଆନୁକୂଲ୍ୟରେ ଜୁନ୍ ୧୯ରୁ ବ୍ରହ୍ମପୁର ଷ୍ଟାଡିୟମ ପାର୍ଶ୍ୱସ୍ଥ ଏନ୍‌ସିସି ପଡ଼ିଆରେ ଜିଲା ବକ୍ସିଂ ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରୁ ୩୫ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷ ବର୍ଗରେ ୮ ଓ ମହିଳା ବର୍ଗରେ ୬ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୂଡାନ୍ତ କରାଯାଇଥିଲା।

ସମସ୍ତ ପ୍ରତିଯୋଗୀ କୋଚ ପାଣିଗ୍ରାହୀଙ୍କ ସମେତ ଟିମ୍ ମ୍ୟାନେଜର ସଞ୍ଜୟ ସେଠୀ, ରେଫରି ଶିବରାମ ପାତ୍ର, ସୁମନ ଦାଶ, ଅବିନାଶ ନାୟକ ଓ ଜି. ବୁଲୁଙ୍କ ସହ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ଜିଲା ବକ୍ସିଂ ଦଳ ପକ୍ଷରୁ ସମ୍ପାଦକ ପ୍ରଭାକର ରାଓ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପୁରୀ ଅଭିମୁଖେ ଯାତ୍ରା କରିଥିବା ଜିଲା ବକ୍ସିଂ ଦଳ ।

# ଆଇଟିଆଇର ଦକ୍ଷତା ବିକାଶ କର୍ମଶାଳା



ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ।

**ବ୍ରହ୍ମପୁର ଅଫିସ,୨୨।୬**

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ବୁଧବାର ନଷ୍ଟରୁ ଶ୍ରେଷ୍ଠ ଓ ଦକ୍ଷତା ବିକାଶ କ୍ଷେତ୍ରରେ ମହିଳାଙ୍କ ଭୂମିକା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ୬୦୦ ଉଚ୍ଚ ବିଦ୍ୟାଳୟ ଓ ୨୨ଟି ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ଏଥିରେ ପିଡି ଡିଆରଡିଏ ଭି.କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ବର୍ଜ୍ୟବସ୍ତୁଗୁଡ଼ିକରୁ ନଷ୍ଟରୁ ଶ୍ରେଷ୍ଠ ସମ୍ବନ୍ଧରେ ପରାମର୍ଶ ନେବା ପାଇଁ ମୁଖ୍ୟ ଅତିଥି କହିଥିଲେ। ଏଥିସହ ଆଇଟିଆଇ ପକ୍ଷରୁ ପ୍ରଶିକ୍ଷଣ ନେଇ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ.ସୋନାଲ ଓ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ଯୋଗ ଦେଇଥିଲେ। ଆଇଟିଆଇ ପକ୍ଷରୁ ହୋଇଥିବା ବିଭିନ୍ନ ଦକ୍ଷତାମୂଳକ କାର୍ଯ୍ୟକୁ କମିଶନର ପ୍ରଶଂସା କରିଥିଲେ। ଜିଲାର ୫-ଟି ଅନ୍ତର୍ଭୁକ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଆଇଟିଆଇ ଭଳି ଦକ୍ଷତାଭିତ୍ତିକ କାରୁକାର୍ଯ୍ୟଗୁଡ଼ିକୁ ସ୍ଥାପନ କରିବା ପାଇଁ ଉପସ୍ଥିତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କମିଶନର ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶତଭୁଜା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ଦକ୍ଷତା ବିକାଶ ଦିଗରେ ଛାତ୍ରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ଆଇଟିଆଇ ଏହି ଲକ୍ଷ୍ୟ ପୂରଣ କରିଥିବା ନେଇ ଅଧ୍ୟକ୍ଷ ସୂଚନା ଦେଇଥିଲେ। ଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର ଉପାଦେୟତା ଓ ସୁଦକ୍ଷା ଯୋଜନା ଛାତ୍ରୀମାନଙ୍କ କ୍ଷେତ୍ରରେ କିଭଳି ସହଯୋଗ ହୋଇପାରୁଛି ଅଧ୍ୟକ୍ଷ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନଷ୍ଟରୁ କିଭଳି ଶ୍ରେଷ୍ଠ ଓ ଅର୍ଥ ଉପାର୍ଜନ କରିହେବ ସେ ନେଇ ଅଧ୍ୟକ୍ଷ ବୁଝାଇଥିଲେ। ପରିଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଆଇଟିଆଇର ଇ.ଲ୍ୟାବ, ସ୍କାର୍ପ ପାର୍କ ଓ କୋଭିଡ ଇନୋଭେଶନ କେନ୍ଦ୍ର ବୁଲି ଦେଖିଥିଲେ। ଆଇଟିଆଇର ଏଭଳି ଦକ୍ଷତାଭିତ୍ତିକ କାର୍ଯ୍ୟକୁ ସେମାନେ ପ୍ରଶଂସା କରିଥିଲେ।



କର୍ମଶାଳାରେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ।